# ଧରିତ୍ରୀ DHARITRI

ଭୁବନେଶ୍ୱର, ବୁଧବାର, ଜୁନ୍ ୧୯/୨୦୨୪ (୧୬ ପୃଷ୍ଠା) | Bhubaneswar, Wednesday, June 19/2024 | Page 16 | ₹ 7.00

୫୦ଶ ଭାଗ ୨୦୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 205 | ମୂଲ୍ୟ ₹୭/-




## ପୁରନ ଶ୍ରେଷ୍ଠ ଖେଳାଳି

ଆଫଗାନିସ୍ତାନ ବିପକ୍ଷ ଟି୨୦ ବିଶ୍ୱକପ୍ ମ୍ୟାଚରେ ୱେଷ୍ଟଇଣ୍ଡିଜର ନିକୋଲାସ ପୁରନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

୧୫

୦୨

## ‘ଦାଏରା’ରେ ଆୟୁଷ୍ମାନ, କରୀନା

ଫିଲ୍ମ ‘ଦାଏରା’ରେ ଅଭିନେତା ଆୟୁଷ୍ମାନ୍ ଖୁରାନାଙ୍କ ସହ ଅଭିନେତ୍ରୀ କରୀନା କପୁର ଖାନ୍ ପ୍ରଥମଥର ପାଇଁ ସ୍କ୍ରିନ ଶେୟାର କରିବେ ବୋଲି ରିପୋର୍ଟ ପ୍ରକାଶ ପାଇଛି।






ବରଗଡ଼ ଜକ୍ ହାଇସ୍କୁଲ ପଡ଼ିଆରେ ମଙ୍ଗଳବାର ଆୟୋଜିତ ପିଏମ୍ କିଷାନ ସମ୍ମାନ ନିଧି ଯୋଜନାର ୧୭ତମ କିସ୍ତି ପ୍ରଦାନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବରଗଡ଼ର ଅଗ୍ରଣୀ ଚାଷୀ କୃଷ୍ଣଚନ୍ଦ୍ର ହୋତାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି। ସଭାମଞ୍ଚରେ ଅଛନ୍ତି (ବାମରୁ) ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆ। (ରିପୋର୍ଟ: ପୃଷ୍ଠା–୩)

# ବାଲେଶ୍ୱରରେ ଇଣ୍ଟରନେଟ୍ ବନ୍ଦ

**■ ସହରରେ କର୍ଫ୍ୟୁ ବଳବତ୍ତର ■ ପୋଲିସର ଫ୍ଲାଗମାର୍ଚ୍ଚ**

ବାଲେଶ୍ୱର,୧୮।୬(ମାନସ ବିଶ୍ୱାଳ)

ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟଣା ପରେ ଅଶାନ୍ତ ହୋଇପଡ଼ିଥିବା ବାଲେଶ୍ୱର ସହରରେ କର୍ଫ୍ୟୁ ଜାରି କରାଯାଇଛି। ଏଥିସହିତ ମଙ୍ଗଳବାର ଅପରାହ୍ଣରୁ ସହରରେ ଇଣ୍ଟରନେଟ୍ ସେବାକୁ ବନ୍ଦ କରିଦିଆଯାଇଛି। ସୋମବାର ବିଳମ୍ବିତ ରାତିରୁ କର୍ଫ୍ୟୁ କଟକଣା ଲାଗୁ ହୋଇଥିବାବେଳେ ୧୯ତାରିଖ ରାତି ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ ବୋଲି ଏସ୍‌ପି ସାଗରିକା ନାଥ ସୂଚନା ଦେଇଛନ୍ତି। ସହରର ସମସ୍ତ ସମ୍ବେଦନଶୀଳ ଅଞ୍ଚଳରେ ପୋଲିସ ପଇଁତରା ମାରୁଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଓଡ଼ିଶା ପୋଲିସର ୪୦ ପ୍ଲାଟୁନ ଫୋର୍ସ ଓ ଅଧିକାରୀ ନିୟୋଜିତ ଥିବାବେଳେ ୬ ପ୍ଲାଟୁନ କେନ୍ଦ୍ରୀୟ ସୁରକ୍ଷା ବଳ ମୁତୟନ ହୋଇଛନ୍ତି। ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ** ଇଣ୍ଟରନେଟ୍ ପାଠ






# ଡ୍ରେନ୍‌ରେ ଭାସି ନାବାଳକ ମୃତ

## ଭୁବନେଶ୍ୱରରେ ଅଭାବନୀୟ ଘଟଣା

ଭୁବନେଶ୍ୱର,୧୮।୬ (ସତ୍ୟଜିତ୍ ରାଉତ)



ନାବାଳକ ଅବୁ ବକର ସାହା ଓରଫ ରାଜେଶ

ବିପର୍ଯ୍ୟସ୍ତ ଡ୍ରେନେଜ୍ ବ୍ୟବସ୍ଥା ଭୁବନେଶ୍ୱରବାସୀଙ୍କ ପାଇଁ ମରଣଯନ୍ତା ପାଲଟିଛି। ବର୍ଷାରେ ଡ୍ରେନ୍ ପାଣି ଉଚ୍ଛୁଳୁଥିବା ବେଳେ ଏଥିରେ ପଡ଼ି ଗୋଟିଏ ପରେ ଗୋଟିଏ ଜୀବନ ଯାଉଛି। ଗତ ୯ବର୍ଷରେ ଡ୍ରେନ୍‌ରେ ଭାସିଯାଇ ୮ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ମଙ୍ଗଳବାର ଆଉ ଜଣେ କୋମଳମତି ନାବାଳକଙ୍କ ପ୍ରାଣ ଯାଇଛି। ଭୁବନେଶ୍ୱର ୟୁନିଟ-୩ ମସ୍‌ଜିଦ୍ କଲୋନି ନିକଟରେ ଏହି ଅଭାବନୀୟ ଘଟଣା ଘଟିଛି। ମୃତ ନାବାଳକ ହେଲେ ମସଜିଦ୍ କଲୋନିରେ ରହୁଥିବା ଦମ୍ପତି ଜୁମତି ସାହା ଓ ରୁକ୍ସାନା ବିବିଙ୍କ ପୁଅ ଅବୁ ବକର ସାହା ଓରଫ ରାଜେଶ (୧୦)। ଅଗ୍ନିଶମ ଟିମ୍ ପ୍ରାୟ ୩ କି.ମି ଦୂର ଲକ୍ଷ୍ମୀସାଗରସ୍ଥିତ ଓସ୍କାର ସିଟି ନିକଟ ନାଳରୁ ରାଜେଶଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରିବା ପରେ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ସେଠାରେ ରାଜେଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ଏହି ଦୁଃଖଦ ଘଟଣା ସାରା ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଥିବାବେଳେ ଏଥିପାଇଁ ସ୍ଥାନୀୟ ଲୋକ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)କୁ ଦାୟୀ କରିଛନ୍ତି। ମୃତ ରାଜେଶ ବାପା-ମା’ଙ୍କ ମଝିଆ ସନ୍ତାନ ଥିଲେ। ରାଜେଶଙ୍କ ଉପରେ ଜଣେ ବଡ଼ଭାଇ ଥିବାବେଳେ ତଳେ ଜଣେ ସାନଭଉଣୀ ଅଛନ୍ତି। ବାପା ସ୍ଥାନୀୟ ଅଞ୍ଚଳରେ କାମ କରୁଥିବାବେଳେ ☞ପୃଷ୍ଠା–୪

## ୯ ବର୍ଷରେ ଗଲାଣି ୮ ଜୀବନ

୨୦୧୫ରେ ଜଣେ ୯ବର୍ଷର ବାଳକ ନୟାପଲ୍ଲୀ ମମ୍‌ତାଜ୍ ଅଲ୍ଲୀ ହାଇସ୍କୁଲ ନିକଟ ମୁକୁଳା ଡ୍ରେନ୍‌ରେ ପଡ଼ି ଭାସି ଯାଇଥିଲେ। ୨୦୧୭ରେ ଚନ୍ଦ୍ରଶେଖରପୁର ଅଞ୍ଚଳରେ ଦୁଇଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୦୧୮ ଅଗଷ୍ଟରେ ୟୁନିଟ-୬ ପିତୁପଡ଼ିଆ ବସ୍ତିରେ ରହୁଥିବା ହରି ପଟ୍ଟନାୟକ ମୁକୁଳା ଡ୍ରେନ୍‌ରେ ଖସିପଡ଼ି ପ୍ରାଣ ହରାଇଥିଲେ। ସେହିପରି ୨୦୧୯ ଜୁଲାଇ ୨୫ରେ ନୟାପଲ୍ଲୀ ଏକାମ୍ର ଭିଲ୍ଲା ଛକର ମୁକୁଳା ଡ୍ରେନ୍‌ରେ ଭାସିଯାଇ ଟି. ଆପ୍ପାଲାମା ନାମ୍ନୀ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଥିଲା। ତେବେ ୨୦୨୧ ସେପ୍ଟେମ୍ବର ୧୯ରେ ବରମୁଣ୍ଡା ପାଲାମଣ୍ଡପ ସାହିର ଦଶମ ଶ୍ରେଣୀ ଛାତ୍ର ଜ୍ୟୋତିପ୍ରକାଶ ବେହେରା ଖଣ୍ଡଗିରି ଥାନା ☞ପୃଷ୍ଠା–୪

# ଦେବୀନଦୀରେ ବୁଡ଼ି ୩ ଛାତ୍ରଙ୍କ ମୃତ୍ୟୁ

ଅସ୍ତରଙ୍ଗ/ଚାରିଛକ,୧୮।୬ (ମମତା ଜେନା/ପ୍ରଦୀପ୍ତ କୁମାର ଦୀକ୍ଷିତ/ ଶିଶିର ସ୍ୱାଇଁ)

ପୁରୀ ଜିଲା ଅସ୍ତରଙ୍ଗ ଅଞ୍ଚଳର ଦେବୀ ନଦୀରେ ମଙ୍ଗଳବାର ଏକ ଦୁଃଖଦ ତଥା ଅଭାବନୀୟ ଘଟଣା ଘଟିଛି। ଅସ୍ତରଙ୍ଗ ଥାନା ଅନ୍ତର୍ଗତ ନଗର ପଞ୍ଚାୟତ ବାଲିଡିଆ ଗ୍ରାମର ୩ ଜଣ ନାବାଳକ ଛାତ୍ର ଦେବୀ ନଦୀରେ ଗାଧୋଉଥିବାବେଳେ ବୁଡ଼ିଯାଇ ମୃତ୍ୟୁବରଣ କରିଛନ୍ତି। ମୃତକମାନେ ହେଲେ ଆୟୁଷ୍ମାନ୍ ବେହେରା ଓରଫ ଓମ୍ (୧୪), ରିତେଶ ବେହେରା (୧୩) ଓରଫ କାହ୍ନା ଏବଂ ରୋହନ ବେହେରା(୧୪)। ସବୁଠାରୁ ବଡ଼ କଥା ହେଲା, ୪ଜଣ ଛାତ୍ର ନଦୀରେ ଗାଧୋଉଥିବାବେଳେ ଜଣଙ୍କୁ ଆକଟ କରି ତାଙ୍କ ମା’ ଘରକୁ ଡାକି ଆଣିଥିବାରୁ ☞ପୃଷ୍ଠା–୪






# ୨୦ରେ ବାଚସ୍ପତି ନିର୍ବାଚନ, ଆଜି ନାମାଙ୍କନ

ଭୁବନେଶ୍ୱର,୧୮।୬(ସୁନିତ୍ ମିଶ୍ର)

୨୦୨୪ ନିର୍ବାଚନରେ ବିଜୟୀ ହୋଇଥିବା ସମସ୍ତ ବିଧାୟକ ବିଧାନସଭାରେ ଶପଥ ନେଇଛନ୍ତି। ଯେଉଁମାନେ ଶପଥ ନେଇନାହାନ୍ତି ସେମାନେ ବୁଧବାର ନେବେ। ଆସନ୍ତା ୨୦ ତାରିଖରେ ରାଜ୍ୟରେ ନୂଆ ବାଚସ୍ପତି ପଦ ଲାଗି ନିର୍ବାଚନ ହେବ। ଏହି ପଦବୀ ଲାଗି ବୁଧବାର ନାମାଙ୍କନ ଦାଖଲ ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ଗୁରୁବାର ବାଚସ୍ପତି ପଦ ଲାଗି ଭୋଟ ଗ୍ରହଣ କରାଯିବ। ତେବେ ବାଚସ୍ପତି କିଏ ହେବେ ତାକୁ ନେଇ ଚର୍ଚ୍ଚା ଲାଗି ରହିଛି। ସଂଖ୍ୟା ଦୃଷ୍ଟିରୁ ଦେଖିଲେ ଭାଜପା ଯାହାକୁ ବାଚସ୍ପତି ପାଇଁ ପ୍ରାର୍ଥୀ କରିବ ସେ ହିଁ ନିର୍ବାଚିତ ହେବେ। କାରଣ ୧୪୭ ବିଧାନସଭା ଆସନ ମଧ୍ୟରୁ ଭାଜପାକୁ ୭୮, ବିଜେଡିକୁ ୫୧, କଂଗ୍ରେସକୁ ୧୪, ଗୋଟିଏ ସିପିଆଇ(ଏମ୍) ଏବଂ ୩ଟି ଆସନରେ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଭାଜପାରୁ ଅସନ୍ତୁଷ୍ଟ ହୋଇ ସ୍ୱାଧୀନ ପ୍ରାର୍ଥୀ ଭାବେ ଧର୍ମଶାଳାରୁ ହିମାଂଶୁ ଶେଖର ସାହୁ, ବଡ଼ମ୍ବାରୁ ବିଜୟ ଦଳବେହେରା ଏବଂ ମାହାଙ୍ଗାରୁ ସାରଦା ପ୍ରଧାନ ବିଜୟୀ ହୋଇଛନ୍ତି। ତେବେ ଏହି ୩ ବିଧାୟକ ଭାଜପା ସପକ୍ଷରେ ଅଛନ୍ତି। ତେଣୁ ବାଚସ୍ପତି ନିର୍ବାଚନ ହେଲେ ଶାସକ ଦଳ ସପକ୍ଷରେ ୮୧ ଖଣ୍ଡ ଭୋଟ ପଡ଼ିବା ସମ୍ଭାବନା ରହିଛି। ସେହିପରି କଂଗ୍ରେସ, ☞ପୃଷ୍ଠା–୪

# ନେଦରଲାଣ୍ଡସ୍ ଯୁବତୀଙ୍କୁ ବାହାହେଲେ ଅରୁଣ ପଟ୍ଟନାୟକ

ଭୁବନେଶ୍ୱର,୧୮।୬(ଶର୍ମିଷ୍ଠା ପାଣିଗ୍ରାହୀ)

ବିବାହ ବନ୍ଧନରେ ବାନ୍ଧି ହେଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପୁତୁରା ଅରୁଣ ପଟ୍ଟନାୟକ। ନେଦରଲାଣ୍ଡସ୍‌ର ନାଦିଆ ନାମ୍ନୀ ଜଣେ ଯୁବତୀଙ୍କୁ ସେ ବିବାହ କରିଛନ୍ତି। ନେଦରଲାଣ୍ଡସ୍‌ର ଆମଷ୍ଟରଡାମ୍‌ରେ ଏକ ବର୍ଣ୍ଣାଢ୍ୟ ସମାରୋହରେ ଉଭୟ ଅରୁଣ ଓ ନାଦିଆ ପରସ୍ପରର ଜୀବନସାଥୀ ପାଲଟିଛନ୍ତି। ଏହି ବିବାହ ଉତ୍ସବରେ ଅରୁଣଙ୍କ ବାପା ତଥା ନବୀନ ପଟ୍ଟନାୟକଙ୍କ ବଡ଼ଭାଇ ପ୍ରେମ ପଟ୍ଟନାୟକ ଉପସ୍ଥିତ ଥିଲେ। ଏନେଇ ଅରୁଣଙ୍କ ଭଉଣୀ ଗାୟତ୍ରୀ ପଟ୍ଟନାୟକ ସାମାଜିକ ଗଣମାଧ୍ୟମରେ ବିବାହର ଫଟୋ ଓ ଭିଡିଓ ଶେୟାର କରି ସୂଚନା ଦେଇଛନ୍ତି।

ସୂଚନାଥାଉ କି, ଚଳିତ ବିଧାନସଭାରେ ବିଜେଡି ପରାଜିତ ହେବା ପରେ ଅରୁଣ ପଟ୍ଟନାୟକ କୁଆଡ଼େ ନବୀନ ନିବାସ ଆସିଥିଲେ ବୋଲି ଚର୍ଚ୍ଚା ହୋଇଥିଲା। ଏପରିକି ସେ ହିଁ ନବୀନଙ୍କ ରାଜନୈତିକ ଉତ୍ତରାଧିକାରୀ ହେବେ ବୋଲି ଆଲୋଚନା ହୋଇଥିଲା। ତେବେ ସେ ଦାଦାଙ୍କୁ ନିଜ ବିବାହ ପାଇଁ ନିମନ୍ତ୍ରଣ ଦେବାକୁ ଆସିଥିବା ଏବେ ଶୁଣିବାକୁ ମିଳୁଛି। କିନ୍ତୁ ନବୀନ ପଟ୍ଟନାୟକ ଏହି ବିବାହରେ ସାମିଲ ହୋଇ ନ ଥିବା ଜଣାପଡ଼ିଛି।



ବିବାହ ବନ୍ଧନରେ ଆବଦ୍ଧ ନେଦରଲାଣ୍ଡସ୍‌ର ନାଦିଆ ଓ ଅରୁଣ ପଟ୍ଟନାୟକ।

**ପ୍ରଜ୍ୱଳଙ୍କ ହାଜତ ମିଆଦ ୨୪ ଯାଏ ବଢ଼ିଲା**
ସେକ୍ସ ସ୍କାଣ୍ଡାଲ ମାମଲାରେ ଜେଡିଏସ୍‌ର ପୂର୍ବତନ ଏମ୍‌ପି ପ୍ରଜ୍ୱଳ ରେଭନ୍ନାଙ୍କ ହାଜତ ମିଆଦ ବେଙ୍ଗାଲୁରୁର ଏକ ସ୍ୱତନ୍ତ୍ର କୋର୍ଟ ଆସନ୍ତା ୨୪ ପର୍ଯ୍ୟନ୍ତ ବଢ଼ାଇଛନ୍ତି। ମଙ୍ଗଳବାର ପ୍ରଜ୍ୱଳଙ୍କ ପୂର୍ବ ହାଜତ ମିଆଦ ଶେଷ ହେଉଥିବାରୁ ତାଙ୍କୁ କର୍ନାଟକ ପୋଲିସ ଏସ୍‌ଆଇଟି ବେଙ୍ଗାଲୁରୁର ଆଡିଶ୍ନାଲ ଚିଫ୍ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ କୋର୍ଟରେ ହାଜର କରିଥିଲା। ବଳାତ୍କାର ଏବଂ ଯୌନ ଶୋଷଣ ଅଭିଯୁକ୍ତ ପ୍ରଜ୍ୱଳ ଗତ ୩୧ରେ ଜର୍ମାନୀରୁ ଫେରିବା ପରେ ତାଙ୍କୁ ବେଙ୍ଗାଲୁରୁ ଏୟାରପୋର୍ଟରୁ ଏସ୍‌ଆଇଟି ଗିରଫ କରିଥିଲା।

# ୧.୨୫ ଲକ୍ଷ ସୁରକ୍ଷା ପଦବୀ ଖାଲି

ନୂଆଦିଲ୍ଲୀ,୧୮।୬(ପି.ଟି.)

ଭାରତୀୟ ରେଲୱେର ସୁରକ୍ଷା ବର୍ଗରେ ମଞ୍ଜୁରୀପ୍ରାପ୍ତ ୧୦ ଲକ୍ଷ ପଦବୀ ମଧ୍ୟରୁ ୧.୫ ଲକ୍ଷରୁ ଊର୍ଦ୍ଧ୍ୱ ଖାଲିପଡ଼ିଛି। ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ବଳରେ ଗତ ମାର୍ଚ୍ଚରେ ରେଳ ମନ୍ତ୍ରଣାଳୟରୁ ହସ୍ତଗତ ତଥ୍ୟରୁ ଏହା ଜଣାପଡ଼ିଛି।

ରେଲୱେ ଅଧିକାରୀମାନେ ଟ୍ରେନ୍‌ଗୁଡ଼ିକର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉଥିବା ବିଷୟ କହୁଥିବାବେଳେ ଦେଶର ବିଭିନ୍ନ ଭାଗରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଏହାର କାରଣ ହେଲା ଡ୍ରାଇଭର, ଇନ୍ସପେକ୍ଟର, କ୍ରିଉ କଣ୍ଟ୍ରୋଲର, ଲୋକୋ ଇନ୍‌ଷ୍ଟ୍ରକ୍ଟର, ଟ୍ରାକ୍ ମ୍ୟାଣ୍ଟେନର, ଷ୍ଟେଶନ ମାଷ୍ଟର, ପଏଣ୍ଟସ୍‌ମ୍ୟାନ, ଇଲେକ୍ଟ୍ରିକାଲ ସିଗ୍‌ନାଲ ମ୍ୟାଣ୍ଟେନର ଓ ସିଗ୍‌ନାଲିଂ ସୁପରଭାଇଜର ଭଳି ସୁରକ୍ଷା ବର୍ଗରେ ୧.୨୫ ଲକ୍ଷ ପଦବୀ ଖାଲିପଡ଼ିଛି। ୨୦୨୪ ମାର୍ଚ୍ଚ ୧ ସୁଦ୍ଧା ୧୦,୦୦,୯୪୧ ପଦବୀ ମଞ୍ଜୁର ହୋଇଥିବାବେଳେ ସେଥିରୁ ୮,୪୮,୨୦୭ ପୂରଣ ହୋଇଥିଲା। ୧,୫୨,୭୩୪ ପଦବୀ ଖାଲି ପଡ଼ିଥିବା ଆର୍‌ଟିଆଇ ଆବେଦନର ଉତ୍ତରରେ ରେଳ ମନ୍ତ୍ରଣାଳୟ ସୂଚନା ଦେଇଛି। ମେଲ୍/ଏକ୍ସପ୍ରେସ୍ /ପାସେଞ୍ଜର/ମାଲବାହୀ ଟ୍ରେନ୍‌ଗୁଡ଼ିକର ମଞ୍ଜୁରୀପ୍ରାପ୍ତ ଲୋକୋ ପାଇଲଟ ପଦବୀ ସଂଖ୍ୟା ୭୦,୦୯୩ ହୋଇଥିବାବେଳେ ସେଥିରୁ ୧୪,୪୨୯ ପଦବୀ ଖାଲିପଡ଼ିଛି। ସେହିପରି ୫୭,୫୫୧ ଆସିଷ୍ଟାଣ୍ଟ ଡ୍ରାଇଭର ପଦବୀ ମଞ୍ଜୁର ହୋଇଥିବାବେଳେ ୪,୩୩୭ ଖାଲିପଡ଼ିଛି। ମଧ୍ୟପ୍ରଦେଶର ଆର୍‌ଟିଆଇ କର୍ମୀ ଚନ୍ଦ୍ରଶେଖର ଗୌରଙ୍କୁ ରେଳ ମନ୍ତ୍ରଣାଳୟ ଏହି ତଥ୍ୟ ଦେଇଛି। ରେଲୱେ ଟ୍ରେଡ୍ ୟୁନିୟନ୍‌ଗୁଡ଼ିକ ବାରମ୍ବାର ଏହି ପ୍ରସଙ୍ଗ ଉଠାଇବା ସତ୍ତ୍ୱେ ଖାଲି ପଦବୀ ପୂରଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ନ୍ୟାଶନାଲ ଫେଡେରେଶନ୍ ଅଫ୍ ଇଣ୍ଡିଆନ୍ ରେଲୱେମ୍ୟାନ୍ ଆସିଷ୍ଟାଣ୍ଟ ଜେନେରାଲ ସେକ୍ରେଟାରି ଅଶୋକ ଶର୍ମା କହିଛନ୍ତି, କର୍ମଚାରୀମାନେ ଚାପଗ୍ରସ୍ତ ଥିବାବେଳେ ସୁରକ୍ଷା ବର୍ଗ ପଦବୀ ପୂରଣ କରାଯାଉ ନାହିଁ। ଏଥିଯୋଗୁ ବାରମ୍ବାର ଦୁର୍ଘଟଣା ଘଟୁଛି। ସବୁଠୁ ଦୁର୍ଭାଗ୍ୟଜନକ ବିଷୟ ହେଉଛି ୨ ବର୍ଷ ପୂର୍ବେ ରେଳ ମନ୍ତ୍ରଣାଳୟ ସୁରକ୍ଷା ବର୍ଗ ପଦବୀ ସୃଷ୍ଟି କରିବା ବନ୍ଦ କରିଦେଇଛି। ବର୍ତ୍ତମାନ ଅର୍ଥ ମନ୍ତ୍ରଣାଳୟର ବିନା ସହମତିରେ ଏହି ପଦବୀ ସୃଷ୍ଟି କରାଯାଇପାରିବ ନାହିଁ। ଅନ୍ୟପକ୍ଷେ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ୨୦୦୪-୧୪ରେ ସୁରକ୍ଷା ସମ୍ପର୍କିତ ପ୍ରକଳ୍ପଗୁଡ଼ିକ ପାଇଁ ୭୦,୨୭୩ କୋଟି ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ୨୦୧୪-୨୪ରେ ୧,୭୮,୦୦୦ କୋଟି ଟଙ୍କା ଅର୍ଥାତ୍ ପ୍ରାୟ ୨.୫ ଗୁଣ ଅଧିକ ନିବେଶ ହୋଇଛି।


କାଞ୍ଚନଜଙ୍ଗା ଏକ୍ସପ୍ରେସ୍ ଟ୍ରେନ୍ ଦୁର୍ଘଟଣାସ୍ଥଳକୁ ଅତିକ୍ରମ କରି ନୂଆଦିଲ୍ଲୀ-ଡିବ୍ରୁଗଡ଼ ରାଜଧାନୀ ଏକ୍ସପ୍ରେସ୍ ଯାଉଛି।

## ଟ୍ରେନ୍ ଦୁର୍ଘଟଣା ମୃତ୍ୟୁସଂଖ୍ୟା ୧୦

ପଶ୍ଚିମବଙ୍ଗର ନ୍ୟୁ ଜଲପାଇଗୁଡ଼ି ଷ୍ଟେଶନ୍ ନିକଟରେ ସୋମବାର ସକାଳେ ଘଟିଥିବା ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁସଂଖ୍ୟା ୧୦ରେ ପହଞ୍ଚିଛି। ଏଥିରେ ପ୍ରାୟ ୪୦ ଯାତ୍ରୀ ଆହତ ହୋଇଛନ୍ତି। ସିଲ୍‌ଦା ଅଭିମୁଖେ ଯାତ୍ରା କରୁଥିବା କାଞ୍ଚନଜଙ୍ଗା ଏକ୍ସପ୍ରେସ୍‌କୁ ରଙ୍ଗାପାଣି ନିକଟରେ ଏକ ମାଲବାହୀ ଟ୍ରେନ୍ ଧକ୍କାଦେବାରୁ ଏହି ଦୁର୍ଘଟଣା ଘଟିଥିଲା। ସୋମବାର ୯ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ମଙ୍ଗଳବାର ନର୍ଥ ବେଙ୍ଗାଲ ମେଡିକାଲ କଲେଜରେ ଚିକିତ୍ସାଧୀନ ଜଣେ ୬ ବର୍ଷର ଆହତ ଶିଶୁ ଆଖି ବୁଜି ଦେଇଛନ୍ତି। ମଙ୍ଗଳବାର ପୂର୍ବାହ୍ନ ୧୦ଟା ୪୨ରେ ଉକ୍ତ ରୁଟ୍ ଦେଇ ଅଓ୍ୱଧ ଆସାମ ଏକ୍ସପ୍ରେସ୍ ପ୍ରଥମ ଥର ପାଇଁ ଯାତ୍ରା କରିଛି। ଇତିମଧ୍ୟରେ କାଞ୍ଚନଜଙ୍ଘା ଏକ୍ସପ୍ରେସ୍‌ର କ୍ଷତିଗ୍ରସ୍ତ ହୋଇ ନ ଥିବା ବଗିଗୁଡ଼ିକ ଗନ୍ତବ୍ୟସ୍ଥଳରେ ପହଞ୍ଚିଛି।

## ଶ୍ରବଣଶକ୍ତି ହରାଇଲେ ଅଲ୍‌କା ୟାଗ୍ନିକ୍



ମୁମ୍ବାଇ

ବଲିଉଡ୍‌ର ଲୋକପ୍ରିୟ ଗାୟିକା ଅଲ୍‌କା ୟାଗ୍ନିକ୍ ଶ୍ରବଣ ଶକ୍ତି ହ୍ରାସଜନିତ ବିରଳ ବ୍ୟାଧିରେ ପୀଡ଼ିତ ହୋଇଛନ୍ତି। ଅଲ୍‌କା ନିଜ ଇନ୍‌ଷ୍ଟାଗ୍ରାମ ପୋଷ୍ଟରେ ଲେଖିଛନ୍ତି, କିଛି ସପ୍ତାହ ପୂର୍ବରୁ ବିମାନ ଯାତ୍ରାବେଳେ ହଠାତ୍ ସେ କିଛି ଶୁଣିପାରୁ ନ ଥିବା ଅନୁଭବ କରିଥିଲେ। ଏକ ଭାଇରାଲ ଆଟାକ୍‌ରେ ପୀଡ଼ିତ ହେବା କାରଣରୁ ତାଙ୍କର ଶ୍ରବଣ ଶକ୍ତି ହରାଇଥିବା ସେ ଜାଣିବାକୁ ପାଇଥିଲେ। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସେ ଏହାର ଚିକିତ୍ସା ଚଳାଇଛନ୍ତି। ତାଙ୍କ ଆରୋଗ୍ୟ ପାଇଁ ପ୍ରାର୍ଥନା କରିବାକୁ ସେ ନିଜର ପ୍ରଶଂସକ, ବନ୍ଧୁ ଓ ପରିଜନଙ୍କୁ ନିବେଦନ କରିଛନ୍ତି। ଏହି ଅବସରରେ ଅଲ୍‌କା ନିଜ ପ୍ରଶଂସକ, ସାଥୀ ଗାୟକ ଓ କଳାକାରମାନଙ୍କୁ ଉଚ୍ଚ ଭଲ୍ୟୁମ୍ ମ୍ୟୁଜିକରୁ ଦୂରରେ ରହିବାକୁ ପରାମର୍ଶ ଦେଇଛନ୍ତି।

## ଥାଇଲାଣ୍ଡରେ ବୈଧ ହେବ ସମଲିଙ୍ଗୀ ବିବାହ

ବ୍ୟାଙ୍କକ୍,୧୮।୬

ସମଲିଙ୍ଗୀ ବିବାହକୁ ଆଇନଗତ ସ୍ୱୀକୃତି ଦେବାରେ ଥାଇଲାଣ୍ଡ ଦକ୍ଷିଣପୂର୍ବ ଏସିଆରେ ପ୍ରଥମ ତଥା ସମଗ୍ର ଏସିଆରେ ତୃତୀୟ ଦେଶ ହେବାକୁ ଯାଉଛି। ଥାଇଲାଣ୍ଡ ସିନେଟ ମଙ୍ଗଳବାର ବିବାହ ସମାନତା ବିଲ୍‌କୁ ଅନୁମୋଦନ କରିଥିବାବେଳେ ଏଲ୍‌ଜିବିଟିକ୍ୟୁ+ ଅଧିକାର ପାଇଁ ଏହା ଏକ ଚିରସ୍ମରଣୀୟ ପଦକ୍ଷେପ ବୋଲି ସମର୍ଥକମାନେ କହିଛନ୍ତି। ଥାଇଲାଣ୍ଡ ସିନେଟରେ ପ୍ରଥମ ପାଠରେ ବିଲ୍ ଗୃହୀତ ହୋଇଛି। ବିଲ୍ ସପକ୍ଷରେ ୧୩୦ ସିନେଟର ଭୋଟ ଦେଇଥିବାବେଳେ ବିରୋଧରେ ମାତ୍ର ୪ ଭୋଟ ଯାଇଥିଲା। ଥାଇଲାଣ୍ଡ ରାଜାଙ୍କ ଅନୁମୋଦନ ପରେ ୧୨୦ ଦିନ ମଧ୍ୟରେ ସମଲିଙ୍ଗୀ ବିବାହ ବୈଧୀକରଣ ବାସ୍ତବ ରୂପ ନେବ।

## ପିଏମ୍ କିଷାନ: ଚାଷୀଙ୍କୁ ୨,୦୦୦ କୋଟି ଟଙ୍କା ପଠାଇଲେ ମୋଦି

ବାରାଣସୀ,୧୮।୬(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ପିଏମ୍ କିଷାନ ସମ୍ମାନ ନିଧି ଯୋଜନାର ସପ୍ତଦଶ କିସ୍ତି ସ୍ୱରୂପ ଦେଶର ୯.୨୬ କୋଟି କୃଷକଙ୍କ ପାଖକୁ ପାଖାପାଖି ୨,୦୦୦ କୋଟି ଟଙ୍କା ପଠାଇଛନ୍ତି। ତୃତୀୟ ଥର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ମୋଦି ପ୍ରଥମ ଥର ପାଇଁ ନିଜ ନିର୍ବାଚନମଣ୍ଡଳୀ ବାରାଣସୀ ଯାଇ ଚାଷୀଙ୍କ ପାଇଁ ଏହି ସହାୟତା ପଠାଇଛନ୍ତି। ଡିବିଟି ଜରିଆରେ ଏହି ଅର୍ଥ ହିତାଧିକାରୀ କୃଷକମାନଙ୍କ ବ୍ୟାଙ୍କ ଖାତାକୁ ଯାଇଛି। ଗତ ୯ରେ ମୋଦି ତୃତୀୟ ଥର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ ପିଏମ୍ କିଷାନର ୧୭ତମ କିସ୍ତି ଅର୍ଥ ପ୍ରେରଣ ଲାଗି ଫାଇଲ୍‌ରେ ଦସ୍ତଖତ କରିଥିଲେ। ଚାଷୀଙ୍କ ପାଖକୁ ଏହି ଟଙ୍କା ପଠାଇବା ନାଁରେ ମଙ୍ଗଳବାର ସେ ଶିରୋନାମାର ରିସାଇକ୍ଲିଂ କରିଛନ୍ତି ବୋଲି କଂଗ୍ରେସ ନେତା ଜୟରାମ ରମେଶ ସମାଲୋଚନା କରିଛନ୍ତି।

## ପ୍ରସାର ଭାରତୀର ସୁନୀଲ ହେଲେ ଆଇଇଟିଇ ଅଧ୍ୟକ୍ଷ



ନୂଆଦିଲ୍ଲୀ,୧୮।୬(ପି.ଟି.)

ପ୍ରସାର ଭାରତୀର ପୂର୍ବତନ ଅତିରିକ୍ତ ମହାନିର୍ଦ୍ଦେଶକ ସୁନୀଲ ଇନ୍‌ଷ୍ଟିଚ୍ୟୁଶନ ଅଫ୍ ଇଲେକ୍ଟ୍ରୋନିକ୍ସ ଆଣ୍ଡ ଟେଲିକମ୍ୟୁନିକେଶନ ଇଞ୍ଜିନିୟର୍ସ (ଆଇଇଟିଇ)ର ଅଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ୧୯୫୩ରେ ପ୍ରତିଷ୍ଠିତ ଆଇଇଟିଇ ଦେଶର ଅଗ୍ରଣୀ ପେସାଦାର ସୋସାଇଟି ଯାହା ଇଲେକ୍ଟ୍ରୋନିକ୍ସ, ଟେଲିକମ୍ୟୁନିକେଶନ ଏବଂ ସୂଚନା ପ୍ରଯୁକ୍ତିର ବିକାଶ ଦିଗରେ କାର୍ଯ୍ୟ କରିଥାଏ। ପ୍ରସାର ଭାରତୀରେ ସୁନୀଲଙ୍କର ୩୫ ବର୍ଷର ଅଭିଜ୍ଞତା ରହିଛି। ଭାରତର ପ୍ରଥମ ଡାଇରେକ୍ଟ-ଟୁ-ହୋମ୍ (ଡିଟିଏଚ୍) ପ୍ଲାଟ୍‌ଫର୍ମ ଯୋଜନା ଓ କାର୍ଯ୍ୟକାରୀ କରିବାର ଶ୍ରେୟ ତାଙ୍କୁ ଦିଆଯାଏ।

## ରେଳମନ୍ତ୍ରୀ ଇସ୍ତଫା ଦିଅନ୍ତୁ: ଖାର୍ଗେ

କେନ୍ଦ୍ର ସରକାର ଭାରତୀୟ ରେଲୱେକୁ ଧ୍ୱଂସ କରିବାରେ ଲାଗିଛନ୍ତି। ଏଥିଯୋଗୁ ଦେଶରେ ବାରମ୍ବାର ଟ୍ରେନ୍ ଦୁର୍ଘଟଣା ଘଟୁଥିବା ଦର୍ଶାଇ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ମଙ୍ଗଳବାର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଇସ୍ତଫା ଦାବି କରିଛନ୍ତି। କାଞ୍ଚନଜଙ୍ଘା ଟ୍ରେନ୍ ଦୁର୍ଘଟଣ ସ୍ଥଳକୁ ଅଶ୍ୱିନୀ ଏକ ବାଇକ୍ ପଛପଟେ ବସି ପହଞ୍ଚିବା ନେଇ ମଧ୍ୟ ବିରୋଧୀ ଦଳଗୁଡ଼ିକର ନେତାମାନେ ସମାଲୋଚନା କରିଛନ୍ତି। ଅଶ୍ୱିନୀ ରେଳମନ୍ତ୍ରୀ ନୁହନ୍ତି, ବରଂ 'ରିଲ୍ ମନ୍ତ୍ରୀ'। ମୋଦି ସରକାରଙ୍କ ଆପରାଧିକ ଅବହେଳା ଯୋଗୁ ରେଲୱେ ସ୍ଥାଣୁ ଅବସ୍ଥାକୁ ଚାଲିଆସିଥିବା ସେମାନେ କହିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ଖାର୍ଗେ କହିଛନ୍ତି, ଯେତେବେଳେ ଏକ ଟ୍ରେନ୍ ଦୁର୍ଘଟଣା ଘଟେ,ମୋଦି ସରକାରଙ୍କ ରେଳମନ୍ତ୍ରୀ କ୍ୟାମେରା ସାମ୍ନାରେ ଘଟଣାସ୍ଥଳରେ ପହଞ୍ଚିଥାନ୍ତି ଏବଂ ସବୁକିଛି ଠିକ୍‌ଠାକ୍ ଥିବା ଭଳି ବ୍ୟବହାର କରିଥାନ୍ତି। ମୋଦିଜୀ ଏହି ଦୁର୍ଘଟଣା ପାଇଁ କାହାକୁ ଦାୟୀ କରାଯିବ ? ରେଳମନ୍ତ୍ରୀ ନା ଆପଣଙ୍କୁ ? ଏହି ଅବସରରେ ଖାର୍ଗେ ୭ଟି ପ୍ରଶ୍ନ କରିଛନ୍ତି। ସେଗୁଡ଼ିକ ହେଲା ରେଳ ମନ୍ତ୍ରଣାଳୟରେ ୩ ଲକ୍ଷ ପଦବୀ କାହିଁକି ଖାଲି ପଡ଼ିଛି ? ୧୦ ବର୍ଷ ହେଲା ସେଗୁଡ଼ିକୁ କାହିଁକି ପୂରଣ କରାଯାଉନାହିଁ ବୋଲି ଖାର୍ଗେ ପ୍ରଶ୍ନ କରିଛନ୍ତି।

## ମାତ୍ର ୧,୪୬୫ କି.ମି. ରୁଟ୍‌ରେ କବଚ

କବଚ ହେଉଛି ଏକ ସ୍ୱୟଂଚାଳିତ ଟ୍ରେନ୍ ସୁରକ୍ଷା (ଏଟିପି) ବ୍ୟବସ୍ଥା, ଯାହା ଲୋକୋପାଇଲଟ୍ ବିପଦ ସଙ୍କେତ ଡେଇଁବା ମାତ୍ରେ ସତର୍କ କରାଇଥାଏ। ଦୁର୍ଘଟଣା ଏଡ଼ାଇବା ପାଇଁ ଭାରତୀୟ ରେଳ ପକ୍ଷରୁ ବିକଶିତ ଏହି ଅଟୋମେଟିକ୍ ପ୍ରୋଟେକ୍ସନ ସିଷ୍ଟମ୍ ପଶ୍ଚିମବଙ୍ଗର ଜଲପାଇଗୁଡ଼ିରେ ଦୁର୍ଘଟଣାଗ୍ରସ୍ତ ଟ୍ରେନ୍‌ରେ ନ ଥିଲା। ୨୦୧୨ରେ କବଚ ସିଷ୍ଟମ୍ ଆରମ୍ଭ ହୋଇଥିବାବେଳେ ଅଦ୍ୟାବଧି ଏହା ମାତ୍ର ୧,୪୬୫ କି.ମି. ରୁଟ୍‌ରେ କାର୍ଯ୍ୟକାରୀ ହେଉଛି। ୩,୦୦୦ କି.ମି. ରୁଟ୍‌ରେ ଏହାକୁ କାର୍ଯ୍ୟକାରୀ କରାଇବା ପାଇଁ ଦ୍ରୁତଗତିରେ କାର୍ଯ୍ୟ ଚାଲିଥିବା ରେଳ ମନ୍ତ୍ରଣାଳୟ ସୂଚନା ଦେଇଛି। ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଇବାରେ ହେଉଥିବା ଅହେତୁକ ବିଳମ୍ବକୁ ନେଇ ବିରୋଧୀ ଦଳଗୁଡ଼ିକ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି।

## ଉଦ୍‌ଘାଟନ ପୂର୍ବରୁ ଭୁଶୁଡ଼ିଲା ବ୍ରିଜ୍



ଅରାରିଆ,୧୮।୬(ପି.ଟି.)

ବିହାରର ଅରାରିଆ ଜିଲା ଅନ୍ତର୍ଗତ ପରରିଆ ଗ୍ରାମରେ ବାକ୍ରା ନଦୀ ଉପରେ ନୂତନ ଭାବେ ନିର୍ମିତ ହୋଇଥିବା ଏକ ବ୍ରିଜ୍ ମଙ୍ଗଳବାର ଭୁଶୁଡ଼ି ପଡ଼ିଛି। ତେବେ ଏଥିରେ କେହି ମୃତାହତ ହୋଇ ନ ଥିବା ପୋଲିସ କହିଛି। ରାଜ୍ୟ ସରକାର ୧୨ କୋଟି ଟଙ୍କା ବ୍ୟୟରେ ଉକ୍ତ ବ୍ରିଜ୍ ନିର୍ମାଣ କରିଥିବାବେଳେ ଉଦ୍‌ଘାଟନ ପୂର୍ବରୁ ଏହା ଭୁଶୁଡ଼ି ପଡ଼ିଥିବାରୁ କାର୍ଯ୍ୟର ମାନକୁ ନେଇ ପ୍ରଶ୍ନ ଉଠିଛି। ବ୍ରିଜ୍‌କୁ ସଂଯୋଗ କରିବା ପାଇଁ ଆପ୍ରୋଚ୍ ରୋଡ୍ ନିର୍ମାଣ ହୋଇ ନ ଥିବାରୁ ଉଦ୍‌ଘାଟନ ହୋଇ ନ ଥିଲା। ଭୁଶୁଡ଼ି ପଡ଼ିବାର କାରଣ ଜଣାପଡ଼ି ନ ଥିବାବେଳେ ଉଚ୍ଚ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଅନୁଧାନ କରୁଛନ୍ତି। ନିର୍ମାଣ କମ୍ପାନୀ ମାଲିକଙ୍କ ଅବହେଳାରୁ ବ୍ରିଜ୍ ଭୁଶୁଡ଼ିଲା ବୋଲି ସ୍ଥାନୀୟ ବିଧାୟକ ବିଜୟ କୁମାର କହିବା ସହ ତଦନ୍ତ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଗତ ମାର୍ଚ୍ଚରେ କୋଶୀ ନଦୀ ଉପରେ ଏକ ନିର୍ମାଣାଧୀନ ବ୍ରିଜ୍ ଭୁଶୁଡ଼ି ଜଣକ ମୃତ୍ୟୁ ଘଟିବା ସହ ୧୦ ଜଣ ଆହତ ହୋଇଥିଲେ।

## ସ୍ୱତନ୍ତ୍ର ଲୋକ ଅଦାଲତ କରିବେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୮।୬(ପି.ଟି.)

ଦୀର୍ଘଦିନ ଧରି ବିଚାର ଅପେକ୍ଷାରେ ପଡ଼ିରହିଥିବା କେତେକ ମାମଲାର ଆପୋସ ସମାଧାନ ପାଇଁ ସୁପ୍ରିମକୋର୍ଟ ଜୁଲାଇ ୨୯ରୁ ଅଗଷ୍ଟ ୩ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଲୋକ ଅଦାଲତର ଆୟୋଜନ କରିବାକୁ ଯାଉଛନ୍ତି। ସୁପ୍ରିମକୋର୍ଟ ପ୍ରତିଷ୍ଠାର ୭୫ ବର୍ଷ ଅବସରରେ ଏଭଳି ଲୋକ ଅଦାଲତ ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଛି। ୧୯୫୦ ଜାନୁଆରୀ ୨୬ରେ ଦେଶର ସମ୍ବିଧାନ କାର୍ଯ୍ୟକାରୀ ହେବା ସହ ସୁପ୍ରିମକୋର୍ଟ ପ୍ରତିଷ୍ଠା ହୋଇଥିଲା। ଲୋକ ଅଦାଲତ ହେଉଛି ଦେଶର ବିଚାର ବ୍ୟବସ୍ଥାର ଏକ ଅବିଚ୍ଛେଦ୍ୟ ଅଙ୍ଗ। ବିଶେଷକରି ସୁପ୍ରିମକୋର୍ଟରେ ପଡ଼ିରହିଥିବା ବୈବାହିକ ବିବାଦ, ସମ୍ପତ୍ତି ବିବାଦ, ମୋଟରଯାନ ଦୁର୍ଘଟଣା କ୍ଷତିପୂରଣ ଦାବି, ଜମି ଅଧିଗ୍ରହଣ, କ୍ଷତିପୂରଣ ତଥା ସେବା ଓ ଶ୍ରମ ଆଦି ମାମଲାର ତ୍ୱରିତ୍ ଫଇସଲା ଲୋକ ଅଦାଲତ ଜରିଆରେ ହେବ।

## ଏନ୍‌ଇଇଟି ଅନିୟମିତତା ମାନିନିଅ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୮।୬

### ମୋଦି ନୀରବ କାହିଁକି



ଏନ୍‌ଇଇଟି ପରୀକ୍ଷା ବିଭ୍ରାଟ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାହିଁକି ନୀରବ ରହିଛନ୍ତି। ପ୍ରଶ୍ନପତ୍ର ଲିକ୍ ବିରୋଧରେ କଠୋର ନୀତି ସୁନିଶ୍ଚିତ କରିବା ପାଇଁ ଯୁବବର୍ଗଙ୍କ ସ୍ୱରକୁ କଂଗ୍ରେସ ପାର୍ଲାମେଣ୍ଟରେ ଦୃଢ଼ ଭାବେ ଉଠାଇବା ସହ ରାସ୍ତାକୁ ଓହ୍ଲାଇବ। ଏହି ଦୁର୍ନୀତି ମାମଲାରେ ବିହାର, ଗୁଜରାଟ ଏବଂ ହରିୟାଣାରେ ଅନେକେ ଗିରଫ ହେଲେଣି। ଭାଜପା ଶାସିତ ରାଜ୍ୟଗୁଡ଼ିକରେ ଯୋଜନାବଦ୍ଧ ଭାବେ ଏନ୍‌ଇଇଟିରେ ଦୁର୍ନୀତି କରାଯାଇଥିବା ଏଥିରୁ ସ୍ପଷ୍ଟ ହୋଇଛି।

**-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**

ଚଳିତ ବର୍ଷର ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ (ଏନ୍‌ଇଇଟି)-ୟୁଜି ପରୀକ୍ଷା ପରିଚାଳନାର ଯେକୌଣସି ଭାଗରେ ଯଦି ୦.୦୦୧ ପ୍ରତିଶତ ଅବହେଳା ହୋଇଥାଏ, ତେବେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିବାକୁ ହେଲେ ଠିକ୍ ସମୟରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହେବ। ସୁପ୍ରିମକୋର୍ଟ ମଙ୍ଗଳବାର କେନ୍ଦ୍ର ସରକାର ଏବଂ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)କୁ ଏହା କହିଛନ୍ତି। ପରୀକ୍ଷା ପରିଚାଳନାରେ ହୋଇଥିବା ଭୁଲ୍ ମାନିଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜଷ୍ଟିସ୍ ବିକ୍ରମ ନାଥ ଏବଂ ଏସ୍.ଭି.ଏନ୍. ଭଟ୍ଟିଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

ଏନ୍‌ଇଇଟି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ହେବା ସହ ବ୍ୟାପକ ଦୁର୍ନୀତି ଅଭିଯୋଗ ହୋଇଥିଲା। ଉକ୍ତ ପରୀକ୍ଷାକୁ ବାତିଲ କରାଯାଇ ପୁନର୍ବାର ପରୀକ୍ଷା କରାଇବା ପାଇଁ ଦାଏର ପିଟିଶନ୍‌ର ଶୁଣାଣି କରି ଖଣ୍ଡପୀଠ କହିଛନ୍ତି, ପରୀକ୍ଷା ପରିଚାଳନାକାରୀ ସଂସ୍ଥା ଏନ୍‌ଟିଏ ଅନିୟମିତତା ନେଇ ଆତ୍ମସମୀକ୍ଷା କରିବା ଆବଶ୍ୟକ। ଯଦି ଜଣେ ଅଯୋଗ୍ୟ ପ୍ରାର୍ଥୀ ଦୁର୍ନୀତିରେ ସମ୍ପୃକ୍ତ ରହି ଡାକ୍ତର ହୁଏ, ତେବେ ସେଭଳି ବ୍ୟକ୍ତି ସମାଜ ପାଇଁ ବଡ଼ ବିପଦ ସୃଷ୍ଟି କରିବେ। ପିଲାମାନେ ପରୀକ୍ଷା ପାଇଁ କଠିନ ପରିଶ୍ରମ କରିଥାନ୍ତି। ସେମାନଙ୍କ ଉଦ୍ୟମ ପ୍ରତି ଆମକୁ ସଚେତନ ହେବାକୁ ପଡ଼ିବ ବୋଲି ଖଣ୍ଡପୀଠ କହିଛନ୍ତି।

ସୂଚନାଯୋଗ୍ୟ, ଗତ ମେ' ୫ରେ ୨୪ ଲକ୍ଷ ଛାତ୍ରୀଛାତ୍ର ଦେଶର ୪,୭୫୦ ସେଣ୍ଟରରେ ଏନ୍‌ଇଇଟି-ୟୁଜି ପରୀକ୍ଷା ଦେଇଥିଲେ। ୬୭ ଜଣ ପରୀକ୍ଷାର୍ଥୀଙ୍କୁ ସର୍ବୋଚ୍ଚ ନମ୍ବର ଦିଆଯାଇ ର୍ୟାଙ୍କ ଓ୍ୱାନ୍‌ରେ ସ୍ଥାନିତ କରାଯାଇଥିଲା। ହରିୟାଣାର ଗୋଟିଏ ପରୀକ୍ଷା କେନ୍ଦ୍ରର ୬ ଜଣ ପିଲା ସର୍ବୋଚ୍ଚ ନମ୍ବର ରଖିଥିଲେ। କେତେକ ପରୀକ୍ଷା କେନ୍ଦ୍ରର ଛାତ୍ରୀଛାତ୍ରଙ୍କୁ ଅଧିକ ଗ୍ରେସ୍‌ମାର୍କ ଦିଆଯିବାକୁ ନେଇ ପ୍ରଶ୍ନ ଉଠିଛି। ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)ର ଦୁର୍ନୀତି ଓ କୁପରିଚାଳନା ବିରୋଧରେ ଓ ସାନି ପରୀକ୍ଷା ଦାବିରେ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପରୀକ୍ଷା ଅନିୟମିତତାକୁ ବିରୋଧକରି ବିଭିନ୍ନ ରାଜ୍ୟରେ ଆନ୍ଦୋଳନ ଜାରି ରହିଛି।

## ଯବାନଙ୍କୁ ଓହ୍ଲାଇ ବସ୍ ଜାଳିଦେଲେ

### ମଣିପୁରରେ ପୁଣି ହିଂସା

ଇମ୍ଫାଲ,୧୮।୬

ମଣିପୁର ହିଂସାକୁ ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଉଚ୍ଚସ୍ତରୀୟ ବୈଠକର କେଇଘଣ୍ଟା ପରେ ଉତ୍ତରପୂର୍ବାଞ୍ଚଳ ରାଜ୍ୟରେ ପୁଣି ହିଂସାକାଣ୍ଡ ଘଟିଛି। ରାଜଧାନୀ ଇମ୍ଫାଲଠାରୁ ୪୫



କି.ମି. ଦୂର କାଙ୍ଗ୍‌ପୋକ୍‌ପିଠାରେ ମଙ୍ଗଳବାର ରାତିରେ ଉତ୍ତ୍ୟକ୍ତ ଲୋକେ ସିଆର୍‌ପିଏଫ୍‌ର ଯବାନମାନଙ୍କୁ ଏକ ବସ୍‌ରୁ ଓହ୍ଲାଇଦେବା ପରେ ସେଥିରେ ନିଆଁ ଲଗାଇଦେଇଛନ୍ତି। କେତେଜଣ ଅଜଣା ଲୋକଙ୍କ ବିରୋଧରେ କାଙ୍ଗ୍‌ପୋକ୍‌ପି ଥାନାରେ ମାମଲା ରୁଜୁ ହୋଇଛି। ନିର୍ବାଚନ ଡ୍ୟୁଟି ଶେଷ ହୋଇଥିବାରୁ ଯବାନମାନେ ମେଇତି ସମ୍ପ୍ରଦାୟର ଜଣେ ବ୍ୟକ୍ତିଙ୍କ ବସ୍‌କୁ ଭଡ଼ାରେ ନେଇ ସେମାନଙ୍କ ପୋଷ୍ଟିଂ ସ୍ଥାନକୁ ଯାଉଥିବାବେଳେ ଆକ୍ରମଣର ଶିକାର ହୋଇଥିଲେ। ଗତ ସପ୍ତାହରେ ମେଇତି ବହୁଳ ବିଷ୍ଣୁପୁର ଜିଲାରେ ଦୁଇଟି ଟ୍ରକ୍‌କୁ ଜାଳିଦିଆଯାଇଥିଲା। ଏହାର ଜବାବରେ ଉତ୍ତ୍ୟକ୍ତ ଲୋକେ ଯବାନଙ୍କ ଗାଡ଼ିକୁ ପୋଡ଼ିଦେଇଥିବା କୁହାଯାଉଛି।

**ଫୁର୍‌ସତ୍**

## ୨୩ ଯୋଡ଼ା ଯାଆଁଳା ଏକସଙ୍ଗେ ସ୍ନାତକ

ୱାଶିଂଟନ

ଆମେରିକାର ମାସାଚୁସେଟ୍‌ସ ରାଜ୍ୟର ପୋଲାର୍ଡ ଉଚ୍ଚ ବିଦ୍ୟାଳୟରୁ ୨୦୨୩-୨୪ ଶିକ୍ଷାବର୍ଷରେ ୨୩ ଯୋଡ଼ା ଯାଆଁଳା ଛାତ୍ରୀଛାତ୍ର ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ଚଳିତ ବର୍ଷ ଉକ୍ତ ସ୍କୁଲରୁ ସ୍ନାତକ ହାସଲ କରିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୦% ଯାଆଁଳା। ଗୋଟିଏ ବର୍ଷରେ ଏତେ ସଂଖ୍ୟକ ଯାଆଁଳା ଛାତ୍ରୀଛାତ୍ର ସ୍ନାତକ ହାସଲ କରିବା ଅସ୍ୱାଭାବିକ ଓ ଆଶ୍ଚର୍ଯ୍ୟଜନକ ବୋଲି ପ୍ରଧାନଶିକ୍ଷକ କହିଛନ୍ତି। ଯଦିଓ ଅଧିକାଂଶ ବର୍ଷ ପ୍ରାୟ ୫ରୁ ୧୦ ଯୋଡ଼ା ଯାଆଁଳା ସ୍ନାତକ ହାସଲ କରିଥାନ୍ତି, ତେବେ ଚଳିତ ଶିକ୍ଷାବର୍ଷ ଏହି ସଂଖ୍ୟା ସମସ୍ତ ରେକର୍ଡ ଭାଙ୍ଗିଛି। ଗୋଟିଏ ବର୍ଷ ଏତେ ସଂଖ୍ୟକ ଯାଆଁଳା ଛାତ୍ରୀଛାତ୍ର ସ୍ନାତକ ହାସଲ କରିଥିବାରୁ ଏହି ସ୍ମୃତିରେ ସ୍କୁଲ୍ ପକ୍ଷରୁ ହୋଇଥିବା ସ୍ନାତକ ସମାରୋହରେ ସେମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଫଟୋ ଶୁଟ୍ କରାଯାଇଛି।

ସୂଚନାଯୋଗ୍ୟ, ଆମେରିକାର ଶିକ୍ଷା ବ୍ୟବସ୍ଥା ଅନ୍ୟ ଦେଶଠାରୁ ସାମାନ୍ୟ ଭିନ୍ନ ରହିଛି। ଏଠାରେ ୫ରୁ ୧୦ ବର୍ଷ ବୟସର ପିଲାମାନଙ୍କ ପାଇଁ ପ୍ରାଥମିକ ବିଦ୍ୟାଳୟ, ୧୧ରୁ ୧୩ ବର୍ଷର ପିଲାଙ୍କ ପାଇଁ ମଧ୍ୟମ ବିଦ୍ୟାଳୟ ଏବଂ ୧୪ରୁ ୧୮ ବର୍ଷ ବୟସର ପିଲାଙ୍କ ପାଇଁ ଉଚ୍ଚ ବିଦ୍ୟାଳୟ ରହିଛି। ଉଚ୍ଚ ବିଦ୍ୟାଳୟର ପଢ଼ା ସାରିବା ପରେ ଛାତ୍ରୀଛାତ୍ରମାନଙ୍କ ପାଇଁ ସ୍ନାତକ ସମାରୋହ କରାଯାଇ ସେମାନଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥାଏ।

## 'ଦାଏରା'ରେ ଆୟୁଷ୍ମାନ୍, କରୀନା



ମୁମ୍ବାଇ

ବଲିଉଡ୍‌ର ପ୍ରସିଦ୍ଧ ନିର୍ଦ୍ଦେଶିକା ମେଘନା ଗୁଲଜାର ସାଧାରଣତଃ ବଡ଼ ପରଦାରେ ନୂଆ ନୂଆ ଯୋଡ଼ିଙ୍କ ସହ ଏକ୍ସପେରିମେଣ୍ଟ କରିବାରେ ବେଶ୍ ଜଣାଶୁଣା ରହିଥାନ୍ତି। ତାଙ୍କ ନିର୍ଦ୍ଦେଶିତ ଆଗାମୀ ଫିଲ୍ମ 'ଦାଏରା'ରେ ଅଭିନେତା ଆୟୁଷ୍ମାନ୍ ଖୁରାନାଙ୍କ ସହ ଅଭିନେତ୍ରୀ କରୀନା କପୁର ଖାନ୍ ପ୍ରଥମଥର ପାଇଁ ସ୍କ୍ରିନ ଶେୟାର କରିବେ ବୋଲି ରିପୋର୍ଟ ପ୍ରକାଶ ପାଇଛି। ଏନେଇ ଉଭୟ ଆୟୁଷ୍ମାନ୍ ଓ କରୀନାଙ୍କ ସହ ମେଘନାଙ୍କର ଆଲୋଚନା ସରିଥିବା ନେଇ ଫିଲ୍ମ ସୂତ୍ରରୁ ପ୍ରକାଶ ପାଇଛି। ଜଙ୍ଗଲୀ ପିକ୍ଚର୍ସ ଦ୍ୱାରା ନିର୍ମିତ 'ଦାଏରା' ଏକ ସତ୍ୟ ଘଟଣା ଉପରେ ଆଧାରିତ ରୋମାଞ୍ଚକର ଡ୍ରାମା ଫିଲ୍ମ ହୋଇଥିବାବେଳେ ଏହାର ଶୁଟିଂ ଚଳିତ ବର୍ଷର ଶେଷ ଆଡ଼କୁ ଆରମ୍ଭ ହେବ ବୋଲି ଫିଲ୍ମ ନିର୍ମାତାଙ୍କ ସୂତ୍ରରୁ ଜଣାପଡ଼ିଛି। ସୂଚନାଯୋଗ୍ୟ, ମେଘନା ପୂର୍ବରୁ 'ତଲ୍‌ୱାର', 'ରାଜୀ', 'ସାମ ବାହାଦୁର' ପରି ଅନେକ ହିଟ୍ ଫିଲ୍ମର ନିର୍ଦ୍ଦେଶନା ଦେଇସାରିଛନ୍ତି।




# ୫୦ବର୍ଷକୁ ଲକ୍ଷ୍ୟ ରଖି ୫ ବର୍ଷରେ ଯୋଜନା: ମୁଖ୍ୟମନ୍ତ୍ରୀ

**ବରଗଡ଼, ୧୮।୬(ପ୍ରେମାନନ୍ଦ ଖମାରୀ)**


ବରଗଡ଼ ସହରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ରୋଡ୍ ଶୋ'।

ଗତ ୨୪ବର୍ଷ ଭିତରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ତ ଦୂରର କଥା, ୨୪ ବର୍ଷର ସମସ୍ୟା ମଧ୍ୟ ପଡ଼ି ରହିଛି। ରାଜ୍ୟରେ ଶାସନକୁ ଆସିବା ପୂର୍ବରୁ ଭାଜପା ଯେଉଁସବୁ ପ୍ରତିଶ୍ରୁତି ଦେଇଥିଲା ତାହା ପାଳନ କରାଯିବ। ଶପଥ ପାଠ ସରିବାର ଅଳ୍ପ ସମୟ ମଧ୍ୟରେ କେତେକ ପ୍ରମୁଖ ପ୍ରତିଶ୍ରୁତିକୁ ରାଜ୍ୟ କ୍ୟାବିନେଟ୍‌ରେ ମୋହର ଲାଗିଛି। ନିର୍ବାଚନ ପୂର୍ବରୁ ଲୋକଙ୍କ କଥା ଏବଂ ଦାବିକୁ ନେଇ ଭାଜପା ସଂକଳ୍ପ ପତ୍ର ପ୍ରସ୍ତୁତ କରିଥିଲା। ଅନୁରୂପ ଭାବେ ରାଜ୍ୟବାସୀଙ୍କ ପ୍ରସ୍ତାବକୁ ନେଇ ଆଗାମୀ ବଜେଟ ପ୍ରସ୍ତୁତ ହେବ। ଏଥିପାଇଁ ସର୍ବସାଧାରଣଙ୍କ ସକାଶେ ଏକ ୱେବସାଇଟ୍ ଖୋଲାଯିବ। ଲୋକେ ସେଥିରେ ସେମାନଙ୍କ ପ୍ରସ୍ତାବ ଦେବେ ଏବଂ ତାକୁ ନେଇ ଆଗାମୀ ବଜେଟ୍ ପ୍ରସ୍ତୁତ ହେବ। ଆଗାମୀ ୫୦ବର୍ଷକୁ ଲକ୍ଷ୍ୟ ରଖି ଏହି ୫ବର୍ଷ ଭିତରେ ରାଜ୍ୟରେ କାମ ହେବ ବୋଲି ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ବରଗଡ଼ ଗସ୍ତରେ ଆସି କହିଛନ୍ତି।

ସ୍ଥାନୀୟ ଜଜ୍ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ପିଏମ୍ କିଷାନ ସମ୍ମାନ ନିଧି ଯୋଜନାର ୧୭ତମ କିସ୍ତି ସହାୟତା ବଣ୍ଟନରେ ଯୋଗଦେଇ ନିଜକୁ ପିପୁଲ୍ସ ସିଏମ୍ ବୋଲି ଅଭିହିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବରଗଡ଼ ଗସ୍ତରେ ଆସି ଡବଲ୍ ଇଞ୍ଜିନ ସରକାର ପାଇଁ ଅନୁରୋଧ କରିଥିଲେ। ସେହି ଅନୁରୋଧ ରକ୍ଷା କରି ଚାଷୀମାନେ ରାଜ୍ୟରେ ନୂଆ ସରକାରକୁ ଆଣିଛନ୍ତି। ଏହି ସରକାର ଉପରେ ଚାଷୀଙ୍କ ବହୁତ ଆଶା, ଭରସା ରହିଛି। ପ୍ରଧାନମନ୍ତ୍ରୀ ମଧ୍ୟ ଚାଷୀଭାଇମାନଙ୍କୁ ଆଗେଇ ନେବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି)କୁ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କାକୁ ବୃଦ୍ଧି ପ୍ରସ୍ତାବ ଉପରେ ରାଜ୍ୟ କ୍ୟାବିନେଟ୍‌ରେ ନିଷ୍ପତ୍ତି ନିଆଯାଇଛି। ଧାନର ଏମ୍ଏସ୍‌ପି ବର୍ତ୍ତମାନ ୨୧୮୩ ଟଙ୍କା ରହିଛି। ଭାଜପା ସରକାର ଚାଷୀଙ୍କ କ୍ଷତି ଭରଣା ପାଇଁ କୃଷକ ସମୃଦ୍ଧି ନୀତି ଯୋଜନା ଆଣି ଧାନ କୁଇଣ୍ଟାଲ ପ୍ରତି ଆହୁରି ଅଧିକ ୯୧୭ ଟଙ୍କା ଲେଖାଏ ଦେବ। ଚାଷୀମାନେ ବିକ୍ରି ହେବାର ୪୮ଘଣ୍ଟା ମଧ୍ୟରେ ଡିବିଟି ମାଧ୍ୟମରେ ଧାନ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା ଲେଖାଏ ପାଇବେ ଏବଂ କୃଷିକ୍ଷେତ୍ରର ଭିତ୍ତିଭୂମିର ବିକାଶ ମଧ୍ୟ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପିଏମ୍ କିଷାନ ସମ୍ମାନ ନିଧି ଯୋଜନାର ୧୭ତମ କିସ୍ତିରେ ମଙ୍ଗଳବାର ରାଜ୍ୟର ୩୧ଲକ୍ଷ ୬୨ହଜାର ଚାଷୀଙ୍କ ଜମାଖାତା(ବ୍ୟାଙ୍କ ଆକାଉଣ୍ଟ)କୁ ୬୩୨କୋଟି ୪୮ଲକ୍ଷ ଟଙ୍କା ଯାଇଛି।

କାର୍ଯ୍ୟକ୍ରମସ୍ଥଳରେ ଲୋକଙ୍କ ଭିଡ଼ ତୁଳନାରେ ପର୍ଯ୍ୟାପ୍ତ ଟେଣ୍ଟ ବ୍ୟବସ୍ଥା ହୋଇ ନ ଥିବାରୁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ସ୍ଥାନୀୟ ସରକାରୀ ଅଧିକାରୀଙ୍କୁ ତାଗିଦ୍ କରିଛନ୍ତି। ଆଉ ଅଫିସରରାଜ୍ ଚଳିବ ନାହିଁ। ଅଫିସରମାନଙ୍କୁ ସରକାରଙ୍କ ଆଦେଶ ମାନିବାକୁ ପଡ଼ିବ ଏବଂ ନ ମାନିଲେ ଜାଗା ଛାଡ଼ିବାକୁ ପଡ଼ିବ ବୋଲି ସେ ସତର୍କ କରି ଦେଇଛନ୍ତି। ଉଭୟ ରବି ଏବଂ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ ଚାଷୀଙ୍କୁ ବିନା କଟନିଛଟନିରେ ଧାନ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା ଲେଖାଏ ମିଳିବ ବୋଲି ସେ କହିଛନ୍ତି। ବରଗଡ଼ ଲୋକ ସଭା ଏମ୍‌ପି ପ୍ରଦୀପ ପୁରୋହିତ କହିଛନ୍ତି, ଏହି ସରକାର କୌଣସି ଆଇଏଏସ୍ କିମ୍ବା ପୁଞ୍ଜିପତି, କୋଟିପତିଙ୍କ ସରକାର ନୁହେଁ। ଚାଷୀ, ଛାତ୍ର, ମହିଳାଙ୍କ ପରାମର୍ଶରେ ଏହି ସରକାର ଚାଲିବ ଏବଂ ଆଗାମୀ ୫ବର୍ଷରେ ଓଡ଼ିଶା ଦେଶର ୧ନମ୍ବର ରାଜ୍ୟ ହେବ। ଭଟଲି ବିଧାୟକ ଇରାସିସ୍ ଆଚାର୍ଯ୍ୟ ଗରିବ, ଚାଷୀ, ଯୁବକ, ମହିଳାଙ୍କ ପାଇଁ ମୋଦି ସରକାର କାମ କରୁଛି ଏବଂ ରାଜ୍ୟରେ ବରଗଡ଼କୁ ୧ନମ୍ବର ଜିଲା କରିବା ପାଇଁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି। ଚାଷୀଭାଇମାନେ ସରକାରରେ ପରିବର୍ତ୍ତନ ଆଣିଛନ୍ତି ଏବଂ ଏହି ସରକାର ଚାଷୀଙ୍କ ବିକାଶକୁ ଅଧିକ ଗୁରୁତ୍ୱ ଦେବା ପ୍ରକ୍ରିୟା ଆରମ୍ଭ କରିଦେଇଛି ବୋଲି ଅତାବିରା ବିଧାୟକ ନୀହାର ରଞ୍ଜନ ମହାନନ୍ଦ କହିଛନ୍ତି। ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପର୍ଯ୍ୟାପ୍ତ ଡାକ୍ତର ନିଯୁକ୍ତି, ଜୀରାନଦୀରେ ଆନିକଟ୍ ନିର୍ମାଣ, ଧାନକ୍ରୟର ସୁବ୍ୟବସ୍ଥା ଏବଂ ବରଗଡ଼ରେ ମେଡିକାଲ କଲେଜ ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଡବଲ ଇଞ୍ଜିନ ସରକାରରେ ବିକାଶ ପ୍ରକ୍ରିୟା ଯଥେଷ୍ଟ ତ୍ୱରାନ୍ୱିତ ହେବ ବୋଲି ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆ କହିଛନ୍ତି। ଏହି ଅବସରରେ ଜିଲାର ଅଗ୍ରଣୀ ଚାଷୀ କୃଷ୍ଣଚନ୍ଦ୍ର ହୋତା, ଯୋଗୀନ୍ଦ୍ର ପ୍ରଧାନ, ନୀଳକଣ୍ଠ ସା, ଶ୍ୟାମଘନ ପ୍ରଧାନ, ଦେବେନ୍ଦ୍ର ସାହୁଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ଆସି ଅପରାହ୍ନ ପ୍ରାୟ ୫ଟାରେ ସ୍ଥାନୀୟ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଓହ୍ଲାଇଥିଲେ। ସେଠାରୁ ରାସ୍ତାରେ ଗାନ୍ଧୀଛକକୁ ଯାଇ ମହାତ୍ମା ଗାନ୍ଧୀ, ସ୍ୱଭାବ କବି ଗଙ୍ଗାଧର ମେହେରଙ୍କୁ ମାଲ୍ୟାର୍ପଣ ପରେ ରୋଡ୍ ଶୋ'ରେ ଭିଏସଏସ ନଗର(ବାନ୍ଧୁଟିକ୍ରା) ଛକକୁ ଯାଇ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସଭା ମଞ୍ଚକୁ ଯାଇଥିଲେ। ସନ୍ଧ୍ୟା ୭ଟା ୨୦ ମିନିଟ୍‌ରେ ସମାରୋହ ସରିଥିଲା। କାର୍ଯ୍ୟକ୍ରମରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଶ୍ରୀକାନ୍ତ ପୃଷ୍ଟି, ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲ, ପୂର୍ବତନ ବିଧାୟକ ନାଉରୀ ନାୟକ, ଭାଜପା ନେତା ଡି. ମୁରଲୀ କ୍ରିଷ୍ଣା, ସୁରେଶ୍ୱର ଶତପଥୀ, ଗୋବର୍ଦ୍ଧନ ଭୋଏ, ଡା. ଅରୂପାନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ଗୋୟଲ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ସରିବା ପରେ ମୁଖ୍ୟମନ୍ତ୍ରୀ ସ୍ଥାନୀୟ ସର୍କିଟ୍ ହାଉସକୁ ଯାଇଥିଲେ ଏବଂ ସେଠାରେ ସ୍ଥାନୀୟ ବିଭିନ୍ନ ଅନୁଷ୍ଠାନର ପ୍ରତିନିଧି, ନାଗରିକ, ବରିଷ୍ଠ ପଦାଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଏହାପରେ ସେ ଅତାବିରା ଅଭିମୁଖେ ଯାଇଥିଲେ ଏବଂ ସେଠାରେ ଅଞ୍ଚଳବାସୀ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।


ବିଧାନସଭାରେ ନିଜ ଚାମ୍ବରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ପ୍ରଥମ କରି ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଓ ଡିଜିପି ଅରୁଣ ଷଡ଼ଙ୍ଗୀଙ୍କ ସହ ଆଲୋଚନା କରିବାବେଳେ ଉପସ୍ଥିତ ଅଛନ୍ତି ୨ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ପ୍ରଭାତୀ ପରିଡ଼ା, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ।

# ହାତୀ ଆକ୍ରମଣରେ ଚାଲିଗଲା ପରିବାରର ୩ ଜୀବନ

**ଝାରବନ୍ଧ, ୧୮।୬(ଦେବେନ୍ଦ୍ର ସାହୁ)**

ବରଗଡ ଜିଲା ଝାରବନ୍ଧ ଥାନା ଅନ୍ତର୍ଗତ ସଲଡ଼ିହି ଗ୍ରାମରେ ଗୋଟିଏ ପରିବାରର ୩ଜଣଙ୍କୁ ଶୋଇଥିବା ଅବସ୍ଥାରେ ହାତୀ ଆକ୍ରମଣ କରି ମାରିଦେଇଛି। ମୃତକମାନେ ହେଲେ ବିପିନ ବରିହାଙ୍କ ସ୍ତ୍ରୀ ପାନ ବରିହା (୨୮), ଝିଅ ସୁନନ୍ଦା (୧୧) ଓ ସାନ ପୁଅ ଆଦିତ୍ୟ (୧୧)। ବିପିନଙ୍କ ସ୍ତ୍ରୀ, ୨ ପୁଅ ଓ ଗୋଟିଏ ଝିଅ ଖାଇସାରି ଘର ବାହାରେ ଶୋଇଥିଲେ। ରାତ୍ରି ପ୍ରାୟ ୧୧ଟା ସମୟରେ ବାଡ଼ିପଟୁ ଏକ ହାତୀ ପଲ ପଶିଆସି ପ୍ରଥମେ ବିପିନ ଓ ମଝିଆ ପୁଅ ଶୋଇଥିବା ଖଟକୁ ଶୁଣ୍ଢରେ ଟେକିଦେବାରୁ ବାପପୁଅ ଛିଟିକି ପଡ଼ିଥିଲେ। ହାତୀକୁ ଦେଖି ପ୍ରାଣବିକଳରେ ସେମାନେ ଦୌଡ଼ି ପଳାଇଥିଲେ। ହାତୀପଲ ଦୁଆର ମୁହଁରେ ଶୋଇଥିବା ମା' ପାନ, ଝିଅ ସୁନନ୍ଦା ଓ ସାନ ପୁଅ ଆଦିତ୍ୟଙ୍କୁ କଚାଡି ମାରି ଦେଇଥିଲେ। ଘର ଭାଙ୍ଗି ଚୂରମାର କରି ଘରେ ଥିବା ଧାନ ଖାଇ ଚାଲିଯାଇଥିଲେ। ବିପିନ ଗାଁ ଲୋକଙ୍କୁ ଡାକିଆଣି ପହଞ୍ଚିବା ବେଳକୁ ୩ଜଣଙ୍କ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ହାତୀପଲ ଗାଁର ନିଶାମଣୀ ବରିହାଙ୍କ ଘର ମଧ୍ୟ ଭାଙ୍ଗି ଧାନ ଖାଇ ଦେଇଥିବା ଜଣାପଡ଼ିଛି। ଖବର ପାଇ ଝାରବନ୍ଧ ଥାନା ଅଧିକାରୀ ଓ ବନ ବିଭାଗ ଫରେଷ୍ଟର ଗିରିରାଜ କୁମ୍ଭାର, ଡିଏଫ୍‌ଓ ବିକ୍ରମ ଦେଓ ପଟ୍ଟନାୟକ, ପାଇକମାଳ ରେଞ୍ଜର ହୃଦାନନ୍ଦ ମିଶ୍ର ପହଞ୍ଚି ଘଟଣାର ତଦନ୍ତ କରିବା ସହ ପରିବାରକୁ ସରକାରୀ ଆର୍ଥିକ ସହାୟତା ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

# ବ୍ୟାପୁଛି ଡିପ୍‌ଥେରିଆ
## ୩ ଜିଲାରେ ୨୧ ଆକ୍ରାନ୍ତ, ୫ ମୃତ

**ଭୁବନେଶ୍ୱର, ୧୮।୬(ଅସମାପିକା ସାହୁ)**

ରାଜ୍ୟରେ ବର୍ତ୍ତମାନ ଡିପ୍‌ଥେରିଆ ସଂକ୍ରମଣର ରୂପ ନେଲାଣି। ରାୟଗଡ଼ା ପରେ କୋରାପୁଟ ଓ କଳାହାଣ୍ଡି ଜିଲାକୁ ଏହି ରୋଗ ମାଡ଼ିଗଲାଣି। ବର୍ତ୍ତମାନ ସୁଦ୍ଧା ୩ ଜିଲାରେ ୨୧ ସଂକ୍ରମିତ ଚିହ୍ନଟ ହେଲେଣି। ଏହି ରୋଗରେ ରାୟଗଡ଼ାରୁ ୫ ଜଣଙ୍କର ମୃତ୍ୟୁ ହୋଇ ସାରିଥିବା ବେଳେ ଜଣେ ଗୁରୁତର ଅଛନ୍ତି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର କହିଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରୁ ରାୟଗଡ଼ାରୁ ୧୫ଜଣ ରହିଥିବା ବେଳେ କୋରାପୁଟ ବନ୍ଧୁଗାଁରୁ ଜଣେ ଓ କଳାହାଣ୍ଡିରୁ ୫ଜଣ ସନ୍ଦିଗ୍ଧ ଡିପ୍‌ଥେରିଆ ରୋଗୀ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ନମୁନା ପରୀକ୍ଷା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଆର୍‌ଏମ୍‌ଆର୍‌ସିକୁ ପଠାଯାଇଛି। ବନ୍ଧୁଗାଁରୁ ଚିହ୍ନଟ ରୋଗୀଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି। ଏକ ସ୍ୱତନ୍ତ୍ର ଟିମ୍ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ମନିଟର କରୁଛି। ସେହିଭଳି କଳାହାଣ୍ଡିର ସଂକ୍ରମିତଙ୍କୁ ଭବାନୀପାଟଣା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ତେବେ ରାୟଗଡ଼ାରେ ସ୍ଥିତି ଏବେ ସ୍ଥିର ରହିଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ଆଗ୍ରା, ହାଇଦ୍ରାବାଦରୁ ଆଣ୍ଟି ଡିପ୍‌ଥେରିଆଲ ସିରମ ଅଣାଯାଇ ଆକ୍ରାନ୍ତଙ୍କୁ ଦିଆଯାଉଛି। ସଂକ୍ରମଣର ମୁକାବିଲା ପାଇଁ ୩ ଜିଲାରେ ସ୍ୱାସ୍ଥ୍ୟ ବିଭାଗ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍‌ଓ) ଟିମ୍ ମିଳିତ ଭାବେ ଗାଁ ଗାଁ ବୁଲି ସ୍ଥିତିର ଅନୁଧ୍ୟାନ କରୁଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି। ଆଣ୍ଟିବାୟୋଟିକ ଦ୍ୱାରା ଏହି ସଂକ୍ରମଣକୁ ମୂଳପୋଛ କରାଯାଇପାରିବ। ଏହା ବାୟୁ ଦ୍ୱାରା ସଂକ୍ରମିତ ହେଉଥିବାରୁ ସଂକ୍ରମଣ ରୋକିବାକୁ ପ୍ରଭାବିତ ଅଞ୍ଚଳର ଲୋକମାନେ ମାସ୍କ ପିନ୍ଧିବା ସହ ହାତ ଧୋଇବା ଭଳି ନିୟମ ପାଳନ ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଥିବା ଡା. ମିଶ୍ର କହିଛନ୍ତି।

### ଆଜିଠୁ କାଶୀପୁରରେ ବୁଷ୍ଟର ଡୋଜ୍ ଟିକା

ଡିପ୍‌ଥେରିଆ ସଂକ୍ରମଣ ବଢ଼ିବା ପରେ ସ୍ୱାସ୍ଥ୍ୟ ବିଭାଗ ଏକ ବଡ଼ ପଦକ୍ଷେପ ନେଇଛି। ରାୟଗଡ଼ା କାଶୀପୁରରେ ବୁଧବାରଠାରୁ ଡିପ୍‌ଥେରିଆ ବୁଷ୍ଟର ଡୋଜ୍ ଟିକା ଦିଆଯିବ। ଏକବର୍ଷ ବୟସ ମଧ୍ୟରେ ଥିବା ଶିଶୁଙ୍କୁ ପେଣ୍ଟା ଡୋଜ୍ ଓ ୫ରୁ ୧୫ବର୍ଷ ବୟସ୍କଙ୍କୁ ଟିଡି ଡୋଜ୍ ଦିଆଯିବ। ସର୍ଭେଲାନ୍ସ ସରିବା ପରେ ସଂକ୍ରମଣ ହୋଇଥିବା ଅନ୍ୟ ଅଞ୍ଚଳରେ ବୁଷ୍ଟର ଡୋଜ୍ ଦିଆଯିବ। ଏବେ ଗାଇଡ୍‌ଲାଇନ ଅନୁସାରେ ସଂକ୍ରମଣ ଅଞ୍ଚଳରେ ସର୍ଭେଲାନ୍ସ ଚାଲିଛି। ଲକ୍ଷଣ ଥିବା ବ୍ୟକ୍ତିଙ୍କୁ ଆଣ୍ଟିବାୟୋଟିକ ଦିଆଯାଇଛି। ଆଗକୁ ଗଜପତି, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ମାଲକାନଗିରିରେ ସର୍ଭେଲାନ୍ସ ହେବ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶିକା ଡା. ସଂଯୁକ୍ତା ସାହୁ ସୂଚନା ଦେଇଛନ୍ତି।

### 'ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅ'

ଡିପ୍‌ଥେରିଆ ଏକ ଜୀବାଣୁ ବାହିତ ରୋଗ। ଏଥିରେ ଜ୍ୱର, କାଶ, ଛିଙ୍କ, ଗଳା ଫୁଲିବା ସହିତ ତଣ୍ଟି ବିନ୍ଧା ହୋଇଥାଏ। କରୋନା ଭଳି ଏହା ସଂକ୍ରମିତ ହୋଇଥାଏ। ରୋଗୀର ଲାଳ, ଛିଙ୍କ କିମ୍ବା ରୋଗୀ ବ୍ୟବହାର କରୁଥିବା କପଡ଼ା ସଂସ୍ପର୍ଶରେ ଆସିଲେ ଏହି ରୋଗ ବ୍ୟାପିଥାଏ। ଛୋଟପିଲା ଏବଂ ବୟସ୍କମାନଙ୍କୁ ଅଧିକ ହେବାର ଆଶଙ୍କା ଥାଏ। ଏଥିରେ ଗଳା କିମ୍ବା ନାକ ଭିତରେ ଏକ ପାଉଁଶିଆ ରଙ୍ଗର ପରଦା ପଡ଼ିଯାଏ। ଫଳରେ ଶ୍ୱାସନଳୀରେ ପ୍ରଭାବ ପକାଏ। ରୋଗୀକୁ ନିଃଶ୍ୱାସପ୍ରଶ୍ୱାସ ନେବାରେ ଅସୁବିଧା ହୋଇଥାଏ। ସେହିପରି ଏହା ଶରୀରରେ ଟକ୍ସିନ ସୃଷ୍ଟି କରିଥାଏ। ସେହି ଟକ୍ସିନ ରକ୍ତରେ ମିଶିଗଲେ ରୋଗୀ ଗୁରୁତର ହୋଇପଡେ। ଏହା ହାର୍ଟ ଏବଂ ନର୍ଭସ ସିଷ୍ଟମ ଉପରେ ପ୍ରଭାବ ପକାଇଥାଏ। ରୋଗୀ ପାରାଲିସିସ ହେବାର ବି ସମ୍ଭାବନା ରହିଥାଏ। ତେଣୁ ଏହାକୁ ହାଲୁକା ଭାବେ ନେବା ଉଚିତ ନୁହେଁ। ଏହାର ନିରାକରଣ ଅଛି। ଥଣ୍ଡା, ଜ୍ୱର ଅଧିକ ଦିନ ରହିଲେ, ଗଳା ଫୁଲିବା ସହିତ ଅତ୍ୟଧିକ ଯନ୍ତ୍ରଣା ହେଉଥିଲେ, ସଙ୍ଗେ ସଙ୍ଗେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ। ଏଥିପାଇଁ ଆଣ୍ଟିବାୟୋଟିକ ଅଛି। ସେହିଭଳି ଏହାର ପ୍ରାକ୍ ସାବଧାନତା ପାଇଁ ଟିକା ମଧ୍ୟ ନେଇପାରିବେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. ନିରୋଜ ମିଶ୍ର କହିଛନ୍ତି।

# ସ୍କୁଟି ଋଣ ପ୍ରଦାନରେ ଦୁର୍ନୀତି

**ଯାଜପୁର, ୧୮।୬(ହର୍ଷବର୍ଦ୍ଧନ ବେହେରା)**

## ଯାଜପୁର ଡିଆର୍‌ସିଏସ୍‌ଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଲେ ଆରସିଏସ୍

କଟକ ସେଣ୍ଟ୍ରାଲ କୋପରେଟିଭ ବ୍ୟାଙ୍କରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ସଭ୍ୟାମାନଙ୍କୁ ସ୍କୁଟି ଋଣ ପ୍ରଦାନରେ ବ୍ୟାପକ ଦୁର୍ନୀତି ହୋଇଛି। ଏହିମର୍ମରେ ୨।୪।୨୦୨୪ରେ ଅଞ୍ଚଳର ସାମାଜିକ କର୍ମୀ ଓ ଶିକ୍ଷାବିତ୍‌ମାନଙ୍କ ନିଜସ୍ୱ ଅଭିଯୋଗ କ୍ରମେ ଓଡ଼ିଶା ସେବା ସମବାୟ ସମିତିର ନିବନ୍ଧକ(ଆରସିଏସ୍)ଙ୍କ କାର୍ଯ୍ୟାଳୟର ଯୁଗ୍ମ ସଚିବ ତାଙ୍କ ପତ୍ରସଂଖ୍ୟା ୧୦୬୦୩/୧୩।୬।୨୦୨୪ରେ ତୁରନ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ଯାଜପୁର ଡିଭିଜନର ଡେପୁଟି ରେଜିଷ୍ଟ୍ରାର କୋପରେଟିଭ ସୋସାଇଟି (ଡିଆରସିଏସ)ଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି।

ଅଞ୍ଚଳବାସୀଙ୍କ ପକ୍ଷରୁ ହୋଇଥିବା ଅଭିଯୋଗ ଅନୁଯାୟୀ, କଟକ ସେଣ୍ଟ୍ରାଲ ବ୍ୟାଙ୍କର ବିଞ୍ଝାରପୁର ଶାଖା କାର୍ଯ୍ୟାଳୟରେ ୨ ଜଣ ଅଧିକାରୀ ୩୪ ବର୍ଷ ଧରି ଗୋଟିଏ ସ୍ଥାନରେ କାର୍ଯ୍ୟରତ ଅଛନ୍ତି। ସେମାନଙ୍କ ଜଣେ ସମ୍ପର୍କୀୟ ମଧ୍ୟ କଟକ ସେଣ୍ଟ୍ରାଲ ବ୍ୟାଙ୍କର ମୁଖ୍ୟ ଶାଖାରେ ଅବସ୍ଥାପିତ ଅଛନ୍ତି। ସରକାରଙ୍କ ନିୟମ ଅନୁସାରେ ଯେ କୌଣସି କର୍ମଚାରୀ ଗୋଟିଏ ସ୍ଥାନରେ ୩ ବର୍ଷରୁ ଅଧିକ ସମୟ ରହିଥିଲେ ସେଠାରୁ ବଦଳି କରାଯିବା କଥା। କିନ୍ତୁ ବିଞ୍ଝାରପୁର ଶାଖାରେ ଏହାର ବ୍ୟତିକ୍ରମ ଘଟିଛି। କଟକ ବ୍ୟାଙ୍କର କେତେଜଣ ଅଧିକାରୀ ଓ କର୍ମଚାରୀଙ୍କୁ ହାତ କରି ଚାଷୀଙ୍କ ଋଣ ଅର୍ଥ, ବୀମା ଇତ୍ୟାଦି ସହାୟତା ରାଶି ପ୍ରଦାନରେ ବ୍ୟାପକ କମିଶନି କାରବାର ହୋଇଛି। ଋଣ ଆବେଦନକାରୀଙ୍କଠାରୁ ୫ ହଜାରରୁ ୭ ହଜାର ଟଙ୍କା ନେଇ ୨୦୦ ସ୍କୁଟି ଋଣ ପ୍ରଦାନରେ ପ୍ରାୟ ୧୫ ଲକ୍ଷ ଟଙ୍କା ବେଆଇନ ଭାବେ ଆଦାୟ ହୋଇଛି। କମିଶନ ନ ଦେଲେ ସ୍କୁଟି ଋଣ ପ୍ରଦାନ କରାଯିବ ନାହିଁ ବୋଲି କଟକ ସେଣ୍ଟ୍ରାଲ ବ୍ୟାଙ୍କର ସଂପୃକ୍ତ ଅଧିକାରୀ ଜଣକ ଖୋଲାଖୋଲି କହୁଥିବା ଅଭିଯୋଗ ହୋଇଛି।

ଅଭିଯୋଗରେ ଆହୁରି ଦର୍ଶାଯାଇଛି ଯେ, ଦଶରଥପୁର ଶାଖାରୁ ଚଳିତ ରବି ଚାଷ ଋଣ ପ୍ରଦାନରେ ସଂପୃକ୍ତ ଅଧିକାରୀ ଜଣକ ପ୍ରାୟ ୮୪ ଲକ୍ଷ ଟଙ୍କା ରୋଜଗାର କରିଛନ୍ତି। ଏନେଇ ପୂର୍ବରୁ ଅର୍ଥାତ ୨୫।୩।୨୦୨୪ରେ ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। କିନ୍ତୁ ଉକ୍ତ ଅଭିଯାଗର ୨ ମାସ ପରେ ଆରସିଏସ୍ ପକ୍ଷରୁ ଯୁଗ୍ମ ନିବନ୍ଧକ ତାଙ୍କ ପତ୍ରସଂଖ୍ୟା ୯୯୫୧/୨୧।୫।୨୦୨୪ରେ ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କଟକ ସେଣ୍ଟ୍ରାଲ କୋପରେଟିଭ ବ୍ୟାଙ୍କର ମୁଖ୍ୟ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏଯାଏ ସେହି ନିର୍ଦ୍ଦେଶ ଅନୁଯାୟୀ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଜଣାପଡିଛି।

# ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ୨୨ ଅଫିସରଙ୍କୁ ବଦଳି

**ଭୁବନେଶ୍ୱର, ୧୮।୬(ଅନିଲ ଦାସ)**

ସରକାର ବଦଳିବା ପରେ ନୂଆ ସରକାର ବିଭିନ୍ନ ବିଭାଗରେ ଦୀର୍ଘବର୍ଷ ଧରି ଥିବା ଅଫିସରମାନଙ୍କୁ ଅନ୍ୟ ବିଭାଗକୁ ବଦଳି କରିବା ପ୍ରକ୍ରିୟା ଆରମ୍ଭ କରିଛନ୍ତି। ନୂଆ ମୁଖ୍ୟମନ୍ତ୍ରୀଙ୍କୁ ତୃତୀୟ ମହଲା ଆବଣ୍ଟିତ ହେବା ପରେ ସେଠାରେ ଥିବା ସଚିବାଳୟ ସେବା କ୍ୟାଡରର ୨୨ ଜଣ ଅଫିସରଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ସେମାନଙ୍କ ମଧ୍ୟରେ ରହିଛନ୍ତି ଜଣେ ଡେପୁଟି ସେକ୍ରେଟାରିଙ୍କ ସମେତ ୬ ଜଣ ସେକ୍ସନ ଅଫିସର, ୧୫ ଜଣ ଏଏସ୍‌ଓ। ଏହି ସମସ୍ତ ଅଫିସରଙ୍କୁ ସଂସଦୀୟ ବ୍ୟାପାର, ଯୋଜନା ଓ ସଂଯୋଜନ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ବଦଳି କରାଯାଇଛି। ଏ ନେଇ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି।

# ବର୍ଷା ଆଣିଲା ଆଶ୍ୱସ୍ତି

**ଭୁବନେଶ୍ୱର, ୧୮।୬ (ଅନୁରାଧା ମହାରଣା)**

ମଙ୍ଗଳବାର ପୂର୍ବାହ୍ନରେ ପ୍ରବଳ ଖରା ଓ ଗୁଳୁଗୁଳି ଅନୁଭୂତ ହୋଇଥିଲେ ମଧ୍ୟ ଅପରାହ୍ନରେ ଉପକୂଳ ସମେତ ରାଜ୍ୟର କେତେକ ଜିଲାରେ ପ୍ରବଳ ବର୍ଷା ହୋଇଛି। ଫଳରେ ସେସବୁ ଜିଲାରେ ତାତିରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। କଟକରେ ସର୍ବାଧିକ ୨୩.୦ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ଭୁବନେଶ୍ୱରରେ ୧୦.୨, ଢେଙ୍କାନାଳରେ ୧୬.୨, ଖୋର୍ଦ୍ଧାରେ ୩.୦ ଏବଂ କେନ୍ଦ୍ରାପଡ଼ାରେ ୨.୦ ମିମି ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ତେବେ ବର୍ଷାର ପରିମାଣ, ପବନର ଦିଗ ଓ ତାପମାତ୍ରାରେ ହ୍ରାସ ମୌସୁମୀ ଅଗ୍ରସର ହେବାର ସମ୍ଭାବନା ବୃଦ୍ଧି କରାଇଛି। ଦକ୍ଷିଣ ଓଡ଼ିଶା ସମେତ ଅଧିକାଂଶ ଅଞ୍ଚଳରେ ମୌସୁମୀ ବର୍ଷା ସାଙ୍ଗକୁ ପାଗ ମେଘୁଆ ରହିଛି। ବୁଧବାରଠାରୁ ବର୍ଷାର ବିସ୍ତୃତି ସହ ପରିମାଣ ମଧ୍ୟ ବଢ଼ିବ। ଅଧିକାଂଶ ଅଞ୍ଚଳରେ ପ୍ରଚୁର ପରିମାଣରେ ବର୍ଷା ହେବ। ବୁଧବାର ଘଡଘଡି ସହ ବର୍ଷା ନେଇ ୨୭ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଯାଜପୁର, କଟକ, ପୁରୀ, ଖୋର୍ଦ୍ଧା, ଗଞ୍ଜାମ, ଜଗତ୍‌ସିଂହପୁର, ଅନୁଗୋଳ, ବୌଦ୍ଧ, ସୁବର୍ଣ୍ଣପୁର, ନୟାଗଡ, କେନ୍ଦୁଝର ଆଦି ଜିଲାକୁ ସତର୍କ ସୂଚନା ଜାରି କରାଯାଇଛି। ଅନ୍ୟପକ୍ଷରେ ପଶ୍ଚିମ ଓଡ଼ିଶାରେ ତାତି ଜାରି ରହିଛି। ମଙ୍ଗଳବାର ନୂଆପଡ଼ାରେ ସର୍ବାଧିକ ୪୩ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରହିଥିବାବେଳେ ବଲାଙ୍ଗୀରରେ ୪୧. ୫ ଡିଗ୍ରୀ, ବୌଦ୍ଧ ୪୧.୨ ଡିଗ୍ରୀ, ଭବାନୀପାଟଣା ଓ ଟିଟିଲାଗଡ଼ରେ ୪୧ ଡିଗ୍ରୀ, ପାରଳାଖେମୁଣ୍ଡି ଓ ସୋନପୁରରେ ୪୦.୭ ଡିଗ୍ରୀ, ଝାରସୁଗୁଡ଼ା ୪୦. ୬ ଡିଗ୍ରୀ ଓ ଢେଙ୍କାନାଳରେ ୪ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ ହୋଇଛି।

# ୩୧୦ କିଲୋର ଶାଙ୍କୁଚ ୬୬ ହଜାର ଟଙ୍କାରେ ବିକ୍ରି

**ପାରାଦୀପ, ୧୮।୬(ଶରତ ରାଉତ)**



ପାରାଦୀପ ସଂଲଗ୍ନ ନୂଆଗଡ ପଞ୍ଚାୟତ ସୀମାର ମହାନଦୀରୁ ମତ୍ସ୍ୟଜୀବୀମାନେ ମଙ୍ଗଳବାର ଏକ ବିଶାଳକାୟ ଶାଙ୍କୁଚ ମାଛ ଧରିଛନ୍ତି। ଏହାର ଓଜନ ୩ କୁଇଣ୍ଟାଲ ୧୦ କିଲୋ ହୋଇଥିବାବେଳେ ୬୬ ହଜାର ଟଙ୍କାରେ ଦୀଘାର ଜଣେ ବ୍ୟବସାୟୀଙ୍କୁ ବିକ୍ରି କରାଯାଇଛି। ମତ୍ସ୍ୟଜୀବୀ ରଞ୍ଜନ ବେହେରା ଛୋଟ ଡଙ୍ଗାରେ ମାଛ ଧରୁଥିଲେ। ଜାଲରେ ଏହିମାଛ ଲାଗିଲା ପରେ ତାକୁ ଉଠାଇବା ସମ୍ଭବ ନ ଥିଲା। ଆଖପାଖର ମତ୍ସ୍ୟଜୀବୀମାନଙ୍କୁ ଡାକି ମାଛକୁ କୂଳକୁ ଆଣିଥିଲେ।

**ଆଜିର ମନ୍ତବ୍ୟ**

"କୃଷି ଭାରତୀୟ ଅର୍ଥନୀତିର ମେରୁଦଣ୍ଡ ଓ କୃଷକମାନଙ୍କ ଆତ୍ମା। ଆମ ପାଇଁ ଚାଷୀମାନେ ଭଗବାନ। ସେମାନଙ୍କ ସେବା କରିବା ଭଗବାନଙ୍କ ପୂଜା ସଦୃଶ।
– ଶିବରାଜ ସିଂ ଚୌହାନ, କେନ୍ଦ୍ର କୃଷିମନ୍ତ୍ରୀ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶା ପ୍ରଦେଶ ୟୁଥ୍ କଂଗ୍ରେସ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: କଂଗ୍ରେସ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ସ୍କାଇଲ, ଓଡ଼ିଶା ଫେଡେରେଶନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବୁଲନ ଭାଇ ସେବା ସଦନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସତ୍‌ସଙ୍ଗର ଶ୍ରୀଶ୍ରୀଆଚାର୍ଯ୍ୟଦେବଙ୍କ ଜନ୍ମତିଥି ଅବସରରେ ସତ୍‌ସଙ୍ଗୀ ସାମ୍ବାଦିକ ସାମ୍ମୁଖ୍ୟ ପକ୍ଷରୁ ଅନାଥାଶ୍ରମର ପିଲାଙ୍କୁ ପାଠପଢା ସାମଗ୍ରୀ ଓ ମିଷ୍ଟାନ୍ନ ବଣ୍ଟନ, ସ୍ଥାନ: କଣ୍ଟାବାଡ଼ସ୍ଥିତ 'ଆଦୃତା' ଅନାଥାଶ୍ରମ ପରିସର, ସମୟ: ଅପରାହ୍ନ ୪ଟା।
- ବିଦ୍ୟାଧନ ଓଡ଼ିଶା ସ୍କଲାରଶିପର ଖବରଦାତା ସମ୍ମିଳନୀ, ସ୍ଥାନ: ପ୍ରେସ କ୍ଲବ ଅଫ୍ ଓଡ଼ିଶା, ସମୟ: ଅପରାହ୍ନ ୪ଟା।
- ନ୍ୟୁ ବ୍ରାଇଡ୍ ଇଣ୍ଡିଆ ଏବଂ ଓଡ଼ିଶା ଷ୍ଟେଟ ମ୍ୟୁଜିୟମ୍ ମିଳିତ ଆନୁକୂଲ୍ୟରେ ଆର୍ଟ ଏକ୍ସଜିବିଶନ 'ବଏ ଡ୍ୟାମ୍ବର', ସ୍ଥାନ: ଓଡ଼ିଶା ଷ୍ଟେଟ ମ୍ୟୁଜିୟମ୍ ଆର୍ଟ ଗ୍ୟାଲେରୀ, ସମୟ: ଅପରାହ୍ନ ୪ଟା ୩୦।
- ଦିବାକର ମିଶ୍ର ଗନ୍ଧର୍ବ କଳା ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- କଟକ ମ୍ୟୁନିସିପାଲ କର୍ପୋରେଶନ ଅଞ୍ଚଳର ନବ ନିର୍ବାଚିତ ଲୋକପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା ଓ ସମୀକ୍ଷା ବୈଠକ, ସ୍ଥାନ: ବିଜୁ ଭବନ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ପୁରୀ

- ଦଇତାପତି ନିଯୋଗ ଶ୍ରୀମନ୍ଦିର ବନ୍ଧୁମିଳନ, ସ୍ଥାନ: ବ୍ରଜଗଡ଼, ଅମୀନ ଜାଗା, ସମୟ: ଅପରାହ୍ନ ୧ଟା।
- ପୁରୀ ଜିଲା ଓ ନିମାପଡ଼ା ବ୍ଲକ ପାଇକ ଆଖଡ଼ା ମହାସଂଘ ପକ୍ଷରୁ ପାଇକ ସମ୍ମିଳନୀ ୨୦୨୪, ସ୍ଥାନ: ମାଣିଅଞ୍ଚ ଗ୍ରାମ ପ୍ରାଙ୍ଗଣ, ନିମାପଡ଼ା ବ୍ଲକ, ସମୟ: ଅପରାହ୍ନ ୪ଟା।
- ଶ୍ରୀଜଗନ୍ନାଥ ଭକ୍ତ ସମାଜ ଟ୍ରଷ୍ଟ ପକ୍ଷରୁ ପ୍ରଥମ ବାର୍ଷିକ ମହୋତ୍ସବ, ସ୍ଥାନ: ହୋଟେଲ ଜ୍ୟୋତି, ସମୟ: ଅପରାହ୍ନ ୫ଟା ୩୦।

## ଖୋର୍ଦ୍ଧା

- ମା'କୁଣ୍ଡାଖାଇ ଯୁବକ ସଂଘ ପକ୍ଷରୁ ଚାରାରୋପଣ, ସ୍ଥାନ: ମା'ବାଉତୀ ଦେବୀଙ୍କ ମନ୍ଦିର ପରିସର, ରାଣୋଳ, ବୋଲଗଡ଼, ସମୟ: ସକାଳ ୭ଟା।
- ଶିଶୁ ଶ୍ରମିକ ନିରୋଧ ସଚେତନତା ରଥ ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା, ସମୟ: ସକାଳ ୯ଟା ୩୦।

## ବାଲେଶ୍ୱର

- ଧାନଚାଷର ଓଦା–ଶୁଖିଲା ଜଳ ପରିଚାଳନା ଲାଗି ଚାଷୀ ସମାବେଶ, ସ୍ଥାନ: ଖୁସି ପ୍ଲାଜା, ଜଳେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ

- ୫୦ ବାତ୍ୟା ଆଶ୍ରୟସ୍ଥଳରେ ସାମୂହିକ ଅଭ୍ୟାସ କାର୍ଯ୍ୟକ୍ରମ, ସ୍ଥାନ: ବାସୁଦେବପୁର, ସମୟ: ସକାଳ ୯ଟା।
- ଆଶ୍ରୟସ୍ଥଳସ୍ତରୀୟ ମକ୍‌ଡ୍ରିଲ, ସ୍ଥାନ: ଦହପାଣିଆ, ବାହାବଳପୁର, ସୟା, ତିଆଡ଼ିସାହି, ଗୋବିନ୍ଦପୁର, ଶ୍ୟାମସୁନ୍ଦରପୁର, ତିହିଡ଼ି, ସମୟ: ସକାଳ ୯ଟା।
- ଦିବଂଗତ ଯାତ୍ରା କଳାକାର ଖଗେନ୍ଦ୍ର ପ୍ରସାଦ ବାରିକ୍‌ଙ୍କ ପ୍ରଥମ ସ୍ମୃତି ସମାରୋହ ଓ ଶ୍ରାଦ୍ଧ ଦିବସ, ସ୍ଥାନ: ବିନାୟକପୁର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଆଶ୍ରୟସ୍ଥଳସ୍ତରୀୟ ମକ୍‌ଡ୍ରିଲ, ସ୍ଥାନ: ମଣିନାଥପୁର, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ବାତ୍ୟା ଆଶ୍ରୟସ୍ଥଳରେ ଏନ୍‌ଡିଆର୍‌ଏଫ୍ ଟିମ୍ ଦ୍ୱାରା ମକ୍‌ଡ୍ରିଲ, ସ୍ଥାନ: ବମକୁରା, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ

- ଯୋଗାଭ୍ୟାସ ଶିବିର, ସ୍ଥାନ: ଷ୍ଟେଶନ ବଜାର ପଡ଼ିଆ, ସମୟ: ପ୍ରାତଃ ୫ଟା୧୫।
- କୈବଲ୍ୟ ଚୈତନ୍ୟ ଶ୍ରୀପାଦୁକା ମଧୁସ୍ନାନ ଓ ବ୍ରହ୍ମ ଯଜ୍ଞର କଳସ ଯାତ୍ରା, ସ୍ଥାନ: ଅଚ୍ୟୁତ ଗୁପ୍ତ ବ୍ରହ୍ମ ସଂଘ, କ୍ଷିତିଜ୍ୟୋତି ଆଶ୍ରମ, ବାରିପଦା, ସମୟ: ସକାଳ ୮ଟା।

## କେନ୍ଦୁଝର

- ବିଶ୍ୱ ସିକଲ୍‌ସେଲ୍ ରୋଗ ସଚେତନତା ଦିବସ, ସ୍ଥାନ: ସଦର ବ୍ଲକ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ରାଙ୍କି, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ଟା।
- ବାତ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ, ସ୍ଥାନ: ଆମ୍ବୋ, ଆଇତିପୁର, ହାବଳେଶ୍ୱର ପଞ୍ଚାୟତ, ହାଟଡିହୀ, ସମୟ: ପୂର୍ବାହ୍ନ ୧୦ଟା।
- ରଥ ଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ: କେନ୍ଦୁଝର ଦରବାର ହଲ୍, ସମୟ: ମଧ୍ୟାହ୍ନ ୧୨ଟା୩୦।
- ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ, ସ୍ଥାନ: ହାଟଡିହୀ ବ୍ଲକ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।
- ବଡ଼ବିଲ୍‌ର ବିକାଶ ନିମନ୍ତେ ବୈଠକ, ସ୍ଥାନ: ଟାଉନ ହଲ୍, ବଡ଼ବିଲ, ସମୟ: ଅପରାହ୍ନ ୫ଟା।
- ଆନନ୍ଦପୁର ବିଧାୟକଙ୍କ ହାଟଡିହୀ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରେ ବୈଠକ, ସ୍ଥାନ: ହାଟଡିହୀ, ସମୟ: ଅପରାହ୍ନ ୫ଟା।

## ବ୍ରହ୍ମପୁର

- ବିଶ୍ୱ ସିକଲ୍ ସେଲ ଦିବସ ପାଳନ, ସ୍ଥାନ: ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଗଞ୍ଜାମ

- ମା ଫୁଲକେଶିନୀ ଠାକୁରାଣୀଙ୍କ ଯାତ୍ରା, ସପ୍ତଠାକୁରାଣୀଙ୍କ ଆବାହନ, ଘଟପୂଜାର୍ଚ୍ଚନା ଓ ହୋମଯଜ୍ଞ, ସ୍ଥାନ: ଲାଲାଗୋର୍ଜି ଛକ, ଆସିକା, ସମୟ: ସକାଳ ୭ଟା।
- ବିପର୍ଯ୍ୟୟ ପ୍ରଶମନ ମକ୍‌ଡ୍ରିଲ୍, ସ୍ଥାନ: ଆସିକା ବ୍ଲକ ଜଗଦଳପୁର ବାତ୍ୟା ଆଶ୍ରୟସ୍ଥଳୀ, ସମୟ: ସକାଳ ୯ଟା।

## ରାୟଗଡ଼ା

- ସିକଲସେଲ ଦିବସ ପାଳନ, ସ୍ଥାନ: ୟୁପିଏଚସି–୧, ରାୟଗଡା, ସମୟ: ସକାଳ ୯ଟା।
- ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପାଇଁ ମକ୍‌ଡ୍ରିଲ୍, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, କୋଲନରା, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ଜୈବିକ ପଦ୍ଧତିରେ ଅଦା ଚାଷ ନେଇ କୃଷକଙ୍କୁ ତାଲିମ, ସ୍ଥାନ: କୋରାପୁଟ ବ୍ଲକ ମହାଦେଇପୁଟ କ୍ଲଷ୍ଟର, ସମୟ: ପୂର୍ବାହ୍ନ ୧୦ ଟା।
- ଶିଶୁ ଶ୍ରମିକ ବିରୋଧରେ ସଚେତନତା ମୋବାଇଲ ଭ୍ୟାନ ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ ଟା ୩୦।
- ଭାରତମାଳା ଜାତୀୟ ରାଜପଥ ପ୍ରକଳ୍ପ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ ଟା।

## ନବରଙ୍ଗପୁର

- ଶିଶୁ ଶ୍ରମିକ ସଚେତନତା ରଥ ଶୁଭାରମ୍ଭ, ସ୍ଥାନ: ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ : ସକାଳ ୭ଟା ୩୦।
- ସିକଲ୍ ସେଲ ସଚେତନତା ଦିବସ, ସ୍ଥାନ: ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନା, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ପତଞ୍ଜଳି ଯୋଗ ସମିତିର ଯୋଗ ଶିବିର, ସ୍ଥାନ: ସହଯୋଗ ନଗରସ୍ଥିତ ରାଧାକୃଷ୍ଣ ମନ୍ଦିର, ସମୟ: ପ୍ରାତଃ ୫ଟା।
- ସମ୍ବଲପୁର ମହାନଗର ନିଗମ ଆୟୁକ୍ତଙ୍କ ପରିଦର୍ଶନ, ସ୍ଥାନ: ଗୁରୁ ସତ୍ୟନାରାୟଣ ଉଦ୍ୟାନ, ସମୟ : ଅପରାହ୍ନ ୪ଟା।
- ଜୁହାର ପରିବାର ପକ୍ଷରୁ ଆମ୍ବଭୋଜି, ସ୍ଥାନ: ଶ୍ରୀଅରବିନ୍ଦ ସ୍କୁଲ ପରିସର, ସମୟ: ଅପରାହ୍ନ ୫ଟା ୩୦।
- ସାଓଲିନ କୁଙ୍ଗ୍ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ : ଅପରାହ୍ନ ୫ଟା୩୦।

## ବଲାଙ୍ଗୀର

- ଜଙ୍ଗଲ ଜୀବନ ସୁରକ୍ଷା ଅଭିଯାନ ପକ୍ଷରୁ ପରିବେଶ ସଚେତନତା ସମ୍ପର୍କିତ ଆଲୋଚନା , ସ୍ଥାନ: ତୁଳସୀନଗର, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା।

## ସୁବର୍ଣ୍ଣପୁର

- ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା ପାଇଁ ଜିଲାର ୬ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳରେ ମକ୍‌ଡ୍ରିଲ, ସ୍ଥାନ: ସୋନପୁର ପାଲ୍ଲିନିବାସ ସ୍ଥିତ ବାତ୍ୟା ଆଶ୍ରୟ ସ୍ଥଳ, ସମୟ: ସକାଳ ୯ଟା।
- ପ୍ରାକୃତିକ ବିପର୍ଯ୍ୟୟ ପାଇଁ ମକ୍‌ଡ୍ରିଲ, ସ୍ଥାନ: ଟିକ୍ରାପଡା, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା

- ବେଦବ୍ୟାସ ଗୁରୁକୁଳ ଆଶ୍ରମରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, ସ୍ଥାନ: ବେଦବ୍ୟାସ, ସମୟ: ପୂର୍ବାହ୍ନ ୧୦ଟା।
- ରାଉରକେଲା ବୁଦ୍ଧିଜୀବୀ ସମ୍ମିଳନୀ, ସ୍ଥାନ: ରାଉରକେଲା କ୍ଲବ, ସେକ୍ଟର–୨୦, ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା

- ରୁଦ୍ରାଭିଷେକ ସହ ପୂଜାର୍ଚ୍ଚନା, ସ୍ଥାନ: ସହରସ୍ଥିତ ଝାଡେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା।
- ମହିଳା ସଶକ୍ତୀକରଣ ପାଇଁ ବୈଠକ, ସ୍ଥାନ: ଶ୍ରୀପୁର ଗ୍ରାମ, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱତନ୍ତ୍ର ପୂଜାର୍ଚ୍ଚନା କାର୍ଯ୍ୟକ୍ରମ, ସ୍ଥାନ: ସହରସ୍ଥିତ ଗଣେଷ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼

- ସିଆରସିସିଙ୍କ ପ୍ରଶିକ୍ଷଣ କର୍ମଶାଳା, ସ୍ଥାନ: ଜିଲା ଶିକ୍ଷା ଶିକ୍ଷଣ ପ୍ରତିଷ୍ଠାନ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ସାମ୍ବାଦିକ ସଂଘର ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ଝାରବନ୍ଧ, ସମୟ: ପୂର୍ବାହ୍ନ ୧୦ଟା।
- ନୂତନ ରଥଚକ ପୂଜା, ସ୍ଥାନ: ବିଜାଢ଼ୋଲ ଜଗନ୍ନାଥ ମନ୍ଦିର, ଝାରବନ୍ଧ, ସମୟ: ପୂର୍ବାହ୍ନ ୧୧ଟା।

## ସୁନ୍ଦରଗଡ଼

- ସିକଲସେଲ ଦିବସ ପାଳନ, ସ୍ଥାନ: ସରକାରୀ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ, ସୁନ୍ଦରଗଡ଼, ସମୟ: ପୂର୍ବାହ୍ନ: ୧୦ଟା।

## ଦେବଗଡ଼

- ମା' ରମ୍ଭାଦେବୀଙ୍କ ଯାତ୍ରା, ସ୍ଥାନ: ତିଲେଇବଣି ବ୍ଲକ, ବାସୁଦେବପୁର, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ସିକଲ୍ ସେଲ ରୋଗ ସଚେତନତା ଦିବସ, ସ୍ଥାନ: କଲେଜ ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୦ଟା
- ଶ୍ରୀମ ବାବା ଆରଧନା ଅଖଣ୍ଡ ଜ୍ୟୋତି ରଥକୁ ସ୍ୱାଗତ ଏବଂ ଶୋଭାଯାତ୍ରାରେ ସହର ପରିକ୍ରମା, ସ୍ଥାନ: ଟ୍ରାଫିକ ଛକ, ଦେବଗଡ, ସମୟ: ଅପରାହ୍ନ ୧ଟା।
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ବିଶ୍ୱ ସିକ୍ଲସେଲ ଦିବସ, ସ୍ଥାନ: ବିଶ୍ୱନାଥପୁର ସିଏଚ୍‌ସି ପରିସର, ସମୟ: ସକାଳ ୮ଟା।
- ଭାଜପାର ଖବରଦାତା ସମ୍ମିଳନୀ, ସ୍ଥାନ: ଲାଞ୍ଜିଗଡ ସାପ୍ତାହିକ ବଜାର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ସଦର ରାଜୀବ ଗାନ୍ଧୀ ସେବାକେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ଜୁନାଗଡ଼ ବ୍ୟାଡମିଣ୍ଟନ ଆସୋସିଏଶନ, ଆଥ୍‌ଲେଟିକ୍ ଆସୋସିଏଶନ, ନିଉ ରେଡ ଷ୍ଟାର୍ ସ୍ପୋର୍ଟ କ୍ଲବ ପକ୍ଷରୁ ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ ପ୍ରସ୍ତୁତି ବୈଠକ, ସ୍ଥାନ: ଜୁନାଗଡ଼ ବ୍ୟାଡମିଣ୍ଟନ ଇଣ୍ଡୋର ହଲ, ସମୟ: ଅପରାହ୍ନ ୪ଟା।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ଅଷ୍ଟପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ନାଏକପଡ଼ା ଗାଁ, ସମୟ: ସକାଳ ୮ଟା ୩୦।
- ଶିଶୁ ଶ୍ରମିକ ସଚେତନତା ରଥ ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ନୂଆପଡ଼ା, ସମୟ: ସକାଳ ୯ଟା ୩୦।
- ସିକଲ୍‌ସେଲ ସଚେତନତା ଦିବସ, ସ୍ଥାନ: ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷ, ସମୟ: ସକାଳ ୧୦ଟା ୩୦।

## ବୌଦ୍ଧ

- ପାର୍ବତୀ ମନ୍ଦିରର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ରାମଗଡ଼, ହରଭଙ୍ଗା, ସମୟ: ସକାଳ ୯ଟା।

## ଜଗତ୍‌ସିଂହପୁର

- ଏମ୍‌ପିଇଡିଏ ପକ୍ଷରୁ ମତ୍ସ୍ୟଜୀବୀଙ୍କୁ ଫାଶୀ ଜାଲ ବ୍ୟବହାର ନ କରିବା ପାଇଁ ସଚେତନତା, ସ୍ଥାନ: ମାଛଧରା ବନ୍ଦର, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ମହାବାତ୍ୟା ଆଶ୍ରୟସ୍ଥଳରେ ମକ୍‌ଡ୍ରିଲ, ସ୍ଥାନ: ନାରଦିଆ, ପଦ୍ମପୁର, ଗଡ଼ହରିଶପୁର, ଜପା, ଡିଙ୍ଗିଆ, ଅମ୍ବିକି, ସମୟ: ପୂର୍ବାହ୍ନ ୧୧ଟା।
- ବିପର୍ଯ୍ୟୟ ପ୍ରଶମନ ନିମନ୍ତେ ପୌରପରିଷଦ ପକ୍ଷରୁ ସମୀକ୍ଷା ବୈଠକ, ସ୍ଥାନ: ପୌର ପ୍ରଶାସନିକ ଭବନ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

## ନୟାଗଡ଼

- ବାତ୍ୟା ଆଶ୍ରୟ ସ୍ଥଳରେ ମକ୍‌ଡ୍ରିଲ, ସ୍ଥାନ: ନୟାଗଡ଼ ଜିଲାର ୧୭ ବାତ୍ୟା ଆଶ୍ରୟ ସ୍ଥଳ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- ପ୍ରାକୃତିକ ବିପର୍ଯ୍ୟୟର ପରିଚାଳନା ମକ୍ ଡ୍ରିଲ, ସ୍ଥାନ: ଜିଲାର ୯ ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ବିଶ୍ୱଶାନ୍ତି ନାମଯଜ୍ଞ, ସ୍ଥାନ: ଗଙ୍ଗାରାମପୁର, ପଟ୍ଟାମୁଣ୍ଡାଇ, ସମୟ: ଅପରାହ୍ନ ୫ଟା।

## ଯାଜପୁର

- ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଜିଲାସ୍ତରୀୟ ମକ୍ ଡ୍ରିଲ ପ୍ରଦର୍ଶନ, ସ୍ଥାନ: ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ : ସକାଳ ୯ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ସ୍ଥଗିତ କାମ ତ୍ୱରାନ୍ୱିତ ହେବା ସହ ଆନୁଷ୍ଠାନିକ କ୍ଷେତ୍ରରେ ମର୍ଯ୍ୟାଦା ବଢ଼ିବ। ବନ୍ଧୁ ମିଳନରୁ ଉତ୍ସାହିତ ହେବେ ଏବଂ କାର୍ଯ୍ୟ ସାଧନରେ ଜଣେ ଗୌରବର୍ଣ୍ଣ ବ୍ୟକ୍ତି ସାହାଯ୍ୟ କରିବେ। କ୍ରୟବିକ୍ରୟ ସକାଶେ ପରିବାରରୁ ସମର୍ଥନ ପାଇବେ ନାହିଁ। ଈର୍ଷା ପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି ନିନ୍ଦାଗାନ କରିପାରନ୍ତି।

**ବୃଷ** ପ୍ରତ୍ୟେକ କ୍ଷେତ୍ରରେ ଜଗିରଖି କାମ ନ କଲେ ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି। ସାମାଜିକ ସ୍ତରରେ ଆପଣଙ୍କ ଅପ୍ରିୟ ସତ୍ୟକଥା କଳହର କାରଣ ହୋଇପାରେ। ବ୍ୟବସାୟ, ବାଣିଜ୍ୟ, ଶିଳ୍ପ ଓ ଏଜେନ୍ସିପ, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ଖୁସି ରହିବେ। ଆଳସ୍ୟ ଓ ଅବହେଳାରୁ କେତେକ ଗୁରୁତ୍ୱପୂର୍ଣ୍ଣ କାମକୁ ଅଣଦେଖା କରିପାରନ୍ତି।

**ମିଥୁନ** ବନ୍ଧୁଙ୍କ ସହାୟତାରେ ଆର୍ଥିକ ଅନଟନ ଦୂରେଇଯିବ ଓ ମିତ୍ରତା ସୃଷ୍ଟିର ସମ୍ଭାବନା ରହିଛି। ପ୍ରଶାସନିକ କିମ୍ବା ରାଜନୈତିକ ତଥା ସାଂଗଠନିକ ସ୍ତରରେ ଫଳପ୍ରଦ ଆଲୋଚନା କରିପାରନ୍ତି। ପିଲାଙ୍କ କଳହକୁ କେନ୍ଦ୍ରକରି ଓ ପ୍ରକୃତ ଘଟଣା ନ ବୁଝି କୌଣସି ବ୍ୟକ୍ତି କ୍ରୋଧ ପ୍ରକାଶ କରିପାରନ୍ତି। ସାହିତ୍ୟ, ସଙ୍ଗୀତ, ବ୍ୟବସାୟରେ ଉନ୍ନତି କରିବେ।

**କର୍କଟ** ଦୀର୍ଘଦିନର ଆଶା ପୂରଣ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ସୂଚନା ପାଇ ଖୁସି ହେବେ। ଆନୁଷ୍ଠାନିକ, ପ୍ରଶାସନ, ବ୍ୟବସାୟ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ଅର୍ଥ ଦେଣନେଣ କ୍ଷେତ୍ରରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। ଗବେଷଣା, କଳା, ସଙ୍ଗୀତ, ସାମ୍ବାଦିକତା, ସାହିତ୍ୟାଦି ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ସିଂହ** ନିକଟ ସମ୍ପର୍କୀୟଙ୍କ ଦ୍ୱାରା ଆପଣଙ୍କୁ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। କିନ୍ତୁ କର୍ମକ୍ଷେତ୍ରରେ ପୂର୍ବରୁ ଲାଗି ରହିଥିବା ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ପ୍ରିୟଜନମାନଙ୍କ ସହ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିବ। ଭୁଲ୍ ବୁଝାମଣା କିମ୍ବା ସନ୍ଦେହଜନିତ ପରିବାରରେ ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିପାରେ।

**କନ୍ୟା** କେତୁଙ୍କ ପ୍ରଭାବରୁ ଅତୀତ ଘଟଣା ସମୂହକୁ ନେଇ ମନ ଭାରାକ୍ରାନ୍ତ ରହିବ। ପରୋକ୍ଷ ଶତ୍ରୁତା ସଙ୍ଗକୁ ବନ୍ଧୁଙ୍କ ଅପମାନସୂଚକ ବ୍ୟବହାର ଟେନ୍ସନ ବଢ଼ାଇବ। ବିବାଦୀୟ ଘଟଣାରେ ନୀରବତା ଅବଲମ୍ବନ କରିପାରିଲେ ଉପକୃତ ହେବେ। ସ୍ୱାସ୍ଥ୍ୟ ଓ ପାରିବାରିକ କ୍ଷେତ୍ର ପୂର୍ବପରି ଅକ୍ଷୁଣ୍ଣ ରହିବ ଏବଂ ବ୍ୟବସାୟିକ ଦିଗ ମଧ୍ୟ ମନ୍ଦ ହେବନି।

**ତୁଳା** ଆଜିର ଗ୍ରହସ୍ଥିତି ଭଲ ହେତୁ ଯାହା କରିବେ, ସେଥିରେ ପୂର୍ଣ୍ଣ ସନ୍ତୋଷ ଲାଭ କରିବେ। ସ୍ତ୍ରୀଙ୍କ ପରାମର୍ଶକୁ ବିଚାରକୁ ନେବା ଭଲ। ମନର ଭାବନାକୁ ଗୋପନ ରଖି ନମ୍ର ଓ ମଧୁର ବଚନ ମାଧ୍ୟମରେ କାମ ହାସଲ କରିବେ। ସଭାସମିତି କିମ୍ବା ପ୍ରଶାସନିକ ସ୍ତରରେ ଅଥବା କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ।

**ବିଛା** ଯୋଜନାବଦ୍ଧ କାମ ହେତୁ ବିଭିନ୍ନ ଦିଗରୁ ଅର୍ଥପ୍ରାପ୍ତିର ମାର୍ଗ ଉନ୍ମୁକ୍ତ ହେବ। ପରିବାର ସଦସ୍ୟଙ୍କ ଅଣଦେଖା ଓ ବେଖାତିର ମନୋଭାବରୁ ମାନସିକ ସ୍ତରରେ ଅଶାନ୍ତ ରହିପାରନ୍ତି। କାଳକ୍ଷେପଣ ନୀତିରେ ଆଳସ୍ୟଜନିତ ଗୁରୁତ୍ୱପୂର୍ଣ୍ଣ କାମକୁ ଅବହେଳା କରିପାରନ୍ତି। ଭ୍ରମଣ, ଅଯଥା ଖର୍ଚ୍ଚାନ୍ତ, ବନ୍ଧୁଙ୍କ ସମାଲୋଚନା, ମନକୁ ଭାରାକ୍ରାନ୍ତ କରିପାରେ।

**ଧନୁ** କର୍ମକ୍ଷେତ୍ରରେ ମନ୍ଥର ଗତିରେ କାର୍ଯ୍ୟ ସମାହିତ ହିଁ ଅଶାନ୍ତିର କାରଣ ହେବ। କୌଣସି କାମରେ ସ୍ଥିର ସିଦ୍ଧାନ୍ତ ନେଇପାରିବେ ନାହିଁ । ପାରିବାରିକ ଜଞ୍ଜାଳ ମନ ସ୍ଥିତିକୁ ବିଷାଦିତ କରିପାରେ। ବନ୍ଧୁଙ୍କ ସୁପରାମର୍ଶ ଏବଂ ଗଠନମୂଳକ ପ୍ରେରଣା ଦେଇ ପ୍ରଶଂସିତ ହେବେ। ଦେହ ଭଲ ରହିଲେ ମଧ୍ୟ ପୁରାତନ ରୋଗରେ ସାମୟିକ କଷ୍ଟ ପାଇପାରନ୍ତି।

**ମକର** ପୂର୍ବ ନିର୍ଦ୍ଧାରିତ ଯେଉଁ କାମ କରିବାକୁ ଯାଉଛନ୍ତି ସେଥିରେ ଅସୁବିଧା ହେବନାହିଁ। ବନ୍ଧୁଙ୍କ ସହ ପ୍ରତ୍ୟୁଷ ଯାତ୍ରାରେ ଲକ୍ଷ୍ୟ ହାସଲରେ ସମର୍ଥ ହେବ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରନ୍ତୁ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

**କୁମ୍ଭ** ସହକର୍ମୀଙ୍କ ସହଯୋଗରେ ପରିବାର ଓ କର୍ମକ୍ଷେତ୍ରର ସମସ୍ୟା ଦୂର ହେବ। ବନ୍ଧୁଗହଣରେ ପ୍ରିୟ କଥା କହି ବିବାଦୀୟ ସମସ୍ୟାକୁ ସୁଧାରି ନେବାକୁ ଚେଷ୍ଟା କରିପାରନ୍ତି। ଭ୍ରମଣହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ କିନ୍ତୁ କୌଣସି ପଦକ୍ଷେପ ନେବା ସକାଶେ ପଛେଇ ଯିବେ।

**ମୀନ** ଆଜି ସକାଳୁ ସକାଳୁ ଘର କାମ ଛାଡି ବାହାର କାମରେ ବେଶି ସମୟ କଟାଇବାକୁ ପଡିପାରେ। କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ହେବା କାରଣରୁ ଟେନସନ୍ କମିଯିବ। ପରିବାରରେ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ବାଣିଜ୍ୟ, ବ୍ୟବସାୟ, ଆନୁଷ୍ଠାନିକ କାମରେ ସାମାନ୍ୟ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ।

ଆଜି ଜୁନ୍ ୧୯ ତାରିଖ, ଜ୍ୟେଷ୍ଠ ଶୁକ୍ଳ ଦ୍ୱାଦଶୀଯୁକ୍ତ ତ୍ରୟୋଦଶୀ ବୁଧବାର, ଶ୍ରୀମନ୍ଦିରରେ ଚମ୍ପକଦ୍ୱାଦଶୀ ଓ ଗୁଆଲି ନୀତି, ରାଶିନକ୍ଷତ୍ର–ବିଶାଖା/ତୁଳା, ଦିବା ଘ.୧୧.୦୪ ମି. ଗତେ ବିଛା ଚନ୍ଦ୍ର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୭.୫୦ମି. ଗତେ ଘ. ୦୮.୩୦ମି. ମଧ୍ୟେ, ଘ.୧୦.୦୯ମି.ଗତେ ଘ.୧୧.୨୧ମି. ମଧ୍ୟେ ଶୁଭ ଶୁଭ ବେଳା। ଦିବା ଘ.୧୧.୪୮ ମି. ଗତେ ଘ.୦୧.୨୭ମି. ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ବାଲେଶ୍ୱରରେ ଇଣ୍ଟରନେଟ...

ସହର ରାସ୍ତାରେ ଲୋକଙ୍କ ଚଳାଚଳ ବନ୍ଦ ରହିଛି। ବସ୍, ଟ୍ରେନ ଚଳାଚଳ ସ୍ୱାଭାବିକ ରହିଛି। ସହରର ନୂଆବଜାର, ମୋତିଗଞ୍ଜ, ଗଡ଼ଗଡିଆ, ପୋଲ୍ଲୁଆଁପଦା, ସୁନହଟ, ଭୁଜାଖିଆ ପୀର, ପାତ୍ରପଡା, ପୁରୁଣା ବାଲେଶ୍ୱର ଓ ଗଳାପୋଲ ଅଞ୍ଚଳରେ ବ୍ୟାପକ କଟକଣା ଲାଗି ରହିଛି। ମଙ୍ଗଳବାର ସନ୍ଧ୍ୟାରେ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଉତ୍ତରାଞ୍ଚଳ ଆଇଜି ଦୀପକ କୁମାର, ଏସ୍‌ପି ସାଗରିକା ନାଥ ଓ ଜିଲାପାଳ ଆଶିଷ ଠାକ୍‌ରେ ସ୍ଥିତି ଉପରେ କଡ଼ା ନଜର ରଖିଛନ୍ତି। ନାଳରେ ପ୍ରବାହିତ ଲାଲ୍ ରଙ୍ଗର ପାଣିକୁ ନେଇ ସୋମବାର ସକାଳ ୧୦ଟା ବେଳେ ଘଟିଥିବା ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଓ ଢେଲାପଥର ମାଡ଼ ପରେ ବାଲେଶ୍ୱର ସହରରେ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ପୋଲିସ ୧୪୪ଧାରା ଜାରି କରିଥିଲା। ରାତି ପ୍ରାୟ ୧୧ଟା ବେଳେ ଟାଉନ ଥାନାକୁ ଉଭୟ ଗୋଷ୍ଠୀ ଲିଖିତ ଅଭିଯୋଗ ଦେବାକୁ ଯାଇଥିଲେ। ସେଠାରେ ଉଭୟ ଗୋଷ୍ଠୀ ମଧ୍ୟରେ କଥା କଟାକଟି ହେବା ପରେ ପରସ୍ପରକୁ ଆକ୍ରମଣ ପ୍ରତି ଆକ୍ରମଣ କରିଥିଲେ। ପୋଲିସର ହସ୍ତକ୍ଷେପ ପରେ ଉଭୟ ଗୋଷ୍ଠୀ ଥାନାରୁ ପଳାଇ ଆସିଥିଲେ। ମଧ୍ୟରାତ୍ରରେ ସୋଏଲପୁରସ୍ଥିତ ମସ୍‌ଜିଦ୍ ଓ ପାତ୍ରପଡାସ୍ଥିତ ମସ୍‌ଜିଦ୍‌ରେ ଗୋଟିଏ ଗୋଷ୍ଠୀ ପଶି ଭଙ୍ଗାରୁଜା କରିଥିଲେ। ଉକ୍ତ ଗଣ୍ଡଗୋଳକୁ ନେଇ ଟାଉନ ଥାନାରେ ୧୫ରୁ ଊର୍ଦ୍ଧ୍ୱ ମାମଲା ରୁଜୁ ହୋଇଛି। ୧୪୪ଜଣ ଲୋକଙ୍କୁ ଅଟକ ରଖାଯାଇ ତଦନ୍ତ କରାଯାଉଛି। ଏହି ଘଟଣା ପରେ ବିଳମ୍ବିତ ରାତିରେ ବାଲେଶ୍ୱର ଟାଉନ ଥାନାରେ ଏସ୍‌ପି ସାଗରିକା ନାଥ ଓ ଜିଲାପାଳ ଆଶିଷ ଠାକ୍‌ରେ ଏକ ଜରୁରୀ ବୈଠକ ଡାକି ସ୍ଥିତି ସମୀକ୍ଷା କରିଥିଲେ। ଏହାପରେ କର୍ଫ୍ୟୁ ଜାରି କରାଯାଇଥିଲା।

### ଡ୍ରେନ୍‌ରେ ଭାସି...

ରାଜେଶଙ୍କୁ ହରାଇ ପରିବାରଲୋକ ସ୍ତବ୍ଧ ହୋଇଯାଇଛନ୍ତି। ବାପା ଜୁମତିଙ୍କ ଅଭିଯୋଗ ଆଧାରରେ ଖାରବେଳନଗର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୩୪/୨୦୨୪)ରୁଜୁ ହୋଇଛି। ମଙ୍ଗଳବାର ଅପରାହ୍ନରେ ରାଜଧାନୀରେ ପ୍ରାୟ ୧ଘଣ୍ଟା ଧରି ପ୍ରବଳ ବର୍ଷା ହୋଇଥିଲା। ଫଳରେ ରାଜଧାନୀର ଅଧିକାଂଶ ଡ୍ରେନ୍ ଉଛୁଳିପଡ଼ିଥିଲା। ପ୍ରାୟ ୩ଟା ୩୦ ବେଳେ ରାଜେଶ ଘର ନିକଟ ନାଳ ପାଖରେ କେତେଜଣ ସାଙ୍ଗମାନଙ୍କ ସହ ଖେଳୁଥିଲେ। ଏତିକିବେଳେ ପାଖ ଡ୍ରେନ୍‌ର ଏକ ବେଲୁନ୍ ଭାସି ଯାଉଥିଲା। ଉକ୍ତ ବେଲୁନକୁ ଆଣିବା ପାଇଁ ପିଲାମାନେ ଲାଗି ପଡ଼ିଥିଲେ। ରାଜେଶ ଅନ୍ୟ ଜଣେ ସାଙ୍ଗଙ୍କ ହାତର ସାହାରା ନେଇ ଡ୍ରେନ ପାଣିରୁ ବେଲୁନ୍ ଆଣୁଥିବାବେଳେ ଦୁର୍ଭାଗ୍ୟବଶତଃ ତାଙ୍କ ହାତ ଖସିଯିବାରୁ ସେ ଡ୍ରେନ୍‌ର ପ୍ରଖର ସ୍ରୋତରେ ଭାସିଯାଇଥିଲେ। ଏହା ଦେଖି ଅନ୍ୟସାଙ୍ଗମାନେ ଚିତ୍କାର କରିବାରୁ ପରିବାର ଲୋକେ ଓ ବସ୍ତିବାସିନ୍ଦା ଦୌଡି ଆସିଥିଲେ। ସେମାନେ ମିଳିମିଶି ରାଜେଶଙ୍କୁ ଖୋଜାଖୋଜି କରିଥିଲେ। ଖବରପାଇ ଅଗ୍ନିଶମ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ଦୁଇଟି ଟିମ୍‌ରେ ଜଣେ ଅଫିସରଙ୍କ ସମେତ ୧୩ ଜଣ କର୍ମଚାରୀ ନାଳରେ ଖୋଜାଖୋଜି କରିଥିଲେ। ପ୍ରାୟ ୩୫ମିନିଟ୍ ପରେ ରାଜେଶ ଲକ୍ଷ୍ମୀସାଗର ଓସ୍କାର ସିଟି ନିକଟ ନାଳରେ ଥିବା ଏକ ବୁଦାମୂଳରେ ଲାଗିଥିବା ଅଗ୍ନିଶମ କର୍ମଚାରୀମାନେ ଠାବ କରିଥିଲେ।

### ଦୁଃଖ ପ୍ରକାଶ ସହ ୪ଲକ୍ଷ ଟଙ୍କା ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ମୁକୁଳା ଡ୍ରେନ୍‌ରେ ଭାସି ନାବାଳକଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଏଥିସହିତ ଶୋକସନ୍ତପ୍ତ ପରିବାରକୁ ଗଭୀର ସମବେଦନା ଜଣାଇବା ସହ ୪ଲକ୍ଷ ଟଙ୍କା ସହାୟତା ରାଶି ଘୋଷଣା କରିଛନ୍ତି। ଏହି ଅର୍ଥ ଷ୍ଟେଟ୍ ଡିଜାଷ୍ଟର ରେସ୍‌ପନ୍ସ ଫଣ୍ଡରୁ ପ୍ରଦାନ କରାଯିବ। ଏଥିସହ ରାଜଧାନୀର ସମସ୍ତ ମୁକୁଳା ଡ୍ରେନ୍‌କୁ ତୁରନ୍ତ ବନ୍ଦ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

### ୯ ବର୍ଷରେ ଗଲାଣି...

ଶିରିପୁର ଶତାବ୍ଦୀନଗର ବ୍ୟାଙ୍କ୍ କଲୋନୀ ନିକଟସ୍ଥ ନାଳରେ ଭାସିଯିବା ଘଟଣା ସମଗ୍ର ସହରକୁ ସ୍ତବ୍ଧ କରିଦେଇଥିଲା। ଉକ୍ତ ଘଟଣାରେ ବିଏମ୍‌ସିକୁ ବହୁ ସମାଲୋଚନାର ଶିକାର ମଧ୍ୟ ହେବାକୁ ପଡ଼ିଥିଲା। ଏହାସତ୍ତ୍ୱେ ବିଏମ୍‌ସିର ଚେତା ପଶି ନ ଥିଲା। ୨୦୨୨ ଜୁଲାଇ ୧୯ରେ ୱାର୍ଡ ନଂ. ୫୮ ଅନ୍ତର୍ଗତ ତେଲେଗୁ ବସ୍ତିର ୪ବର୍ଷର ନାବାଳକ ସାମନ୍ତରାପୁରର ଡ୍ରେନ ନଂ. ୭ରେ ଭାସି ମୃତ୍ୟୁବରଣ କରିଥିଲେ। ଏବେ ପୁନର୍ବାର ବିଏମ୍‌ସିର ଦାୟିତ୍ୱହୀନତା ପାଇଁ ଆଉ ଜଣେ ନାବାଳକ ଏସ୍.କେ. ରାଜେଶ୍ ମୁକୁଳା ଡ୍ରେନ୍‌ରେ ଭାସି ଯାଇ ପ୍ରାଣ ହରାଇଛନ୍ତି।

### ୨୦ରେ ବାଚସ୍ପତି...

ବିଜେଡି ଏବଂ ସିପିଆଇ(ଏମ୍)ର ସଦସ୍ୟଙ୍କୁ ମିଶାଇଲେ ବିରୋଧୀ ଦଳ ସପକ୍ଷରେ ମୋଟ୍ ୬୬ ଖଣ୍ଡ ଭୋଟ ପଡ଼ିବ। ତେଣୁ ବିରୋଧୀମାନେ ଏକାଠି ହୋଇ ବାଚସ୍ପତି ପଦ ଲାଗି କାହାକୁ ପ୍ରାର୍ଥୀ ନ ଦେବା ଯଥେଷ୍ଟ ସମ୍ଭାବନା ରହିଛି। ଅନ୍ୟପଟେ ଭାଜପା ବାଚସ୍ପତି ପଦ ଲାଗି କାହାକୁ ପ୍ରାର୍ଥୀ କରିବ ତାହା ଏବେର ସବୁଠୁ ଚର୍ଚ୍ଚାର ବିଷୟ ପାଲଟିଛି। ଦଳ ଏହି ପଦବୀ ଲାଗି ଜଣେ ଅଭିଜ୍ଞ ଏବଂ ବରିଷ୍ଠ ନେତାଙ୍କୁ ବସାଇବ ନା ନବନିଯୁକ୍ତ କାହାକୁ ବାଚସ୍ପତି ପଦ ଲାଗି ପ୍ରାର୍ଥୀ କରିବ ତାହା ଉପରେ ସମସ୍ତଙ୍କ ନଜର ରହିଛି। ଏନେଇ ଭାଜପା ନେତା ଗୋଲକ ମହାପାତ୍ର କହିଛନ୍ତି, କାହାକୁ ବାଚସ୍ପତିପ୍ରାର୍ଥୀ କରାଯିବ ସେ ବିଷୟରେ ଦଳର ପାର୍ଲାମେଣ୍ଟାରି ବୋର୍ଡ ନିଷ୍ପତ୍ତି ନେବ। ଏନେଇ ନାମାଙ୍କନ ପୂର୍ବରୁ ଦଳ ଘୋଷଣା କରିବ। ଜଣେ ଯୋଗ୍ୟ ବ୍ୟକ୍ତିଙ୍କୁ ହିଁ ଏହି ପଦରେ ବସାଯିବ ବୋଲି ଗୋଲକ କହିଛନ୍ତି। ଅନ୍ୟପଟେ ବାଚସ୍ପତି ପଦକୁ ନେଇ ରଣପୁର ବିଧାୟିକା ସୁରମା ପାଢ଼ୀଙ୍କ ନାଁକୁ ନେଇ ଚର୍ଚ୍ଚା ହେଉଛି। ଜଣେ ବରିଷ୍ଠ ଏବଂ ଅଭିଜ୍ଞ ନେତ୍ରୀ ଭାବେ ଦଳ ତାଙ୍କ ଉପରେ ଭରସା କରିପାରେ ବୋଲି କୁହାଯାଉଛି। ସୁରମା ପୂର୍ବରୁ ମଧ୍ୟ ବିଜେଡି–ଭାଜପା ମେଣ୍ଟ ସରକାର ସମୟରେ ନିର୍ବାଚିତ ହୋଇ ମନ୍ତ୍ରୀ ରହିସାରିଛନ୍ତି। ତେଣୁ ସେହି ଦୃଷ୍ଟିରୁ ଦଳ ଜଣେ ମହିଳା ଏବଂ ଅଭିଜ୍ଞତା ଦୃଷ୍ଟିରୁ ତାଙ୍କ ଉପରେ ଭରସା କରିବା ସମ୍ଭାବନା ରହିଛି। ଅନ୍ୟପଟେ ପୂର୍ବତନ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ ନାଁକୁ ନେଇ ମଧ୍ୟ ଚର୍ଚ୍ଚା ହେଉଛି। ଜୟନାରାୟଣ ଭାଜପା ସରକାରରେ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରୀ ପଦ ପାଇପାରନ୍ତି ବୋଲି ଆଲୋଚନା ହେଉଥିଲା। ହେଲେ ତାଙ୍କୁ ସାମିଲ କରା ନ ଯିବା ବିଷୟ ଆଲୋଚନାର ବିଷୟବସ୍ତୁ ପାଲଟିଛି। ଅନ୍ୟପଟେ ସେ ମଧ୍ୟ ଶପଥ ଉତ୍ସବ କାର୍ଯ୍ୟକ୍ରମରେ ସାମିଲ ହୋଇ ନ ଥିଲେ। ଯେହେତୁ ତାଙ୍କର ଶପଥ ନେବାର ନ ଥିଲା ସେଥିଲାଗି ସେ ଆସିଲେନାହିଁ ବୋଲି ମଙ୍ଗଳବାର ଜୟନାରାୟଣ କହିଛନ୍ତି। ତାଙ୍କର ଏଭଳି ମନ୍ତବ୍ୟରୁ ହିଁ ସେ କେତେ ଅସନ୍ତୁଷ୍ଟ ସେକଥା ଜଣାପଡୁଥିବା ରାଜନୈତିକ ମହଲରେ ଆଲୋଚନା ହେଉଛି। ସେହିଭଳି ଏହି ଦୁଇ ନେତାଙ୍କୁ ଛାଡ଼ିଦେଲେ ଦଳ ଯେ, ଆଉ କାହାକୁ ଏହି ପଦରେ ନ ବସାଇବ ସେକଥାକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ।

### ଦେବୀନଦୀରେ ବୁଡ଼ି...

ସୌଭାଗ୍ୟବଶତଃ ସେ ମରଣମୁହଁରୁ ରକ୍ଷା ପାଇଯାଇଛନ୍ତି। ଏହି ଅଘଟଣ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ସୂଚନା ଅନୁଯାୟୀ, ଦୀର୍ଘ ଏକମାସର ଗ୍ରୀଷ୍ମାବକାଶ ପରେ ମଙ୍ଗଳବାର ସ୍କୁଲ ଖୋଲିଛି। ସକାଳେ ପିଲାମାନେ ସ୍କୁଲକୁ ଯାଇଥିଲେ। ସ୍କୁଲରୁ ଫେରିବା ପରେ ପୂର୍ବାହ୍ନ ପ୍ରାୟ ୧୧ଟାରେ ବାଲିଡିଆ ଗ୍ରାମର ଉକ୍ତ ୪ଜଣ ଛାତ୍ର ସାଙ୍ଗହୋଇ ଗାଁ ନିକଟରେ ବହିଯାଉଥିବା ଦେବୀ ନଦୀକୁ ଗାଧୋଇବାକୁ ଯାଇଥିଲେ। ତେବେ ଜଣେ ଛାତ୍ରଙ୍କ ମା' ଖବର ପାଇ ନଦୀଘାଟକୁ ଯାଇ ତାଙ୍କ ପୁଅକୁ ତାଗିଦା କରି ସେଠାରୁ ସାଥିରେ ନେଇ ଚାଲିଆସିଥିଲେ। ଅନ୍ୟ ୩ଜଣ ନଦୀରେ ଗାଧୋଉଥିଲେ। ଏହି ସମୟରେ ଅସାବଧାନତାବଶତଃ ୩ ଛାତ୍ର ପାଣିରେ ବୁଡ଼ିଯାଇଥିଲେ। ଦୀର୍ଘ ସମୟ ଧରି ସେମାନେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ, ହେଲେ କାହାକୁ ପାଇନଥିଲେ। ନଦୀକୂଳକୁ ଯାଇ ଦେଖିବାରୁ ପିଲାମାନଙ୍କ ପ୍ୟାଣ୍ଟ ଶାର୍ଟ ପଡ଼ିରହିଥିଲା, କିନ୍ତୁ କେହି ନ ଥିଲେ। ତେବେ ଯେଉଁ ପିଲାଟିକୁ ତାଙ୍କ ମା' ଘରକୁ ଡାକି ଆଣିଥିଲେ ତାଙ୍କୁ ପଚାରିବାରେ ସେମାନେ ନଦୀରେ ଯେଉଁଠି ଗାଧୋଉଥିଲେ ସେହି ସ୍ଥାନକୁ ସେ ଦେଖାଇଥିଲେ। ସ୍ଥାନୀୟ ଲୋକେ ନଦୀରେ ପଶି ଖୋଜାଖୋଜି କରିଥିଲେ। ପରେ ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ଲାଗିପଡ଼ିଥିଲେ। ଦୀର୍ଘ ସମୟ ପରେ ଏହି ୩ ଛାତ୍ର ପାଣିରେ ଭାସୁଥିବା ଦେଖି ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରାଯାଇ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିକରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ଡାକ୍ତର ଉକ୍ତ ୩ ଛାତ୍ରଙ୍କୁ ମୃତ ଘୋଷଣା କରିଥିଲେ। ମୃତକମାନଙ୍କ ମଧ୍ୟରୁ ଜଣେ ଆଳସାହି ପାଞ୍ଚଗ୍ରାମ ଯୁଜିୟୁପି ସ୍କୁଲରେ ପଢୁଥିବା ବେଳେ ଅନ୍ୟ ୨ଜଣ ଐଶାନେଶ୍ୱର ବିଦ୍ୟାପୀଠ ଏବଂ ଆଦର୍ଶ ବିଦ୍ୟାଳୟର ଛାତ୍ର ଥିଲେ ବୋଲି ସୂଚନା ମିଳିଛି। ନଦୀର ବାଲିଗଣ୍ଡରେ ଗୋଡ଼ ଧସିଯିବାରୁ ସେମାନେ ବୁଡ଼ିଯାଇଥିବା ଅନୁମାନ କରାଯାଉଛି। ମୁଖ୍ୟମନ୍ତ୍ରୀ ତୁରନ୍ତ ମୃତକମାନଙ୍କ ପରିବାରକୁ ଆର୍ଥିକ ସହାୟତା ରାଶି ପ୍ରଦାନ କରିବା ପାଇଁ ଅଞ୍ଚଳବାସୀ ନିବେଦନ କରିଛନ୍ତି।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମହାନଦୀ ସାଙ୍ଗେ ଯୋଡ଼
ଲୁହାକୁ ନେଇଣ ମୂଲ କରୁଥିଲେ
ସୁବର୍ଣ୍ଣ ସଙ୍ଗେ କି ତୁଲ ।**

ଲୁହା ଲୁହା, ସୁନା ସୁନା। ଲୁହା ସୁନା ସହ ତୁଳନା ଯୋଗ୍ୟ ନୁହେଁ। ଯେତେ ଯାହା କଲେ ମଧ୍ୟ ଲୁହା କେବେ ସୁନା ସମକକ୍ଷ ହୋଇପାରି ନ ଥାଏ। ପରୋକ୍ଷରେ ଗୁଣ ଓ ପ୍ରତିଭା ଯାହାର ଥାଏ, ସେ ହିଁ ଶ୍ରେଷ୍ଠ ବୋଲାଇଥାଏ। ଯୋଗ୍ୟତା ନ ଥାଇ ନିଜକୁ ଶ୍ରେଷ୍ଠ ସହ ତୁଳନାକରି ବସିବା କେବଳ ଲୋକହସା ହେବା ସାର ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ମତେ ଯେତେ ମାଠୁଥିବୁ ମାଠ
ମୁଁ ସେଇ ଦରପୋଡ଼ା କାଠ ।**

ଅଯୋଗ୍ୟ ଅପଦାର୍ଥ ବ୍ୟକ୍ତିଙ୍କୁ ବାଟକୁ ଆଣିବା କାଠିକର ପାଠ ହୋଇଥାଏ। କାହାରି କଥା ବା ବୋଲକୁ ସେମାନଙ୍କର ଡର କି ଭୟ ରହି ନ ଥାଏ। କୌଣସି ଆକଟ ଅଥବା ଶାସ୍ତି କାଟୁ କରି ନ ଥାଏ। ଏପରିକି ଯେତେ ବୁଝାଇଲେ ମଧ୍ୟ ତାଙ୍କ ସ୍ୱଭାବରେ କିଛି ବି ପରିବର୍ତ୍ତନ ଘଟି ନ ଥାଏ। ଯିଏ ବଦଳିବାର ନ ଥାଏ ତାକୁ ଯେତେ ଚେଷ୍ଟାକଲେ ମଧ୍ୟ ବଦଳାଇବା ସମ୍ଭବପର ହେଉ ନ ଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ

## ସଂକ୍ଷେପରେ

### ବାଲୁଖଣ୍ଡରେ ପୁଣି ଦେଖାଦେବେ କୃଷ୍ଣସାର ମୃଗ

**ଛଡ଼ାହେଲେ ୩୧**

ଭୁବନେଶ୍ୱର, ୧୮।୬ (ଅସମାପିକା ସାହୁ)

ବାଲୁଖଣ୍ଡ ଅଭୟାରଣ୍ୟରେ ପୁଣି ଦେଖାଦେବ କୃଷ୍ଣସାର ମୃଗ ବା ବାଲି ହରିଣ। କୃଷ୍ଣସାର ମୃଗ ବାଲୁଖଣ୍ଡରେ ଲୋପ ପାଇଯାଇଥିଲା। ତେଣୁ ସେଠାରେ କୃଷ୍ଣସାର ମୃଗକୁ ପୁନଃ ଥଇଥାନ କରାଯାଇଛି। କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଏବଂ ସିଜେଡ୍‌ଏ ପକ୍ଷରୁ ଅନୁମତି ମିଳିବା ପରେ ବନ ବିଭାଗ ମଙ୍ଗଳବାର ବାଲୁଖଣ୍ଡରେ କୃଷ୍ଣସାର ମୃଗକୁ ପୁନଃ ଥଇଥାନ କରିଛି। ଏହି ପରିପ୍ରେକ୍ଷୀରେ ନନ୍ଦନକାନନରୁ ୨୫ଟି ଏବଂ ଭେଟନୋଇରୁ ୬ଟି କୃଷ୍ଣସାର ମୃଗ ଅଣାଯାଇ ଛଡ଼ାଯାଇଥିବା ସୂଚନା ମିଳିଛି।

### ମୃତ୍ୟୁଞ୍ଜୟ ରଥଙ୍କୁ 'ଡ. ଦିବାକର ମିଶ୍ର ଗାନ୍ଧର୍ବକଳା ସୃଜନ ସମ୍ବର୍ଦ୍ଧନା'

ଭୁବନେଶ୍ୱର,୧୮।୬(ଶର୍ମିଷ୍ଠା ପାଣିଗ୍ରାହୀ)

ଡ. ଦିବାକର ମିଶ୍ର ଗାନ୍ଧର୍ବକଳା ମହୋତ୍ସବର ମଙ୍ଗଳବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ସଂସ୍ଥାପିକା ବାସନ୍ତୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଚାଲିଥିବା ଏହି ମହୋତ୍ସବରେ ବରେଣ୍ୟ ଅତିଥି ଭାବେ ବିଶିଷ୍ଟ ଓଡିଶୀ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଡ. ଶ୍ୟାମାମଣି ଦେବୀ, କବି ମମତା ଦାସ, ଚିତ୍ରଶିଳ୍ପୀ ଜ୍ୟୋତିର୍ମୟୀ ମହାନ୍ତି ଓ ସିନେ ଅଭିନେତ୍ରୀ ଜୟାସ୍ୱାମୀ ଯୋଗଦେଇଥିଲେ। ଏହି ଅବସରରେ ଉଦ୍‌ଘୋଷକ ଡ. ମୃତ୍ୟୁଞ୍ଜୟ ରଥଙ୍କୁ 'ଡ. ଦିବାକର ମିଶ୍ର ଗାନ୍ଧର୍ବକଳା ସୃଜନ ସମ୍ବର୍ଦ୍ଧନା' ପ୍ରଦାନ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡିଶୀ ନୃତ୍ୟଶିଳ୍ପୀ ଡ. ଗାୟତ୍ରୀ ମିଶ୍ରଙ୍କ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ରଚିତ 'ବିଭୂଷଣ ପୁଷ୍ପେ ଯାକାନ୍ତି ଜାଣ' ଉପରେ ଓଡିଶୀ ନୃତ୍ୟ ଅତ୍ୟନ୍ତ ମର୍ମସ୍ପର୍ଶୀ ଥିଲା। ଏହାପରେ ଯୁବ ଓଡିଶୀ ନୃତ୍ୟଶିଳ୍ପୀ ସଙ୍ଗୀତା ଛୋଟରାୟ, ପ୍ରାଚୀ ମିଶ୍ର, ଶେଫାଳି ପଟ୍ଟନାୟକ, ବର୍ଷା, ରତ୍ନପଦ୍ମାଙ୍କ ଏକକ ନୃତ୍ୟ ମନ ମୋହିଥିଲା। ଦୀପ୍ତି ପ୍ରକାଶ ଓ ସଞ୍ଜନା ଗୌଡ଼ ଏବଂ ସୂର୍ଯ୍ୟକାନ୍ତି ଓ ଚିନ୍ମୟୀ ଦ୍ୱୈତ୍ୟ ନୃତ୍ୟ ପରିବେଷଣ କରିଥିଲେ। ଅନୁଷ୍ଠାନର କୁନି ଛାତ୍ରୀଙ୍କ ଦ୍ୱାରା ଦେବଦାସୀ ନୃତ୍ୟ ଓ ଦଶାବତାର ନୃତ୍ୟ ଦର୍ଶକଙ୍କୁ ବିଭୋର କରିଥିଲା। ମହୋତ୍ସବ ନିର୍ଦ୍ଦେଶକ ସଞ୍ଜୟ ଭଟ୍ଟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସଭାପତି ଡ. ସଙ୍ଗୀତା ଗୋସ୍ୱାମୀ ଧନ୍ୟବାଦ ଦେଇଥିଲେ। ଉପଦେଷ୍ଟା ତପନ ମିଶ୍ର ଉପସ୍ଥିତ ଥିଲେ।

# ଓସେପା ମେରିଟ୍ ଲିଷ୍ଟ ବୈଧ: ହାଇକୋର୍ଟ

**କନିଷ୍ଠ ଶିକ୍ଷକ ନିଯୁକ୍ତି ମାମଲା**

କଟକ,୧୮।୬ (କାର୍ତ୍ତିକ ସାହୁ)

ରାଜ୍ୟର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କନିଷ୍ଠ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାରେ ମେରିଟ୍ ସହ ଜିଲା ପ୍ରିଫରେନ୍ସକୁ ଗୁରୁତ୍ୱ ଦେଇଛନ୍ତି ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ଖଣ୍ଡପୀଠ। ଏଥିସହ କନିଷ୍ଠ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାରେ ଓଡ଼ିଶା ସ୍କୁଲ ଏଜୁକେଶନ ପ୍ରୋଗ୍ରାମ ଅଥରିଟି (ଓସେପା)ର ମେରିଟ୍ ଲିଷ୍ଟକୁ ମଧ୍ୟ କାଏମ୍ ରଖିଛନ୍ତି। ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା ନେଇ ରୁଜୁ ମାମଲାର ମଙ୍ଗଳବାର ରାୟ ପ୍ରକାଶ କରିଛନ୍ତି ଖଣ୍ଡପୀଠ। ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଓ ବିଚାରପତି ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ତାଙ୍କ ରାୟରେ ଜଣିକିଆ ବିଚାରପତିଙ୍କ ପୂର୍ବ ରାୟରେ ସଂଶୋଧନ କରିଛନ୍ତି। ପ୍ରାର୍ଥୀଙ୍କ ମେରିଟ୍ ସହ ଜିଲା ପ୍ରିଫରେନ୍ସକୁ ଗୁରୁତ୍ୱ ଦେଇ ନିଯୁକ୍ତି ପ୍ରଦାନ କରିବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି।

ସୂଚନା ଅନୁଯାୟୀ, ଓସେପା ପକ୍ଷରୁ କନିଷ୍ଠ ଶିକ୍ଷକ ନିଯୁକ୍ତି ନିମନ୍ତେ ଅନ୍‌ଲାଇନ୍ ଆବେଦନ ପାଇଁ ୨୦୨୩ ସେପ୍ଟେମ୍ବର ୧୦ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଆବେଦନପତ୍ର ଦାଖଲର ଶେଷ ତାରିଖ ଅକ୍ଟୋବର ୧୦ ତାରିଖ ଥିଲା। ଆବେଦନ ପ୍ରକ୍ରିୟା ଶେଷ ପରେ ୨୦୨୪ ଜାନୁଆରୀ ୧୫ରେ ଓସେପା ପକ୍ଷରୁ ଡ୍ରାଫ୍ଟ ମେରିଟ୍ ଲିଷ୍ଟ ପ୍ରକାଶ କରାଯାଇଥିଲା। ଏହି ମେଧା ତାଲିକାରେ ପ୍ରକାଶିତ ଆବେଦନକାରୀଙ୍କ ସାର୍ଟିଫିକେଟ ଓ ଅନ୍ୟାନ୍ୟ କାଗଜପତ୍ର ଯାଞ୍ଚ କରାଯିବ ବୋଲି ଓସେପା ପକ୍ଷରୁ ଜାନୁଆରୀ ୧୭ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଯାଞ୍ଚ ପାଇଁ ପ୍ରତି ଜିଲାରେ ନିର୍ଦ୍ଧାରିତ ହୋଇଥିବା ସ୍ଥାନ ସମ୍ପର୍କରେ ମଧ୍ୟ ବିଜ୍ଞପ୍ତିରେ ସୂଚନା ଦିଆଯାଇଥିଲା। ହେଲେ ଏହି ମେଧା ତାଲିକା ନିୟମ ଉଲ୍ଲଂଘନ କରି ପ୍ରସ୍ତୁତ କରାଯାଇଥିବା ଓ ଗଣଶିକ୍ଷା ବିଭାଗର ମୂଳ ନିଯୁକ୍ତି ବିଜ୍ଞପ୍ତିରେ ଥିବା ସର୍ତ୍ତାବଳୀକୁ ପାଳନ କରାଯାଇ ନ ଥିବା ଅଭିଯୋଗ ହୋଇଥିଲା। ଏହାଦ୍ୱାରା ବହୁ ଯୋଗ୍ୟ ପ୍ରାର୍ଥୀ ନିଯୁକ୍ତି ପ୍ରକ୍ରିୟାରୁ ବାଦ୍ ପଡ଼ିଛନ୍ତି। ଫଳରେ ଉକ୍ତ ମେଧା ତାଲିକାକୁ ରଦ୍ଦ କରିବା ନେଇ ଜେ. ଆର୍. ମହାରଣା ଓ ଅନ୍ୟମାନେ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ହାଇକୋର୍ଟ ଜାନୁଆରୀ ୧୯ ତାରିଖରେ ମାମଲାର ଶୁଣାଣି କରି ନିଯୁକ୍ତି ପ୍ରକ୍ରିୟା ଉପରେ ଅନ୍ତରୀଣ ଅଙ୍କୁଶ ଲଗାଇଥିଲେ। ସାର୍ଟିଫିକେଟ ଓ କାଗଜପତ୍ର ଯାଞ୍ଚ ପ୍ରକ୍ରିୟା ଚାଲୁ ରହିବ, ମାତ୍ର ଚୟନ ଓ ନିଯୁକ୍ତି ସଂକ୍ରାନ୍ତରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇପାରିବ ନାହିଁ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ରାଜ୍ୟ ସରକାର ସତ୍ୟପାଠ ଦାଖଲକରି କନିଷ୍ଠ ଶିକ୍ଷକ ନିଯୁକ୍ତି ପାଇଁ ଜିଲା ଅନୁଯାୟୀ ମେଧା ତାଲିକା ପ୍ରକାଶ କରାଯାଇଥିବା ଦର୍ଶାଇଥିଲେ। ସେହିପରି ଅଦାଲତ ନୂତନ ମେରିଟ୍ ଲିଷ୍ଟ ପ୍ରସ୍ତୁତ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟର ଜଣିକିଆ ବିଚାରପତିଙ୍କ ରାୟ ବିରୋଧରେ ଅଦାଲତରେ ଏକାଧିକ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟଙ୍କ ଜଣିକିଆ ଖଣ୍ଡପୀଠ ପ୍ରଦାନ କରିଥିବା ରାୟ ବିରୋଧରେ ଆଗତ ମାମଲାର ଶୁଣାଣି ଶେଷକରି ଯୁଗ୍ମ ଖଣ୍ଡପୀଠ ଗତ ଏପ୍ରିଲ ୨୫ ତାରିଖରେ ରାୟ ସଂରକ୍ଷିତ ରଖିଥିଲେ।


ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଚାଲିଥିବା ଡ. ଦିବାକର ମିଶ୍ର ଗାନ୍ଧର୍ବ କଳା ମହୋତ୍ସବର ମଙ୍ଗଳବାର ଦ୍ୱିତୀୟ ସନ୍ଧ୍ୟାରେ ଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।

# ୨୦ରେ ତୃତୀୟ ଓଡ଼ିଆ ସିନେ ଆୱାର୍ଡ

**ପିଣ୍ଟୁ ନନ୍ଦଙ୍କୁ ମରଣୋତ୍ତର ଜୀବନବ୍ୟାପୀ ସାଧନା ସମ୍ମାନ**



ଖବରଦାତା ସମ୍ମିଳନୀରେ ଓଡ଼ିଆ ସିନେ ଆୱାର୍ଡ ସମ୍ପର୍କରେ ସୂଚନା ଦିଆଯାଉଛି।

ଭୁବନେଶ୍ୱର,୧୮।୬(ଶର୍ମିଷ୍ଠା ପାଣିଗ୍ରାହୀ)

ରାଜ୍ୟରେ ଓଡ଼ିଆ ଚଳଚ୍ଚିତ୍ର ଜଗତରେ କାର୍ଯ୍ୟରତ କଳାକାରଙ୍କୁ ପ୍ରୋତ୍ସାହିତ କରିବା ପାଇଁ ରିଲ୍‌ସ ଆଣ୍ଡ୍ ରିଲ୍‌ସ ଓ ଅନିସ ଏଣ୍ଟରଟେନ୍‌ମେଣ୍ଟ ପକ୍ଷରୁ ଆସନ୍ତା ୨୦ ତାରିଖରେ ଉତ୍କଳ ମଣ୍ଡପରେ ଆୟୋଜିତ ହେବ ତୃତୀୟ ଓଡିଆ ସିନେ ଆୱାର୍ଡ। ଏହି ଉତ୍ସବରେ ରାଜ୍ୟର ବହୁ ବର୍ଷିଆନ କଳାକାରଙ୍କ ସମେତ ଓଲିଉଡ୍ ଜଗତର ବହୁ ତାରକା ଯୋଗଦେବେ ବୋଲି ଆୟୋଜକ କମିଟିର ସଂସ୍ଥାପକ ସ୍ମିତ ପଟ୍ଟନାୟକ ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ସିନେ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ଯୋଗଦେବେ। ଏହି ଅବସରରେ ଓଡ଼ିଆ ସିନେ ଜଗତ ପାଇଁ ଉତ୍ସର୍ଗୀକୃତ ଅବଦାନ ଲାଗି ସ୍ୱର୍ଗତ ପିଣ୍ଟୁ ନନ୍ଦଙ୍କୁ ମରଣୋତ୍ତର ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯିବ ବୋଲି ଅନୁଷ୍ଠାନର ଅନ୍ୟତମ ସଙ୍ଗଠକ ତପନ କୁମାର ଦାସ କହିଛନ୍ତି। ସେହିପରି ପ୍ରଯୋଜକ ତଥା ସିନେମାଟୋଗ୍ରାଫର ଯୁଗଳ ଦେବତାଙ୍କୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ ପ୍ରଦାନ କରାଯିବ। ଏଥିସହ ଓଲିଉଡ୍‌ରେ ନିରବଚ୍ଛିନ୍ନ ସୃଜନଶୀଳତା ପାଇଁ ଶ୍ରେଷ୍ଠ ଅଭିନୟ, ସଙ୍ଗୀତ, କାହାଣୀ ଓ କମେଡି ସମେତ ୭୫ଟି ବର୍ଗରେ କଳାକାରଙ୍କୁ ସମ୍ମାନିତ କରାଯିବ ବୋଲି ଅନ୍ୟତମ ସହ ସଂସ୍ଥାପକ ତଥା ସିନେ ସାମ୍ବାଦିକ ସମୀର ରଞ୍ଜନ ଦାସ ସୂଚନା ଦେଇଛନ୍ତି। ଏଥିସହିତ ସନ୍ଧ୍ୟା ୭ଟାରୁ ରାତି ୧୦ ପର୍ଯ୍ୟନ୍ତ ଉତ୍କଳ ମଣ୍ଡପରେ ଓଲିଉଡ୍ କଳାକାରଙ୍କ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଶୈଳେନ୍ଦ୍ର, ଭୂମିକା, ସବ୍ୟସାଚୀ, ପପୁ ପମପମ, ଦିବ୍ୟା, ଅନ୍ତରା, ଅଂଶ, ରାଜ ରାଜେଶ, ସାଏଲ୍ ପ୍ରମୁଖ କଳାକାର ଦମ୍‌ଦାର ପ୍ରଦର୍ଶନ କରିବେ। ସମ୍ମିଳନୀରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଶ୍ୟାମା ପ୍ରସାଦ ମିଶ୍ରଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### କୋଇଲା ବୋଝେଇ ବଗିରେ ଲାଗିଲା ନିଆଁ




ବାରଙ୍ଗ,୧୮।୬(ଲିଙ୍ଗରାଜ ରାଉତ)

ନରାଜ ମାର୍ଥାପୁର ରେଳ ଷ୍ଟେଶନରେ ଛିଡ଼ା ହୋଇଥିବା ଏକ କୋଇଲା ବୋଝେଇ ମାଲବାହୀ ଟ୍ରେନ୍‌ର ୨ଟି ବଗିରେ ମଙ୍ଗଳବାର ଅପରାହ୍ନରେ ଅଚାନକ ନିଆଁ ଲାଗିଯାଇଥିବା ଜଣାପଡ଼ିଥିଲା। ପରେ ଧୂଆଁର ପରିମାଣ ଧୀରେଧୀରେ ବଢ଼ିବାରେ ଲାଗିଥିଲା। କୋଇଲାରେ ନିଆଁ ଲାଗିଥିବା ଖବର ପାଇ ଷ୍ଟେଶନ ମାଷ୍ଟର ବାରଙ୍ଗ ଦମକଳ ବାହିନୀକୁ ଖବର ଦେଇଥିଲେ। ତୁରନ୍ତ ଏକ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ୨ ଘଣ୍ଟା ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ। ଏହାପରେ କୋଇଲା ବୋଝେଇ ଟ୍ରେନ୍‌ଟି ତା' ଗନ୍ତବ୍ୟ ପଥରେ ଯାଇଥିଲା।

### ସେଲ୍‌ଫି କର୍ନର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com


@ ଅନୀଲ


@ ରାହୁଲ


@ ଧୀରେନ୍ଦ୍ର


@ ନିରୁପମା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଅତ୍ୟାଧୁନିକ ଶସ୍ୟଭିତ୍ତିକ ଇଥାନଲ ପ୍ଲାଣ୍ଟ ଉଦ୍‌ଘାଟିତ



ଇଥାନଲ ପ୍ଲାଣ୍ଟର ଉଦ୍‌ଘାଟନୀ ଉତ୍ସବରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଓ ଅନ୍ୟମାନେ।

ବାରଙ୍ଗ/ବାଙ୍କୀ, ୧୮।୬(ଲିଙ୍ଗରାଜ ରାଉତ/ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଁଆରାଠାରେ କଟକ ଆଗ୍ରିଭେଟ ଦ୍ୱାରା ନିର୍ମିତ ଅତ୍ୟାଧୁନିକ ଶସ୍ୟଭିତ୍ତିକ ଇଥାନଲ ପ୍ଲାଣ୍ଟକୁ ମଙ୍ଗଳବାର ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଉଦ୍‌ଘାଟନ କରିଛନ୍ତି। ଏହି ଶସ୍ୟଭିତ୍ତିକ ଇଥାନଲ୍ କାରଖାନା ପରିବେଶ ନିରନ୍ତରତା ହାସଲ ଏବଂ ଗ୍ରାମାଞ୍ଚଳର ଲୋକଙ୍କୁ ସଶକ୍ତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବ। ଏହି କାରଖାନା ସ୍ଥାନୀୟ ଅଞ୍ଚଳର ଅର୍ଥନୈତିକ ସଶକ୍ତୀକରଣରେ ସହାୟକ ହେବ ବୋଲି ଷଡ଼ଙ୍ଗୀ ଆଶା କରୁଥିବା କହିଛନ୍ତି। ଦୈନିକ ୧୨୫ କିଲୋଲିଟର ଉତ୍ପାଦନ କ୍ଷମତା ବିଶିଷ୍ଟ ଏହି କାରଖାନା ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରି ନଷ୍ଟ ହୋଇଥିବା ଶସ୍ୟ, ଭଙ୍ଗା ଚାଉଳ ଏବଂ ମକାରୁ ଇଥାନଲ ଉତ୍ପାଦନ କରିବ। ଯାହା ଜୈବ ଇନ୍ଧନ ଭାବରେ ପେଟ୍ରୋଲିୟମ ସହିତ ମିଶ୍ରଣ କରାଯିବ। ଏହି କାରଖାନା ଭାରତ ସରକାରଙ୍କ ଜାତୀୟ ଜୈବ ଇନ୍ଧନ ନୀତି ଅନୁଯାୟୀ ହୋଇଛି, ଯାହା ଆମଦାନୀ ହେଉଥିବା ଅଶୋଧିତ ତୈଳ ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ଜୈବ ଇନ୍ଧନ ଉତ୍ପାଦନକୁ ପ୍ରୋତ୍ସାହିତ କରିଥାଏ। ଏହି ଇଥାନଲ ପ୍ଲାଣ୍ଟରେ ଅତ୍ୟାଧୁନିକ ଜ୍ଞାନକୌଶଳ ରହିଛି, ଯାହା ଏହାକୁ ଜିରୋ ଲିକ୍ୱିଡ଼ ଡିସ୍‌ଚାର୍ଜ କାରଖାନାରେ ପରିଣତ କରିଛି। ଏଥି ଯୋଗୁ ପ୍ରାୟ ୨୫୦ଟି ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ଏବଂ ୧ ହଜାରରୁ ଅଧିକ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟିହୋଇଛି। ଶସ୍ୟ ଉତ୍ପାଦନ ପାଇଁ ଏକ ସୁଦୃଢ଼ ବଜାର ସୃଷ୍ଟି କରି ଏହି କାରଖାନା ସ୍ଥାନୀୟ କୃଷକଙ୍କୁ ସଶକ୍ତ କରିବ ବୋଲି ଆଶା କରାଯାଉଛି। ଏହା ଦ୍ୱାରା ୩୦ ହଜାରରୁ ଅଧିକ ଚାଷୀ ଉପକୃତ

**ଉପକୃତ ହେବେ ୩୦ ହଜାରରୁ ଅଧିକ ଚାଷୀ**

ହୋଇପାରିବେ। ଏହି ଅବସରରେ କଟକ ଆଗ୍ରିଭେଟ୍ ଲିମିଟେଡ୍ ପରିଚାଳନା ନିର୍ଦ୍ଦେଶକ ମୋହିତ ସିଙ୍ଗଲା କହିଛନ୍ତି, 'ଏହି ପ୍ଲାଣ୍ଟ ପ୍ରତିଷ୍ଠା ସହିତ ଭାରତର ସ୍ଥାୟୀ ଶକ୍ତି କ୍ଷେତ୍ରରେ ଯୋଗଦାନ ଏବଂ ଗ୍ରାମାଞ୍ଚଳରେ ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରି ଆମେ ଆନନ୍ଦିତ। ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରି ଆମେ ଶୂନ୍ୟ ବର୍ଜ୍ୟବସ୍ତୁ ନିଷ୍କାସନକୁ ସୁନିଶ୍ଚିତ କରିପାରିଛୁ, ଯାହା ନିରନ୍ତର ବିକାଶ ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି'। ଭବିଷ୍ୟତରେ କଟକ ଆଗ୍ରିଭେଟ୍ ମାଲ୍ଟ, ଗ୍ଲୁକୋଜ୍, ଷ୍ଟାର୍ଚ ସମେତ ଅନେକ ନୂଆ ମକା ଭିତ୍ତିକ ଉତ୍ପାଦ ଆଣି ଏହାର ଉତ୍ପାଦ ଅଫରକୁ ବିସ୍ତାର କରିବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ବାଙ୍କୀ ବିଧାୟକ ଦେବୀପ୍ରସାଦ ତ୍ରିପାଠୀ, କଟକ ଜିଲାପାଳ ଅରିନ୍ଦମ ଡାକୁଆ, କଟକ ଗ୍ରାମାଞ୍ଚଳର ପୋଲିସ ଅଧୀକ୍ଷକ ଏଲ୍. ଦିବ୍ୟା, କମ୍ପାନୀର ଲୋକସମ୍ପର୍କ ମୁଖ୍ୟ ସୁଶୀଲ ମିଶ୍ରଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଇଥାନଲ ଯୋଗାଣ ପାଇଁ କଟକ ଆଗ୍ରିଭେଟ ଭାରତ ପେଟ୍ରୋଲିୟମ, ଇଣ୍ଡିଆନ ଅଏଲ୍ ଓ ହିନ୍ଦୁସ୍ଥାନ ପେଟ୍ରୋଲିୟମ ସହ ୧୦ ବର୍ଷ ପାଇଁ ଚୁକ୍ତି ସ୍ୱାକ୍ଷର କରିଛି।

### ପ୍ଲାଣ୍ଟକୁ ବିରୋଧକରି ଦାବିପତ୍ର

ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଇଥାନଲ ପ୍ଲାଣ୍ଟ ଉଦ୍‌ଘାଟନ କରିବାକୁ ଆସିଥିବାବେଳେ ପ୍ଲାଣ୍ଟକୁ ନେଇ ଅସନ୍ତୁଷ୍ଟ ଅଞ୍ଚଳବାସୀ ତାଙ୍କୁ ବିରୋଧ କରିବେ ବୋଲି ସୂଚନା ମିଳିବା ପରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଏହାସତ୍ତ୍ୱେ ଗୋବିନ୍ଦପୁର ଛକରେ ଏମ୍‌ପିଙ୍କ ଗାଡ଼ି ପହଞ୍ଚିବା କ୍ଷଣି ଜଣେ ଯୁବକ ଗାଡ଼ି ଆଗକୁ ପଳାଇ ଆସିଥିଲେ। ପ୍ଲାଣ୍ଟ ବନ୍ଦ କର ନଚେତ ଆମକୁ ମାରିଦିଅ କହି ସେ ଗାଡ଼ି ଆଗରେ ଶୋଇ ରହିଲେ। ଉପସ୍ଥିତ ଲୋକେ ଅପରାଜିତାଙ୍କ ଗାଡ଼ିକୁ ଘେରିଯାଇ ପ୍ଲାଣ୍ଟକୁ ନେଇ ଥିବା ଅସନ୍ତୁଷ୍ଟ ମତ ରଖିବା ସହ ପ୍ଲାଣ୍ଟ ବନ୍ଦ କରିବା ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେଇଥିଲେ। ଏଥିସହ ସ୍ଥାନୀୟ ଲୋକେ ଗୋ ବ୍ୟାକ୍ ଅପରାଜିତା ବୋଲି ନାରା ଦେଇଥିଲେ। ଅନ୍ୟପଟେ ଅପରାଜିତା କହିଛନ୍ତି, ନିଜର ମନ୍ତବ୍ୟ ଓ ପ୍ରସ୍ତାବ ରଖିବାକୁ ଲୋକତନ୍ତ୍ରରେ ସମସ୍ତଙ୍କ ଅଧିକାର ଅଛି। ସେ ଏକ ଦାବିପତ୍ର ପାଇଛନ୍ତି। ପ୍ଲାଣ୍ଟକୁ ନେଇ କେହି ଏଠାରେ ଲୋକଙ୍କୁ ଭ୍ରମିତ କରୁଛି। କିନ୍ତୁ ସେ ପ୍ଲାଣ୍ଟକୁ ଦେଖିଲେ ଏଠାରେ କୌଣସି ପ୍ରଦୂଷଣ ହେବନି ବୋଲି ଜାଣିବାକୁ ପାଇଥିଲେ। ସ୍ଥାନୀୟ ଅଞ୍ଚଳର ୨୫୦ ପିଲା ଏଠାରେ ନିଯୁକ୍ତି ପାଇଛନ୍ତି। ଆଗାମୀ ଦିନରେ ଆହୁରି ନିଯୁକ୍ତି ଦିଆଯିବ ବୋଲି ଅପରାଜିତା କହିଛନ୍ତି।


ପ୍ଲାଣ୍ଟକୁ ବିରୋଧ ଯୋଗୁ ଗୋବିନ୍ଦପୁର ଛକରେ ଉତ୍ତେଜନା।

# କାତାରରେ ପ୍ରବାସୀ ପାଳିଲେ ରଜ ପର୍ବ


କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ପ୍ରବାସୀ ଓଡ଼ିଆମାନେ।

ଭୁବନେଶ୍ୱର,୧୮।୬ (ଶର୍ମିଷ୍ଠା ପାଣିଗ୍ରାହୀ)

ପ୍ରବାସୀ ଓଡ଼ିଆ ସଙ୍ଗଠନ 'ଉତ୍କଳିକା କାତାର' ପକ୍ଷରୁ ଇଣ୍ଡିଆନ କଲ୍‌ଚରାଲ ସେଣ୍ଟର (ଆଇସିସି)ଠାରେ କାତାରରେ ରହୁଥିବା ଓଡ଼ିଆମାନଙ୍କୁ ନେଇ ରଜ ପର୍ବ ପାଳିତ ହୋଇଯାଇଛି। ଓଡିଶାର ନିଜସ୍ୱ ଖାଦ୍ୟ ଓ ରନ୍ଧନଶୈଳୀକୁ କାତାରରେ ଲୋକପ୍ରିୟ କରିବା ଥିଲା ଏହି ଆୟୋଜନର ମୂଳ ଲକ୍ଷ୍ୟ। ଏଥିପାଇଁ ବିଭିନ୍ନ ପ୍ରକାର ପିଠା, ପଣା ଓ ସୁସ୍ୱାଦୁ ଖାଦ୍ୟ ସାଙ୍ଗକୁ ନାଚ, ଗୀତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। 'ଉତ୍କଳିକା କାତାର'ର ସଭାପତି ଡ. ବସନ୍ତ କୁମାର କବି ସ୍ୱାଗତ ଭାଷଣ ଦେଇଥିଲେ। କାତାରସ୍ଥିତ ପୋଦାର ପର୍ଲ ସ୍କୁଲର ପ୍ରିନ୍ସିପାଲ ଡ. ମନୀସ ମଙ୍ଗଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚଳିତବର୍ଷ ଦଶମ ତଥା ଦ୍ୱାଦଶ ଶ୍ରେଣୀରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିବା ଉତ୍କଳିକା କାତାରର ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରବାସୀ ଓଡିଆମାନେ ରଜ ମଉଜ ସାଙ୍ଗକୁ ଲକି ଡ୍ର'ର ମଜା ନେଇଥିଲେ। ସଙ୍ଗଠନ ଉପସଭାପତି ନିହାର ରଞ୍ଜନ ମହାନ୍ତି, ସାଧାରଣ ସମ୍ପାଦକ ଅବିନାଶ ଆଚାର୍ଯ୍ୟ, ଯୁଗ୍ମ ସମ୍ପାଦିକା ଇପ୍ସିତା ଶତପଥୀ, ଉପଦେଷ୍ଟା ଖାରବେଳ ପାଣିଗ୍ରାହୀ, କାଜଲ ବିଶ୍ୱାଳ, ଡା. ଶାରଦା ପ୍ରସାଦ ଡାକୁଆ, ଦୀପକ ପଟେଲ ପ୍ରମୁଖ କାର୍ଯ୍ୟକ୍ରମ ସମ୍ପାଦନରେ ସହଯୋଗ କରିଥିଲେ। ପରିଚାଳନା ସମିତିର କାର୍ଯ୍ୟକର୍ତ୍ତା ନିହାରିକା ସ୍ୱାଇଁ, ଜୟଶ୍ରୀ ମହାପାତ୍ର, ପ୍ରିୟଦର୍ଶିନୀ ସେନାପତି, ରଶ୍ମିତା ମିଶ୍ର, ପ୍ରିୟଦର୍ଶୀ ଦାଶ, ସତ୍ୟଜିତ ସାମଲ, ଓମ ପ୍ରକାଶ ପରିଡ଼ା, ପରମାନନ୍ଦ ରାଉତ, ସୁନୀଲ ଡାକୁଆ ପ୍ରମୁଖ ପରିଚାଳନାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

# ଇଣ୍ଟରନେଟ୍ ପାଠ

ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରି ଏଜୁକେଶନ (ସିବିଏସ୍ଇ) ଅନୁବନ୍ଧିତ ସ୍କୁଲଗୁଡ଼ିକ ପାଇଁ କେନ୍ଦ୍ର ସରକାରଙ୍କ ଅଧୀନ ନ୍ୟାଶନାଲ କାଉନ୍ସିଲ ଅଫ୍ ଏଜୁକେଶନାଲ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ (ଏନ୍ସିଇଆର୍ଟି) ପାଠ୍ୟକ୍ରମ ଏବଂ ବହି ପ୍ରସ୍ତୁତକରେ । କିନ୍ତୁ ପ୍ରାୟ ପ୍ରତ୍ୟେକ ବର୍ଷ ବହି ଠିକ୍ ସମୟରେ ଛପାଇବା ଓ ପିଲାଙ୍କୁ ଯୋଗାଇବାରେ ବ୍ୟତିକ୍ରମ ଲକ୍ଷ୍ୟ କରାଯାଉଛି। ଏହି ସମସ୍ୟାକୁ ପିଲା ତଥା ଅଭିଭାବକମାନେ ପ୍ରତ୍ୟେକ ବର୍ଷ ଅଙ୍ଗେ ନିଭାଉଛନ୍ତି। ଚଳିତ ବର୍ଷ ପ୍ରାରମ୍ଭରେ ବହି ଅଭାବକୁ ଦେଖି ଏନ୍ସିଇଆର୍ଟି ଅନ୍ଲାଇନରେ ପାଠକୁ ଛାଡ଼ିବା ଦ୍ୱାରା ଏହାକୁ ନେଇ ବ୍ୟବସାୟୀ ଗୋଷ୍ଠୀ ବହି ଛପାଇ ବିକ୍ରି କରିବା ଖବର ନଜରକୁ ଆସିଥିଲା। ବଡ଼ ସମସ୍ୟା ହେଉଛି, ନିକଟ ଅତୀତରୁ ପ୍ରାୟ ପ୍ରତ୍ୟେକ ବର୍ଷ ସିବିଏସ୍ଇର ବିଭିନ୍ନ ଶ୍ରେଣୀର ପାଠ୍ୟକ୍ରମରେ ପରିବର୍ତ୍ତନ କରାଯାଉଛି। ପ୍ରଥମେ ପାଠ୍ୟ ପୁସ୍ତକରୁ ମୋଗଲ ଇତିହାସକୁ ହଟାଇ ଦିଆଯିବା ପରେ ଦଶମ ଶ୍ରେଣୀର ପାଠ୍ୟପୁସ୍ତକରୁ ଇଭୋଲ୍ୟୁଶନ ବା କ୍ରମବିବର୍ତ୍ତନ ବିଷୟକୁ ପରିବର୍ତ୍ତନ କରାଯିବା ପ୍ରାୟ ସମସ୍ତଙ୍କର ମନେଥିବ। ଏହାବ୍ୟତୀତ ପିଲାମାନେ ଦଙ୍ଗା ଉପରେ ଶିକ୍ଷା ପାଇବା ଉଚିତ ନୁହେଁ ବୋଲି ପାଠ୍ୟକ୍ରମର ନୂତନ ସଂସ୍କରଣରେ ଗୁଜରାଟ ଦଙ୍ଗା ଓ ବାବ୍ରି ମସ୍ଜିଦ ଭଙ୍ଗ ବିଷୟକୁ ସଂଶୋଧନ କରାଯାଇଥିବା ଏନ୍ସିଇଆର୍ଟି ନିର୍ଦ୍ଦେଶକ ଜୁନ୍ ୧୬ରେ ପ୍ରକାଶ କରିଥିଲେ। ଦ୍ୱାଦଶ ଶ୍ରେଣୀ ରାଜନୀତି ବିଜ୍ଞାନ ବହିରୁ ଏହି ବିଷୟକୁ ବାଦ୍ ଦିଆଯିବା ସହ ଅନ୍ୟ କେତେକରେ ପରିବର୍ତ୍ତନ କରାଯାଇଛି। ବାବ୍ରି ମସ୍ଜିଦକୁ ୩ ଗମ୍ବୁଜ ବିଶିଷ୍ଟ ଢାଞ୍ଚା ବୋଲି ଉଲ୍ଲେଖ କରାଯାଇଥିବା ବେଳେ ଅଯୋଧ୍ୟା ବିଷୟକୁ ୪ ପୃଷ୍ଠାରୁ ୨ ପୃଷ୍ଠାକୁ କମାଇ ଦିଆଯାଇଛି। ରାଜନୀତି ବିଜ୍ଞାନ ବହିର ଗଣତାନ୍ତ୍ରିକ ଅଧିକାର ଅଧ୍ୟାୟରୁ ଗୁଜରାଟ ଦଙ୍ଗା ବିଷୟକୁ ହଟାଯାଇଛି। ପିଲାଙ୍କୁ ଦଙ୍ଗା ବିଷୟରେ ପଢ଼ାଗଲେ ତାହା ସକାରାତ୍ମକ ପ୍ରଭାବ ପକାଇବ ନାହିଁ ବୋଲି ଏନ୍ସିଇଆର୍ଟି ଯୁକ୍ତି ଦର୍ଶାଇଛି। ଯେହେତୁ ସମ୍ବିଧାନ ଭାରତ ଓ ଇଣ୍ଡିଆ ୨ ଶବ୍ଦକୁ ସ୍ୱୀକୃତି ଦେଇଛି, ସେଥିପାଇଁ ବହିରେ ଏହାକୁ ଅଦଳବଦଳକରି ବ୍ୟବହାର କରାଯାଇପାରିବ ବୋଲି ଜୁନ୍ ୧୭ରେ କୁହାଯାଇଛି। କିନ୍ତୁ ମନେରଖିବା ଉଚିତ ଯେ, ବହିର କୌଣସି ବିଷୟରେ ପରିବର୍ତ୍ତନ କରିବା ଅର୍ଥ ବହି ନୂଆ କରି ଛପାଇବା। ଅର୍ଥାତ୍ ପୁରୁଣା ବହି ବଦଳରେ ପିଲାଙ୍କୁ ପୁନର୍ବାର ନୂଆ ବହି କିଣିବାକୁ ବାଧ କରିବା। ଏହି ବିଷୟରେ ଧରିତ୍ରୀର ଏପ୍ରିଲ ୯ ତାରିଖରେ ଏହି ସ୍ତମ୍ଭରେ ଲେଖିଥିଲୁ ଯେ,ପୂର୍ବରୁ ବଡ଼ ଭଉଣୀ ଭାଇଙ୍କ ବହିକୁ ସାନମାନେ ପଠନ କରିପାରୁଥିଲେ। କିନ୍ତୁ ବହିର ବିଷୟବସ୍ତୁ ବାରମ୍ବାର ବଦଳିବା ହେତୁ ତାହା ସମ୍ଭବପର ହୋଇପାରୁନାହିଁ।

> ପାଠ୍ୟପୁସ୍ତକର ବିଷୟ ବାରମ୍ବାର ବଦଳିବା ଫଳରେ ଅନେକ ସମସ୍ୟା ସୃଷ୍ଟି ହୋଇଛି। ପ୍ରଥମଟି ହେଉଛି, ପାଠ୍ୟପୁସ୍ତକ ପ୍ରସ୍ତୁତ କରୁଥିବା ଅଧିକାରୀମାନଙ୍କର ମାନସିକ ସ୍ଥିରତା ଏବଂ ବୌଦ୍ଧିକ ଦକ୍ଷତା ଉପରେ ପ୍ରଶ୍ନବାଚୀ ଲାଗୁଛି। ଅଭିଭାବକମାନଙ୍କର ବାରମ୍ବାର ବହିକିଣା ଫଳରେ ଆର୍ଥିକ ବୋଝ ବଢୁଛି।

ପାଠ୍ୟପୁସ୍ତକର ବିଷୟ ବାରମ୍ବାର ବଦଳିବା ଫଳରେ ଅନେକ ସମସ୍ୟା ସୃଷ୍ଟି ହୋଇଛି। ପ୍ରଥମଟି ହେଉଛି, ପାଠ୍ୟପୁସ୍ତକ ପ୍ରସ୍ତୁତ କରୁଥିବା ଅଧିକାରୀମାନଙ୍କର ମାନସିକ ସ୍ଥିରତା ଏବଂ ବୌଦ୍ଧିକ ଦକ୍ଷତା ଉପରେ ପ୍ରଶ୍ନବାଚୀ ଲାଗୁଛି। ଅଭିଭାବକମାନଙ୍କର ବାରମ୍ବାର ବହିକିଣା ଫଳରେ ଆର୍ଥିକ ବୋଝ ବଢୁଛି। ପ୍ରତ୍ୟେକଥର ନୂତନ ପାଠ୍ୟପୁସ୍ତକ ପ୍ରସ୍ତୁତ କରିବା, ଛାପିବା ଏବଂ ପିଲାଙ୍କ ପାଖରେ ପହଞ୍ଚାଇବାର ବ୍ୟବସ୍ଥା ଭାଙ୍ଗିପଡୁଥିବା ହେତୁ ଛାତ୍ରୀଛାତ୍ର କ୍ଷତିଗ୍ରସ୍ତ ହେବା ସହ ବ୍ୟବସାୟିକ ସ୍ୱାର୍ଥ ପ୍ରବେଶ କରିବାର ସୁଯୋଗ ସୃଷ୍ଟି ହେଉଛି। ସରକାର ତାଙ୍କର ମନଇଚ୍ଛା ରାଜନୀତି, ଭୂଗୋଳ, ଗଣିତ ଏବଂ ଇତିହାସ ବିଷୟଗୁଡ଼ିକୁ ଥରକରେ ପରିବର୍ତ୍ତନ କରିଦିଅନ୍ତୁ। ସେହି ବହିକୁ ପ୍ରଚଳିତ ରଖନ୍ତୁ ଯେପର୍ଯ୍ୟନ୍ତ ଅନ୍ୟ ଏକ ସରକାର ଆସି ପୁନର୍ବାର ସବୁକିଛି ବଦଳାଇବାର ସୁଯୋଗ ପାଇନାହିଁ। ସେତେବେଳେ ସେ ସମସ୍ୟାକୁ ଦେଖାଯିବ। ଅନ୍ୟ ଏକ ପନ୍ଥା ହେଉଛି ବହିକୁ ନିୟମିତ ବଦଳାଇ ଚାଲନ୍ତୁ ଏବଂ ଯେଉଁ ଧନୀଘରର ପିଲା ଇଣ୍ଟରନେଟ୍ ଏବଂ କମ୍ପ୍ୟୁଟର ସାହାଯ୍ୟରେ ପାଠ ପଢ଼ିପାରିବେ ସେହି ପିଲାମାନେ ଉଧାଇବାର ସୁଯୋଗ ପାଆନ୍ତୁ। ନିଷ୍ଠୁର ଭାବେ ସରକାର ଘୋଷଣା କରିଦିଅନ୍ତୁ ଯେଉଁମାନେ ଇଣ୍ଟରନେଟ୍ରୁ ବହିକୁ ଡାଉନଲୋଡ୍ କରିପାରିବେ ନାହିଁ, ସେମାନେ ପଢ଼ିବା ଦରକାର ନାହିଁ।

## sudoku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | | | | 3 | | | |
| 8 | | 9 | 1 | | 4 | 6 | | |
| | | | | | | | 1 | 2 |
| | 6 | | | | | | | |
| 2 | | | 5 | 7 | | | | |
| | | | 4 | 3 | | 1 | 5 | |
| 1 | | | | | 5 | | | 7 |
| | | | | | | 9 | | |
| 7 | | 4 | | 2 | | | 8 | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 3 | 1 | 9 | 8 | 5 | 2 | 7 | 4 |
| 2 | 4 | 8 | 1 | 7 | 6 | 5 | 3 | 9 |
| 9 | 5 | 7 | 3 | 4 | 2 | 1 | 8 | 6 |
| 5 | 9 | 4 | 6 | 1 | 8 | 3 | 2 | 7 |
| 1 | 8 | 3 | 2 | 9 | 7 | 6 | 4 | 5 |
| 7 | 6 | 2 | 5 | 3 | 4 | 9 | 1 | 8 |
| 8 | 2 | 5 | 4 | 6 | 3 | 7 | 9 | 1 |
| 3 | 7 | 9 | 8 | 5 | 1 | 4 | 6 | 2 |
| 4 | 1 | 6 | 7 | 2 | 9 | 8 | 5 | 3 |

ଗତକାଲିର ଉତ୍ତର

# ପ୍ରହେଳିକା



ରିତେଶ କୁମାର ଶିଶୁ

ଜନ୍ମରୁ ମୃତ୍ୟୁ ଯାଏ କେବଳ ଆଲୋକ ଆଉ ଅନ୍ଧକାରର ଖେଳ। ଏଇ ଆଲୁଅ ଅନ୍ଧାରର ପ୍ରହେଳିକାମୟ ଲୁଚକାଳି ଖେଳ ଭିତରେ ମଣିଷ ଖୋଜି ଚାଲିଛି ଚିରନ୍ତନ ସୃଷ୍ଟିର ରହସ୍ୟକୁ। ସେହି ଲକ୍ଷ୍ୟ ସାଧନ ପାଇଁ କିଏ ଆଧ୍ୟାତ୍ମିକ ମାର୍ଗ ଅନୁସରଣକରେ ତ କିଏ ବୈଜ୍ଞାନିକ ପଦ୍ଧତିର ବିଶ୍ଳେଷଣାତ୍ମକ ପନ୍ଥା। ଆଜିର ବିଜ୍ଞାନ ସମୃଦ୍ଧ ସମାଜରେ ଅନେକ ବୁଦ୍ଧିଜୀବୀ ଆଧ୍ୟାତ୍ମିକ ମାର୍ଗକୁ ନ୍ୟୂନକରି ଦେଖନ୍ତି।

ବିଜ୍ଞାନକୁ ମାନୁଥିବା ଲୋକେ ଆଧ୍ୟାତ୍ମିକ ହୋଇପାରନ୍ତି ନ ହୋଇପାରନ୍ତି, କିନ୍ତୁ ଏହା ସତ୍ୟ ଯେ ବିଜ୍ଞାନର ଅଗ୍ରଗତି ଯୋଗୁ ବିଭିନ୍ନ ଧର୍ମରେ ପ୍ରଚଳିତ ରଢ଼ିବାଦୀ ଅନ୍ଧବିଶ୍ୱାସ ସବୁର ମୁଖା ଖୋଲିଯାଇଛି। ତଥାପି କିଛି ଧର୍ମାନ୍ଧ ଗୋଷ୍ଠୀ ସେସବୁ ଅନ୍ଧବିଶ୍ୱାସକୁ ଛାଡ଼ିବାକୁ ନାଚାର। ଏଇ ଅନ୍ଧବିଶ୍ୱାସ ଶବ୍ଦଟି ଅନ୍ଧାର ସହ ଜଡ଼ିତ, ଅର୍ଥାତ୍ ଅନ୍ଧଭାବରେ କୌଣସି କଥାକୁ ମାନିନେବା ଯାହା ଅନ୍ଧାରରେ ବାଡ଼ି ବୁଲାଇବା ସଦୃଶ। କୌଣସି କଥାର ଯଥାର୍ଥତା ବା ସତ୍ୟତାକୁ ନ ପରଖି ମାନିନେବା ହେଉଛି ଅନ୍ଧବିଶ୍ୱାସ। ତେବେ ବିଜ୍ଞାନ କ'ଣ କେବେ ଅନ୍ଧାରରେ ବାଡ଼ି ବୁଲାଏ ନାହିଁ? ବିଜ୍ଞାନ ଯାହା କହେ ସବୁ କ'ଣ ପ୍ରମାଣ ସିଦ୍ଧ ? ତେବେ ବିଜ୍ଞାନରେ ଦର୍ଶନ କାହିଁକି ଯୋଡ଼ିହୋଇ ରହିଛି ? ଉଦାହରଣ ସ୍ୱରୂପ ବିଶ୍ୱ ବ୍ରହ୍ମାଣ୍ଡର ଉତ୍ପତ୍ତିର ତତ୍ତ୍ୱ ବିଗ୍ବ୍ୟାଙ୍ଗ୍ ବା ବିରାଟ ବିସ୍ଫୋରଣର ପ୍ରର୍ଯ୍ୟାପ୍ତ ପ୍ରମାଣ ନ ଥାଇ ବି ତାହାକୁ ଗ୍ରହଣ କରାଯାଇଛି। ଏହି ତତ୍ତ୍ୱରେ ବିଜ୍ଞାନର ଆଉ ଧର୍ମର ଏକ ଅପୂର୍ବ ସମନ୍ୱୟ ଦେଖିବାକୁ ମିଳେ। ଋକ୍ବେଦର ନାଷଦିଅ ସୁକ୍ତରେ (ଦଶମ ମଣ୍ଡଳର ୧୨୯ ସଂଖ୍ୟାର ଶ୍ଳୋକ) ଲିଖିତ ବିଶ୍ୱ ସୃଷ୍ଟିର ରହସ୍ୟ ଅବିକଳ ବିଗ୍ବ୍ୟାଙ୍ଗ୍ ତତ୍ତ୍ୱର ନକଲ। କେତେଜଣ ବୁଦ୍ଧିଜୀବୀ ମତ ଦିଅନ୍ତି , ବିଗ୍ବ୍ୟାଙ୍ଗ୍ ତତ୍ତ୍ୱ ସମ୍ଭବତଃ ଋକ୍ ବେଦର ନାଷଦିଅ ସୁକ୍ତରୁ ଉଦ୍ଧୃତ କରାଯାଇଛି। ବିଜ୍ଞାନର ଅଗ୍ରଗତି ଯଦି ଦେଖିବା ତେବେ ବିଶ୍ୱର ଉଭୟ ବୃହତର ଓ ସୂକ୍ଷ୍ମତମ ସଂରଚନା କ୍ଷେତ୍ରରେ ଏହା କେବଳ ସମ୍ଭାବନାତ୍ମକ ତତ୍ତ୍ୱ ପ୍ରଦାନ କରିପାରିଛି, କୌଣସି ପ୍ରକାର ସ୍ୱୟଂସମ୍ପୂର୍ଣ୍ଣ ତତ୍ତ୍ୱ ଏହା ଦେବାକୁ ସକ୍ଷମ ନୁହେଁ। ବିଜ୍ଞାନ ଏହା ଜଣାଇପାରିଛି କି ଆଲୋକର କଣିକା ଦ୍ୱୈତ ପ୍ରକୃତି ବିଶିଷ୍ଟ ଉଭୟ କଣିକା ଓ ତରଙ୍ଗର ମିଶ୍ରଣ, ହେଲେ ଏହା ଜଣାଇପାରି ନାହିଁ ଯେ ଏପରି କାହିଁକି ହେଉଛି।

ପୃଥିବୀର ବାୟୁମଣ୍ଡଳକୁ ଭେଦି ମହାକାଶକୁ ଚାଲିଗଲେ ସବୁ ଅନ୍ଧକାରମୟ ଓ ତାହା ଭିତରେ ଆଲୋକ ପ୍ରଦାନ କରୁଥିବା ନକ୍ଷତ୍ରମାନେ ଛୋଟ ଛୋଟ ବିନ୍ଦୁ ପରି ଦେଖାଯାଆନ୍ତି। କହିବା ବାହୁଲ୍ୟ ଯେ ସାରା ଜଗତରେ ଅନ୍ଧାର ହେଉଛି ସୀମାହୀନ ଆଉ ତା' ଭିତରେ ଆଲୋକ ହେଉଛି ଅତି ସୀମିତ। ଅନ୍ଧାରର ଗହନ ଅଜ୍ଞତା ଭିତରେ କି ପ୍ରକାର ରହସ୍ୟ



ଭରି ରହିଛି ତାହା ଜ୍ଞାତ ହେବାକୁ ଆଲୋକର ଆବଶ୍ୟକତା ଅଛି। ତେଣୁ ଆଲୋକ ହେଉଛି ଜ୍ଞାନର ଅନ୍ୟ ଏକ ରୂପ ଆଉ ଅନ୍ଧାର ହେଉଛି ଅଜ୍ଞତାର ପ୍ରତୀକ। ମହାଭାରତରେ ବର୍ଣ୍ଣିତ ଯକ୍ଷ ଯୁଧିଷ୍ଠିର କଥୋପକଥନରେ ଯକ୍ଷଙ୍କର ଏକ ପ୍ରଶ୍ନ ଥିଲା, ଏ ଦୁନିଆକୁ କ'ଣ ଢାଙ୍କି ରଖିଛି, ଯାହାର ଉତ୍ତର ଦେବାକୁ ଯାଇ ଯୁଧିଷ୍ଠିର କହିଥିଲେ, ସାରା ଜଗତକୁ ଅଜ୍ଞତା ରୂପକ ଅନ୍ଧକାର ଢାଙ୍କି ରଖିଛି। ଥରେ ଚିନ୍ତା କରନ୍ତୁ, ଯଦି ଏ ପୃଥିବୀରୁ ପୂରା ମଣିଷ ସମାଜ ବିଲୀନ ହୋଇଯିବ ତେବେ ଅନୁଶୀଳନ ଚେତନାଶୂନ୍ୟ ଏ ଜଗତରେ ବିଶ୍ୱ ବ୍ରହ୍ମାଣ୍ଡର ସ୍ୱରୂପ କିପରି ହେବ। ଏ ଜଗତ ଥାଇ ନ ଥିଲା ପରି ହୋଇଯିବ। ଆଖି ଖୋଲାଥିଲେ ଜଗତକୁ ଦେଖିବା ପାଇଁ ଆଲୋକର ଅବଶ୍ୟକତା ଅଛି ଓ ଘୋର ଅନ୍ଧକାର ମଧ୍ୟରେ ଆଖି ଥାଇ ଆମେ ଅନ୍ଧ ଭଳି। ଜାଗ୍ରତ ଅବସ୍ଥାରେ ଆମ ସଚେତନ ଓ ନିଦ୍ରିତ ଅବସ୍ଥାରେ ଅଚେତନ, ଏହି ଦୁଇ ଅବସ୍ଥାରେ ମଧ୍ୟ ଜଗତ ଆମ ପାଇଁ ଯଥାକ୍ରମେ ଗୋଚର ଆଉ ଅଗୋଚର ସ୍ଥିତିରେ ଥାଏ। ଆଲୋକ ଓ ଅନ୍ଧାରର ଏହି ଖେଳ ମଧ୍ୟରେ ଆମେ ସବୁ ଚେତନାର ଗୋଟିଏ ଗୋଟିଏ କ୍ଷଣସ୍ଥାୟୀ ପିଣ୍ଡ। ଯାହା ବାସ୍ତବ ଭାବୁଛେ ପର ମୁହୂର୍ତ୍ତରେ ତାହା ଅବାସ୍ତବ ପ୍ରତୀୟମାନ ହୁଏ। ଆମେ ସବୁ ଜଣେ ଜଣେ ନିରୀକ୍ଷଣକାରୀ ମାତ୍ର, ଅର୍ଥାତ୍ ଜଗତରେ ଯାହା କିଛି ଅଛି ଆମେ ନିରୀକ୍ଷଣ କଲେ ଯାଇ ତାହା ବାସ୍ତବ ଅନ୍ୟଥା ତାହାର ସ୍ଥିତି ଥାଇ ବି ଅମୂଳକ ସଦୃଶ। କଣିକା ବିଜ୍ଞାନର ତତ୍ତ୍ୱକୁ ବଖାଣିବାକୁ ଯାଇ ନିଲ୍ ଡୋନାଲ୍ଡ ୱାଲ୍ସ କହିଥିଲେ , ''ଆମେ ନିରୀକ୍ଷଣ କରୁଥିବା କୌଣସି ବସ୍ତୁ ଆମ ଦ୍ୱାରା ପ୍ରଭାବିତ ହୁଅନ୍ତି ନାହିଁ।'' ଅର୍ଥାତ୍ ଆମେ ଯଦି ଜହ୍ନକୁ ନିରୀକ୍ଷଣ କରୁଛେ ଏହାଦ୍ୱାରା ଜହ୍ନ ଉପରେ କୌଣସି ପ୍ରଭାବ ପଡ଼େନାହିଁ, ଆମେ ଏ ବିଶାଳ ବିଶ୍ୱର କେବଳ ଏକ ନିରୀକ୍ଷଣକାରୀ ହିଁ ଅଟୁ। ଏହି ମର୍ମରେ ଭଗବଦ୍ ଗୀତାର ତୃତୀୟ ଅଧ୍ୟାୟର ୨୭ତମ ଶ୍ଳୋକ ବିଶେଷ ଗ୍ରହଣ ଯୋଗ୍ୟ ; 'ପ୍ରକୃତେଃ କ୍ରିୟମାଣାନୀ ଗୁଣୈଃ କର୍ମାଣୀ ସର୍ବସଃ। ଅହଙ୍କାରବିମୂଢ଼ାତ୍ମା କର୍ତାଷମିତି ମନ୍ୟତେ'॥ ଅର୍ଥାତ୍ ଜଗତରେ ସମସ୍ତ କର୍ମ ପ୍ରକୃତିର ତାଡ଼ନାରେ ହିଁ ସମ୍ପାଦିତ ହେଉଛି, କିନ୍ତୁ ଅହଂକାରର ବଶବର୍ତ୍ତୀ ଆତ୍ମା ଭାବୁଛି ମୁଁ ହିଁ ସବୁ କିଛି କରୁଛି। ଚେତନଶୀଳ ଆମ ଏ ଶରୀର କେବଳ ଏକ ନିରୀକ୍ଷଣକାରୀ ଆଉ ପ୍ରକୃତିର ପ୍ରରୋଚନାରେ ଯନ୍ତ୍ରବତ୍ କାର୍ଯ୍ୟ କରୁଥିବା ଏକ ଜୀବନ୍ତ ପିଣ୍ଡ ବ୍ୟତୀତ ଆଉ କିଛି ନୁହେଁ। ପ୍ରଖ୍ୟାତ ବୈଜ୍ଞାନିକ ଆଲବର୍ଟ ଆଇନଷ୍ଟାଇନ ସୂକ୍ଷ୍ମ କଣିକାଗୁଡ଼ିକର ବିଚିତ୍ର ବ୍ୟବହାରକୁ ଲକ୍ଷ୍ୟକରି 'ଭଗବାନ୍ ଲୁଡୁ ଖେଳୁନାହାନ୍ତି' ବୋଲି ମନ୍ତବ୍ୟ ମଧ୍ୟ ଦେଇଥିଲେ। ଏହାର ତାତ୍ପର୍ଯ୍ୟ ହେଲା ବିଶ୍ୱ ଅବ୍ୟବସ୍ଥିତ ଭାବରେ ସୃଷ୍ଟିହୋଇ ନାହିଁ ବରଂ ସବୁ କିଛି ବ୍ୟବସ୍ଥିତ ଭାବରେ କୌଣସି ଏକ ଅଦୃଶ୍ୟ ସତ୍ୟ ଦ୍ୱାରା ପରିଚାଳିତ ହେଉଛି।

ସମଗ୍ର ଜୀବଜଗତରେ ମାନବ ହେଉଛି ଶ୍ରେଷ୍ଠତର ପ୍ରାଣୀ। କାରଣ ମାନବର ଚେତନା ଥିବା ସହ ବିଶ୍ଳେଷଣାତ୍ମକ ଚିନ୍ତନ ଶକ୍ତିର ପ୍ରଖରତା ଅଛି। ପ୍ରକୃତିକୁ ବୁଝିବାର ଦୁର୍ବାର ଉଦ୍ଦୀପନା ମଣିଷକୁ ଅଧିକ କ୍ରିୟାଶୀଳ କରାଇଛି ଏବଂ ସେଥିରେ ଲୁକ୍କାୟିତ ଅନେକ ରହସ୍ୟକୁ ଉଜାଗର କରିଚାଲିଛି। ହେଲେ ପ୍ରକୃତିକୁ ଅଧୀନ କରିବାର ଶକ୍ତି ମଣିଷ ଏ ପର୍ଯ୍ୟନ୍ତ କରାୟତ୍ତ କରିପାରିନାହିଁ। ଏହି ପ୍ରକୃତି ମଧ୍ୟରେ ମଣିଷର ଜନ୍ମ ଓ ମୃତ୍ୟୁର ପ୍ରକ୍ରିୟା ଅହରହ ଚାଲୁ ରହିଛି। ମଣିଷ ଏ ପର୍ଯ୍ୟନ୍ତ ଏହିସବୁ କ୍ରିୟାକୁ ନିଜର ଅଧୀନ କରିପାରି ନାହିଁ। ଜନ୍ମ, ମୃତ୍ୟୁ, ଜରା, ବ୍ୟାଧିକୁ ମଣିଷ ଜୟ କରିବା ଅସମ୍ଭବ ମନେହୁଏ। କହିବା ବାହୁଲ୍ୟ ଯେ ବିଜ୍ଞାନ ଯେତେ ଅଗ୍ରଗତି କଲେ ବି ସଂସାରର ଏହି ବିଚିତ୍ର ପ୍ରକ୍ରିୟା ମଧ୍ୟରେ ସବୁ ସମାପନ ହେଉଛି। ପଥରଟିଏ ଫିଙ୍ଗିଲେ ତାହା ତଳକୁ ହିଁ ଖସିବ, ଦୁଇଟି ଉଦ୍ଜାନ ଓ ଗୋଟିଏ ଅମ୍ଳଜାନ ଅଣୁ ମିଶିଲେ ଜଳ ହିଁ ସୃଷ୍ଟି ହେବ ଏବଂ ଏକ ବସ୍ତୁର ଅଧିକତମ ବେଗ ଆଲୋକର ବେଗଠାରୁ ଅଧିକ ହୋଇପାରିବ ନାହିଁ। ଏସବୁ ବିଧି ନିର୍ଦ୍ଧାରିତ ଏବଂ ବିଜ୍ଞାନ ଏହି ପ୍ରକ୍ରିୟାକୁ କେବଳ ଉଜାଗର କରିପାରିଛି, କିନ୍ତୁ ନିୟମ ବାହାରେ ଯାଇ ଏହି ପ୍ରକ୍ରିୟାକୁ ପରିବର୍ତ୍ତନ କରିପାରି ନାହିଁ। ଅର୍ଥାତ୍ ମାନବ ସମାଜର ତଥାକଥିତ ବିଜ୍ଞାନ ଏହି ପ୍ରକୃତିର ଅଧୀନ ।

ପରିଶେଷରେ ଏତିକି କୁହାଯାଇପାରେ, ଯେଉଁ ସ୍ତରରେ ବିଜ୍ଞାନର ସୀମାର ଅନ୍ତ ହୁଏ ସେହିଠାରୁ ଧାର୍ମିକ ଦର୍ଶନର ଆରମ୍ଭ ହୁଏ। ସେଥିପାଇଁ ବୋଧହୁଏ ଅନେକ ବିଖ୍ୟାତ ବୈଜ୍ଞାନିକ ଧାର୍ମିକ ମତବାଦଗୁଡ଼ିକ ପ୍ରତି ଆକୃଷ୍ଟ ହୋଇଛନ୍ତି। ମଣିଷ ଯାହାର ଉତ୍ତର ବିଜ୍ଞାନର ପରିଧି ଭିତରେ ନ ପାଏ ତାହା ସେ ଅତି ଭୌତିକ ଦର୍ଶନରୁ ପାଇବାକୁ ଚେଷ୍ଟାକରେ, ସେଥିରୁ ଧର୍ମୀୟ ମତବାଦ ଓ ଏକ ଦୈବିକ ଭାବନାର ସୃଷ୍ଟି। ପୃଥିବୀର ସର୍ବ ପୁରାତନ ଦର୍ଶନ ବେଦରେ ଲିଖିତ ଅନେକ ରୋଚକ ରହସ୍ୟ ଏହି ପ୍ରକୃତିକୁ ବୁଝିବାର ପ୍ରୟାସ ମାତ୍ର, ସେ ଅଗ୍ନି ହୁଅନ୍ତୁ କି ବର୍ଷା, ଏସବୁର ଉତ୍ପତ୍ତି ପ୍ରକ୍ରିୟାକୁ ବୁଝିବାକୁ ଯାଇ ଦେବତାମାନଙ୍କର ସୃଷ୍ଟି ଯାହାର ଉତ୍ତର ହୁଏତ ଆଜିର ବିଜ୍ଞାନରେ ମିଳିଯାଇଥାଏ। କିନ୍ତୁ କେତେକ କ୍ଷେତ୍ରରେ ତାହା ସମ୍ପୂର୍ଣ୍ଣ ସତ୍ୟ ବି ନ ହୋଇପାରେ।

**ସାଇଲୋ, ବଡ଼ବିଲ, କଟକ**

# ଆମ ଭୁଲ୍



ହରେକୃଷ୍ଣ ଦାସ

ଆମମାନଙ୍କର ଏକ ଅତି ସାଧାରଣ ପ୍ରକୃତି ହେଉଛି ଏୟା ଯେ କୌଣସି ଭୁଲ୍ କରିଛୁ ବୋଲି ଆମେ ସ୍ୱୀକାର କରିବାକୁ ରାଜି ନ ଥାଉ। ଆମ ଦ୍ୱାରା କେବେ କିଛି ଅବାଞ୍ଛିତ କାର୍ଯ୍ୟ ଘଟିଗଲେ, ସେଥିପାଇଁ ଆମେ ନିଜ ଚରିତ୍ରର ଅସଙ୍ଗତିକୁ ଦାୟୀ ନ କରି ଅନ୍ୟ କୌଣସି କାରକ ଉପରେ ଦୋଷ ଲଦିଦେଉ। ପରିସ୍ଥିତିର ଫାଇଦା ନେବା ଯୋଗୁ ହେଉ କିମ୍ବା ଅନ୍ୟମାନେ ଆମକୁ ଭୁଲ୍ ପ୍ରମାଣିତ କରିବାକୁ ଇଚ୍ଛା ନ କରିବା ଯୋଗୁ ହେଉ, ଆମେ ନିଜକୁ ସବୁବେଳେ ଠିକ୍ ବୋଲି ପ୍ରମାଣିତ କରିପାରି ଆତ୍ମଶ୍ଳାଘା ପାଉ ସିନା, ଏ ପ୍ରବୃତ୍ତି ଧୀରେ ଧୀରେ ଆମର ସବୁ ସମ୍ପର୍କ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ଏମିତି କି, ଏ ପ୍ରବୃତ୍ତି ବେଳେବେଳେ ଆମର ଜିନରେ ଏକ ଚାରିତ୍ରିକ ବୈଶିଷ୍ଟ୍ୟ ପାଲଟିଯାଇ ଆମ ପିଲାମାନଙ୍କ ପାଖରେ ପ୍ରତିଫଳିତ ହୋଇଥାଏ। କିନ୍ତୁ ଆମେ ଆମ ପିଲାମାନଙ୍କର ବିଭିନ୍ନ ଦୌରାତ୍ମ୍ୟର ଶିକାର ହେଲାବେଳେ କେବେ ଅନୁମାନ କରିପାରୁନା ଯେ ଏ ସବୁ ଆମ ନିଜ ପ୍ରକୃତି, ଚରିତ୍ରର ଏକ ରୂପାନ୍ତରିତ ପ୍ରକରଣ। ଏବଂ ସେମାନଙ୍କୁ ଉଦ୍ଧତ, ଉଚ୍ଛୃଙ୍ଖଳ, ଅସଭ୍ୟ ବା ଅସାମାଜିକ ବୋଲି ଚିତ୍କାର କରି ବିଭିନ୍ନ ଢଙ୍ଗରେ ତାଙ୍କୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁ। ଫଳ କେବଳ ଏୟା ହୁଏ ଯେ ଆମର ମାନସିକ ଅଶାନ୍ତି ବଢ଼ିଚାଲେ, କିନ୍ତୁ ପଶ୍ଚାତ୍ତାପ ହୁଏନି। ଯଦି କେବେ ପଶ୍ଚାତ୍ତାପ ଆସେ, ସେତେବେଳକୁ ସୁଧୁରିବାର ସମ୍ଭାବନା ପ୍ରାୟ ନ ଥାଏ।

ଆମମାନଙ୍କର ଚରିତ୍ର ଓ ପ୍ରକୃତିଗତ ଦୋଷ ଦୁର୍ବଳତା ଆମ ପିଲାମାନଙ୍କର ଆଚାର ବ୍ୟବହାରକୁ ପ୍ରଭାବିତ କରେ ବୋଲି ଭାବୁ ନ ଥିବାରୁ ଆମେ ପରୋକ୍ଷରେ ସେମାନଙ୍କର ଅଧିକାଂଶ ବିକୃତି ପାଇଁ ଦାୟୀ ପାଲଟି ଯାଉ। ଆମେ ସେମାନଙ୍କୁ ଛୋଟ ବେଳରୁ ଏକରକମର ତାଲିମ ଦେଉ ଯେ କେମିତି ଅନ୍ୟମାନଙ୍କ ସହିତ ଚାଲବାଜିଭରା କଥାବାର୍ତ୍ତା କରିବ, ମିଛ କହି ପରିସ୍ଥିତିକୁ ନିଜ ସୁବିଧା ମୁତାବକ ମୋଡି ନେବ, କାହାର କୌଣସି କଥା ସହ୍ୟ ନ କରି ତାକୁ କେମିତି ଅପମାନ ଦେଇପାରିବ। ଆମେ ନିଜ ଘର, ପରିବାର, ସାଙ୍ଗ ସାଥୀ, ବନ୍ଧୁବର୍ଗଙ୍କ ସହ ସବୁ କଥାବାର୍ତ୍ତା ଓ ସମ୍ପର୍କରେ ଖୁବ୍ ମାପିଚୁପି ହୋଇ, ଛଳନା ସହ ମିଶୁ। କୌଣସି ପରିସ୍ଥିତିରେ ନିଜର ସାମାନ୍ୟତମ ସୁଖ ସୁବିଧା ସ୍ୱାର୍ଥ ତ୍ୟାଗ କରିବା କଥା ଚିନ୍ତା ବି କରୁନା, କାହାକୁ ସାହାଯ୍ୟ ଉଦ୍ଦେଶ୍ୟରେ ନିଜ ସାମର୍ଥ୍ୟ ମୁତାବକ କିଛି ଦେବା ତ ଦୂରର କଥା। ଏବଂ ସେଇଟା ହିଁ ବର୍ତ୍ତମାନ ସମୟରେ ବଞ୍ଚିବାର ସଫଳ ସୂତ୍ର ବୋଲି ଅଭିହିତ କରୁ। ପିଲାମାନେ ଯେତେବେଳେ ସେଇ ସମାନ ସୂତ୍ରକୁ ଆମ ଉପରେ ପ୍ରୟୋଗ କରନ୍ତି, ସେତେବେଳେ ମଧ ଆମେ ନିଜର କୃତକର୍ମ ନୁହଁ, ବରଂ ଭାଗ୍ୟ ଉପରକୁ ଦୋଷ ଠେଲିଦେଉ।

ମିନୁ ଭାଉଜ ସେଦିନ ମନଦୁଃଖରେ କହୁଥାଆନ୍ତି, ''ବାହାଘର ପରେ ପୁଅ ଏତେ ବଦଳିଗଲା ଯେ ତା' ପାଇଁ ଆମେ ନିଜର ସର୍ବସ୍ୱ ଲୁଟେଇଦେଇଥିଲେ ମଧ ଏବେ ସେ ସୁଯୋଗ ଉଣ୍ଡି ଆମମାନଙ୍କୁ ଅତ୍ୟନ୍ତ କଟୁକଥା କହି ଅପମାନିତ କରିବାକୁ କୁଣ୍ଠାବୋଧ କରୁନି। ଏଇ ପାଖରେ, ଭୁବନେଶ୍ୱରରେ ରହୁଥିଲେ ମଧ ଚାକିରିର ବିଭିନ୍ନ ବାହାନା କରି ଗଲା ଦି' ବର୍ଷ ହେଲାଣି ବୋହୂ ଆସୁନି। ଏବଂ ପୁଅ ମଧ ବୋହୂର ମିଛକୁ ସତ ବୋଲି ସାବ୍ୟସ୍ତ କରି ତା'ର



ନ ଆସିବାଟାକୁ ସମର୍ଥନ କରୁଛି। ତା' ଫଳରେ କୁନି ନାତୁଣୀଟା ମଧ ଆମ ସହ ମିଶି ପାରୁନି। ଆମେ ଦୁହେଁ ଏ ଅବସ୍ଥାରେ ବେସାହାରା ହୋଇ ପଡିଛୁ। ତମ ଭାଇନାଙ୍କୁ ଦେଖିଲେ ମତେ ଖୁବ୍ କଷ୍ଟ ଲାଗୁଛି।''

ଏ କାହାଣୀ ପତ୍ନୀଙ୍କଠାରୁ ଶୁଣିଲା ପରେ ମୁଁ କହିଲି, ''ସେ ସ୍ୱାମୀ ସ୍ତ୍ରୀ ଦୁହେଁ କେବେ ନିଜ ଚରିତ୍ର ବିଶ୍ଳେଷଣ କରନ୍ତି? ମିଶ୍ର ଭାଇନା ଏ ଦୁନିଆରେ କାହା ସହ ଝଗଡ଼ା ନ କରନ୍ତି କହିଲ ? ପାନ ଦୋକାନୀ, ଔଷଧ ଦୋକାନୀ, କ୍ଷୀର ବାଲା, ସାଙ୍ଗସାଥୀ, ଷ୍ଟାଫ ହୁଅନ୍ତୁ କି ବନ୍ଧୁବାନ୍ଧବ– ସମସ୍ତଙ୍କ ସହ ଝଗଡ଼ା କରନ୍ତି। ଅନ୍ୟମାନଙ୍କୁ ଅପମାନ ଦେଇ ନାକ ଛିଞ୍ଚାଡି କଥା କହନ୍ତି ଏବଂ ଏଇଟାକୁ ତାଙ୍କର ଗୋଟେ ସ୍ୱତନ୍ତ୍ର ଦକ୍ଷତା ବୋଲି ଗର୍ବର ସହ କହନ୍ତି। କାହା ସହ କେବେ ସେ ମିଠା କଥା ହେବାର ଶୁଣିଛ ? ଯାହା ସହ ଆଜି ଭଲ ଥିବେ ଦି' ଦିନ ପରେ ତାଙ୍କ ସହ ଅପ୍ରିୟ। ସେ ନିଜେ ତାଙ୍କ ବାପାମାଆଙ୍କୁ ଦୁର୍ବ୍ୟବହାର କରୁଥିଲେ! ସେମାନଙ୍କ ପ୍ରତି ପୁଅ ହିସାବରେ କୋଉ କର୍ତ୍ତବ୍ୟ କରିଛନ୍ତି ? ମିନୁ ଭାଉଜ ତହୁଁ ବଳି। ଶାଶୁ ଶ୍ୱଶୁରଙ୍କୁ ସମ୍ମାନ ସହ କଥା କହିବାର ଆମେ କେବେ ତ ଶୁଣିନୁ। ସବୁବେଳେ ତ ଟାଇଁଟାଇଁ କଥା। ସେମାନଙ୍କର କୋଉ ସେବା ଯତ୍ନ କରୁଥିଲେ ଯେ ନିଜେ ଏବେ ଆଶା କରୁଛନ୍ତି! ତାଙ୍କ ବନ୍ଧୁବାନ୍ଧବ, ସାଙ୍ଗସାଥୀ– କାହାର ଛିଦ୍ର ଖୋଜି ସେମାନଙ୍କ ବିରୁଦ୍ଧରେ ସେ ବିଷୋଦ୍ଗାର ନ କରନ୍ତି? ପିଲାଟାକୁ ବି ସେଇ ପ୍ରକାର ଟ୍ରେନିଙ୍ଗ ଦେଇଛନ୍ତି ନା! ଆମ ପିଲାଏ ତାଙ୍କ ଘରକୁ ସବୁବେଳେ ବୁଲିଯାଆନ୍ତି, ହେଲେ ତାଙ୍କ ପୁଅ କେବେ ଆମ ଘରକୁ ଆସେ ? ଆମ କଥା ଛାଡ଼, ତାଙ୍କର କୋଉ ବନ୍ଧୁବାନ୍ଧବ ଘରକୁ ସେ ଯାଏ ? ତାକୁ ତା' ମାଆ କାହା ଘରକୁ ଯିବାକୁ କହନ୍ତିନି। ବରଂ, ସେ ନ ଯିବାଟା ହିଁ ପୁଅକୁ ସାଧାରଣ ପିଲାଙ୍କଠାରୁ ଅଲଗା ବୋଲି ପ୍ରମାଣିତ କରୁଛି ବୋଲି ମାଆ ଗର୍ବ କରେ। କେବଳ ନିଜ ସ୍ୱାର୍ଥକୁ ଜଗି ଚଳିବାର ଯୋଉ ଟ୍ରେନିଙ୍ଗ ସେ ବାପାମାଆଙ୍କଠାରୁ ପାଇଛି, ଏବେ ସେ ଆଉ କାହା ଉପରେ ପ୍ରୟୋଗ କରିବ ? ବାପାମାଆଙ୍କର ଯୋଉ ଚରିତ୍ର ସେ ପିଲାବେଳୁ ଲକ୍ଷ୍ୟ କରିଆସିଛି, ତା' ନିଜ ଚରିତ୍ର ସେଇ ଅନୁସାରେ ଗଢି ହେଇଛି। ମୁଁ ଯୋଉ ଶ୍ଳୋକଟି କହେ, 'ଅଦାତା ବଂଶ ଦୋଷେଣ, କର୍ମଦୋଷାତ୍ ଦରିଦ୍ରତା। ଉନ୍ମାଦୋ ମାତୃ ଦୋଷେଣ, ପିତୃ ଦୋଷେଣ ମୂର୍ଖତା ' – ଏଥିରେ ପିଲାମାନଙ୍କର ଚରିତ୍ର ପଛରେ ଆମେ କେତେ ଦାୟୀ, ସେକଥା ସ୍ପଷ୍ଟ ଭାବେ ସୂଚିତ। ପରିଣତ ବୟସରେ ପିଲାମାନଙ୍କ ଆଚରଣ ଜନିତ ଯୋଉ କଷ୍ଟ ଆମେ ଭୋଗୁ, ସେଥିପାଇଁ ଆମର ଥିବା ଭୁଲ୍କୁ ମଧ ଆମେ ହୃଦୟଙ୍ଗମ କରିବା ଆବଶ୍ୟକ। କିନ୍ତୁ ବେଶୀ ଗୁରୁତ୍ୱପୂର୍ଣ୍ଣ କଥା ଏୟା ଯେ ଏ ଅବସ୍ଥା ଆସିବା ଆଗରୁ ନିଜ ଭୁଲ ପ୍ରତି ସଚେତନ ହେଇ ନିଜକୁ ସୁଧାରିନେବା ଉଚିତ।

ଠିକ୍ ଏତିକି ବେଳେ ମିଶ୍ର ଭାଇନା ଫୋନ କରି ଡାକିଲେ, 'ମୋର ସମ୍ପତ୍ତିର ସିଂହ ଭାଗ ଗୋଟେ ଟ୍ରଷ୍ଟ ନାଆଁରେ ଉଇଲ କରିଦେବାକୁ ଓକିଲଙ୍କୁ ଡାକିଛି। ଆପଣ ଟିକିଏ ଆସନ୍ତୁ।' ଏକଥା ଶୁଣି ପତ୍ନୀଙ୍କ ମୁହଁ ଶୁଖିଗଲା, କିନ୍ତୁ ମୁଁ ଖୁସି ଥିଲି।

**ଅଧ୍ୟାପକ, ଇଂରାଜୀ ବିଭାଗ**
**ନିଆଳି କଲେଜ**
**ମୋ: ୯୮୬୧୩୪୫୬୫୮**

## ଏଇ ଭାରତରେ

ତିନିଚକିଆ ସାଇକେଲ, ତାହା ପୁଣି ଚାଲୁଛି ସୌର ଶକ୍ତିରେ। ଏମିତିକା ସାଇକେଲ ତିଆରି କରିଛନ୍ତି କୋଚିର ଦୁଇ ଇଞ୍ଜିନିୟର ଅଜିମ ହସ୍ମି ଏବଂ ଅବଦୁଲ ହଡି ମୁଥେରି। ସେମାନଙ୍କ ଦ୍ୱାରା ପ୍ରତିଷ୍ଠିତ ସୁଗଡ ମୋବିଲିଟି ପ୍ରାଇଭେଟ ଲିମିଟେଡ୍ ଦ୍ୱାରା ଟ୍ରାଇସାଇକେଲ ତିଆରି କରାଯାଇଛି। ଏହି କମ୍ପାନୀ ୨୦୨୧ରେ ଗଠନ କରାଯାଇଥିଲା। ଟ୍ରାଇ ସାଇକେଲରେ ୩୦୦ କେ.ଜି. ଜିନିଷ ନିଆଯାଇପାରୁଛି। ଘଣ୍ଟାକୁ ଏହା ୪୫ କି.ମି. ବେଗରେ ଯାଉଛି। ଏହା ମଧ ବର୍ଜ୍ୟ ବୋହିବା ଲାଗି ଉପଯୋଗୀ ବୋଲି କୁହନ୍ତି ଅଜିମ। ଏଥିରେ ମଧ ଗିୟର ବ୍ୟବସ୍ଥା ରଖାଯାଇଛି। ମେ' ୨୦୨୩ରେ ପ୍ରଥମେ ଟ୍ରାଇ ସାଇକେଲ ତିଆରି ଆରମ୍ଭ କରାଯାଇଥିଲା। ଏବେ ଏହା ଶେଷ କରାଯାଇ ବିକ୍ରି ଆରମ୍ଭ ହୋଇଛି ଓ ଏବେସୁଦ୍ଧା କମ୍ପାନୀ ୨୦ଟି ସାଇକେଲ ବିକ୍ରି କରିସାରିଲାଣି। ଆସନ୍ତା ବର୍ଷ ୫୦୦ ସାଇକେଲ ବିକ୍ରି କରିବା ଲାଗି ଲକ୍ଷ୍ୟ ରଖିଛନ୍ତି ଦୁଇ ଇଞ୍ଜିନିୟର ବନ୍ଧୁ। ଏହାର ଦାମ୍ ୧ ଲକ୍ଷରୁ ଦେଢ଼ ଲକ୍ଷ ରଖାଯାଇଛି। ଶତ ପ୍ରତିଶତ ସୌର ଶକ୍ତିରେ ଏହା ଚାଲୁଥିବାରୁ ଏହାର ବ୍ୟବହାର ପ୍ରଦୂଷଣ କମାଇବାରେ ସାହାଯ୍ୟ କରିବ।

## ୫୦ ବର୍ଷ ତଳର ଧରିତ୍ରୀ

**୧୯ ଜୁନ୍ ୧୯୭୫**

- ଭାରତୀୟ ଡାକତାର ବିଭାଗ ତରଫରୁ ୨୦ ପଇସିଆ ନୂତନ ଇନ୍ଲ୍ୟାଣ୍ଡଲେଟର କାର୍ଡ ପ୍ରଚଳନ।
- ତାରପୁର ଆଣବିକ ଶକ୍ତି ପରିକଳ୍ପନାର ପୂର୍ବତନ ମୁଖ୍ୟ ପ୍ରଶାସକ ଏମ୍.ଏନ୍. ଚକ୍ରବର୍ତ୍ତୀଙ୍କ ୭୦ ବର୍ଷ ବୟସରେ ପରଲୋକ।
- ଜନତା ସାମୁଖ୍ୟ ବିଧାୟକ ଦଳର ନେତା ବାବୁଭାଇ ଯଶଭାଇ ପଟେଲ ଗୁଜରାଟର ମୁଖ୍ୟମନ୍ତ୍ରୀ ରୂପେ ଶପଥ ଗ୍ରହଣ କରିଛନ୍ତି।

## ଚିରନ୍ତନୀ

ଫଗୁଣର ହୁରିଖେଳ ଗୀତ ହେ
ଆସିଛି ଧରାରେ ପ୍ରାଣମିତ
ଆଜି ଖାଲି ହସିବାର ଭୁଲିବାର
ଜୋଛନାରେ ନାଚ ଆଜି ବାରବାର
ପୋଛି ଆସ ନୟନରୁ ଲୁହ ଧାର,
ବିଶ୍ୱ ହୋଇଛି ଉଲ୍ଲସିତ ଯେ।
ଫଗୁଣ ଜୋଛନା ତଳେ ମିତ ହେ!
–(ଫଗୁଣ ଜ୍ୟୋତ୍ସ୍ନା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## କାର୍ବାଇଡ୍ ମିଶ୍ରିତ ପାଚିଲା ଫଳ କ୍ଷତିକାରକ

ମହାଶୟ,

ସ୍ୱାସ୍ଥ୍ୟ ପାଇଁ ହାନିକାରକ କାର୍ବାଇଡ୍ ସମ୍ପର୍କରେ ଏସ୍ଏସ୍ଏସ୍ଆଇ ତରଫରୁ ଆମ୍ବ ବ୍ୟବସାୟୀଙ୍କୁ ସତର୍କ ସୂଚନା ବାବଦରେ ଖବର ପଢ଼ିବା ପରେ ମୁଁ ଭୟଭୀତ ହୋଇଯାଇଛି। ବିଭିନ୍ନ କିସମର ଫଳକୁ ପ୍ରାକୃତିକ ଉପାୟରେ ପାଚିବା ପୂର୍ବରୁ ତୋଳି କାର୍ବାଇଡ୍ ଦେଇ ପଚାଇ ଖୋଲା ବଜାରକୁ ଚଢ଼ା ଦରରେ ଛାଡି ବେପାରୀ ଲାଭ କରୁଛନ୍ତି। କହିବାକୁ ଗଲେ ଗରାଖ ଏହିସବୁ ପାଚିଲା ଫଳ କିଣି ପରୋକ୍ଷରେ ରୋଗ କିଣୁଛନ୍ତି। କଦଳୀକୁ ତୁରନ୍ତ ପଚାଇବା ପାଇଁ କୀଟନାଶକ ଦୋକାନରେ ଏକ ସ୍ପ୍ରେ ମିଳୁଛି ଯାହାକୁ ସିଞ୍ଚନ କଲେ ଗୋଟେଦିନ ପରେ କଦଳୀସବୁ ହଳଦୀ ରଙ୍ଗ ଧାରଣ କରୁଥିବା ଜଣାପଡ଼ିଛି। ଏହାର କ'ଣ କ୍ଷତିକାରଣ ଗୁଣ ନାହିଁ ?

**– ଡି.ପି. ତ୍ରିପାଠୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଉଦ୍‌ଘାଟନକୁ ୬ ମାସ ପୂରିନି, ଦେଖାଗଲାଣି ରଡ୍

ଖୋର୍ଦ୍ଧା/ଜଟଣୀ,୧୮।୬
(ପ୍ରଭାତ ପାଣିଗ୍ରାହୀ/ରବୀନ୍ଦ୍ର ନାଥ ମହାକୁଡ)



## ଜଟଣୀ ରେଳ ଓଭରବ୍ରିଜ୍

- ୧୦୫ କୋଟି ଟଙ୍କା ବ୍ୟୟରେ ହୋଇଥିଲା ନିର୍ମାଣ
- ନିମ୍ନମାନର କାମ ଅଭିଯୋଗ, କ୍ରାଇମ୍ ବ୍ରାଞ୍ଚ ତଦନ୍ତ ଦାବି
- ରଥଯାତ୍ରା ପୂର୍ବରୁ ମରାମତି କରାଯାଉ

ଖୋର୍ଦ୍ଧା ଜିଲା ଜଟଣୀ କୁଦିଆରୀଠାରେ ୧୦୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ୭୬୨ମିଟର ଦୈର୍ଘ୍ୟ ବିଶିଷ୍ଟ ରେଳ ଓଭରବ୍ରିଜକୁ ଗତ ମାର୍ଚ୍ଚ ୧୧ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକସେବା ଭବନରୁ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ତେବେ ଉଦ୍‌ଘାଟନକୁ ୬ମାସ ପୂରି ନ ଥିବା ବେଳେ ଓଭରବ୍ରିଜ ଉପରେ ରଡ଼ ଦେଖାଗଲାଣି। ଅନେକ ସ୍ଥାନରେ ପିଚୁ ଉଠେଇ ଛାଡ଼ି ଗର୍ତ୍ତ ସୃଷ୍ଟି ହୋଇଛି। ନିମ୍ନମାନର କାମ ଯୋଗୁ ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି। ଫଳରେ ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଏନେଇ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ନିମ୍ନମାନର କାମ ପାଇଁ ସମ୍ପୃକ୍ତ ଠିକାଦାର, ବିଭାଗୀୟ କର୍ତ୍ତୃପକ୍ଷ ଏବଂ ଜିଲା ପ୍ରଶାସନର ଅବହେଳାକୁ ଦାୟୀ କରିଛନ୍ତି ସ୍ଥାନୀୟ ଲୋକେ। ଏହାର କ୍ରାଇମବ୍ରାଞ୍ଚ ତଦନ୍ତ କରାଯାଉ ବୋଲି ଦାବି ହେଉଛି। ସେହିପରି ଆଗକୁ ବର୍ଷାଦିନ ସହ ଜୁଲାଇ ୭ରେ ମହାପ୍ରଭୁଙ୍କ ରଥଯାତ୍ରା, ଗୁଣ୍ଡିଚା, ସୁନାବେଶ ରହିଛି। ଜଟଣୀ-ପିପିଲି ସଂଯୋଗ ରାସ୍ତା ହୋଇଥିବାରୁ ପ୍ରବଳ ଭିଡ଼ ରହିବ। ଏହାର ଅବ୍ୟବହିତ ପୂର୍ବରୁ ଆବଶ୍ୟକ ମରାମତି ପାଇଁ ସାଧାରଣରେ ଦାବି ହୋଇଛି।

ପ୍ରକାଶ ଯେ, ୨୦୧୫ ମସିହାରେ ଏହି ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ୨୦୧୮ରେ ନିର୍ମାଣ ଦାୟିତ୍ୱରେ ଥିବା ଠିକାସଂସ୍ଥା ପଣ୍ଡା ଇନ୍‌ଫ୍ରାର ନିମ୍ନମାନର କାମ ଏବଂ ଦୁର୍ନୀତି ଅଭିଯୋଗ ଆସିଥିଲା। ଏହାକୁ ନେଇ ବିବାଦ ଉଠିବା ପରେ ଅଭିଯୋଗକୁ ଭିତ୍ତିକରି ନିର୍ମାଣକାରୀ ସଂସ୍ଥାକୁ ସରକାର ବିଦା କରି ପୁନଃ ଟେଣ୍ଡର କରିଥିଲେ। ପରେ ବିଗଲା କନ୍‌ଷ୍ଟ୍ରକସନ ଏହାର ନିର୍ମାଣ ଦାୟିତ୍ୱ ନେଇଥିଲା। ପରେ ଉକ୍ତ ସଂସ୍ଥା ବିରୋଧରେ ମଧ୍ୟ ଅନୁରୂପ ଭାବେ ଅଭିଯୋଗ ଆସିଥିଲା। ସମସ୍ତ ବାଧାବିଘ୍ନକୁ ଦୂର କରି ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ ଲାଗି ରାଜ୍ୟ ସରକାର ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ସେପଟେ ୩୮ କୋଟି ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଏହି ବ୍ରିଜକୁ ୨୦୧୭ରେ ଶେଷ କରିବାକୁ ସମୟ ଧାର୍ଯ୍ୟ ହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଠିକା ସଂସ୍ଥାକୁ ନେଇ ସମସ୍ୟା ସୃଷ୍ଟି ହେବା ପରେ ପୁଣି ଟେଣ୍ଡର କରାଯାଇ ନୂତନ ଠିକାଦାର ଚୟନ କରାଯାଇଥିଲା। ଏହାର ବ୍ୟୟ ଅଟକଳ ୫୦ କୋଟିକୁ ବୃଦ୍ଧି କରାଯାଇଥିଲା। ତେବେ ସେହି ସମୟରେ ନିର୍ବାଚନ ରହିଥିବାରୁ ଆଚରଣ ବିଧି ଉଲ୍ଲଂଘନ ଆଶଙ୍କାରେ ବ୍ରିଜ ନିର୍ମାଣ କାର୍ଯ୍ୟ ସ୍ଥଗିତ ରଖାଯାଇଥିଲା। ପରବର୍ତ୍ତୀ ସମୟରେ ପୁଣି ଥରେ ଟେଣ୍ଡର କରାଯାଇ ବ୍ୟୟ ଅଟକଳ ୧୦୫ କୋଟିକୁ ବୃଦ୍ଧି କରାଯାଇଥିଲା। ଇତିମଧ୍ୟରେ କରୋନା ମହାମାରୀ ଯୋଗୁ ୨୦୨୦ ମାର୍ଚ୍ଚ ୨୦ରୁ ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିଲା। ସଂକ୍ରମଣ ହାର ହ୍ରାସ ପରେ ସରକାର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ୨୦୨୨ ଏପ୍ରିଲ ପହିଲାରେ ଏହି ଓଭରବ୍ରିଜ ନିର୍ମାଣ ସରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ତତ୍କାଳୀନ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ। ତେବେ ମନ୍ତ୍ରୀଙ୍କ ପ୍ରତିଶ୍ରୁତି ସତ୍ତ୍ୱେ ବ୍ରିଜ ଉଦ୍‌ଘାଟନ ହୋଇପାରିନଥିଲା। ରେଲୱେ ବିଭାଗ ପକ୍ଷରୁ ନିର୍ମାଣ ହେବାକୁ ଥିବା ବ୍ରିଜ କାମରେ ମନ୍ଥରତା ନେଇ ବାରମ୍ବାର ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଓଡ଼ିଶା ସେତୁ ନିଗମ ପକ୍ଷରୁ ୨୦୨୩ ଜୁଲାଇ ୧୫ ତାରିଖ ଏହାର ନିର୍ମାଣ କାର୍ଯ୍ୟ ସରିବା ନେଇ ଘୋଷଣା କରାଯାଇଥିଲା। ତେବେ ଏହା ପରେ ତରବରିଆ ଭାବେ ପୂର୍ବତନ ବିଧାୟକ ସୁରେଶ ରାଉତରାୟ ଅର୍ଦ୍ଧନିର୍ମିତ ବ୍ରିଜ ଉପରେ ନଡିଆ ବାଡେଇ ଉଦ୍‌ଘାଟନ କରିଦେଇଥିଲେ। ଏହାକୁ ନେଇ ଚର୍ଚ୍ଚା ଜୋର ଧରିଥିଲା। ପୁଣି ଉକ୍ତ ଓଭରବ୍ରିଜକୁ ଗତ ମାର୍ଚ୍ଚ ୧୧ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଧିବଦ୍ଧ ଭାବେ ଉଦ୍‌ଘାଟନ କରିଥିଲେ। ତେବେ କିଛି ମାସ ପରେ ଓଭରବ୍ରିଜ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହାର ସ୍ଥାୟିତ୍ୱ ଏବଂ ନିର୍ମାଣର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଏ ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷ କିମ୍ବା ଜିଲା ପ୍ରଶାସନର ପ୍ରତିକ୍ରିୟା ମିଳିପାରିନାହିଁ।

# ମହାଲକ୍ଷ୍ମୀ ବୁଡ଼ରେ ହେଲା ମାଛଭୋଗ

ନିରାକାରପୁର,୧୮।୬
(ମାନସ ଚନ୍ଦ୍ର ପଟ୍ଟନାୟକ)

## ମା'ଉଗ୍ରତାରାଙ୍କ ପୀଠରେ ରଜପର୍ବ



ମା' ଉଗ୍ରତାରାଙ୍କ ବିଭିନ୍ନ ପର୍ବପର୍ବାଣି ମଧ୍ୟରୁ ରଜପର୍ବ ଅନ୍ୟତମ। ଏହି ପର୍ବ ୪ଦିନ ଧରି ପାଳନ କରାଯାଇଥାଏ। ଏହି ସମୟରେ ମା'ଙ୍କ ନିକଟରେ ସ୍ୱତନ୍ତ୍ର ଭୋଗଲାଗି କରାଯାଇଥାଏ। ପହିଲି ରଜରେ ଚୁଡ଼ାଘଷା, ଖଇ, କୋରା ହୋଇଥାଏ। ଏଥିସହ ଭକ୍ତମାନେ ଆଣିଥିବା ଭୋଗକୁ ମା'ଙ୍କୁ ଲାଗି କରାଯାଇଥାଏ। ସନ୍ଧ୍ୟା ୭ଟାରେ ବାଲଭୋଗ କରାଯିବା ପରେ ମା' ବିଶ୍ରାମ ନେଇଥା'ନ୍ତି। ରଜ ସଂକ୍ରାନ୍ତିରେ ସକାଳୁ ମା'ଙ୍କୁ କ୍ଷୀରରେ ସ୍ନାନ କରାଯାଇ ମସ୍ତକରେ ଫୁଲ ଓ ବେଲପତ୍ର ଚଢ଼ାଯାଇଥିଲା। ମଧ୍ୟାହ୍ନରେ ଆଳତିବାଲଭୋଗ, ସନ୍ଧ୍ୟାରେ ପୁନଃ ଆଳତି ଓ ଶୁଖିଲି ଭୋଗ ଲାଗି ହୋଇଥିଲା। ତୃତୀୟ ଦିନ ଭୂଇଁ ଡହଣରେ ସମାନ ରୀତିନୀତି ଅନୁସାରେ ଭୋଗ ଲାଗି କରାଯାଇଥିଲା। ତେବେ ଚତୁର୍ଥ ଦିବସ ମହାଲକ୍ଷ୍ମୀ ବୁଡ଼ରେ ମା'ଙ୍କୁ ହଳଦୀ, ମହୁ, ଚନ୍ଦନ, ପଇଡ଼ପାଣି ଦ୍ୱାରା ବସୁମତୀ ସ୍ନାନ କରାଯିବା ପରେ ଭକ୍ତମାନେ ଆଣିଥିବା ଭୋଗକୁ ମା'ଙ୍କୁ ଲାଗି ହୋଇଥିଲା। ମଧ୍ୟାହ୍ନରେ ଅନ୍ନଭୋଗରେ ଭାତ, ଡାଲି, ମାଛ, ଖଟା, ଖିରି ମା'ଙ୍କୁ ଲାଗି କରାଯାଇଥିଲା। ସନ୍ଧ୍ୟା ପରେ ଭୋଗ କରାଯିବା ପରେ ମା' ବିଶ୍ରାମ ନେଇଥିଲେ। ଅନ୍ୟପଟେ ଏଠାରେ ପ୍ରଶାସନ ପକ୍ଷରୁ ରଜ ମହୋତ୍ସବ ଚାଲୁ ରହିଥିବା ବେଳେ ମୀନାବଜାର ସାଙ୍ଗକୁ ଭିଭିନ୍ନ ଦୋକାନ ପସରା ମେଲିଛି।

# ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା, ଯୁବକ ଗିରଫ

ଜଟଣୀ,୧୮।୬
(ରବୀନ୍ଦ୍ରନାଥ ମହାକୁଡ଼)


ପୂର୍ଣ୍ଣଚନ୍ଦ୍ର ପ୍ରଧାନ

ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା ଓ ଶାରୀରିକ ନିର୍ଯାତନା ଦେବା ଅଭିଯୋଗରେ ଜଟଣୀ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ପୁରୀ ଜିଲା ବ୍ରହ୍ମଗିରି ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ପ୍ରଧାନ। ଏନେଇ ଥାନାରେ ଏକ ମାମଲା (ନଂ.୨୧୭/୨୪) ରୁଜୁ ହୋଇଛି। ସୂଚନା ମୁତାବକ, ଯୁବତୀ ଜଣଙ୍କ ଜଟଣୀରେ ରହୁଥିବା ବେଳେ ବ୍ରହ୍ମଗିରି ଅଞ୍ଚଳର ଏକ ଡାକଘରେ କାର୍ଯ୍ୟ କରୁଥିଲେ। ଏହି ସମୟରେ ପୂର୍ଣ୍ଣଚନ୍ଦ୍ରଙ୍କ ସହ ସମ୍ପର୍କରେ ଆସିଥିଲେ। ଏହା ପରେ ପୂର୍ଣ୍ଣଚନ୍ଦ୍ର ତାଙ୍କୁ ବିବାହ ପ୍ରତିଶ୍ରୁତି ଦେବା ସହ ଶାରୀରିକ ସମ୍ପର୍କ ରଖିଥିଲେ। ପରବର୍ତ୍ତୀ ସମୟରେ ରେଳ ବିଭାଗରେ ଚାକିରି ହେବା ପରେ ପୂର୍ଣ୍ଣଚନ୍ଦ୍ର ବାଙ୍ଗାଲୋର ପଳାଇଥିଲେ। ଏଥିସହ ଯୁବତୀଙ୍କୁ ବାଙ୍ଗାଲୋର ଯିବା ପାଇଁ ବାଧ୍ୟ କରିଥିଲେ। ଫଳରେ ଯୁବତୀ ଜଣଙ୍କ ବାଙ୍ଗାଲୋର ଯାଇ ପୂର୍ଣ୍ଣଚନ୍ଦ୍ର ସହିତ ରହିଥିଲେ। ସେଠାରେ ସେମାନେ ସ୍ୱାମୀ-ସ୍ତ୍ରୀ ପରିଚୟ ଦେଇ ରହୁଥିଲେ। ତେବେ କୌଣସି କାରଣକୁ ନେଇ ପୂର୍ଣ୍ଣଚନ୍ଦ୍ର ତାଙ୍କୁ ବିଭିନ୍ନ ସମୟରେ ମାଡ଼ ମାରୁଥିଲେ। ପରେ ଏନେଇ ଅଭିଯୋଗ ପରେ ପୋଲିସ ତଦନ୍ତ ଚଳାଇ ପୂର୍ଣ୍ଣଚନ୍ଦ୍ରଙ୍କୁ ଗିରଫ କରିଥିଲା।

# ଗ୍ରୀଷ୍ମ ଛୁଟି ପରେ ସ୍କୁଲ ଆସିଲେ ପିଲା

## କ୍ଲାସ୍‌ରୁମ୍ ପାଠପଢ଼ା ମଜା ଅନ୍‌ଲାଇନରେ ନ ଥାଏ

ଖୋର୍ଦ୍ଧା,୧୮।୬ (ପ୍ରଭାତ ପାଣିଗ୍ରାହୀ)

ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଏଭଳି ସ୍ଥିତି ଆଉ ଦୁଇ ଦିନ ଲାଗି ରହିବ। ଆସନ୍ତା ୧୮ ତାରିଖ ଯାଏ ପାଗରେ କୌଣସି ବଡ଼ଧରଣର ପରିବର୍ତ୍ତନ ସମ୍ଭାବନା ନାହିଁ। ପାଣିପାଗ ସୂଚନା ଅନୁସାରେ ଆଗାମୀ ୪-୫ଦିନ ମଧ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶାର କେତେକ ଅଞ୍ଚଳରେ ଅଗ୍ରସର ସମ୍ଭାବନା ରହିଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲାପାଳ ଚଞ୍ଚଳ ରାଣା ଜିଲାର ସମସ୍ତ ସରକାରୀ ଓ ବେସରକାରୀ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଗୁଡ଼ିକରେ ଶିକ୍ଷାଦାନ ସମୟ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସକାଳ ୬ଟା ୩୦ରୁ ପୂର୍ବାହ୍ନ ୧୦ଟା ୩୦ ପର୍ଯ୍ୟନ୍ତ ସମୟ ନିର୍ଘଣ୍ଟ କରିଛନ୍ତି। ମଙ୍ଗଳବାର ଦୀର୍ଘ ଦୁଇ ମାସ ପରେ ପ୍ରଥମଠାରୁ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ଆସିଥିଲେ। ଦୀର୍ଘ ଦିନପରେ ବିଦ୍ୟାଳୟକୁ ଆସିଥିବାରୁ ପିଲାଙ୍କ ମଧ୍ୟରେ ଉତ୍ସାହ ରହିଥିଲା। ପ୍ରାର୍ଥନା ପରେ ପିଲାମାନେ ୪ଘଣ୍ଟା ପାଠ ପଢିଥିଲେ। ଏନେଇ ବିଜେବି ହାଇସ୍କୁଲର କେତେଜଣ ଛାତ୍ର କହିଛନ୍ତିକି ପୂର୍ବରୁ ଅନଲାଇନରେ ପାଠପଢ଼ା ହେଉଥିଲା। ବିଦ୍ୟାଳୟର କ୍ଲାସରୁମ ପାଠପଢାରେ ଯେଉଁଭଳି ମଜା ଅଜି ତାହା ଅନଲାଇନ ପାଠପଢାରେ ନ ଥାଏ ବୋଲି କହିଛନ୍ତି। ଅନ୍ୟପଟେ ଦୁଇ ମାସ ପରେ ବିଦ୍ୟାଳୟ ଖୋଲିଥିବାରୁ ବିଦ୍ୟାଳୟର ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଇଛି।


ଖୋର୍ଦ୍ଧାରେ ମଙ୍ଗଳବାର ସ୍କୁଲ ଖୋଲିବା ପରେ ଛାତ୍ରୀଛାତ୍ରମାନେ ପ୍ରାର୍ଥନା କରୁଛନ୍ତି।

# ଗୋମୁଣ୍ଡିଆ ପ୍ରିମିୟର ଲିଗ୍: ପିକେ ଟାଇଗର ଚାମ୍ପିୟନ

କୃଷ୍ଣପ୍ରସାଦ,୧୮।୬(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳର ମା' ସଞ୍ଜୀବ ଦୁର୍ଗା ଯୁବ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ଗୋମୁଣ୍ଡିଆ କ୍ରିକେଟ ପ୍ରିମିୟର ଲିଗ୍‌ରେ ପିକେ ଟାଇଗର ଟିମ୍ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍ ୟୁନିକ ଆପୋଲୋ ଓ ପିକେ ଟାଇଗର ଟିମ୍ ମଧ୍ୟରେ ହେଇଥିଲା। ପିକେ ଟାଇଗର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୭୨ ରନ ସଂଗ୍ରହ କରିଥିଲା। ଜବାବରେ ୟୁନିକ ଆପୋଲେଶ ଟିମ୍ ଆବଶ୍ୟକ ରନ ସଂଗ୍ରହ ନ କରିପାରି ପରାଜିତ ହୋଇଥିଲା। ବୁଲାମଣି ନାୟକ ଏବଂ ସନ୍ତୋଷ କୁମାର ନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ସଭାରେ ଅତିଥିଭାବେ ଗ୍ରାମ୍ୟ କମିଟି ସଭାପତି ଗୋପାଳ କୃଷ୍ଣ ଜେନା, ସମ୍ପାଦକ ସାଧୁ ଚରଣ ନାୟକ, ଗୋମୁଣ୍ଡିଆ ସରପଞ୍ଚ ଦୁଷ୍ମନ୍ତ କୁମାର ସେଠୀ, ବ୍ୟବସାୟୀ ରାଜେଶ କୁମାର ମାଝୀ, ସାମାଜିକ କର୍ମୀ ପ୍ରଦୀପ କୁମାର ଜେନା, କ୍ରୀଡ଼ାବିତ୍ ଗଣେଶ୍ୱର ନାୟକ, ଦିଲୀପ କୁମାର ସାହୁ ପ୍ରମୁଖ ଯୋଗଦେଇ ଉଭୟ ଟିମକୁ ଟ୍ରଫି ପ୍ରଦାନ କରିଥିଲେ। ବିଷ୍ଣୁ ଚରଣ ବେହେରା, ସୀମାଞ୍ଚଳ ଦାସ, ଗଣେଶ ଜେନା, ବିଚିତ୍ର ନାୟକ, ପବିତ୍ର ନାୟକ, ଜିତେନ୍ଦ୍ର ଜେନା, ବସନ୍ତ ବେହେରାଙ୍କ ସମେତ ମା'ସଂଜୀବ ଦୁର୍ଗା ଯୁବ ସଂସଦର ସମସ୍ତ କର୍ମକର୍ତ୍ତା ଏବଂ ଗ୍ରାମ୍ୟ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।


ଫାଇନାଲ ମ୍ୟାଚରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# ୧୦ ଏକର ପୋଖରୀ ପାଲଟିଛି ପଡ଼ିଆ

ନିରାକାରପୁର,୧୮।୬
(ମାନାସ ଚନ୍ଦ୍ର ପଟ୍ଟନାୟକ)

## ପଙ୍କୋଦ୍ଧାର ନାଁରେ ମିଥ୍ୟା ବିଲ୍ କରି ଅର୍ଥ ହରିଲୁଟ

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଡିଆ ପଞ୍ଚାୟତରେ ରହିଛି ୧୦ଏକର ବିଶିଷ୍ଟ ପୋଖରୀ। ତେବେ ଏହି ପୋଖରୀର ଧୀରେ ଧୀରେ ପୋତି ହେବାକୁ ଲାଗିଲାଣି। ଏଥିରେ ଯେତିକି ପାଣି ଥିଲା କେତେଜଣ ବ୍ୟକ୍ତି ଚାଷ ଜମିକୁ ପାଣି ମଡ଼ାଇବାରୁ ପୋଖରୀଟି ଶୁଖିଯାଇଛି। ଏବେ ଏହି ପୋଖରୀଟି ଏକପ୍ରକାର ପଡ଼ିଆ ପାଲଟିଛି। ଅନ୍ୟପକ୍ଷରେ ପଙ୍କୋଦ୍ଧାର ନାଁରେ ମିଥ୍ୟା ବିଲ୍ କରାଯାଇ ଅର୍ଥ ହରିଲୁଟ୍ କରାଯାଇଥିବା ନେଇ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହେଉଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ଭିଜିଲାନ୍ସ ତଦନ୍ତ ପାଇଁ ଦାବି ହେଉଛି। ପ୍ରକାଶ ଯେ, ଏହି ପୋଖରୀ ଉପରେ ଡିଆ ଏବଂ ନିରାକାରପୁର ପଞ୍ଚାୟତ ଅଞ୍ଚଳର ଲୋକେ ନିର୍ଭର କରିଥାନ୍ତି। ପାଣି ଶୁଖିଯିବାରୁ ସ୍ଥାନୀୟ ଲୋକେ ହଇରାଣ ହେଉଛନ୍ତି। ବିଶେଷକରି ପାଣି ପିବା ପାଇଁ ପଶୁପକ୍ଷୀମାନେ ହଇରାଣ ହେଉଛନ୍ତି। ସରକାରୀ ସ୍ତରରେ ବିଭିନ୍ନ ଯୋଜନା ରହିଥିବା ବେଳେ ପ୍ରଶାସନର ଅବହେଳାରୁ ଉକ୍ତ ପୋଖରୀ ଖନନ ହୋଇପାରୁନାହିଁ। ଏଥିପ୍ରତି ପ୍ରଶାସନିକ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି। ତେବେ ଏ ସମ୍ପର୍କରେ ବିଡିଓ ରେଶ୍ମା ଟେଟେଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳି ପରିନାହିଁ।


ଡିଆ ପଞ୍ଚାୟତରେ ଥିବା ୧୦ଏକର ବିଶିଷ୍ଟ ପୋଖରୀଟି ପୋତିହୋଇଗଲାଣି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

REQUIRED
Cook cum Peon
Driver
Office Bearer cum Cleaner
ରହିବା, ଖାଇବା ସୁବିଧା ରହିଅଛି
-: Contact :-
8847855057

REQUIRED
Dentor and Technician Required.
Salary will be Negotiated
AKARSH MOTORS
Tankapani Road, BBSR
Mob.: 9437205155

WANTED
ବ୍ଲକ୍/ଜିଲ୍ଲା ସ୍ତରୀୟ ନିଯୁକ୍ତି
Qualification: 9th, 10th, +2, Graduation.
Salary: 10,000 to 25000
Age: (18-35 yrs)
Call Us : 9078282976

TEACHER REQUIRE
Male/Female Teachers require for English and Odia Medium School in Bhubaneswar.
Call: 7978084379 9337119851

WANTED
ଅଫିସ୍ କାମ କରିବା ପାଇଁ ମହିଳା କର୍ମଚାରୀ ଆବଶ୍ୟକ।
ଦରମା: ୧୦,୦୦୦/- ଏବଂ ରହିବା ଓ ଖାଇବା ମାଗଣା।
7809525452

REQUIRED
ESTABLISHED
2020 Start Up Company requires Telesales to be a part of the Fast Expansion Programme.
Candidate Details: Female (Only), Age: 20-25 Yrs. Degree Pass/Communication Skill in Odia, Hindi.
SMART & EXPERIENCED IN TELE CALLING & OFFICE WORK.
Computer Knowledge Preferred: MS Office (Word/Excel)
Experience: 1-2 years preferred.
Salary Plus Monthly Incentives
Immediate Joining • Place of posting: Bhubaneswar
• Send CV with Photo. Apply Now to:
octothorp2020@gmail.com, WHATSAPP NO.: 9938844566

WALK IN INTERVIEW
A walk in interview will be held on Dt.24 & 26.06.2024 from 10 A.M. to 2 P.M. for the Post of 1. Resident Medical Officer, 2. Full time Medicine Specialist, 3. Floor Manager, 4. Marketing Executive, 5. OT in charge with experience, 6. Hospital Electrical Maintenance Supervisor, 7. Housekeeping Maintenance, 8. Experienced Front Office Executive both Male & Female, 9. Pathology Laboratory Technician, 10. Office Peon. Please come with all of your testimonials. Salary is negotiable. Candidates will be apply on hospital mail ID- usthihospital.2009@gmail.com
USTHI Hospital
N4 1/1, IRC Village, Nayapalli, BBSR
Ph.: 0674-2556267/2550312, 9090963722
E Mail: usthihospital.2009@gmail.com

GHANASHYAM HEMALATA VIDYAMANDIR, PURI
(Fully Residential School)
Affiliated to CBSE, New Delhi
R.J Vihar, Bhuan, Chhaitana, Puri-752002
Ph. No: - 7008243964 / 8018399102 / 7735629062 / 7008905242
E-mail: - puri.ghvm@gmail.com
REQUIREMENT OF TEACHERS

| POST | SUBJECTS |
|---|---|
| PRINCIPAL | SCIENCE / ENGLISH MEDIUM BACKGROUND |
| PGT | MATH, BIOLOGY, PHYSICS, CHEMISTRY, COMPUTER SCIENCE |
| TGT | ENGLISH, HINDI, MATH, SCIENCE |
| PRT | ENGLISH, HINDI, MATH, SCIENCE, COMPUTER, ODIA |
| PET | MALE AND FEMALE |
| LIBRARIAN & NTT | FEMALE |

• Qualification : - As Per CBSE norms.
• Salary : -
PRINCIPAL - Negotiable.
PGT- Rs.35,000/- (Negotiable, based on performance & experience)
TGT- Rs.25,000/- (Negotiable, based on performance & experience)
PRT- Rs.16,000/- (Negotiable, based on performance & experience)
PET / LIBRARIAN & NTT- Salary negotiable
• Competent & Experienced teachers having knowledge in Computer are preferable.
• Free Accommodation, Fooding & Laundry for all the above post.
• Interested candidate can apply by sending their resume (with photograph) through post to The Principal, Ghanashyam Hemalata Vidyamandir, R.J.Vihar, At. Bhuan, Post. Chhaitana, Dist. Puri, Pin. 752002 or by mail to recruit.ghvm@gmail.com within 07 days of the publication of advertisement.
PRINCIPAL

WALK-IN INTERVIEW FOR FACULTY POSITIONS
SRM UNIVERSITY AP
SRM University-AP invites applicants for the following positions in the Department of Computer Science & Engineering. Interested candidates are requested to attend the interviews in person.
Position: Assistant Professor
Qualification: Ph.D. in CSE (Thesis Submitted or Completed) from UGC-recognised institutions.
Candidates with post-Ph.D. qualifications over six years of experience are also welcome to attend the interview.
Remuneration
• Competitive remuneration will be offered based on qualification and experience.
Candidates are advised to bring copies of all education and experience documents along with a copy of their resume.
For any inquiries, please contact +91 9032067774 / 9790733507
Walk-in Interview Schedule:
Date: June 15 & 16, 2024
Time: 9:00 AM to 4:00 PM
Venue: Hotel Ginger Bhubaneshwar
Opp. Nalco Headquarter, Jayadev Vihar, Nayapalli, Bhubaneswar - 751013
Phone: 0674 666 3333

Rohan WE ARE HIRING! Hero
Rohan Autoriders Private Limited a Leading 2-Wheeler Dealer of Hero Motocorp is looking for following personnel.
1) Spare Parts Manager : Any Graduate with min. 2-3 yrs. experience in Spare Parts / Spare Shop.
2) Assistant Manager : Any Graduate having 2 years exp. in Automobile dealership.
3) Floor supervisor : Diploma Mechanical or Automobile with 3-4 years experience in Automobile dealership.
4) Tele-caller : Graduate with 1 - 2 yrs. exp. and good communication skill.
Computer and internet knowledge is a must for all categories
Salary as per Market Standards
If you feel you are the right Candidate for this job Please send Your Resume to rohandubey231@gmail.com or Walk-in Interview on 19th and 22nd June 2024 between 11am to 06pm with Complete CV and Recent PP Size Photo at
ROHAN HERO SHOWROOM, FIRE STATION SQ., BARAMUNDA, BBSR

Your classified advertisement published in Dharitri will be listed free in Dharitri online edition :
www.dharitri.com

# ଶ୍ରୀମନ୍ଦିରରେ ରୁକ୍ମିଣୀ ହରଣ, ବିବାହ ନୀତି

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୮।୬।୨୦୨୪

| | |
|---|---|
| ୪,୭୮,୮୭୯ ଟଙ୍କା | |
| ସୁନା | ୧.୬୪୦ ଗ୍ରାମ୍ |
| ରୁପା | ୧୬.୬୫୦ ଗ୍ରାମ୍ |

## ଆଜି ଗୁଆଲି ଯାତ୍ରା

ପୁରୀ,୧୮।୬(ଅଜିତ୍ କୁମାର ମହାନ୍ତି)

ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ ତିଥି ଅବସରରେ ମଙ୍ଗଳବାର ଶ୍ରୀମନ୍ଦିରରେ ରୁକ୍ମିଣୀ ହରଣ ଓ ରୁକ୍ମିଣୀ ବିବାହ ନୀତି ସମ୍ପନ୍ନ ହୋଇଛି। ଏହି ଦିବସକୁ ରୁକ୍ମିଣୀ ହରଣ ଏକାଦଶୀ ବା ନିର୍ଜଳା ଏକାଦଶୀ କୁହାଯାଏ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସକାଳଧୂପ ପୂଜା ସମୟରେ ଦକ୍ଷିଣୀଘରେ ମଦନମୋହନ ବେଶ ହୋଇଥିଲେ। ପରେ ଶ୍ରୀମଦନମୋହନ ରତ୍ନସିଂହାସନକୁ ବିଜେ କରିଥିଲେ। ଭୋଗମଣ୍ଡପ ପରେ ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ଆଣି ମଦନମୋହନଙ୍କୁ ପ୍ରଦାନ କରିଥିଲେ। ଶ୍ରୀମଦନମୋହନ ଆଜ୍ଞାମାଳ ପାଇ ଜୟବିଜୟ ଦ୍ୱାରକୁ ବିଜେ କରିଥିଲେ। ସକାଳ ଧୂପପୂଜା ବଢିବା ପରେ ପୂଜାପଣ୍ଡା ସାମନ୍ତ ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ନେଇ ଶ୍ରୀଦେବୀ (ରୁକ୍ମିଣୀ)ଙ୍କୁ ପ୍ରଦାନ କରିଥିଲେ। ପରେ ମହାଜନ ସେବକ ଶ୍ରୀଦେବୀ ବା ରୁକ୍ମିଣୀଙ୍କୁ ସାତପାହାଚସ୍ଥିତ ପାଲିଙ୍କିରେ ବିଜେ କରାଇଥିଲେ। ବିମାନବଡୁମାନେ ପାଲିଙ୍କିକୁ ମହାଲକ୍ଷ୍ମୀ ମନ୍ଦିରକୁ ନେଇଥିଲେ।



ରୁକ୍ମିଣୀ ନୀତିରେ ଶିଶୁପାଳ ପରାସ୍ତ ହେବା ପରେ ଶ୍ରୀମନ୍ଦିରରୁ ବନ୍ଧନ ଅବସ୍ଥାରେ ବାହାରକୁ ଆସୁଛନ୍ତି ।

ସେଠାକାର ଜଗମୋହନରେ ଥିବା ଖଟରେ ଶ୍ରୀଦେବୀ ବା ରୁକ୍ମିଣୀ ବିଜେ ହୋଇଥିଲେ। ରୁକ୍ମିଣୀଙ୍କୁ ପଞ୍ଚାମୃତ ମହାସ୍ନାନ, ମାଜଣା, ବନକ ଲାଗି ଏବଂ ଅଳଙ୍କାର ଲାଗିହୋଇ ବେଶ ବଢିଥିଲା। ଏହି ସମୟରେ ତଡଉକରଣ ରୁକ୍ମିଣୀଙ୍କ ବିଶ୍ୱସ୍ତ ରୂପେ ତାଳପତ୍ର ଓ ଲେଖନୀ ନେଇ ଉପସ୍ଥିତ ଥିଲେ। ପରେ ଭିତରଚ୍ଛ ମହାପାତ୍ର ଚିଟାଉ ନେଇ ରୁକ୍ମିଣୀଙ୍କ ଶ୍ରୀହସ୍ତ ମୁଦ କରାଇଥିଲେ। ବିପ୍ର ବାହ୍ମଣ ବେଶରେ ଜଣେ ସେବକ ଚିଟାଉ ନେଇ ଜୟବିଜୟ ଦ୍ୱାରଠାରେ ଥିବା ମହାପ୍ରଭୁଙ୍କ ପାଖକୁ ଯାଇଥିଲେ। ସେଠାରେ ପୁରାଣ ପଣ୍ଡା, ପୂଜାପଣ୍ଡା ଏବଂ ପାଳିଆ ଖୁଣ୍ଟିଆଙ୍କ ଉପସ୍ଥିତିରେ ବଚନିକା ହୋଇଥିଲା। ମଦନମୋହନ ରଥରେ ବିଜେ ହୋଇ ବିମଳା ମନ୍ଦିର ନିକଟକୁ ଯାଇ ନାଟୁଆ ଗଣେଶଙ୍କ ମନ୍ଦିର ନିକଟରେ ଲୁକ୍କାୟିତ ଭାବେ ରୁକ୍ମିଣୀ(ଶ୍ରୀଦେବୀ)ଙ୍କୁ ଅପେକ୍ଷା କରିଥିଲେ। ମହାଲକ୍ଷ୍ମୀ ମନ୍ଦିରରୁ ରୁକ୍ମିଣୀ (ଶ୍ରୀଦେବୀ) ଗୌରୀ ପୂଜା ନିମନ୍ତେ ପାଲିଙ୍କିରେ ବିଜେ ହୋଇ ବିମଳାଙ୍କ ମନ୍ଦିରକୁ ଆସିଥିଲେ। ମା' ବିମଳାଙ୍କୁ ପୂଜା ଓ ଦର୍ଶନ କରି ଆଜ୍ଞାମାଳ ପାଇ ବାହାରିବା ବେଳେ ରୁକ୍ମିଣୀଙ୍କୁ ମହାପ୍ରଭୁ ବିମଳା ମନ୍ଦିର ଦ୍ୱାର ନିକଟରୁ ହରଣ କରି ରଥରେ ବସାଇ ନେଇଯାଇଥିଲେ। ଏ ସମ୍ପର୍କରେ ଖବର ପାଇ ଶିଶୁପାଳ ଆସି ସରସ୍ୱତୀ ମନ୍ଦିର ସମ୍ମୁଖରେ ମହାପ୍ରଭୁଙ୍କୁ ପ୍ରତିରୋଧ କରିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା। ଦୁଇଜଣ ସେବକ ଏହି ଯୁଦ୍ଧ ସମ୍ପାଦନା କରିଥିଲେ। ଯୁଦ୍ଧରେ ଶିଶୁପାଳ ହାରିଯିବାରୁ ତାଙ୍କୁ ମହାପ୍ରଭୁ ରଥରେ ବାନ୍ଧିଦେଇଥିଲେ। ଖବର ପାଇ ଦକ୍ଷିଣୀ ଘରୁ ବଳରାମ ବିମାନରେ ଆସି ଶିଶୁପାଳଙ୍କୁ ବନ୍ଧନମୁକ୍ତ କରିଥିଲେ। ପରେ ବଳରାମ ଦକ୍ଷିଣ ଘରକୁ ଏବଂ ମଦନମୋହନ ଓ ରୁକ୍ମିଣୀ ବିବାହ ମଣ୍ଡପକୁ ବିଜେ କରିଥିଲେ। ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ସମ୍ପନ୍ନ ପରେ ବିବାହ ନୀତି ଆରମ୍ଭ ହୋଇଥିଲା। ପରେ ଅନ୍ୟାନ୍ୟ ନୀତି ସରି ବିବାହ ଉତ୍ସବ ସମ୍ପନ୍ନ ହୋଇଥିଲା। ଏଥିପାଇଁ ଶ୍ରୀମନ୍ଦିରରେ ଭକ୍ତଙ୍କ ଭିଡ଼ ଜମିଥିଲା। ଭକ୍ତଙ୍କ ପାଇଁ ମହାପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ଚମ୍ପକ ଦ୍ୱାଦଶୀ ବୁଧବାର ନବ ବିବାହିତା ଦେବ ଦମ୍ପତିଙ୍କ ଗୁଆଲି ଯାତ୍ରା ଅନୁଷ୍ଠିତ ହେବ।

## ରଥଖଳାରୁ...

## ରଥରେ ପଡ଼ିଲା ଛନ୍ଦା ଗୟଳ



ପୁରୀ,୧୮।୬(ଅଜିତ୍ ମହାନ୍ତି)

ରଥଖଳାରେ ସୋମବାର ଅନୁକୂଳ ପୂଜା ପୂର୍ବକ ୩ ରଥର ୪ ନାହାକା ଉଠି ୩ ରଥ ପାର୍ଶ୍ୱ ଦଣ୍ଡାଗୁଡ଼ିକରେ ଗୁଜ, ଜଳଯନ୍ତ୍ର ଖଞ୍ଜାଯାଇ ଗୁଜ ଉପରେ ବିରାଡ଼ି ପଡ଼ିଥିଲା। ମଙ୍ଗଳବାର ୩ ରଥର ସମ୍ମୁଖ ଭାଗ ଏବଂ ପଛ ଭାଗରେ ୨ଟି ଲେଖାଏ ବଡ଼ ଛନ୍ଦା ଗୟଳ ପଡ଼ି ଦଉଡ଼ିରେ ବାନ୍ଧେଣି ପଡ଼ିଛି। କଣ୍ଟା ବସିବା ପୂର୍ବରୁ ପୋଲ ଗୟଳକୁ କ୍ରସ କରି ପଡ଼ିଥିବା ଛନ୍ଦା ଗୟଳର ସଂଯୋଗ ସ୍ଥାନରେ କାପ ଖୋଦେଇ ଜାରି ରହିଛି। ତିନି ରଥର ୧୬ଟି ଛନ୍ଦା ଗୟଳରୁ ୮ଟି ଛନ୍ଦା ଗୟଳର ଚଉପଟ ଶେଷ ହୋଇଛି। ୩ ରଥର ପ୍ରଥମ ଭୂଇଁ ଫ୍ରେମ ପ୍ରସ୍ତୁତି ଶେଷ ହୋଇଛି। ସେହିପରି ୩ ରଥର ପ୍ରଥମ ଭୂଇଁ ଫ୍ରେମ ନିର୍ମାଣ ଶେଷ ହୋଇଛି। ଏଥିସହ ଭୂଇଁ ଫ୍ରେମର ବିଭିନ୍ନ ଅଂଶଗୁଡ଼ିକର ନମ୍ବରିଂ କାର୍ଯ୍ୟ ଶେଷ ହୋଇଛି। ଏଥିସହ ରଥ ଅମିନ ଭୋଇ ସେବକଙ୍କ ସହାୟତାରେ ୩ ରଥ ଚାଳିକୁ ୨ଟି ଲେଖାଏଁ ଜଗତ ପୃଷ୍ଠ ସେଣୀ କାଠ ଯୋଗାଇ ଦେଇଛନ୍ତି। ୩ ରଥ ମହାରଣା ସେବକମାନେ ଚଉପଟ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏଥିସହ ୩ ରଥର ୨ଟି ଲେଖାଏ ଛନ୍ଦା ଗୟଳ ଚଉପଟ କାର୍ଯ୍ୟ ଜାରି ରହିଛି। ରୂପକାର ସେବକମାନେ ୩ ରଥ ଦ୍ୱାର ପାଇଁ ନାଟ ଗୋଡ଼ରେ ରାହୁ ରୂପ ଖୋଦେଇ ଜାରି ରଖିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ୩ ରଥର ପ୍ରଥମ ଭୂଇଁ, ୨ୟ ଭୂଇଁ ପାଇଁ ଭୂଇଁ ବିଡିଆ କଣ୍ଟା ନିର୍ମାଣ ଶେଷ କରି ପୋଟଳ କାଇଁ ଗୋଡ଼ି ଛାଲ କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

## ସଂକ୍ଷେପରେ

### ମହାପ୍ରଭୁଙ୍କ ଜଳକ୍ରୀଡ଼ା ନୀତି ସମ୍ପନ୍ନ

ପୁରୀ,୧୮।୬(ଅଜିତ୍ କୁମାର ମହାନ୍ତି)

ପବିତ୍ର ରୁକ୍ମିଣୀ ହରଣ ଏକାଦଶୀ ଅବସରରେ ସୋମବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଚଳିତ ବର୍ଷର ଚତୁର୍ଥ ତଥା ଶେଷ ଜଳକ୍ରୀଡ଼ା ନୀତି ସମ୍ପନ୍ନ ହୋଇଛି। ଏଥିନିମନ୍ତେ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ଶ୍ରୀମନ୍ଦିର ଦ୍ୱାରଫିଟା ପରେ ମଙ୍ଗଳ ଆଳତି, ମଇଲମ, ଅବକାଶ ପୂଜା ପରେ ଅନ୍ୟାନ୍ୟ ନୀତି ବଢି ଆଲଟ ଲାଗି, ଚନ୍ଦନ ଲାଗି ହୋଇ ମହାପ୍ରଭୁଙ୍କ ବେଶ ବଢିଥିଲା। ପରେ ଯାତ ଭୋଗ ହୋଇଥିଲା। ମହାପ୍ରଭୁଙ୍କ ଚଳନ୍ତିପ୍ରତିମା ମଦନମୋହନଙ୍କ ପରିବର୍ତ୍ତେ ଦୋଳଗୋବିନ୍ଦ ଆଜ୍ଞାମାଳ ପାଇ ମହାଜନ ସେବକଙ୍କ ହାତରେ ପାଲିଙ୍କିକୁ ବିଜେ ହୋଇଥିଲେ। ଶ୍ରୀମନ୍ଦିର ପରିସର ରୋହିଣୀ କୁଣ୍ଡ ନିକଟସ୍ଥ ତଥା ନୃସିଂହ ମନ୍ଦିର ପଶ୍ଚାତ ଭାଗରେ ଥିବା ଜଳକ୍ରୀଡ଼ା ମଣ୍ଡପକୁ ବିଜେ କରିଥିଲେ। ଏହି କୁଣ୍ଡରେ ଥିବା ସୁବାସିତ ଜଳରେ ଦୋଳଗୋବିନ୍ଦ ବିଜେ ହୋଇଥିଲେ। ମୁଦିରସ୍ତ ଠାକୁରଙ୍କୁ ପ୍ରସାଦ ଲାଗି ପରେ ଚନ୍ଦନପାଣି ପିଚ୍‌କାରୀ ନୀତି ବଢିଥିଲା। ଠାକୁରଙ୍କ ନିକଟରେ ପଞ୍ଚଉପଚାରରେ ଶୀତଳ ଭୋଗ ମଣୋହି କରାଯାଇଥିଲା। ଠାକୁରଙ୍କୁ ଜଳରୁ ଅଣାଯାଇ ଶ୍ରୀଅଙ୍ଗ ପୋଛାଯାଇ ମଇଲମ କରାଯାଇଥିଲା। ମାଳଫୁଲ ଲାଗି କରାଯିବା ସହ ବେଶ ବଢିଥିଲା। ବନ୍ଦାପନା ନୀତି ପରେ ଠାକୁର ପାଲିଙ୍କିରେ ବିଜେ ହୋଇ ବାହୁଡ଼ା ବିଜେ କରିଥିଲେ ।

### ବିଦ୍ୟୁତ୍ ଆଘାତରେ ଜଣେ ମୃତ

ବଳଙ୍ଗା,୧୮।୬(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ବାଲିଆ ଗ୍ରାମରେ ବିଦ୍ୟୁତ୍ ଆଘାତରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସରୋଜ ଦଳାଇ(୫୫)। ସୂଚନା ମୁତାବକ, ସରୋଜ ମଙ୍ଗଳବାର ପୂର୍ବାହ୍ନରେ ଘରେ ଲାଇନ ନ ଥିବାବେଳେ ଫ୍ୟାନ ମରାମତି କରୁଥିଲେ। ଏହି ସମୟରେ ହଠାତ୍ ଲାଇନ୍ ଆସିଯିବାରୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକେ ତୁରନ୍ତ ତାଙ୍କୁ ପିପିଲି ଡାକ୍ତରଖାନାକୁ ନେଇଯାଇଥିଲେ। ସେଠାରେ ଡାକ୍ତର ସରୋଜଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବାରୁ ବଳଙ୍ଗା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପରେ ପୋଲିସ ମେଡିକାଲରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇ ତଦନ୍ତ ଜାରି ରଖିଛି।

# ଶ୍ରୀକ୍ଷେତ୍ରରେ ପହଞ୍ଚିଲା ବଉଳକାଠ



ସେନାପଟା ନିର୍ମାଣ ଲାଗି ମଙ୍ଗଳବାର ପୁରୀରେ ପହଞ୍ଚିଥିବା ବଉଳକାଠ । (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

ସାକ୍ଷୀଗୋପାଳ,୧୮।୬(ପ୍ରଶାନ୍ତ ବାରିକ୍/ କିଶୋର ମହାପାତ୍ର/ଭରତ ରାଉତ)

ସ୍ନାନଯାତ୍ରା, ରଥଯାତ୍ରା ସମୟରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗର ସୁରକ୍ଷା ନିମନ୍ତେ ସେନାପଟା ଓ ବାହୁଟ ସେବା ପାଇଁ ଚିହ୍ନଟ ହୋଇଥିବା ବଉଳ କାଠ ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ଏକାଦଶୀ ତିଥି ପବିତ୍ର ନିର୍ଜଳା ଏକାଦଶୀ ଅବସରରେ ମଙ୍ଗଳବାର ଶ୍ରୀକ୍ଷେତ୍ରରେ ପହଞ୍ଚିଛି। ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଅପରାହ୍ନରେ ସାକ୍ଷୀଗୋପାଳ ବ୍ଲକ ଛକ ପର୍ଯ୍ୟନ୍ତ ଶୋଭାଯାତ୍ରା ଯାଇ ସେଠାରୁ ଶ୍ରୀକ୍ଷେତ୍ରକୁ ମେଲାଣି ଦିଆଯାଇଥିଲା। ମଙ୍ଗଳବାର ସକାଳେ ମହାପ୍ରଭୁଙ୍କଠାରୁ ଆସିଥିବା ଆଜ୍ଞାମାଳ ଓ ମହାପ୍ରସାଦ ଚିହ୍ନଟ ବଉଳ ଗଛରେ ସମର୍ପଣ କରାଯାଇ ବରଣ କରାଯାଇଥିଲା। ପୂଜାପାଠ ସରିବା ପରେ ନିୟମ ଅନୁଯାୟୀ ପ୍ରଥମେ ଶ୍ରୀମନ୍ଦିର ଭୋଇ ସେବକ ସର୍ଦ୍ଦାର ରବି ଭୋଇ, ନୀଳକଣ୍ଠ ଭୋଇ, ଧ୍ରୁବ ଚରଣ ଭୋଇ, ରତ୍ନାକର ଭୋଇ ଓ ସୁଦର୍ଶନ କାଣ୍ଡି ପ୍ରମୁଖ ବଉଳ ବୃକ୍ଷ ଛେଦନ କରିଥିଲେ। ୬ ହାତ ଲମ୍ବ ଓ ୩ ଫୁଟ ଗୋଲେଇ ବିଶିଷ୍ଟ ୨ ଖଣ୍ଡ ଓ ୩ ହାତ ଲମ୍ବ ମାପରେ ଆଉ ୨ ଖଣ୍ଡ ବଉଳ କାଠ କଟାଯାଇଥିଲା। ଏହି କାଠକୁ ଶଗଡ଼ରେ ଲଦାଯାଇ ବକୁଳବନସ୍ଥିତ ସିଦ୍ଧବକୁଳ ମନ୍ଦିରକୁ ଅଣାଯାଇଥିଲା। ସେଠାରେ ସ୍ୱତନ୍ତ୍ର ଦେବନୀତି ଓ ପୂଜାର୍ଚ୍ଚନା ସହ ଭକ୍ତମାନେ ଦର୍ଶନ କରିବା ପରେ ବଉଳ କାଠ ଶଗଡ଼କୁ ଶ୍ରୀକ୍ଷେତ୍ର ଅଭିମୁଖେ ମେଲାଣି ଦିଆଯାଇଥିଲା। ସୁଧର୍ମା ମହାସଂଘ, ଚାଷପଡ଼ା ସଂକୀର୍ତ୍ତନ ମଣ୍ଡଳୀ, କୋଣାର୍କ ଘୋଡ଼ାନାଚ ଓ ସ୍ଥାନୀୟ ଭକ୍ତ ଘଣ୍ଟ, ଘଣ୍ଟି, ମୃଦଙ୍ଗ ବାଦନ, ଯୋଡ଼ି ଶଙ୍ଖ ବାଦନ ହରିବୋଲ ଓ ହୁଳହୁଳି ପକାଇ ଛତ୍ରୀ ଓ ତ୍ରାସ ଧରି ବଉଳ କାଠ ଶଗଡ଼କୁ ସତ୍ୟବାଦୀ ବ୍ଲକ ଛକ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ର, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା, ବିଡିଓ ଲିପ୍ସା ରାୟ, ସତ୍ୟବାଦୀ ତହସିଲଦାର ଆଲୋକ ଦେହୁରୀ, ଆଇଆଇସି ଉମେଶ ସାହୁ, ସାକ୍ଷୀଗୋପାଳ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱବାସୀ ତ୍ରିପାଠୀ, ଉତ୍ତର ପାର୍ଶ୍ୱ ମଠ ମହନ୍ତ ଶ୍ରୀନାରାୟଣ ଦାସ ମହାରାଜ, ଶ୍ରୀମନ୍ଦିର ରଥ ନିର୍ମାଣ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ ଓ ସତ୍ୟବାଦୀ ସଂସ୍କୃତି ସୁରକ୍ଷା ମଞ୍ଚର ସମ୍ପାଦକ କିଶୋର ଚନ୍ଦ୍ର ମହାପାତ୍ରଙ୍କ ସମେତ ଅନ୍ୟମାନେ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସତ୍ୟବାଦୀ ସଂସ୍କୃତି ସୁରକ୍ଷା ମଞ୍ଚ ପକ୍ଷରୁ ସାହିତ୍ୟ ଆସର ସହିତ ଏକ ଫଟୋ ପ୍ରଦର୍ଶନୀ କରାଯାଇଥିଲା। ବିଭିନ୍ନ ଅଞ୍ଚଳରୁ ଆସିଥିବା କବୟିତ୍ରୀ ଓ କବି ସ୍ୱରଚିତ କବିତାମାନ ପାଠ କରିଥିଲେ। ଆଇନଜୀବୀ ଅଞ୍ଜନ ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିପର୍ଯ୍ୟୟ ମୁକାବିଲା ପାଇଁ ସତର୍କତା, ସଚେତନତା ଜରୁରୀ

ପୁରୀ,୧୮।୬(ଅଜିତ୍ କୁମାର ମହାନ୍ତି)

ପ୍ରାକୃତିକ ବିପର୍ଯ୍ୟୟ ଯେ କୌଣସି ସମୟରେ ଆସିପାରେ। ଆମେ ତାକୁ ରୋକିପାରିବା ନାହିଁ। କିନ୍ତୁ ସତର୍କତା, ସଚେତନତା ଓ ପୂର୍ବ ପ୍ରସ୍ତୁତି ଧନଜୀବନ ହାନି ଓ କ୍ଷୟକ୍ଷତିକୁ ରୋକିବା ସହ ବିପର୍ଯ୍ୟୟକୁ ପ୍ରଶମିତ କରିବାରେ ସହାୟକ ହୋଇଥାଏ ବୋଲି ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା କହିଛନ୍ତି। ମଙ୍ଗଳବାର ପୁରୀ ସର୍କିଟ ହାଉସରେ ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ଜିଲାସ୍ତରୀୟ ଟେବୁଲ ଟପ୍ ଏକ୍ସରସାଇଜ୍ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲାପାଳ ବେହେରା କହିଥିଲେ ଯେ, ପୁରୀ ଜିଲାରେ ପ୍ରତିବର୍ଷ ବନ୍ୟା, ବାତ୍ୟା ହେଉଥିବାରୁ ସମସ୍ତେ ଏଥିରେ ପ୍ରଭାବିତ ହୋଇଥାନ୍ତି। ତେଣୁ ସମସ୍ତ ଅଭିଜ୍ଞତା, ଅନୁଭବ, ବୈଷୟିକ ଓ ବୈଜ୍ଞାନିକ ପଦ୍ଧତି ଆଧାରରେ ବିପର୍ଯ୍ୟୟ ପ୍ରତି ସତର୍କ ରହିବା ସହ ମିଳିତ ହୋଇ ମୁକାବିଲା କରିବାକୁ ସେ ମତ ଦେଇଥିଲେ। ଓସ୍‌ଡମା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ସୁସ୍ମିତା ବେହେରା ରାଜ୍ୟ ପର୍ଯ୍ୟବେକ୍ଷକ ଭାବେ ଜିଲାସ୍ତରୀୟ ବୈଠକ ଏବଂ ସତ୍ୟବାଦୀ ବ୍ଲକସ୍ତରୀୟ ବୈଠକରେ ଯୋଗଦେଇଥିଲେ । ବିଭିନ୍ନ ବିଭାଗର ଅଧିକାରୀମାନେ ବିଭିନ୍ନ ବିପର୍ଯ୍ୟୟ ଓ ସେମାନଙ୍କ ବିଭାଗର କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ୧୯ ତାରିଖରେ ଜିଲାର ବିଭିନ୍ନ ସ୍ଥାନରେ ଥିବା ୧୭୯ଟି ବହୁମୁଖୀ ଆଶ୍ରୟସ୍ଥଳରେ ମକଡ୍ରିଲ ଆୟୋଜନ କରାଯିବ। ପୂର୍ବରୁ ପୂର୍ବାହ୍ନରେ ଜିଲାର ସମସ୍ତ ବ୍ଲକ୍ ଓ ପୌରସଂସ୍ଥା ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦରେ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାସ୍ତରୀୟ ବୈଠକରେ ଜରୁରୀ ବିଭାଗର ଡେପୁଟି କଲେକ୍ଟର ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ଆସିଷ୍ଟାଣ୍ଟ କଲେକ୍ଟର ପଞ୍ଚାନନ ପରିଜା, ଡିପିଓ ସୁକାନ୍ତ କୁମାର ଦାଶ, ବିଭିନ୍ନ ବ୍ଲକର ଲୋକପ୍ରତିନିଧି, ବନ୍ୟା, ବାତ୍ୟା ଆଶ୍ରୟସ୍ଥଳର ସଭାପତି ଓ ସମ୍ପାଦକ, ବିଡିଓ, ତହସିଲଦାର, ଏନଏସି ନିର୍ବାହୀ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

# ସ୍ନାନପୂର୍ଣ୍ଣିମା ପାଇଁ ସୁରକ୍ଷା ଦାୟିତ୍ୱରେ ୭୦ ପ୍ଲାଟୁନ ଫୋର୍ସ

ପୁରୀ,୧୮।୬(ଅଜିତ୍ କୁମାର ମହାନ୍ତି)

ଆସନ୍ତା ୨୨ ତାରିଖରେ ମହାପ୍ରଭୁଙ୍କ ସ୍ନାନଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ସ୍ନାନପୂର୍ଣ୍ଣିମା ଦିନ ଶ୍ରୀକ୍ଷେତ୍ରରେ ଲକ୍ଷାଧିକ ଭକ୍ତଙ୍କ ଭିଡ଼କୁ ନଜରରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ସ୍ନାନଯାତ୍ରା ଓ ରଥଯାତ୍ରା ଶୃଙ୍ଖଳିତ କରିବା ପାଇଁ ମଙ୍ଗଳବାର ଏସ୍‌ପି ପିନାକ ମିଶ୍ର ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଛନ୍ତି। ଏସ୍‌ପି କହିଛନ୍ତି, ଦେବସ୍ନାନ ପୂର୍ଣ୍ଣିମାରେ ବିଗତ ବର୍ଷ ତୁଳନାରେ ଚଳିତ ଦ୍ୱିଗୁଣା ଭକ୍ତଙ୍କ ସମାଗମ ହେବା ନେଇ ଆକଳନ କରାଯାଇଛି। ଭକ୍ତଙ୍କ ସୁରକ୍ଷା ଓ ଭିଡ଼ ନିୟନ୍ତ୍ରଣ ନେଇ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯିବ। ସ୍ନାନପୂର୍ଣ୍ଣିମା ପାଇଁ ସୁରକ୍ଷା ଦାୟିତ୍ୱରେ ୭୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବେ। ଏଥିସହ ଏସ୍‌ପି ର୍ୟାଙ୍କର ୪ ଅଫିସର, ୧୨ ଅତିରିକ୍ତ ଏସ୍‌ପି, ୩୫ରୁ ଊର୍ଦ୍ଧ୍ୱ ଇନ୍ସପେକ୍ଟର ମଧ୍ୟ ମୁତୟନ ରହିବେ। ମାର୍କେଟ ଛକରୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ପର୍ଯ୍ୟନ୍ତ ବ୍ୟାରିକେଡ୍ ବ୍ୟବସ୍ଥା ହେବ। ଟ୍ରାଫିକ ବ୍ୟବସ୍ଥାକୁ ନଜରରେ ରଖି ସହରର ବିଭିନ୍ନ ସ୍ଥାନରେ ପାର୍କିଂସ୍ଥଳ କରାଯାଇଛି। ସ୍ୱାସ୍ଥ୍ୟ, ପାନୀୟଜଳ ବ୍ୟବସ୍ଥା ହେବ। ସମସ୍ତ ବିଭାଗ ପରସ୍ପର ମଧ୍ୟରେ ସମନ୍ୱୟ ରଖିବାକୁ କୁହାଯାଇଛି। ସମସ୍ତଙ୍କ ସହଯୋଗରେ ମହାପ୍ରଭୁଙ୍କ କାର୍ଯ୍ୟ ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ। ସ୍ୱେଚ୍ଛାସେବୀମାନଙ୍କୁ ଭକ୍ତଙ୍କ ସହଯୋଗ ନିମନ୍ତେ ନିୟୋଜିତ କରାଯିବ। ପ୍ରାଥମିକ ଚିକିତ୍ସା ସହ ଖରାକୁ ଦୃଷ୍ଟିରେ ରଖି ପାଣି ସିଞ୍ଚନ କରାଯିବ। ଭକ୍ତମାନେ ବ୍ୟାରିକେଡ୍‌ରେ ସିଂହଦ୍ୱାର ଦେଇ ପ୍ରବେଶ କରି ହାତୀବେଶ ଦର୍ଶନ କରି ଉତ୍ତରଦ୍ୱାର ବାଟେ ପ୍ରସ୍ଥାନ କରିବେ। ଶ୍ରୀଦାଣ୍ଡକୁ ଅନୁଧ୍ୟାନ କରାଯାଇ ଉପଯୋଗ କରାଯିବ। ଶ୍ରୀମନ୍ଦିର ପାର୍ଶ୍ୱରେ ରହିଥିବା ସାହିବାସିନ୍ଦାଙ୍କ ଗାଡ଼ି ଶ୍ରୀଦାଣ୍ଡ ଦେଇ ଯିବା ଆସିବା କରିବା ସମ୍ପର୍କରେ ଚିନ୍ତା କରାଯାଉଛି। ଫଳରେ ବଡ଼ଦାଣ୍ଡରେ ଗହଳି କମାଯାଇପାରିବ। ଶୃଙ୍ଖଳିତ ସ୍ନାନଯାତ୍ରା ପାଇଁ ପୋଲିସ ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ଅଛି ବୋଲି ଏସ୍‌ପି କହିଛନ୍ତି।



ସ୍ନାନପୂର୍ଣ୍ଣିମା ଦିନ ଭକ୍ତଙ୍କ ସୁରକ୍ଷା ସମ୍ପର୍କରେ ଏସ୍‌ପି ପିନାକ ମିଶ୍ର ସୂଚନା ଦେଉଛନ୍ତି ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

REQUIRED
Cook cum Peon
Driver
Office Bearer cum Cleaner
ରହିବା, ଖାଇବା ସୁବିଧା ରହିଅଛି
-: Contact :-
8847855057

REQUIRED
Dentor and Technician Required.
Salary will be Negotiated
AKARSH MOTORS
Tankapani Road, BBSR
Mob.: 9437205155

WANTED
ବ୍ଲକ୍/ଜିଲ୍ଲା ସ୍ତରୀୟ ନିଯୁକ୍ତି
Qualification: 9th, 10th, +2, Graduation.
Salary: 10,000 to 25000
Age: (18-35 yrs)
Call Us : 9078282976

REQUIRED
ESTABLISHED
2020 Start Up Company requires Telesales to be a part of the Fast Expansion Programme.
Candidate Details: Female (Only), Age: 20-25 Yrs. Degree Pass/Communication Skill in Odia, Hindi.
SMART & EXPERIENCED IN TELE CALLING & OFFICE WORK.
Computer Knowledge Preferred: MS Office (Word/Excel)
Experience: 1-2 years preferred.
Salary Plus Monthly Incentives
Immediate Joining • Place of posting: Bhubaneswar
• Send CV with Photo. Apply Now to:
octothorp2020@gmail.com, WHATSAPP NO.: 9938844566

TEACHER REQUIRE
Male/Female Teachers require for English and Odia Medium School in Bhubaneswar.
Call: 7978084379
9337119851

WANTED
ଅଫିସ୍ କାମ କରିବା ପାଇଁ ମହିଳା କର୍ମଚାରୀ ଆବଶ୍ୟକ।
ଦରମା: ୧୦,୦୦୦/- ଏବଂ ରହିବା ଓ ଖାଇବା ମାଗଣା।
7809525452

WALK IN INTERVIEW
A walk in interview will be held on Dt.24 & 26.06.2024 from 10 A.M. to 2 P.M. for the Post of 1. Resident Medical Officer, 2. Full time Medicine Specialist, 3. Floor Manager, 4. Marketing Executive, 5. OT in charge with experience, 6. Hospital Electrical Maintenance Supervisor, 7. Housekeeping Maintenance, 8. Experienced Front Office Executive both Male & Female, 9. Pathology Laboratory Technician, 10. Office Peon. Please come with all of your testimonials. Salary is negotiable. Candidates will be apply on hospital mail ID- usthihospital.2009@gmail.com
USTHI Hospital
N4 1/1, IRC Village, Nayapalli, BBSR
Ph.: 0674-2556267/2550312, 9090963722
E Mail: usthihospital.2009@gmail.com

GHANASHYAM HEMALATA VIDYAMANDIR, PURI
(Fully Residential School)
Affiliated to CBSE, New Delhi
R.J Vihar, Bhuan, Chhaitana, Puri-752002
Ph. No: - 7008243964 / 8018399102 / 7735629062 / 7008905242
E-mail: - puri.ghvm@gmail.com
REQUIREMENT OF TEACHERS

| POST | SUBJECTS |
|---|---|
| PRINCIPAL | SCIENCE / ENGLISH MEDIUM BACKGROUND |
| PGT | MATH, BIOLOGY, PHYSICS, CHEMISTRY, COMPUTER SCIENCE |
| TGT | ENGLISH, HINDI, MATH, SCIENCE |
| PRT | ENGLISH, HINDI, MATH, SCIENCE, COMPUTER, ODIA |
| PET | MALE AND FEMALE |
| LIBRARIAN & NTT | FEMALE |

• Qualification : - As Per CBSE norms.
• Salary : -
PRINCIPAL - Negotiable.
PGT- Rs.35,000/- (Negotiable, based on performance & experience)
TGT- Rs.25,000/- (Negotiable, based on performance & experience)
PRT- Rs.16,000/- (Negotiable, based on performance & experience)
PET / LIBRARIAN & NTT- Salary negotiable
• Competent & Experienced teachers having knowledge in Computer are preferable.
• Free Accommodation, Fooding & Laundry for all the above post.
• Interested candidate can apply by sending their resume (with photograph) through post to The Principal, Ghanashyam Hemalata Vidyamandir, R.J.Vihar, At. Bhuan, Post. Chhaitana, Dist. Puri, Pin. 752002 or by mail to recruit.ghvm@gmail.com within 07 days of the publication of advertisement.
PRINCIPAL

WALK-IN INTERVIEW FOR FACULTY POSITIONS
SRM UNIVERSITY AP
SRM University-AP invites applicants for the following positions in the Department of Computer Science & Engineering. Interested candidates are requested to attend the interviews in person.
Position: Assistant Professor
Qualification: Ph.D. in CSE (Thesis Submitted or Completed) from UGC-recognised institutions.
Candidates with post-Ph.D. qualifications over six years of experience are also welcome to attend the interview.
Remuneration
• Competitive remuneration will be offered based on qualification and experience.
Candidates are advised to bring copies of all education and experience documents along with a copy of their resume.
For any inquiries, please contact +91 9032067774 / 9790733507
Walk-in Interview Schedule:
Date: June 15 & 16, 2024
Time: 9:00 AM to 4:00 PM
Venue: Hotel Ginger Bhubaneshwar
Opp. Nalco Headquarter, Jayadev Vihar, Nayapalli, Bhubaneswar - 751013
Phone: 0674 666 3333

Rohan WE ARE HIRING! Hero
Rohan Autoriders Private Limited a Leading 2-Wheeler Dealer of Hero Motocorp is looking for following personnel.
1) Spare Parts Manager : Any Graduate with min. 2-3 yrs. experience in Spare Parts / Spare Shop.
2) Assistant Manager : Any Graduate having 2 years exp. in Automobile dealership.
3) Floor supervisor : Diploma Mechanical or Automobile with 3-4 years experience in Automobile dealership.
4) Tele-caller : Graduate with 1 - 2 yrs. exp. and good communication skill.
Computer and internet knowledge is a must for all categories
Salary as per Market Standards
If you feel you are the right Candidate for this job Please send Your Resume to rohandubey231@gmail.com or Walk-in Interview on 19th and 22nd June 2024 between 11am to 06pm with Complete CV and Recent PP Size Photo at
ROHAN HERO SHOWROOM, FIRE STATION SQ., BARAMUNDA , BBSR

Your classified advertisement published in Dharitri will be listed free in Dharitri online edition :
www.dharitri.com

**ପରୋପକାର ଏକ ମାନବୀୟ କଳା**

ଚୌଦ୍ୱାର,(ଆଶୁତୋଷ ଦାସ): ଚୌଦ୍ୱାର ପୌରପାଳିକା ୬ ନମ୍ବର ୱାର୍ଡ ଅଧୀନ ନୁଆଁବିରିସ୍ଥିତ ବିବେକାନନ୍ଦ ପାଠାଗାରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାଠାଗାର ସଭାପତି ସୁଜୟ କୁମାର ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ଅନୁଷ୍ଠାନର ପ୍ରତିନିଧି ସମରେଶ ରଞ୍ଜନ ମହାନ୍ତି, ଭବାନୀ ନାୟକ, ସଂଗ୍ରାମ ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ କହିଥିଲେ, ପରୋପକାର ଏକ ମାନବୀୟ କଳା। ସମସ୍ତଙ୍କ ସୁଖ ଓ ଦୁଃଖରେ ଭାଗି ହୋଇ ସମସ୍ୟା ସମାଧାନ ଦିଗରେ ନିଜକୁ ସାମିଲ କରିପାରିଲେ ପ୍ରକୃତ ଶାନ୍ତି ମିଳିଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପାଠାଗାର ସମ୍ପାଦକ ସୁରେଶ କୁମାର ରାଉତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗୋଷ୍ଠୀ ସଂଘର୍ଷ ଘଟଣା, ୪ ଅଭିଯୁକ୍ତ ଗିରଫ

କଟକ,୧୮।୬ (କାର୍ତ୍ତିକ ସାହୁ)

କଟକ ସଦର ଥାନା ଅଧୀନ ଉତ୍ତମାପୁର ନିକଟ କୁଆଖାଇ ନଦୀରୁ ବେଆଇନ ବାଲି ଉଠାଣବେଳେ ଘଟିଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ୪ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ତୋଟାସାହି ଗ୍ରାମର ଦିଲୀପ ସାମଲ, ସିଲୁ ସାମଲ, ସାଗର ସାମଲ ଓ ଅଭୟ କୁମାର ସାମଲ। ଏଭଳି ବେଆଇନ ବାଲି ଚାଲାଣ ନିୟମିତ ହୋଇଆସୁଥିବା ପୋଲିସ ତଦନ୍ତରୁ ଜଣାପଡ଼ିଛି। ସୋମବାର ରାତିରେ ବାଲି ଚାଲାଣକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିଲା। ଏପରିକି ଗିରଫ ଅଭିଯୁକ୍ତମାନେ ମାରଣାସ୍ତ୍ରରେ ଅପରପକ୍ଷର ଲୋକଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଚିକିତ୍ସା ଲାଗି ଆହତମାନଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ତୋଟାସାହି ଗ୍ରାମର କବିତା ସାମଲ ଏନେଇ ସଦର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୨୯/୨୪) ରୁଜୁ କରିଛି।

# ‘ସମ୍ବଳ ଯୋଗାଇବାକୁ ସରକାର ପ୍ରସ୍ତୁତ’



ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସମେତ ବିଧାୟକ ଓ ପ୍ରଶାସନିକ ଅଧିକାରୀ।

କଟକ,୧୮।୬ (କାର୍ତ୍ତିକ ସାହୁ)

**ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସମୀକ୍ଷା ବୈଠକ**

କଟକ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସମୀକ୍ଷା ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଅଧ୍ୟକ୍ଷତା କରି କଟକ ଜିଲାରେ ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ତୀବ୍ରତା ଯଥାସମ୍ଭବ ହ୍ରାସ କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥିନିମନ୍ତେ ଆବଶ୍ୟକ ସମ୍ବଳ ଯୋଗାଇଦେବା ପାଇଁ ରାଜ୍ୟ ସରକାର ସର୍ବଦା ପ୍ରସ୍ତୁତ। ଆବଶ୍ୟକସ୍ଥଳେ ସ୍ଥାନୀୟ ଏମ୍‌ପିଙ୍କ ଜରିଆରେ କେନ୍ଦ୍ର ସମ୍ବଳର ମଧ୍ୟ ସୁବିଧା ନିଆଯାଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଏଥିସହ ବାଲି ସଇରାତରୁ ବିକଳ୍ପ ରାସ୍ତା ମାଧ୍ୟମରେ ବାଲି ଉଠାଯିବାକୁ ଖଣି ବିଭାଗ ଅଧିକାରୀ ଯତ୍ନବାନ ହେବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ବୈଠକରେ ଜିଲାପାଳ ଅରିନ୍ଦମ ଡାକୁଆ ସ୍ୱାଗତ ଭାଷଣ ଦେଇ ଗତ ୧୩ ତାରିଖରେ ଜିଲାରେ ଅନୁଷ୍ଠିତ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବୈଠକର ବିବରଣୀ ପ୍ରଦାନ କରିଥିଲେ।

କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା, ନିଆଳି ବିଧାୟକ ଛବି ମଲ୍ଲିକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁବାସ ଚନ୍ଦ୍ର ରାୟ, କଟକ ମହାନଗର ନିଗମ କମିଶନର ବିଜୟ କୁମାର ଦାଶ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉମାକାନ୍ତ ରାଜ, ଅତିରିକ୍ତ ଜିଲାପାଳ (ଉନ୍ନୟନ) ଡ. ଦିବ୍ୟଲୋଚନ ମହାନ୍ତି, ଅତିରିକ୍ତ ଜିଲାପାଳ (ସାଧାରଣ) ଶିବ ଟପୋ, କଟକ ସଦର ଉପଜିଲାପାଳ ଜ୍ୟୋତିଶଙ୍କର ରାୟ, ବାଙ୍କୀ ଉପଜିଲାପାଳ ଦେବୀ ପ୍ରସାଦ ମହାନ୍ତି, ଆଠଗଡ଼ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇଙ୍କ ସମେତ ସମସ୍ତ ତହସିଲଦାର ଓ ବିଭିନ୍ନ ବିଭାଗର ଅଧିକାରୀ ବୈଠକରେ ଉପସ୍ଥିତ ଥିଲେ।

# ଉନ୍ନତୀକରଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ

କଟକ,୧୮।୬(କାର୍ତ୍ତିକ ସାହୁ)

**ବିଭିନ୍ନ ପ୍ରକଳ୍ପର ସମୀକ୍ଷାକଲେ ଏମ୍‌ପି**

କଟକ ଜିଲାରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି ଏମ୍‌ପି ଭର୍ତ୍ତୃହରି ମହତାବ। କଟକ ବିହାରୀବାଗସ୍ଥିତ ଏମ୍‌ପିଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ଅପରାହ୍ନରେ ଏହି ସମୀକ୍ଷା ବୈଠକ ହୋଇଥିଲା। ଜିଲାର ବିଭିନ୍ନ ଅଞ୍ଚଳରେ ଚାଲିଥିବା ପ୍ରକଳ୍ପ ଯଥା ବାବା ଧବଳେଶ୍ୱର ପୀଠ, ବାଙ୍କୀସ୍ଥିତ ମା ଚର୍ଚ୍ଚିକାଙ୍କ ପୀଠ, ଗଡ଼ଖାଇ, ବାରବାଟୀ ଦୁର୍ଗ ଉନ୍ନତୀକରଣ ତଥା ବ୍ୟାଖ୍ୟାନ କେନ୍ଦ୍ର, ନେମାଳସ୍ଥିତ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠର ଉନ୍ନତୀକରଣ ବିଷୟରେ ମହତାବ ଅନୁଧ୍ୟାନ କରିଥିଲେ। ଏଥିସହ କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ କରିବା ପାଇଁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।



ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଏମ୍‌ପି ଭର୍ତ୍ତୃହରି ମହତାବ ସମୀକ୍ଷା କରୁଛନ୍ତି।

# ପିଏମ୍ କିଷାନ ସମ୍ମାନ ନିଧି ଚାଷୀଙ୍କୁ ସହାୟକ ହେବ



ଏନ୍‌ଆର୍‌ଆର୍‌ଆଇରେ ଆୟୋଜିତ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ମନ୍ତ୍ରୀ ସୁରେଶ ପୂଜାରୀ ଉଦ୍‌ବୋଧନ ଦେଉଛନ୍ତି।

କଟକ,୧୮।୬(କାର୍ତ୍ତିକ ସାହୁ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପିଏମ୍ କିଷାନ ସମ୍ମାନ ନିଧିର ୧୭ତମ କିସ୍ତି ପ୍ରଦାନ କରି ଦେଶର ଚାଷୀଙ୍କୁ ସମ୍ମାନ ଦେଲେ ହିଁ ଆମର ଜୀବନ ଧାରଣର ମାନ ଉନ୍ନତ ହୋଇପାରିବ ବୋଲି କହିଛନ୍ତି। ଉତ୍ତର ପ୍ରଦେଶର ବାରାଣସୀଠାରେ ପିଏମ୍ କିଷାନ ସମ୍ମାନ ନିଧି ଯୋଜନାର ୧୭ତମ କିସ୍ତି ପ୍ରଦାନ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ସିଧାପ୍ରସାରଣ କଟକ ଜିଲାର ବିଦ୍ୟାଧରପୁରସ୍ଥିତ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ(ଏନ୍‌ଆର୍‌ଆର୍‌ଆଇ)ଠାରେ ଆୟୋଜିତ ହୋଇଯାଇଛି। ଏହି ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ ସରକାରଙ୍କ ଏହି ସୁଦୂର ପ୍ରସାରି କାର୍ଯ୍ୟକ୍ରମ ଚାଷୀଙ୍କ ପାଇଁ ବେଶ୍ ସହାୟକ ହେବା ସହ ଦେଶକୁ ତୃତୀୟ ସର୍ବବୃହତ ଅର୍ଥନୀତିରେ ପରିଣତ କରିବାରେ ସହାୟକ ହୋଇପାରିବ ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା, ନିଆଳି ବିଧାୟକ ଛବି ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ଅରିନ୍ଦମ ଡାକୁଆ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ। ଏନ୍‌ଆର୍‌ଆର୍‌ଆଇ ନିର୍ଦ୍ଦେଶକ ଡ. ଅମରେଶ ନାୟକ, ମୁଖ୍ୟ ଜିଲା କୃଷି ଅଧିକାରୀ ଅଶୋକ କୁମାର କରଙ୍କ ସମେତ ବହୁ ଅଧିକାରୀ, କର୍ମଚାରୀ ଓ କଟକ ଜିଲାର ସମସ୍ତ ବ୍ଲକର ଶତାଧିକ ଚାଷୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ୨ ହେକ୍ଟର ପର୍ଯ୍ୟନ୍ତ ଚାଷଜମି ଥିବା କୃଷକମାନଙ୍କୁ ବାର୍ଷିକ ୩ଟି କିସ୍ତିରେ ୬,୦୦୦ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି।

# ଗୋପାଳଜୀଉ ୱାରିଅର ଚାମ୍ପିୟନ

**ଆଗ୍ରାହାଟ ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟ**

ଚୌଦ୍ୱାର,୧୮।୬(ଆଶୁତୋଷ ଦାସ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଆଗ୍ରାହାଟ ଗ୍ରାମରେ ଆୟୋଜିତ ଆଗ୍ରାହାଟ ପ୍ରିମିୟର ଲିଗ୍ ସିଜିନ୍-୨ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଯୁବ ସଙ୍ଗଠକ ଡ. ସୋଭେନ୍ ମହାନ୍ତି, ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ, କାଉନ୍‌ସିଲର ସୁବ୍ରତ ସାମଲ ପ୍ରମୁଖ ଅତିଥି ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଟୁର୍ନାମେଣ୍ଟରେ ବିଭିନ୍ନ ସାହିର ମୋଟ୍ ୮ଟି ଟିମ୍ ଅଂଶଗ୍ରହଣ କରିଥିଲା। ବ୍ରାହ୍ମଣସାହିର ଗୋପାଳଜୀଉ ୱାରିଅର ଏବଂ ପରିଡ଼ାସାହିର ସୁପରକିଙ୍ଗ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସୁପରକିଙ୍ଗ୍ ପ୍ରଥମେ ବ୍ୟାଟିଂ କରି ୭୦ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ଗୋପାଳଜୀଉ ୱାରିଅର ଟିମ୍ ଆବଶ୍ୟକ ରନ୍ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ଏ ବାବଦରେ ଗୋପାଳଜୀଉ ଟିମ୍ ପାଇଥିବା ଅର୍ଥରାଶିକୁ କଟକ ବଡ ମେଡିକାଲ କ୍ୟାନ୍‌ସର ୱାର୍ଡକୁ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନେଇଛି। ପ୍ରିୟବ୍ରତ ସ୍ୱାଇଁ, ବିକାଶ ବେହେରା, ହୃଷୀକେଶ ରାଉତ, ସନ୍ତୋଷ ଜୀ, ଲୋକନାଥ ମାଝି, ଅମୂଲ୍ୟ ରଞ୍ଜନ ଦାସ, ପ୍ରକାଶ ଜେନା, ବିଶ୍ୱରଞ୍ଜନ ବେହେରାଙ୍କ ସମେତ ବିଭିନ୍ନ ଟିମ୍‌ର ମୁଖ୍ୟ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।




ଟୁର୍ନାମେଣ୍ଟରେ ବିଜୟୀ ଖେଳାଳୀ ଓ ଅନ୍ୟମାନେ।

# ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

କଟକ ସଦର, ୧୮।୬(ସୁଶାନ୍ତ କୁମାର ଜେନା)

୪୨ ମୌଜା ବିଦ୍ୟୁତ୍ ସେକ୍ସନ ଅଧୀନ ଧୁଳେଶ୍ୱର ଗ୍ରାମରେ ଲୋ ଭୋଲ୍ଟେଜ ସମସ୍ୟା ଓ ବାରମ୍ବାର ଟ୍ରାନ୍ସଫର୍ମର ପୋଡ଼ି ପ୍ରତିବାଦରେ ଶତାଧିକ ଉପଭୋକ୍ତା ମଙ୍ଗଳବାର କନିଷ୍ଠ ପରିଚାଳକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ୧୯୭୦ ମସିହାରେ ଏହି ଗ୍ରାମରେ ୧୦୦ କେଭି ବିଦ୍ୟୁତ୍ ଟ୍ରାନ୍ସଫର୍ମର ଲଗାଯାଇଥିଲା। ପୂର୍ବ ବର୍ଷ ତୁଳନାରେ ଏବେ ବିଦ୍ୟୁତ୍ ଉପଭୋକ୍ତାଙ୍କ ସଂଖ୍ୟା ବୃଦ୍ଧି ପାଇ ୨୦୦ରେ ପହଞ୍ଚିଛି। ଏହାକୁ ଦୃଷ୍ଟିରେ ରଖି ସେଠାରେ ୨୫୦ କେଭି ଟ୍ରାନ୍ସଫର୍ମର ଲଗାଯିବା ପାଇଁ ଗ୍ରାମବାସୀ ଜିଦ୍‌ରେ ଅଟଳ ରହିଥିଲେ। ବିକ୍ଷୋଭ ବେଳେ ଜଣେ ଲାଇନ୍‌ମ୍ୟାନ୍ ଉପଭୋକ୍ତାମାନଙ୍କର ଅଭିଯୋଗ ଶୁଣିବା ପରିବର୍ତ୍ତେ ସେମାନଙ୍କୁ ଗାଳିଗୁଲଜ କରିଥିଲେ ବୋଲି ଗ୍ରାମର କ୍ଷୀରୋଦ ସେନାପତି, ପ୍ରସନ୍ନଜିତ୍ ସେନାପତି, ସୁଜୟ ସେନାପତି ପ୍ରକାଶ କରିଛନ୍ତି। ଏନେଇ ୪୨ ମୌଜା ବିଦ୍ୟୁତ୍ ସେକ୍ସନ୍‌ର କନିଷ୍ଠ ପରିଚାଳକ ଦୀପକ କୁମାର ସାହୁଙ୍କ ନିକଟରେ ଅଭିଯୋଗ ହୋଇଛି। ପରେ କନିଷ୍ଠ ପରିଚାଳକ ସାହୁ ବିକ୍ଷୋଭକାରୀଙ୍କ ସହ ଆଲୋଚନା କରିଥିଲେ। ତୁରନ୍ତ ଏକ ମୋବାଇଲ ଟ୍ରାନ୍ସଫର୍ମର ଯୋଗାଇ ଦିଆଯିବା ସହ ଖୁବ୍‌ଶୀଘ୍ର ନୂତନ ସ୍ଥାୟୀ ଟ୍ରାନ୍ସଫର୍ମର ବସାଇବାକୁ ପ୍ରତିଶ୍ରୁତି ଦେବା ପରେ ବିକ୍ଷୋଭ ପ୍ରତ୍ୟାହୃତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଧୀରେନ୍ କୁମାର ମହାନ୍ତି, ପିନାକୀ ସ୍ୱାଇଁ, ଚିରଞ୍ଜୀବୀ ସେନାପତି, ସମୀର ସେନାପତି, ରଜତ କୁମାର ନାୟକ, ସତ୍ୟ ପ୍ରକାଶ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

# ପୁନର୍ବାର ଛାତ୍ର ସଂସଦ ନିର୍ବାଚନ ହେଉ



ହିନ୍ଦୁସେନା ଛାତ୍ର ସଙ୍ଗଠନର ସଦସ୍ୟମାନେ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଛନ୍ତି।

କଟକ,୧୮।୬(ଶିଳ୍ପା ପ୍ରିୟଦର୍ଶିନୀ)

**ଜିଲାପାଳଙ୍କୁ ଦାବିପତ୍ର**

ରାଜ୍ୟର ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟରେ ପୁନର୍ବାର ଛାତ୍ର ସଂସଦ ନିର୍ବାଚନ କରାଯିବା ପାଇଁ ହିନ୍ଦୁସେନା ଛାତ୍ର ସଙ୍ଗଠନ ପକ୍ଷରୁ ଦାବି ହୋଇଛି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସଙ୍ଗଠନ ପକ୍ଷରୁ କଟକ ଜିଲାପାଳ ଅରିନ୍ଦମ ଡାକୁଆଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ ରହିଛି, ପୂର୍ବରୁ ରାଜ୍ୟର ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ହେଉଥିଲା। ଏହାଦ୍ୱାରା ନିର୍ବାଚିତ ପ୍ରତିନିଧିମାନେ କଲେଜର ବିଭିନ୍ନ ସମସ୍ୟା ବିଷୟରେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇ ସମାଧାନ କରିବା ପାଇଁ ଉଦ୍ୟମ କରୁଥିଲେ। ଏପରି କି ସେମାନଙ୍କ ଦ୍ୱାରା କଲେଜର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରାଯାଉଥିଲା। ହେଲେ କିଛିବର୍ଷ ହେବ ଛାତ୍ର ସଂସଦ ନିର୍ବାଚନ ବନ୍ଦ ରହିଥିବାରୁ ନୂତନ ଛାତ୍ରନେତା ସୃଷ୍ଟି ହୋଇପାରୁନାହାନ୍ତି। ଏଥିସହ କଲେଜଗୁଡ଼ିକରେ ଉନ୍ନତିମୂଳକ କାର୍ଯ୍ୟ ହୋଇପାରୁନାହିଁ। ତେଣୁ ଏ ଦିଗରେ ପଦକ୍ଷେପ ନିଆଯାଇ ପୁନର୍ବାର ଛାତ୍ର ସଂସଦ ନିର୍ବାଚନ ପାଇଁ ସଙ୍ଗଠନ ଦାବି କରିଛି। ଏନେଇ ସଙ୍ଗଠନର ସଭାପତି ସୁଜିତ୍ ଦାସ କହିଛନ୍ତି, ପୂର୍ବ ସରକାର ଛାତ୍ରନେତାଙ୍କୁ ସୁଯୋଗ ଦେବା ଭୁଲି ଯାଇଥିଲେ। ହେଲେ ଏବେକାର ସରକାର ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଉପରେ ବିଶ୍ୱାସ ରହିଛି ଯେ ଛାତ୍ର ସଂସଦ ନିର୍ବାଚନ ପୁନର୍ବାର କରାଇ ଛାତ୍ର ନେତା ସୃଷ୍ଟି କରିବେ। ଅପରପକ୍ଷରେ ଜିଲାପାଳ ଡାକୁଆ କହିଛନ୍ତି, ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯିବ। ସେ ଯାହା ନିଷ୍ପତ୍ତି ନେବେ ତାହାକୁ କାର୍ଯ୍ୟକାରୀ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ଶୁଭମ୍ ନାୟକ, ଭବାନୀ ଶଙ୍କର ପୃଷ୍ଟି, ତାପସ କୁମାର ସାହୁ, ଅଭିଜିତ୍ ବେହେରା, ତୋଫାନ ପଣ୍ଡା, ରୁଦ୍ର ପ୍ରକାଶ ମଲ୍ଲିକ, ପ୍ରକାଶ ପତ୍ରିଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।


**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**REQUIRED**
Cook cum Peon
Driver
Office Bearer cum Cleaner
ରହିବା, ଖାଇବା ସୁବିଧା ରହିଅଛି
-: Contact :-
8847855057

**REQUIRED**
Dentor and Technician Required.
Salary will be Negotiated
AKARSH MOTORS
Tankapani Road, BBSR
Mob.: 9437205155

**WANTED**
ବ୍ଲକ୍/ଜିଲ୍ଲା ସ୍ତରୀୟ ନିଯୁକ୍ତି
Qualification: 9th, 10th, +2, Graduation.
Salary: 10,000 to 25000
Age: (18-35 yrs)
Call Us : 9078282976

**REQUIRED**
ESTABLISHED
2020 Start Up Company requires Telesales to be a part of the Fast Expansion Programme.
Candidate Details: Female (Only), Age: 20-25 Yrs. Degree Pass/Communication Skill in Odia, Hindi.
SMART & EXPERIENCED IN TELE CALLING & OFFICE WORK.
Computer Knowledge Preferred: MS Office (Word/Excel)
Experience: 1-2 years preferred.
Salary Plus Monthly Incentives
Immediate Joining • Place of posting: Bhubaneswar
• Send CV with Photo. Apply Now to:
octothorp2020@gmail.com, WHATSAPP NO.: 9938844566

**TEACHER REQUIRE**
Male/Female Teachers require for English and Odia Medium School in Bhubaneswar.
Call: 7978084379
9337119851

**WANTED**
ଅଫିସ୍ କାମ କରିବା ପାଇଁ ମହିଳା କର୍ମଚାରୀ ଆବଶ୍ୟକ। ଦରମା: ୧୦,୦୦୦/- ଏବଂ ରହିବା ଓ ଖାଇବା ମାଗଣା।
7809525452

**WALK IN INTERVIEW**
A walk in interview will be held on Dt.24 & 26.06.2024 from 10 A.M. to 2 P.M. for the Post of 1. Resident Medical Officer, 2. Full time Medicine Specialist, 3. Floor Manager, 4. Marketing Executive, 5. OT in charge with experience, 6. Hospital Electrical Maintenance Supervisor, 7. Housekeeping Maintenance, 8. Experienced Front Office Executive both Male & Female, 9. Pathology Laboratory Technician, 10. Office Peon. Please come with all of your testimonials. Salary is negotiable. Candidates will be apply on hospital mail ID- usthihospital.2009@gmail.com
USTHI Hospital
N4 1/1, IRC Village, Nayapalli, BBSR
Ph.: 0674-2556267/2550312, 9090963722
E Mail: usthihospital.2009@gmail.com

**GHANASHYAM HEMALATA VIDYAMANDIR, PURI**
(Fully Residential School)
Affiliated to CBSE, New Delhi
R.J Vihar, Bhuan, Chhaitana, Puri-752002
Ph. No: - 7008243964 / 8018399102 / 7735629062 / 7008905242
E-mail: - puri.ghvm@gmail.com
REQUIREMENT OF TEACHERS

| POST | SUBJECTS |
|---|---|
| PRINCIPAL | SCIENCE / ENGLISH MEDIUM BACKGROUND |
| PGT | MATH, BIOLOGY, PHYSICS, CHEMISTRY, COMPUTER SCIENCE |
| TGT | ENGLISH, HINDI, MATH, SCIENCE |
| PRT | ENGLISH, HINDI, MATH, SCIENCE, COMPUTER, ODIA |
| PET | MALE AND FEMALE |
| LIBRARIAN & NTT | FEMALE |

• Qualification : - As Per CBSE norms.
• Salary : -
PRINCIPAL - Negotiable.
PGT- Rs.35,000/- (Negotiable, based on performance & experience)
TGT- Rs.25,000/- (Negotiable, based on performance & experience)
PRT- Rs.16,000/- (Negotiable, based on performance & experience)
PET / LIBRARIAN & NTT- Salary negotiable
• Competent & Experienced teachers having knowledge in Computer are preferable.
• Free Accommodation, Fooding & Laundry for all the above post.
• Interested candidate can apply by sending their resume (with photograph) through post to The Principal, Ghanashyam Hemalata Vidyamandir, R.J.Vihar, At. Bhuan, Post. Chhaitana, Dist. Puri, Pin. 752002 or by mail to recruit.ghvm@gmail.com within 07 days of the publication of advertisement.
PRINCIPAL

**WALK-IN INTERVIEW FOR FACULTY POSITIONS**
SRM UNIVERSITY AP
SRM University-AP invites applicants for the following positions in the Department of Computer Science & Engineering. Interested candidates are requested to attend the interviews in person.
Position: Assistant Professor
Qualification: Ph.D. in CSE (Thesis Submitted or Completed) from UGC-recognised institutions.
Candidates with post-Ph.D. qualifications over six years of experience are also welcome to attend the interview.
Remuneration
• Competitive remuneration will be offered based on qualification and experience.
Candidates are advised to bring copies of all education and experience documents along with a copy of their resume.
For any inquiries, please contact +91 9032067774 / 9790733507
Walk-in Interview Schedule:
Date: June 15 & 16, 2024
Time: 9:00 AM to 4:00 PM
Venue: Hotel Ginger Bhubaneshwar
Opp. Nalco Headquarter, Jayadev Vihar, Nayapalli, Bhubaneswar - 751013
Phone: 0674 666 3333

**Rohan WE ARE HIRING! Hero**
Rohan Autoriders Private Limited a Leading 2-Wheeler Dealer of Hero Motocorp is looking for following personnel.
1) Spare Parts Manager : Any Graduate with min. 2-3 yrs. experience in Spare Parts / Spare Shop.
2) Assistant Manager : Any Graduate having 2 years exp. in Automobile dealership.
3) Floor supervisor : Diploma Mechanical or Automobile with 3-4 years experience in Automobile dealership.
4) Tele-caller : Graduate with 1 - 2 yrs. exp. and good communication skill.
Computer and internet knowledge is a must for all categories
Salary as per Market Standards
If you feel you are the right Candidate for this job Please send Your Resume to rohandubey231@gmail.com or Walk-in Interview on 19th and 22nd June 2024 between 11am to 06pm with Complete CV and Recent PP Size Photo at
ROHAN HERO SHOWROOM, FIRE STATION SQ., BARAMUNDA , BBSR

Your classified advertisement published in Dharitri will be listed free in Dharitri online edition :
www.dharitri.com


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଶପଥ ପାଠ କରାଉଛନ୍ତି କାମଚଳା ବାଚସ୍ପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁ।



ଶପଥ ପାଠ କରୁଛନ୍ତି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ା।


ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।


ରଣପୁର ବିଧାୟିକା ସୁରମା ପାଢ଼ୀ


ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ


ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ


ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର


ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା


ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି


ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ

# ଶପଥ ନେଲେ ୧୦୧ ବିଧାୟକ

**ଭୁବନେଶ୍ୱର,୧୮।୬(ଅନିଲ ଦାସ)**

ବିଧାନସଭାର ୩ ଦିନିଆ ସ୍ୱତନ୍ତ୍ର ଅଧିବେଶନ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ରାଜ୍ୟର ନବନିର୍ବାଚିତ ବିଧାୟକଙ୍କ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। କାମଚଳା ବାଚସ୍ପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସେମାନଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ଅଧିବେଶନ ଆରମ୍ଭରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାୟକ ଭାବେ ଶପଥ ନେଇଛନ୍ତି। ଏହାପରେ ୨ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ା ଶପଥ ନେଇଛନ୍ତି। ସେହିପରି ବିଧାୟକ ଭାବେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପ୍ରସନ୍ନ ଆଚାର୍ଯ୍ୟ, ପ୍ରତାପ କେଶରୀ ଦେବ, ରବି ନାରାୟଣ ନାୟକ, ସିଦ୍ଧାନ୍ତ ମହାପାତ୍ର, ସୂର୍ଯ୍ୟବଂଶୀ ସୂରଜ, ସୁରେଶ ପୂଜାରୀ, ପୃଥ୍ୱୀରାଜ ହରିଚନ୍ଦନ, ମୁକେଶ ମହାଲିଙ୍ଗ, ଉପାସନା ମହାପାତ୍ର, ଲକ୍ଷ୍ମଣ ବାଗ୍‌ଙ୍କ ସମେତ ଅନ୍ୟ ବିଧାୟିକା ଓ ବିଧାୟକମାନେ ଶପଥ ନେଇଛନ୍ତି। ଅପରାହ୍ନ ୫ଟା ଯାଏ ନବନିର୍ବାଚିତ ବିଧାୟକଙ୍କୁ କାମଚଳା ବାଚସ୍ପତି ଶପଥପାଠ କରାଇଥିଲେ। ପୂର୍ବରୁ କାମଚଳା ବାଚସ୍ପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଶପଥ ନେଇଥିଲେ। ପ୍ରଥମ ଦିବସରେ ୧୦୧ ବିଧାୟକ ଶପଥ ନେଇଛନ୍ତି। ଅବଶିଷ୍ଟ ବିଧାୟକ ବୁଧବାର ଶପଥ ଗ୍ରହଣ କରିବେ। ଆସନ୍ତା ୨୦ ତାରିଖରେ ବାଚସ୍ପତି ନିର୍ବାଚନ ଅନୁଷ୍ଠିତ ହେବ।

## ବିରୋଧୀ ଦଳ ଆସନରେ ବସିଲେ ନବୀନ

### ୨୦ରେ ବାଚସ୍ପତି ନିର୍ବାଚନ

ବଦଳିଛି ସରକାର। ବହୁ ବରିଷ୍ଠ ମନ୍ତ୍ରୀ ଓ ବିଧାୟକ ନିର୍ବାଚନରେ ପରାଜିତ ହୋଇଛନ୍ତି। ସପ୍ତଦଶ ବିଧାନସଭାକୁ ୮୨ ଜଣ ନୂଆ ବିଧାୟକ ନିର୍ବାଚିତ ହୋଇଛନ୍ତି। ପ୍ରଥମ ଥର ନିର୍ବାଚିତ ହୋଇଥିବା ନୂଆ ବିଧାୟକମାନେ ବିଧାନସଭାକୁ ମୁଣ୍ଡିଆ ମାରି ପ୍ରବେଶ କରୁଥିବା ଦେଖିବାକୁ ମିଳିଥିଲା। ନିର୍ବାଚନ ପରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଆସନ ବଦଳି ଯାଇଛି। ଗତ ୫ଟି ପାଳିରେ ମୁଖ୍ୟମନ୍ତ୍ରୀ ଆସନରେ ବସୁଥିବା ନବୀନ ଶପଥ ଗ୍ରହଣ ପରେ ବିରୋଧୀ ଦଳ ଆସନରେ ବସିଥିଲେ। ଶପଥ ଗ୍ରହଣ ପରେ ନିଜ ଆସନକୁ ଯିବା ବେଳେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ଭାଜପା ବିଧାୟକମାନେ ନିଜ ଆସନରେ ଛିଡ଼ା ହୋଇ ନବୀନଙ୍କୁ ନମସ୍କାର ଜଣାଇ ସମ୍ମାନ ଦେଇଥିଲେ। ନବୀନ ମଧ୍ୟ କିଛି ସମୟ ପାଇଁ ଭାଜପା ବିଧାୟକମାନଙ୍କ ସହ କଥା ହେଉଥିବା ଦେଖାଯାଇଥିଲା।

ରାଜ୍ୟରେ ଭାଜପା ସରକାର ଗଠନ ହେବା ପରେ ପ୍ରଥମ ବିଧାନସଭା ଅଧିବେଶନ ଆରମ୍ଭ ହୋଇଛି। ଏହି ୩ ଦିନିଆ ଅଧିବେଶନ ପାଇଁ ବିଧାନସଭା ତ୍ରି-ସ୍ତରୀୟ କଡ଼ା ସୁରକ୍ଷା ବଳୟ ଭିତରେ ରହିଛି।

# ଲୋକସେବା ଭବନରେ ମନ୍ତ୍ରୀଙ୍କୁ ମିଳିଲା ଚାମ୍ବର

**ଭୁବନେଶ୍ୱର,୧୮।୬(ଅନିଲଦାସ)**

ଭାଜପା ସରକାରର ମନ୍ତ୍ରୀମାନଙ୍କୁ ମଙ୍ଗଳବାର ଲୋକସେବା ଭବନରେ ଅଫିସ କାର୍ଯ୍ୟ ପାଇଁ ରୁମ୍ ଆବଣ୍ଟିତ ହୋଇଛି। ମନ୍ତ୍ରିମଣ୍ଡଳର ୧୫ ଜଣ ମନ୍ତ୍ରୀଙ୍କୁ ଲୋକସେବା ଭବନ ମନ୍ତ୍ରୀ କରିଡରର ପ୍ରଥମ ଓ ଦ୍ୱିତୀୟ ମହଲାରେ କାର୍ଯ୍ୟାଳୟ ପାଇଁ ରୁମ୍ ମିଳିଛି। ତୃତୀୟ ମହଲାରେ ମୁଖ୍ୟମନ୍ତ୍ରୀ ନିଜେ ବସିବେ ଓ ଦ୍ୱିତୀୟ ମହଲାରେ ୬ଜଣ ମନ୍ତ୍ରୀଙ୍କ କାର୍ଯ୍ୟାଳୟ ରହିବ। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କୁ ଲୋକସେବା ଭବନସ୍ଥିତ ଦ୍ୱିତୀୟ ମହଲାର ମନ୍ତ୍ରୀ କରିଡରରେ ରୁମ୍ ନମ୍ବର ୨୩ ଓ ୨୪ ଆବଣ୍ଟିତ ହୋଇଥିବା ବେଳେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକଙ୍କୁ ଦ୍ୱିତୀୟ ମହଲାରେ ରୁମ୍ ନମ୍ବର ୨ ଓ ୩, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଦ୍ୱିତୀୟ ମହଲାର ରୁମ୍ ନମ୍ବର ୪ ଓ ୫, ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଦ୍ୱିତୀୟ ମହଲାର ରୁମ୍ ନମ୍ବର ୧୦ ଓ ୧୧, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ରୁମ୍ ନମ୍ବର ୧୯ ଓ ୨୦, ଇସ୍ପାତ୍ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କୁ ରୁମ୍ ନମ୍ବର ୨୧ ଓ ୨୨ ଆବଣ୍ଟିତ ହୋଇଛି। ସେହିପରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଲୋକସେବା ଭବନର ପ୍ରଥମ ମହଲାର ମନ୍ତ୍ରୀ କରିଡର ରୁମ୍ ନମ୍ବର ୧୬,୧୭ ଓ ୧୮ ନମ୍ବର ଆବଣ୍ଟିତ ହୋଇଥିବା ବେଳେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ପ୍ରଥମ ମହଲାର ରୁମ ନମ୍ବର ୧୯,୨୦ ଓ ୩ ନମ୍ବର ଦିଆଯାଇଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ପ୍ରଥମ ମହଲାର ରୁମ୍ ନମ୍ବର ୧ ଓ ୨, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ରୁମ୍ ନମ୍ବର ୯ ଓ ୧୦, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆଙ୍କୁ ପ୍ରଥମ ମହଲାର ରୁମ୍ ନମ୍ବର ୮ ଓ ୧୩, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ପ୍ରଥମ ମହଲାର ରୁମ୍ ନମ୍ବର ୬ ଓ ୭, ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କୁ ପ୍ରଥମ ମହଲାର ରୁମ୍ ନମ୍ବର ୧୧ ଓ ୧୨, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ପ୍ରଥମ ମହଲାର ରୁମ୍ ନମ୍ବର ୧୪ ଓ ୧୫ ଏବଂ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ପ୍ରଥମ ମହଲାର ରୁମ୍ ନମ୍ବର ୪ ଓ ୫ ଆବଣ୍ଟନ କରାଯାଇଛି। ଏହିସବୁ ରୁମ୍ ଆବଣ୍ଟିତ ହେବା ପରେ ଖୁବ୍‌ଶୀଘ୍ର ମନ୍ତ୍ରୀମାନଙ୍କ ହିସାବରେ ସରକାରଙ୍କ ପକ୍ଷରୁ ଆବଶ୍ୟକ ମରାମତି ଓ ନବୀକରଣ କାର୍ଯ୍ୟ କରାଯିବ।


ବଡ଼ଚଣା ବିଧାୟକ ଅମର ନାୟକ ବିଧାନସଭାକୁ ପ୍ରବେଶ ପୂର୍ବରୁ ମୁଣ୍ଡିଆ ମାରୁଛନ୍ତି।


ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ଶପଥ ନେବା ପାଇଁ ବିଧାନସଭାକୁ ଯାଉଛନ୍ତି।

# ଓଃ ୟୁ ଡିଫିଟେଡ୍ ମି: ନବୀନ

## ଭେଟହେଲେ ନବୀନ, ଲକ୍ଷ୍ମଣ

**ଭୁବନେଶ୍ୱର,୧୮।୬(ଅନିଲ ଦାସ)**

ସ୍ୱତନ୍ତ୍ର ଅଧିବେଶନର ପ୍ରଥମ ଦିବସରେ ମଙ୍ଗଳବାର ଏକ ରୋଚକ ଦୃଶ୍ୟ ଦେଖିବାକୁ ମିଳିଥିଲା। ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶପଥ ନେବାକୁ ବିଧାନସଭାକୁ ଆସିଥିଲେ। ଗୃହକୁ ପ୍ରବେଶ କରିବା ପରେ ଆଳି ବିଧାୟକ ପ୍ରତାପ କେଶରୀ ଦେବ ନବୀନଙ୍କୁ ତାଙ୍କ ଆସନ ଆଡକୁ ପାଛୋଟି ନେଉଥିଲେ। ଏହି ସମୟରେ କଣ୍ଟାବାଞ୍ଜିର ଭାଜପା ବିଧାୟକ ଲକ୍ଷ୍ମଣ ବାଗ୍ ନିଜ ଆସନରୁ ଉଠିପଡ଼ି ତାଙ୍କୁ ନମସ୍କାର କରିବା ସହିତ ନିଜ ପରିଚୟ ଦେଇଥିଲେ। ପରିଚୟ ପାଇ ଲକ୍ଷ୍ମଣ ବାଗ୍‌ଙ୍କୁ ନବୀନ ଶୁଭେଚ୍ଛା ଜଣାଇବା ସହିତ 'ଓଃ ୟୁ ଡିଫିଟେଡ୍ ମି' (ଆପଣ ମୋତେ ପରାସ୍ତ କରିଥିଲେ) ବୋଲି କହିଥିଲେ। ନବୀନ ଏହା କହିବା ପରେ ବିଧାନସଭାରେ ଉପସ୍ଥିତ ସଦସ୍ୟମାନଙ୍କ ମଧ୍ୟରେ ହାସ୍ୟରୋଳ ସୃଷ୍ଟି ହୋଇଥିଲା। ଏହି ଭିଡିଓଟି ଏବେ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ୍ ହେଉଛି।


ବିଧାନସଭା ଭିତରେ ନବୀନ-ଲକ୍ଷ୍ମଣ ସାକ୍ଷାତ୍ ପରେ ପରସ୍ପରକୁ ନମସ୍କାର କରୁଛନ୍ତି।

ନବୀନ ଗତ ନିର୍ବାଚନରେ ଗଞ୍ଜାମ ଜିଲାର ହିଞ୍ଜିଳି ସହିତ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବିଧାନସଭା ଆସନରୁ ପ୍ରାର୍ଥୀ ହୋଇଥିଲେ। ହିଞ୍ଜିଳିରୁ ନବୀନ ବିଜୟୀ ହୋଇଥିବା ବେଳେ କଣ୍ଟାବାଞ୍ଜିରେ ପରାସ୍ତ ହୋଇଥିଲେ। ଏହା ହେଉଛି ନବୀନଙ୍କ ପ୍ରଥମ ପରାଜୟ। ତାଙ୍କୁ ଭାଜପା ପ୍ରାର୍ଥୀ ଲକ୍ଷ୍ମଣ ବାଗ୍ ପରାଜିତ କରିଥିଲେ। କାମଚଳା ବାଚସ୍ପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନବୀନଙ୍କୁ ଶପଥପାଠ କରାଇଛନ୍ତି।

# ଏମ୍‌ପି ଥିଲି, ବିଧାୟକ ହେଲି, ସରପଞ୍ଚ ହେବାକୁ ଇଚ୍ଛା: ସିଦ୍ଧାନ୍ତ

## ସାଇକେଲରେ ଆସିଲେ ବିଧାନସଭା

**ଭୁବନେଶ୍ୱର,୧୮।୬(ଅନିଲ ଦାସ)**

ଅଭିନେତାରୁ ରାଜନେତା ପାଲଟିଥିବା ସିଦ୍ଧାନ୍ତ ମହାପାତ୍ର ଭାଜପା ଟିକେଟରେ ଗଞ୍ଜାମ ଜିଲା ଦିଗପହଣ୍ଡିରୁ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ସେ ବିଧାୟକ ଭାବେ ଶପଥ ନେଇ ଖୁସିଥିବା କହିଛନ୍ତି। ସୁଯୋଗ ମିଳିଲେ ଶେଷନିଃଶ୍ୱାସ ନେବା ପୂର୍ବରୁ ଥରୁଟିଏ ସରପଞ୍ଚ ହୋଇ ସେହି ଅନୁଭୂତି ହାସଲ କରିବେ ବୋଲି ଇଚ୍ଛାପ୍ରକାଶ କରିଛନ୍ତି।

ଶପଥ ନେଇ ବିଧାନସଭାରୁ ବାହାରିବା ପରେ ଗଣମାଧ୍ୟମକୁ ସିଦ୍ଧାନ୍ତ କହିଛନ୍ତି, ବିଧାନସଭାକୁ ଆସି ଖୁସି ଲାଗୁଛି। ଏମ୍‌ପି ଭାବେ ସେ ନିର୍ବାଚିତ ହୋଇଥିଲେ। ଦେଶ ପାଇଁ କିଛି କରିବାକୁ ସୁଯୋଗ ପାଇଥିଲେ। ଏବେ ସେ ନିଜ ନିର୍ବାଚନମଣ୍ଡଳୀ ଓ ରାଜ୍ୟ ପାଇଁ କାମ କରିବାକୁ ସୁଯୋଗ ପାଇଛନ୍ତି। ଲୋକଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇ ଆସିଛନ୍ତି ସେଗୁଡ଼ିକୁ ସେ ପୂରଣ କରିବାକୁ ଚେଷ୍ଟା କରିବେ। ବିଧାନସଭା ଭିତରେ ଓ ବାହାରେ ପ୍ରସଙ୍ଗଗୁଡ଼ିକୁ ଉଠାଯିବ। ଯାହା ପ୍ରତିଶ୍ରୁତି ଦିଆଯାଇଛି, ସେଗୁଡ଼ିକୁ ପୂର୍ଣ୍ଣପ୍ରାଣରେ ପୂରଣ କରିବାକୁ ଚେଷ୍ଟା କରାଯିବ। ଉଭୟ ସଂସଦ ଓ ବିଧାନସଭାକୁ ନିର୍ବାଚିତ ହେବା ବହୁତ କମ୍ ଲୋକଙ୍କ ଭାଗ୍ୟରେ ଥାଏ। ଜୀବନରେ ଥରେ ମୁଁ ସରପଞ୍ଚ ହେବାକୁ ଚାହିଁବି। ଆମ ମୁଖ୍ୟମନ୍ତ୍ରୀ ସରପଞ୍ଚରୁ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ମୁଁ ଏମ୍‌ପିରୁ ବିଧାୟକ ହୋଇଛି। କେବେ ଯଦି ସୁଯୋଗ ମିଳିବ ତେବେ ଶେଷନିଃଶ୍ୱାସ ନେବା ପୂର୍ବରୁ ଥରୁଟିଏ ସରପଞ୍ଚ ହୋଇ ସେହି ଅନୁଭୂତି ହାସଲ କରିବେ ବୋଲି ସିଦ୍ଧାନ୍ତ କହିଛନ୍ତି।


ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ସାଇକେଲ୍‌ରେ ବିଧାନସଭା ଆସୁଛନ୍ତି।

ସିଦ୍ଧାନ୍ତ ଶପଥ ନେବାକୁ ସାଇକେଲରେ ବିଧାନସଭା ଆସି ପରିବେଶ ସୁରକ୍ଷା ବାର୍ତ୍ତା ଦେଇଛନ୍ତି। ସେ ସାଇକେଲ ଚଲାଇବାକୁ ପସନ୍ଦ କରନ୍ତି। ସୂଚନାଯୋଗ୍ୟ, ଗତ ନିର୍ବାଚନ ପୂର୍ବରୁ ସିଦ୍ଧାନ୍ତ ବିଜେଡି ଛାଡ଼ି ଭାଜପାରେ ଯୋଗ ଦେଇଥିଲେ। ଦଳ ତାଙ୍କୁ ଦିଗପହଣ୍ଡିରୁ ଟିକେଟ ଦେଇଥିଲା। ସେଠାରେ ସେ ପୂର୍ବତନ ବାଚସ୍ପତି ସ୍ୱର୍ଗତ ସୂର୍ଯ୍ୟନାରାୟଣ ପାତ୍ରଙ୍କ ପୁଅ ବିପ୍ଳବ ପାତ୍ରଙ୍କୁ ହରାଇ ବିଜୟୀ ହୋଇଛନ୍ତି।

# ନବ, ଲକ୍ଷ୍ମଣାନନ୍ଦଙ୍କ ହତ୍ୟାକାଣ୍ଡର ସିବିଆଇ ତଦନ୍ତ ଦାବି କରିବି: ଜୟନାରାୟଣ

ଭୁବନେଶ୍ୱର, ୧୮।୬(ସୁନିତ୍ ମିଶ୍ର)

ଭାଜପାର ବରିଷ୍ଠ ନେତା ତଥା ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କୁ ନେଇ ରାଜ୍ୟ ରାଜନୀତିରେ ଚର୍ଚ୍ଚା ଜୋର୍ ଧରିଛି। ଜୟନାରାୟଣଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରା ନ ଯିବା ଏବଂ ସେ ଶପଥ ଉତ୍ସବରେ ସାମିଲ ନ ହେବା କଥା ରାଜନୈତିକ ମହଲରେ ବେଶ୍ ଗୁରୁତ୍ୱ ରଖୁଛି। କେଉଁ କାରଣରୁ ଜୟନାରାୟଣଙ୍କୁ ମନ୍ତ୍ରିମଣ୍ଡଳରେ ରଖାଗଲା ନାହିଁ ବୋଲି ଆଲୋଚନା ଚାଲିଛି। ଏଭଳି ସ୍ଥିତିରେ ମଙ୍ଗଳବାର ବିଧାନସଭାକୁ ଶପଥ ନେବାକୁ ଆସିବା ବେଳେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଜୟନାରାୟଣ କହିଛନ୍ତି , ଏବେ ସେ ଦାବି କରିବେ ନବ ଦାସ ଏବଂ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟାକାଣ୍ଡର ସିବିଆଇ ତଦନ୍ତ କରାଯାଉ। ଏହି କଥାରେ ଅଟଳ ରହିବି। ତାଙ୍କ ମନରେ କିଛି ଅବସୋସ ନାହିଁ। ଶପଥ ଗ୍ରହଣ ଉତ୍ସବକୁ କାହିଁକି ଯାଇଥାଆନ୍ତି। ଶପଥ ଗ୍ରହଣ କରିବାର ତ ନ ଥିଲା ତେବେ କାହିଁକି ଯାଇଥାଆନ୍ତି। ତେବେ ଆଗ ଭଳି ବିଜେଡି କାହିଁକି ତାଙ୍କୁ ଟାର୍ଗେଟ କରୁନାହିଁ ବୋଲି ପଚାରିବାରୁ ଏକଥା ସେମାନଙ୍କୁ ପଚାରନ୍ତୁ ବୋଲି ସେ କହିଥିଲେ।

ବର୍ତ୍ତମାନ ଉଭୟ ରାଜ୍ୟ ଓ କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ସରକାର ରହିଛି। ୨୦୧୯ରୁ ୨୦୨୪ ମଧ୍ୟରେ ଭାଜପା ଓଡ଼ିଶାରେ ମୁଖ୍ୟ ବିରୋଧୀ ଦଳ ଭୂମିକା ତୁଲାଉଥିଲା। ଏହି ସମୟରେ ଭାଜପା ବିଭିନ୍ନ ପ୍ରସଙ୍ଗରେ ଶାସକ ଦଳକୁ ଘେରୁଥିବାର ଦେଖିବାକୁ ମିଳିଛି। ନବ ଦାସଙ୍କ ହତ୍ୟାକାଣ୍ଡକୁ ନେଇ ଶାସକ ବିଜେଡି ବିରୋଧରେ ଭାଜପା ପକ୍ଷରୁ ପ୍ରବଳ ବିରୋଧ କରାଯାଉଥିଲା। ବର୍ତ୍ତମାନ ଉଭୟ ରାଜ୍ୟ ଓ କେନ୍ଦ୍ରରେ ଭାଜପା ସରକାର ଥିବାରୁ ଜୟନାରାୟଣଙ୍କ ଦାବି ଉପରେ ଦଳ ଗୁରୁତ୍ୱ ଦେଇପାରେ ବୋଲି ଶୁଣିବାକୁ ମିଳୁଛି।

**■ ବିଜେଡି-ଭାଜପା ସଲାସୁତୁରା ହୋଇଯିବେ ଜାଣି ଜୟନାରାୟଣ ଏକଥା କହୁଛନ୍ତି: ତାରା**

**■ ବିଧାୟକ ଦାବିକରି ସରକାରଙ୍କ ପାଖରେ ନିଜ କଥା ପହଞ୍ଚାଇବେ: ସଜ୍ଜନ**

ଜୟନାରାୟଣଙ୍କ ମନ୍ତବ୍ୟକୁ ନେଇ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି, ଜୟନାରାୟଣଙ୍କ ମନ୍ତବ୍ୟ ନିଶ୍ଚିତଭାବେ ସ୍ୱାଗତଯୋଗ୍ୟ। ନବ ଦାସ ଏବଂ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟାକାଣ୍ଡର ସିବିଆଇ ତଦନ୍ତ ହେବା ଦରକାର। ଭାଜପା ଓ ବିଜେଡି ଗୋଟିଏ ସରଳରେଖାରେ ଥିଲେ। ସେତେବେଳେ ମଧ୍ୟ ଏମାନେ କେନ୍ଦ୍ରରେ ସରକାର ଥିବାବେଳେ ବିଜେଡି ବିରୋଧରେ କୌଣସି କଠିନ ଆଭିମୁଖ୍ୟ ଗ୍ରହଣ କରିନାହାନ୍ତି। ଓଲଟା ଭାଜପା ପ୍ରାର୍ଥୀ ଅଶ୍ୱିନୀ ବୈଷ୍ଣବଙ୍କୁ ବିଜେଡି ସମର୍ଥନରେ ରାଜ୍ୟ ସଭା ପଠାଇଛନ୍ତି। କେତେବେଳେ ଏମାନେ ସଲାସୁତୁରା ହୋଇଯିବେ ବୋଲି ଜୟନାରାୟଣ ସନ୍ଦେହ କରି ଏକଥା କହୁଛନ୍ତି ବୋଲି ତାରା କହିଛନ୍ତି।

ଭାଜପା ମୁଖ୍ୟ ମୁଖପାତ୍ର ସଜ୍ଜନ ଶର୍ମା କହିଛନ୍ତି, ଯେଉଁମାନେ ରାଜ୍ୟରେ ବିଜେଡି ସରକାର ପରିବର୍ତ୍ତନ ଚାହୁଁଥିଲେ ସେମାନେ ନବ ଦାସ ଓ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟାକାଣ୍ଡ ଘଟଣାର ନିରପେକ୍ଷ ତଦନ୍ତ ସବୁବେଳେ ଚାହିଁଛନ୍ତି। ପୂର୍ବ ସରକାର ଏହି ୨ ଘଟଣାରେ କୌଣସି ପ୍ରକାର ତଦନ୍ତ କରିନାହିଁ। ଜୟନାରାୟଣଙ୍କ ଦାବିର ଯଥାର୍ଥତା ରହିଛି। ରାଜ୍ୟ ଓ କେନ୍ଦ୍ରରେ ଭାଜପା ସରକାର ଥିଲେ କ’ଣ ହେଲା ଜଣେ ବିଧାୟକ ଦାବିକରି ତାଙ୍କ କଥା ସରକାରଙ୍କ ନିକଟରେ ପହଞ୍ଚାଇବେ ବୋଲି ସଜ୍ଜନ କହିଛନ୍ତି। ବିଜେଡି ନେତାମାନେ କିନ୍ତୁ ଏହା ଉପରେ ପ୍ରତିକ୍ରିୟା ଦେବାକୁ ମନା କରିଦେଇଛନ୍ତି।

# ଆଜି ବିଜେଡିର ବିଧାୟକ ଦଳ ବୈଠକ

**ବିରୋଧୀ ଦଳ ନେତା ବଛାଯିବା ସମ୍ଭାବନା**

ଭୁବନେଶ୍ୱର, ୧୮।୬(ସୁନିତ୍ ମିଶ୍ର)

ବିଜେଡି ବିଧାୟକ ଦଳ ବୈଠକ ବୁଧବାର ଅପରାହ୍ଣ ସାଢେ ୪ଟା ସମୟରେ ଶଙ୍ଖ ଭବନଠାରେ ଅନୁଷ୍ଠିତ ହେବ। ଏଥିରେ ଦଳର ସମସ୍ତ ୫୧ ବିଧାୟକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସମସ୍ତଙ୍କ ଉପସ୍ଥିତିରେ କାହାକୁ ବିରୋଧୀ ଦଳ ନେତା କରାଯିବ ସେନେଇ ସ୍ଥିର କରାଯିବ। ତେବେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ବିରୋଧୀ ଦଳ ନେତା ଭାବେ ସବୁ ବିଧାୟକମାନେ ନିର୍ବାଚିତ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ନବୀନ ବିରୋଧୀ ଦଳ ନେତା ପଦବୀ ହାତେଇବା ପରେ ବାକି ଅନ୍ୟ ପଦବୀ ପାଇଁ ଆଉ କେତେଜଣ ନେତାଙ୍କ ନାମ ଏବେ ଚର୍ଚ୍ଚାରେ ରହିଛି। ଅନ୍ୟପଟେ ମୁଖ୍ୟମନ୍ତ୍ରୀଙ୍କ ସହିତ ବିରୋଧୀ ଦଳ ଉପନେତା ପଦବୀ ମଧ୍ୟ ରଖାଯାଇପାରେ ବୋଲି ଦଳ ବିଚାର କରୁଥିବା ଚର୍ଚ୍ଚା ହେଉଛି। ଏହି ପଦବୀ ରଖାଗଲେ ଦଳ ମୁଖ୍ୟତଃ ପ୍ରସନ୍ନ ଆଚାର୍ଯ୍ୟ, ଅରୁଣ ସାହୁ, ପ୍ରମିଳା ମଲିକଙ୍କ ଭଳି ନେତାଙ୍କୁ ସୁଯୋଗ ଦେଇପାରେ ବୋଲି କୁହାଯାଉଛି। ଅନ୍ୟପଟେ ବିରୋଧୀ ଦଳ ମୁଖ୍ୟ ସଚେତକ ଏବଂ ଉପମୁଖ୍ୟସଚେତକ ପଦ ଲାଗି ମଧ୍ୟ ବିଜୟୀ ବିଧାୟକମାନଙ୍କ ମଧ୍ୟରୁ ବହୁଜଣ ଆଶାୟୀ ଅଛନ୍ତି।

ଖୋର୍ଦ୍ଧା ଜିଲାର ଜଣେ ବିଧାୟକ ନିଜ ନାମ ଗୋପନ ରଖି କହିଛନ୍ତି ଯେ, ବିରୋଧୀ ଦଳର ଯେତିକି ପଦବୀ ରହିଲା ସେଗୁଡିକ କାର୍ତ୍ତିକ ପାଣ୍ଡିଆନ ଓ ପ୍ରଣବ ପ୍ରକାଶ ଦାସଙ୍କ ଇଙ୍ଗିତରେ ବଣ୍ଟାଯାଇପାରେ। ତେବେ ବିଧାୟକ ଦଳ ବୈଠକରେ ପରାଜିତ ନେତାଙ୍କ ମଧ୍ୟରୁ ଯଦି କେହି ଉପସ୍ଥିତ ରହିଲେ ଆଗକୁ ବୁମେରାଂ ହେବ ବୋଲି ସେ କହିଛନ୍ତି।

# ‘ଯୁବପିଢ଼ିଙ୍କୁ କୁଶଳୀ କରି ସ୍ୱାବଲମ୍ବୀ କର’



ବୈଠକରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ବିଭାଗୀୟ ଅଧିକାରୀ।

**ଦକ୍ଷତା ବିକାଶ ବିଭାଗର ସମୀକ୍ଷାକଲେ ମନ୍ତ୍ରୀ**

ଭୁବନେଶ୍ୱର, ୧୮।୬(ଅସମାପିକା ସାହୁ)

ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମଙ୍ଗଳବାର ପୂର୍ବାହ୍ଣରେ ଖାରବେଳ ଭବନଠାରେ ପହଞ୍ଚି ବିଭାଗୀୟ ପରିଚାଳନା ଏବଂ ବିଭାଗ ପକ୍ଷରୁ ଚାଲିଥିବା ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସଂକ୍ରାନ୍ତରେ ସମୀକ୍ଷା କରିଛନ୍ତି। ଏହି ଅବସରରେ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ମନ୍ତ୍ରୀଙ୍କୁ ସ୍ୱାଗତ କରିଛନ୍ତି। ସ୍ୱାଇଁ ଯୁବପିଢ଼ିଙ୍କୁ ଉପଯୁକ୍ତ ତାଲିମ ପ୍ରଦାନ କରି ଦକ୍ଷ ଓ କୁଶଳୀ କରିବା ସହ ସେମାନଙ୍କୁ ସ୍ୱାବଲମ୍ବୀ କରିବାରେ ବିଭାଗୀୟ ଅଧିକାରୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବାକୁ ପରାମର୍ଶ ଦେଇଛନ୍ତି। ଓଡ଼ିଶାର ଯୁବପିଢ଼ି ପୂର୍ଣ୍ଣ ତାଲିମପ୍ରାପ୍ତ ହୋଇ ଆମ ରାଜ୍ୟରେ କିପରି ନିଯୁକ୍ତି ସୁଯୋଗ ପାଇବେ, ସେଥିପ୍ରତି ବିଭାଗ ଯତ୍ନବାନ ହେବା ଆବଶ୍ୟକ। ଏଥିସହ ମନ୍ତ୍ରୀ ଗତ ଦୁଇବର୍ଷ ମଧ୍ୟରେ ବିଭାଗ ପକ୍ଷରୁ କେତେ ଯୁବପିଢ଼ିଙ୍କୁ ବୈଷୟିକ ଶିକ୍ଷା ସହ ଆତ୍ମନିର୍ଭର କରାଯାଇପାରିଛି ଓ ଆଗାମୀ ଦିନରେ ଏ ବାବଦରେ କି ପ୍ରକାର ଅଧିକ ପଦକ୍ଷେପ ନିଆଯାଇ ପାରିବ, ସେନେଇ ପ୍ରମୁଖ ଶାସନ ସଚିବଙ୍କ ସହ ଆଲୋଚନା କରିଛନ୍ତି। ପ୍ରାରମ୍ଭରେ ପ୍ରମୁଖ ଶାସନ ସଚିବ ମନ୍ତ୍ରୀଙ୍କୁ ବିଭାଗର କାର୍ଯ୍ୟାବଳୀ, ପ୍ରଶାସନିକ ଭିତ୍ତିଭୂମି ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ବିଭିନ୍ନ ଯୋଜନା ଓ ବିତ୍ତୀୟ ଅନୁଦାନ ଉପରେ ପିପିଟି ମାଧ୍ୟମରେ ବିଶଦ ତଥ୍ୟ ଉପସ୍ଥାପନ କରିଛନ୍ତି। ଡିଜିଟାଲ ସ୍କିଲିଂ, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଏବଂ ମେରାଇନ୍ ଇଞ୍ଜିନିୟରିଂ ଆଦି ବିଷୟଗୁଡ଼ିକୁ ବିଭାଗରେ ସାମିଲ କରିବା ନେଇ ମଧ୍ୟ ଆଲୋଚନା ହୋଇଛି। ଆଗାମୀ ଦିନରେ ବିଶ୍ୱ ଦକ୍ଷତା କେନ୍ଦ୍ରର ସମ୍ପ୍ରସାରଣ ସହିତ ଏହି କେନ୍ଦ୍ରରେ ଆହୁରି ଶିଳ୍ପଭିତ୍ତିକ ଦକ୍ଷତା ତାଲିମ ପାଇଁ ପ୍ରସ୍ତାବ ରହିଛି ବୋଲି ପାଢ଼ୀ ସୂଚନା ଦେଇଛନ୍ତି। ସମୀକ୍ଷା ବୈଠକରେ ବିଭାଗର ସମସ୍ତ ଉଚ୍ଚପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ।

## ୩ରୁ ୪ ଦିନ ଭିତରେ ଘୋଷଣା ହେବ କଂଗ୍ରେସ ବିଧାୟକ ଦଳ ନେତା

ଭୁବନେଶ୍ୱର, ୧୮।୬(ସୁନିତ୍ ମିଶ୍ର)

ଆସନ୍ତା ୩ରୁ ୪ ଦିନ ମଧ୍ୟରେ କଂଗ୍ରେସ ବିଧାୟକ ଦଳ ନେତା କିଏ ହେବେ ତାହା ଘୋଷଣା ହୋଇଯିବ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ପ୍ରଭାରୀ ଅଜୟ କୁମାର କହିଛନ୍ତି। ଅନ୍ୟପଟେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବୁଧବାର କଂଗ୍ରେସ ବିଧାୟକମାନଙ୍କ ଏକ ବୈଠକ ଅନୁଷ୍ଠିତ ହେବ। ଏଥିରେ ନୂତନ ଭାବେ ଅନେକ ବିଧାୟକ ଜିତିଥିବାରୁ ରାଜ୍ୟରେ ସେମାନଙ୍କ ଆଭିମୁଖ୍ୟ କିପରି ରହିବ ସେନେଇ ଆଲୋଚନା ହେବ ବୋଲି ଶରତ କହିଛନ୍ତି। ଏହାସହ ଏକ ରାତ୍ରିଭୋଜନ କାର୍ଯ୍ୟକ୍ରମ ଥିବା ନେଇ ମଧ୍ୟ ସେ ସୂଚନା ଦେଇଛନ୍ତି। ଦିଲ୍ଲୀରୁ କୌଣସି ସମୟରେ ବିଧାୟକ ଦଳ ନେତା କିଏ ହେବେ ସେନେଇ ଘୋଷଣା ହୋଇପାରେ ବୋଲି ସେ କହିଛନ୍ତି।

# ଦୁର୍ନୀତି ପ୍ରମାଣ ମିଳିଲେ କଠୋର କାର୍ଯ୍ୟାନୁଷ୍ଠାନ: ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର,୧୮।୬(ଅନିଲ ଦାସ)



ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ମଙ୍ଗଳବାର ଅଚାନକ ଭୁବନେଶ୍ୱରସ୍ଥିତ ତହସିଲ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ସାଧାରଣ ଲୋକ, ଓକିଲ ଓ ସରକାରୀ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ତହସିଲ ଅଫିସରେ କିଭଳି କାର୍ଯ୍ୟ ହେଉଛି ଓ ଜନସାଧାରଣ କିପରି ସେବା ପାଉଛନ୍ତି ସେ ସମ୍ପର୍କିତ ଅଭିଯୋଗ ଉପରେ ମଧ୍ୟ ଆଲୋଚନା କରିଥିଲେ। ଭୂମି, ବାସସ୍ଥାନ, ଜାତିଗତ ପ୍ରମାଣପତ୍ର ଆବେଦନ ଓ ତୁରନ୍ତ ଏସବୁ ସେବା ମିଳିବା ନେଇ ସମୟସୀମା ନିର୍ଦ୍ଧାରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ତହସିଲ କାର୍ଯ୍ୟାଳୟକୁ ବିଭିନ୍ନ କାମ ପାଇଁ ଆସୁଥିବା ସାଧାରଣ ଲୋକେ ଯେପରି ହଇରାଣ ହରକତ ନ ହେବେ ଓ ସମସ୍ତ ସେବା ସୁବିଧାରେ ପାଇପାରିବେ ସେ ନେଇ ଏକ ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ କରିବା ପାଇଁ ଉପସ୍ଥିତ ଅଧିକାରୀଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଏହି ଅବସରରେ ଗଣମାଧ୍ୟମକୁ ମନ୍ତ୍ରୀ କହିଛନ୍ତି ଯେ ସରକାରୀ କାର୍ଯ୍ୟାଳୟରେ ପିସି କାରବାର କିମ୍ବା ଦୁର୍ନୀତିର ପ୍ରମାଣ ମିଳିଲେ ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ କ୍ଷେତ୍ରରେ ‘ଶୂନ ସହନଶୀଳତା’ ହେଉଛି ମାପଦଣ୍ଡ। ଜନସାଧାରଣଙ୍କ ନିକଟରେ ରାଜସ୍ୱ, ପ୍ରଶାସନ କିପରି ସହଜରେ ପହଞ୍ଚିପାରିବ ସେ ନେଇ ଯଦି କାହାର କିଛି ପ୍ରସ୍ତାବ ରହିଥାଏ ତେବେ ସେସବୁକୁ ସ୍ୱାଗତ କରାଯିବ। ଏ କ୍ଷେତ୍ରରେ ସାଧାରଣ ଲୋକ ଚାହିଁଲେ ମଧ୍ୟ ମନ୍ତ୍ରୀଙ୍କୁ ସିଧାସଳଖ ଭେଟିପାରିବେ ଓ ନିଜର ସମସ୍ୟା ସମ୍ପର୍କରେ ଅବଗତ କରାଇପାରିବେ ବୋଲି ମନ୍ତ୍ରୀ କହିଛନ୍ତି।

## ଶିଳ୍ପମନ୍ତ୍ରୀଙ୍କ ବିଭାଗ ପରିଦର୍ଶନ

**ଶିଳ୍ପ ସମୃଦ୍ଧ ରାଜ୍ୟ ଉପରେ ଗୁରୁତ୍ୱ**

ଭୁବନେଶ୍ୱର,୧୮।୬(ଅନିଲ ଦାସ)

ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମଙ୍ଗଳବାର ଖାରବେଳ ଭବନସ୍ଥିତ ଶିଳ୍ପ ବିଭାଗ ପରିଦର୍ଶନ କରିଥିଲେ। ବିଭାଗୀୟ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ଶିଳ୍ପ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ମନ୍ତ୍ରୀ ପଚାରି ବୁଝିଥିଲେ। ବିଭାଗରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଶିଳ୍ପ ସଚିବ ଆଲୋକପାତ କରିଥିଲେ। ଭବିଷ୍ୟତରେ ଓଡ଼ିଶାକୁ ଏକ ଶିଳ୍ପସମୃଦ୍ଧ ରାଜ୍ୟ ଭାବେ ପରିଣତ କରି ବିକଶିତ ଭାରତର ରୂପରେଖରେ ଓଡ଼ିଶାର ଭୂମିକା ଯେପରି ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ହୋଇପାରିବ, ସେ ସମ୍ପର୍କରେ ନୀତିନିଷ୍ଠ ଭାବେ କାର୍ଯ୍ୟ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଶୁଭେନ୍ଦ୍ର ନାୟକଙ୍କ ସହ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ସ୍ୱଚ୍ଛତା ଉପରେ ମନ୍ତ୍ରୀଙ୍କ ଗୁରୁତ୍ୱ

**ଗ୍ରାମ୍ୟ ଉନ୍ନୟନ ବିଭାଗର ସମୀକ୍ଷା**

ଭୁବନେଶ୍ୱର,୧୮।୬(ଅନିଲ ଦାସ)



ବୈଠକରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାୟକ ଅଧିକାରୀଙ୍କ ସହ ଆଲୋଚନାରତ।

ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାୟକ ମଙ୍ଗଳବାର ପୂର୍ବାହ୍ଣରେ ଲୋକସେବା ଭବନସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗ ସମ୍ମିଳନୀ କକ୍ଷରେ ବିଭାଗୀୟ କାର୍ଯ୍ୟ ସମୀକ୍ଷା କରିଛନ୍ତି। ଏହି ସମୀକ୍ଷା ବୈଠକରେ ମନ୍ତ୍ରୀ କହିଛନ୍ତି ଯେ ଗ୍ରାମାଞ୍ଚଳରେ ସଡ଼କ ସଂଯୋଗୀକରଣ ବ୍ୟବସ୍ଥାରେ ଉନ୍ନତି ଆଣିବାକୁ ତାଙ୍କ ସରକାର ସର୍ବାଧିକ ପ୍ରାଥମିକତା ଦେବେ। ଏଣୁ ବିଭାଗ ଅଧୀନ ରାସ୍ତା, ସେତୁ ଓ ଗୃହନିର୍ମାଣ କ୍ଷେତ୍ରକୁ ଆହୁରି ତ୍ୱରାନ୍ୱିତ କରିବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ସମୀକ୍ଷା ବୈଠକରେ ମନ୍ତ୍ରୀ ବିଭାଗ ଅଧୀନରେ ଚାଲୁ ରହିଥିବା ୧୨୩୯ଟି ସେତୁ ପ୍ରକଳ୍ପ ଏବଂ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଅଧୀନରେ କାର୍ଯ୍ୟକାରୀ ହେଉଥିବା ୧୭୨୫ ଗୋଟି ରାସ୍ତା (ଯାହାର ସମୁଦାୟ ଦୈର୍ଘ୍ୟ ୬୧୧୬ କି.ମି.) କାର୍ଯ୍ୟକୁ ଯଥାଶୀଘ୍ର ସମ୍ପାଦନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅନ୍ତର୍ଗତ ୪୯୭ ଗୋଟି ପ୍ରକଳ୍ପ ଅଧୀନରେ ୧୫୯୨ କି.ମି. ରାସ୍ତାର ଅଗ୍ରଗତି ସମ୍ବନ୍ଧରେ ପଚାରି ବୁଝିବା ସହ ଆଗାମୀ ୧୦୦ ଦିନ ପାଇଁ ସଡ଼କ, ସେତୁ, କୋଠାବାଡ଼ି ଏବଂ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଲାଗି ଧାର୍ଯ୍ୟଲକ୍ଷ୍ୟ ପୂରଣ ଦିଗରେ ସମସ୍ତ ଅଧିକାରୀ ଯତ୍ନବାନ ରହିବାକୁ ପରାମର୍ଶ ଦେଇଛନ୍ତି। ସମସ୍ତ ନିର୍ମାଣାଧୀନ କାର୍ଯ୍ୟଗୁଡ଼ିକ ତ୍ରୁଟିଶୂନ୍ୟ ହେବା ସହିତ ଏହାର ଗୁଣବତ୍ତା ଓ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇ ବିଭାଗର କାର୍ଯ୍ୟଧାରାକୁ ଆହୁରି ଲୋକାଭିମୁଖୀ କରିବାକୁ ଅଧିକାରୀମାନଙ୍କୁ ଆହ୍ୱାନ ଦେଇଛନ୍ତି। କେନ୍ଦ୍ରୀୟ ଯୋଜନା ଏବଂ ରାଜ୍ୟ ଯୋଜନାଗୁଡ଼ିକର ସଫଳ ରୂପାୟନ ନିମନ୍ତେ ମନ୍ତ୍ରୀ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

ପ୍ରାରମ୍ଭରେ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଏବଂ ଅନ୍ୟାନ୍ୟ ପଦସ୍ଥ ଅଧିକାରୀ ମନ୍ତ୍ରୀଙ୍କୁ ସ୍ୱାଗତ କରିବା ସହିତ ପ୍ରଶାସନିକ ଭିତ୍ତିଭୂମି, ବିଭାଗ ଅଧୀନ ସମସ୍ତ ଯୋଜନା ଏବଂ ଏହାର ରୂପରେଖ ଓ କାର୍ଯ୍ୟଧାରା, ବିତ୍ତୀୟ ଅନୁଦାନ ସମ୍ପର୍କରେ ବିସ୍ତୃତଭାବେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ବୈଠକରେ ବିଭାଗର ସମସ୍ତ ଉଚ୍ଚପଦସ୍ଥ ଅଧିକାରୀ, ସର୍ବୋଚ୍ଚ ଯନ୍ତ୍ରୀ ଏବଂ ଅନ୍ୟାନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଅଫିସିଆଲ ‘ଏକ୍ସ’ ଆକାଉଣ୍ଟ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୮।୬(ଅସମାପିକା ସାହୁ)



ଅଧିକାରୀଙ୍କ ସହ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ।

ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ମଙ୍ଗଳବାର ବିଭାଗ ପକ୍ଷରୁ ସଚିବ ଶାଳିନୀ ପଣ୍ଡିତଙ୍କ ସମେତ ଅନ୍ୟ ଅଧିକାରୀମାନେ ସ୍ୱାଗତ କରିଛନ୍ତି। ଏହି ଅବସରରେ ସଚିବ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନା ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଅନୁଷ୍ଠିତ ସମୀକ୍ଷା ବୈଠକରେ ମନ୍ତ୍ରୀ ସ୍ୱାସ୍ଥ୍ୟ ବିଭାଗର ପ୍ରମୁଖ ସଚିବ, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ରୋଗୀମାନଙ୍କୁ ଉତ୍ତମ ବ୍ୟବହାର ଓ ସେବା ଯୋଗାଇଦେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟଠାରୁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପର୍ଯ୍ୟନ୍ତ ସମସ୍ତ ସ୍ୱାସ୍ଥ୍ୟ ଅଧିକାରୀ ‘ଏକ୍ସ’ ଆକାଉଣ୍ଟ କାର୍ଯ୍ୟକ୍ଷମ କରି ସେଥିରେ ଆସୁଥିବା ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିବା ନେଇ ମନ୍ତ୍ରୀ ନିଜ ‘ଏକ୍ସ’ ଅକାଉଣ୍ଟରେ ପୋଷ୍ଟ କରି ଜଣାଇଛନ୍ତି।

ମନ୍ତ୍ରୀଙ୍କ ସମୀକ୍ଷା ବୈଠକ ପରେ ବିଭାଗ ପକ୍ଷରୁ ସଚିବ ଶାଳିନୀ ପଣ୍ଡିତ ସମସ୍ତ ଜିଲା ଚିକିତ୍ସାଧିକାରୀ, ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ, ରାଉରକେଲା ଆର୍‌ଜିଏଚ୍ ନିର୍ଦ୍ଦେଶକଙ୍କୁ ଚିଠି ଲେଖି ଅଫିସିଆଲ ସୋସିଆଲ ମିଡିଆ ‘ଏକ୍ସ’ ଆକାଉଣ୍ଟ ଖୋଲିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ଡିଏଚ୍‌ଏଚ୍, ଏସ୍‌ଡିଏଚ୍, ସିଏଚ୍‌ସି ଏବଂ ପିଏଚ୍‌ସିଗୁଡ଼ିକରେ ଏହି ଆକାଉଣ୍ଟ ଖୋଲିବା ପାଇଁ କୁହାଯାଇଛି।

# ଗଞ୍ଜାମର ୨.୬୦ଲକ୍ଷ ଚାଷୀ ଉପକୃତ



କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଆସିକା ଏମ୍‌ପି ଅନୀତା ଶୁଭଦର୍ଶନୀ ଓ ଅନ୍ୟମାନେ।

ଛତ୍ରପୁର,୧୮।୬(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

କେନ୍ଦ୍ର ସରକାର ଚାଷୀଙ୍କୁ ମଙ୍ଗଳବାର ପିଏମ୍ କିଷାନ ସମ୍ମାନ ନିଧି ଯୋଜନାରେ କିସ୍ତି ପ୍ରଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍ତରପ୍ରଦେଶର ବାରଣାସୀଠାରେ ଏହି ଯୋଜନାରେ ଚାଷୀଙ୍କୁ ଅର୍ଥ ବଣ୍ଟନ କରିଛନ୍ତି। ଗଞ୍ଜାମ ଜିଲ୍ଲାର ୨ ଲକ୍ଷ ୬୦ ହଜାର ୧୧୦ ଜଣ ଚାଷୀ ଏଥିରେ ଉପକୃତ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ୱେବ କାଷ୍ଟିଙ୍ଗ ଜରିଆରେ ଗଞ୍ଜାମ ଜିଲା ଜିଲାପରିଷଦ ଭବନର ଋଷିକୂଲ୍ୟା ସମ୍ମିଳନୀ ଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଆସିକା ଏମ୍‌ପି ଅନିତା ଶୁଭଦର୍ଶନୀ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଗଞ୍ଜାମ ଜିଲାରେ ଜଳ ସେଚନ ସୁବିଧା ନ ଥିବାରୁ ଅଧା ଚାଷଜମିରେ ଚାଷ ହୋଇପାରୁନାହିଁ। ଏହାର ସମାଧାନ ଦିଗରେ ଆମ ସରକାର କାର୍ଯ୍ୟ କରିବ ବୋଲି ମନ୍ତ୍ରୀ ଜେନା କହିଥିଲେ। ଜିଲାର ସମସ୍ତ ୨୨ ବ୍ଲକ କାର୍ଯ୍ୟାଳୟ ଠାରେ ପିଏମ କିଷାନ ଉତ୍ସବ ପାଳିତ ହୋଇଛି। ଏହା ମୋଦିଙ୍କ ଗ୍ୟାରେଣ୍ଟି ବୋଲି ମନ୍ତ୍ରୀ ଜେନା କହିଛନ୍ତି।

# କୃଷକଙ୍କ ଉନ୍ନତିରେ ଦେଶର ଉନ୍ନତି: ସୂର୍ଯ୍ୟବଂଶୀ

ଭଦ୍ରକ,୧୮।୬(ସନାତନ ରାଉତ)



ଜିଲାସ୍ତରୀୟ ପିଏମ୍–କିଷାନ ଉତ୍ସବରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଏମ୍‌ପି ଅଭିମନ୍ୟୁ ସେଠୀ ଓ ଅଧିକାରୀମାନେ।

ଦେଶର ଆର୍ଥିକ ଉନ୍ନତିରେ କୃଷକମାନେ ହେଉଛନ୍ତି ମେରୁଦଣ୍ଡ। କୃଷକମାନଙ୍କ ଉନ୍ନତି ହେଲେ ଦେଶର ଉନ୍ନତି ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ କିଷାନ ନିଧି ଯୋଜନାର ୧୭ତମ କିସ୍ତି ପ୍ରଦାନ ଉତ୍ସବରେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ଭଦ୍ରକ ଜିଲାରେ ଖରିଫ ଚାଷ ତୁଳନାରେ ରବି ଋତୁରେ କମ୍ ଚାଷ ହେଉଥିବା ନେଇ ସେ କ୍ଷୋଭ ପ୍ରକାଶ କରିବା ସହ ଆଗକୁ ଅଧିକ ପରିମାଣରେ ଚାଷ କରାଯିବା ପାଇଁ ଗୁରୁତ୍ୱାରୋପ କରିଥିଲେ। ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ ଏଥିରେ ଯୋଗଦେଇ କହିଥିଲେ, ପ୍ରଧାନମନ୍ତ୍ରୀ କିଷାନ ନିଧି ଯୋଜନାରେ ଜିଲାରୁ କାଳିଆ ଯୋଜନା ତୁଳନାରେ ୩୦ ହଜାରରୁ କମ୍ କୃଷକଙ୍କୁ ସାମିଲ କରାଯାଇଛି। ୧୮ତମ କିସ୍ତି ପ୍ରଦାନ ବେଳକୁ ଏହି ସଂଖ୍ୟା ବୃଦ୍ଧି କରିବାକୁ ସେ ଜିଲା ପ୍ରଶାସନକୁ ପରାମର୍ଶ ଦେଇଛନ୍ତି।

ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଆନୁକୂଲ୍ୟରେ ଭଦ୍ରକ ଟାଉନ ହଲ୍‌ରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲାସ୍ତରୀୟ ପିଏମ୍–କିଷାନ ଉତ୍ସବ ଦିବସ ପାଳନ ଅବସରରେ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ମୁଖ୍ୟ ଜିଲା କୃଷି ଅଧିକାରୀ ନାରାୟଣ ଚନ୍ଦ୍ର ଉପାଧ୍ୟାୟ, ରାଣୀତାଲ କୃଷି ବିଜ୍ଞାନ କେନ୍ଦ୍ରର ସହଯୋଗୀ ଗବେଷଣା ନିର୍ଦ୍ଦେଶକ ଉମାଶଙ୍କର ନାୟକ ପ୍ରମୁଖ ଯୋଗ ଦେଇଥିଲେ। କୃଷି ଓ କୃଷକ ସଶକ୍ତୀକରଣ ପାଇଁ ଉଦ୍ଦିଷ୍ଟ ସରକାରଙ୍କ ଯୋଜନା, ପାରା ସମ୍ପ୍ରସାରଣ କର୍ମୀ ରୂପେ କୃଷି ସଖୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ କାର୍ଯ୍ୟକ୍ରମ ସମ୍ବନ୍ଧରେ ପ୍ରକାଶ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍ତରପ୍ରଦେଶର ବାରାଣସୀରେ ଉଦ୍‌ଘାଟନ କରିଥିବା ଏହି କାର୍ଯ୍ୟକ୍ରମକୁ ଦୃଶ୍ୟଫଳକ ଜରିଆରେ ସିଧାସଳଖ ପ୍ରଦର୍ଶିତ କରାଯାଇଥିଲା। ଜିଲାରେ ସମୁଦାୟ ୧ ଲକ୍ଷ ୩୯ ହଜାର ୫୪୩ ଚାଷୀଙ୍କ ଖାତାକୁ କିସ୍ତି ଅର୍ଥ ହସ୍ତାନ୍ତର କରାଯାଇଛି। ଭଦ୍ରକ ବ୍ଲକରେ ୨୨,୦୨୭, ବାସୁଦେବପୁରର ୨୪,୬୨୬, ଭଣ୍ଡାରିପୋଖରୀର ୧୪,୩୧୫, ବନ୍ତର ୧୩,୭୯୨, ଚାନ୍ଦବାଲିର ୧୮,୯୭୫, ଧାମନଗରର ୨୨,୯୯୧ ଏବଂ ତିହିଡ଼ିର ୨୨,୮୧୭ ଚାଷୀ ଉପକୃତ ହୋଇଛନ୍ତି।

# ରାଜଧାନୀରୁ ୫ ଆନ୍ତଃରାଜ୍ୟ ସାଇବର ଅପରାଧୀ ଗିରଫ

- ବେଙ୍ଗାଲୁରୁରୁ ଅପରେଟ ହେଉଥିଲା ର୍ୟାକେଟ
- ଲାପ୍‌ଟପ, ମୋବାଇଲ, ସିମ୍ କାର୍ଡ, ପାସ୍‌ବୁକ, ବହୁ ଡିଜିଟାଲ ତଥ୍ୟ ଜବତ

## ଗିରଫ ଭୟ ଦେଖାଇ ଅଫିସରଙ୍କଠାରୁ ୩୬.୩୪ ଲକ୍ଷ ଠକେଇ



ଭୁବନେଶ୍ୱର,୧୮।୬(ସୂର୍ଯ୍ୟକାନ୍ତ ବେହେରା)

ନିଜକୁ ପୋଲିସ ତ ପୁଣି କେତେବେଳେ କ୍ରାଇମବ୍ରାଞ୍ଚ ଓ ବିଭିନ୍ନ ତଦନ୍ତକାରୀ ସଂସ୍ଥାର ଅଧିକାରୀ ପରିଚୟ ଦେଇ କଥା ହେଉଥିଲେ। ପରେ ଗିରଫ ଭୟ ଦେଖାଇ ସରକାରୀ ଅଫିସରଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଲୁଟି ନେଉଥିଲେ। ବେଙ୍ଗାଲୁରୁରୁ ଅପରେଟ ହେଉଥିବା ଏଭଳି ଏକ ଆନ୍ତଃରାଜ୍ୟ ସାଇବର ଠକେଇ ର୍ୟାକେଟ୍ ଭୁବନେଶ୍ୱର ସାଇବର ଥାନା ପୋଲିସ ଧରିଛି। ଜଣେ ଉଚ୍ଚପଦସ୍ଥ ସରକାରୀ ଅଧିକାରୀଙ୍କଠାରୁ ୩୬.୩୪ ଲକ୍ଷରୁ ଅଧିକ ଟଙ୍କା ଠକିବା ଅଭିଯୋଗରେ ପୋଲିସ ଶହୀଦନଗର ଥାନା ଅନ୍ତର୍ଗତ ଏକ ହୋଟେଲରେ ଚଢ଼ାଉ କରି ଗ୍ୟାଙ୍ଗର ୫ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଆନ୍ଧ୍ରପ୍ରଦେଶର ସେକ୍ ତାଜୁଉଦ୍ଦିନ(୩୮) ଓ ମୁଚୁମାରୀ ଚିଟି ବାବୁ(୩୪), ତ୍ରିପୁରାର ଡେଙ୍ଗୋ ଓରଫ ବସ୍(୨୮) ଓ ଜିତେନ କୈପେଙ୍ଗ୍(୨୧) ଏବଂ ଆସାମ ଗୁଆହାଟୀରେ ରହୁଥିବା ବେଙ୍ଗାଲୁରୁର ଜେମ୍‌ସ ଓରଫ ଏଲ୍‌ଭିସ୍ ତାରା (୩୬)। ସେମାନଙ୍କଠାରୁ ୨ ଲାପ୍‌ଟପ୍, ୫୬ ଏଟିଏମ୍ କାର୍ଡ, ୨୦ ମୋବାଇଲ ଫୋନ, ୩୦ ସିମ୍ କାର୍ଡ, ପାସ୍‌ବୁକ୍, ଚେକ୍‌ବୁକ୍, କାର ଓ ବହୁ ଗୁରୁତ୍ୱପୂର୍ଣ୍ଣ ଡିଜିଟାଲ ତଥ୍ୟ ଜବତ ହୋଇଛି। ଏହାସହ ସେମାନଙ୍କ ଆକାଉଣ୍ଟରେ ଥିବା ୧୨ ଲକ୍ଷ ଟଙ୍କା ଓ କ୍ରିପ୍ଟୋରେ ଥିବା ୧୭୦୦ ୟୁଏସ୍ ଡଲାର ଫ୍ରିଜ୍ କରାଯାଇଛି। ଏମାନେ ଓଡ଼ିଶାରେ ସାଇବର ଅପରାଧ ଘଟାଇବା ଦାୟିତ୍ୱରେ ଥିଲେ ବୋଲି ପୋଲିସ କମିଶନର ସଞ୍ଜୀବ ପଣ୍ଡା ସୂଚନା ଦେଇଛନ୍ତି। ପୋଲିସ ସୂଚନାନୁସାରେ, ଠକେଇର ଶିକାର ହୋଇଥିବା ସରକାରୀ କର୍ମଚାରୀଙ୍କ ପାଖକୁ ୮୧୬୨୫୦୬୫୦୮ ନମ୍ବରରୁ ଏକ ଫୋନ୍ କଲ୍ ଆସିଥିଲା। କଲ୍ କରିଥିବା ଅଭିଯୁକ୍ତ ଜଣକ ତାଙ୍କ ନାମରେ ମୁମ୍ବାଇରୁ ଏକ ପାର୍ସଲ ଆସିଥିବା ଜଣାଇଥିଲେ। ସେଥିରେ ଡ୍ରଗ୍ସ ଥିବାବେଳେ ଉକ୍ତ ପାର୍ସଲରେ ତାଙ୍କ ଆଧାର କାର୍ଡ ବ୍ୟବହାର ହୋଇଥିବା କହିଥିଲେ। ତେଣୁ ତୁରନ୍ତ ମୁମ୍ବାଇ କ୍ରାଇମବ୍ରାଞ୍ଚ ସହ କଥା ହେବାକୁ କହି ଫୋନ୍ କଲ୍ କାଟିଦେଇଥିଲେ। ଏହାପରେ ତାଙ୍କ ପାଖକୁ ଆଉ ଏକ କଲ୍ ଆସିଥିଲା। କଲ୍ କରିଥିବା ଅନ୍ୟ ଜଣେ ଅଭିଯୁକ୍ତ ନିଜକୁ ମୁମ୍ବାଇ କ୍ରାଇମବ୍ରାଞ୍ଚର ଅଧିକାରୀ ପରିଚୟ ଦେଇଥିଲେ। ଏପରିକି ଭିଡିଓ କଲ୍ ମାଧ୍ୟମରେ ଅଫିସ ମଧ୍ୟ ଦେଖାଇଥିଲେ। ଗିରଫ ଭୟ ଦେଖାଇ ଟଙ୍କା ଦାବି କରିଥିଲେ। ଏଥିରେ ଭୟଭୀତ ହୋଇ ସରକାରୀ କର୍ମଚାରୀ ଜଣକ ଅଭିଯୁକ୍ତ ଦେଇଥିବା ଆକାଉଣ୍ଟରେ ୩୬ ଲକ୍ଷ ୩୪ ହଜାର ୪୦୦ ଟଙ୍କା ପଠାଇ ଦେଇଥିଲେ। ପରେ ଠକେଇର ଶିକାର ହେବା ଜାଣି ସେ ସାଇବର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ନଂ. ୧୧୧/୨୦୨୪ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

### କେମିତି ଧରାପଡ଼ିଲେ ଅଭିଯୁକ୍ତ

ଟଙ୍କା ଯାଇଥିବା ଆକାଉଣ୍ଟ ଯାଞ୍ଚ ପରେ ତାହା ଭୁବନେଶ୍ୱରରେ ଜଣେ ବ୍ୟକ୍ତିଙ୍କର ବୋଲି ସାଇବର ପୋଲିସ ଜାଣିବାକୁ ପାଇଥିଲା। ଏହାପରେ ପୋଲିସ ଉକ୍ତ ବ୍ୟକ୍ତିଙ୍କ ତଥ୍ୟ ଯୋଗାଡ଼ କରି ପଚରାଉଚରା ପରେ ସେ ଏ ବିଷୟରେ ଜାଣି ନ ଥିବା କହିଥିଲେ। ହେଲେ ଜଣେ ଅଜଣା ଲୋକ ଏକ ଗେମିଂ ଆପ୍ଲିକେଶନ ପାଇଁ ବ୍ୟବହାର ଲାଗି ତାଙ୍କ ନାମରେ ବ୍ୟାଙ୍କ ଆକାଉଣ୍ଟ ଖୋଲିଥିବା କହିଥିଲା। ଏଥିସହ ସେ ସମ୍ପୃକ୍ତ ବ୍ୟକ୍ତିଙ୍କ ସହିତ କଥା ହୋଇଥିବା ମୋବାଇଲ୍ ନମ୍ବର ଓ ଆଉ କିଛି ତଥ୍ୟ ଦେଇଥିଲେ। ସେହି ଆଧାରରେ ସାଇବର ପୋଲିସ ଅଭିଯୁକ୍ତମାନଙ୍କୁ ଧରିବାରେ ସକ୍ଷମ ହୋଇଥିଲା।

## ଦୂରଦର୍ଶୀ ଯୋଜନା ପ୍ରସ୍ତୁତ ପାଇଁ ଅଧିକାରୀଙ୍କୁ ପରାମର୍ଶ ଦେଲେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ



ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ବିଭାଗର କମିଶନର ରୂପାରୋଶନ ସାହୁ ଓ ଅନ୍ୟ ଅଧିକାରୀମାନେ ଭେଟି ଆଲୋଚନା କରୁଛନ୍ତି।

ଭୁବନେଶ୍ୱର,୧୮।୬(ଶର୍ମିଷ୍ଠା ପାଣିଗ୍ରାହୀ)

ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ବିଭାଗର କମିଶନର ତଥା ଶାସନ ସଚିବ ରୂପାରୋଶନ ସାହୁ ମଙ୍ଗଳବାର ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି। କମିଶନର ସାହୁ ମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଉପସ୍ଥିତ ସମସ୍ତ ଅଧିକାରୀଙ୍କ ସହ ପରିଚୟ କରାଇଥିଲେ। ଏଥିସହ ସେ ବିଭାଗର ବିଭିନ୍ନ କାର୍ଯ୍ୟ ସମ୍ବନ୍ଧରେ ମନ୍ତ୍ରୀ ଗଣ୍ଡଙ୍କୁ ସଂକ୍ଷିପ୍ତରେ ଅବଗତ କରାଇଥିଲେ। ଏହି ଅବସରରେ ସମସ୍ତେ ମିଳିମିଶି ବିଭାଗର କାର୍ଯ୍ୟ ସକାରାତ୍ମକ ଭାବରେ ସମ୍ପାଦନ କରିବା ସହ ଜନଜାତି, ଅନୁସୂଚିତ ଜାତି ତଥା ପଛୁଆ ବର୍ଗଙ୍କ ବିକାଶକୁ ତ୍ୱରାନ୍ୱିତ କରିବା ନିମନ୍ତେ ଏକ ଦୂରଦର୍ଶୀ ଯୋଜନା ଓ ରୂପରେଖ ଦସ୍ତାବିଜ (ରୋଡ୍‌ମ୍ୟାପ ଏବଂ ଭିଜନ ଡକ୍ୟୁମେଣ୍ଟ) ପ୍ରସ୍ତୁତ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହି ସମୟରେ ଅନୁସୂଚିତ ଜନଜାତି ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ଓଡିଶା ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ଉନ୍ନୟନ ଆର୍ଥିକ ସମବାୟ ନିଗମ (ଓଏସ୍‌ଏଫ୍‌ଡିସି)ର ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପ୍ୟାରେଲାଲ ପ୍ରଧାନ, ଓଡ଼ିଶା ରାଜ୍ୟ ପଛୁଆ ବର୍ଗ ଆୟୋଗ (ଓଏସ୍‌ସିବିସି)ର ଅଧ୍ୟକ୍ଷ ସିତାଂଶୁ ରାଉତ, ଅନୁସୂଚିତ ଜାତି କଲ୍ୟାଣ ନିର୍ଦ୍ଦେଶକ ଲକ୍ଷ୍ମଣ କୁମାର ମଲ୍ଲିକ, ଓବିସି ନିର୍ଦ୍ଦେଶକ ଯୁଗଳେଶ୍ୱରୀ ଦାସ, ବିତ୍ତ ପରାମର୍ଶଦାତା ଅକ୍ଷୟ କୁମାର ପାଢୀଯୋଷୀ, ଓପିଇଏଲ୍‌ଆଇପିର ପ୍ରକଳ୍ପ ନିର୍ଦ୍ଦେଶକ ନାରାୟଣ ଚନ୍ଦ୍ର ଧଳ, ଓଏସ୍‌ଏଫ୍‌ଡିସିର ଜେନେରାଲ ମ୍ୟାନେଜର ଇତିଶ୍ରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ରଜ ମହୋତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର,୧୮।୬(ଶର୍ମିଷ୍ଠା ପାଣିଗ୍ରାହୀ)

ଚନ୍ଦ୍ରଶେଖରପୁର ଡିଷ୍ଟ୍ରିକ୍ଟ ସେଣ୍ଟରସ୍ଥିତ ମାରୁତି ଉଦ୍ୟାନ ପରିସରରେ ଡିଷ୍ଟ୍ରିକ୍ଟ ସେଣ୍ଟର ଓନର୍ସ ଆସୋସିଏଶନ ପକ୍ଷରୁ ବାର୍ଷିକ ରଜ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡିଶାର ପରମ୍ପରା ରକ୍ଷା କରିବା ସହିତ ଭାଇଚାରା ପ୍ରତିଷ୍ଠା କରିବା ପାଇଁ ପ୍ରଥମ ରଜରୁ ଶେଷରଜ ପର୍ଯ୍ୟନ୍ତ ତିନିଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କୁନି ପିଲାଙ୍କ ସହ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ର, ଯୁବତୀ ଓ ଯୁବକ, ବରିଷ୍ଠ ନାଗରିକ ଓ ମହିଳାଙ୍କୁ ନେଇ ନାଚ, ଗୀତ, ପୁଚି, ତାସ, କ୍ୟାରମ୍, ଲୁଡୁ, ମ୍ୟୁଜିକ୍ ଚେୟାର, ପୋଡ଼ପିଠା ତିଆରି ଓ ପାନ ଭାଙ୍ଗିବା ଆଦି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଯୋଗଦେଇଥିଲେ। ଆସୋସିଏଶନ ସଭାପତି ଦାମୋଦର ପ୍ରଧାନୀ ଓ ସାଧାରଣ ସମ୍ପାଦକ ସରୋଜକାନ୍ତ ମଲ୍ଲିକ ପ୍ରମୁଖ ଅଭିଭାଷଣ ପ୍ରଦାନ କରିଥିଲେ। ରମେଶ ଚନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଆକ୍ରମଣ: ବାପ,ପୁଅ ଗିରଫ

ଭୁବନେଶ୍ୱର,୧୮।୬(ସୂର୍ଯ୍ୟକାନ୍ତ ବେହେରା)

ଜଣେ ଯୁବକଙ୍କୁ କାଚ ବୋତଲ ଓ କୋଦାଳରେ ମରଣାନ୍ତକ ଆକ୍ରମଣ ମାମଲାରେ ଶହୀଦନଗର ଥାନା ପୋଲିସ ଅଭିଯୁକ୍ତ ବାପ-ପୁଅଙ୍କୁ ଗିରଫ କରିଛି। ସେମାନେ ହେଲେ ପଥରବନ୍ଧ ବସ୍ତିରେ ରହୁଥିବା ନୟାଗଡ ଖଣ୍ଡପଡାର କାର୍ତ୍ତିକ ନାୟକ (୫୯) ଓ ପୁଅ ବାପି ଓରଫ ଧବଳେଶ୍ୱର ନାୟକ। ସେମାନଙ୍କଠାରୁ ଆକ୍ରମଣରେ ବ୍ୟବହୃତ ମାରଣାସ୍ତ୍ର ଜବତ ହୋଇଛି। ଜାମିନ ନମିଳିବାରୁ ଉଭୟ ବାପ-ପୁଅଙ୍କୁ ଜେଲ ହାଜତକୁ ଯିବାକୁ ପଡିଛି।

## ୧୫ଦିନ ଧରି ସ୍କ୍ରିନିଂ ସହ ବିଭିନ୍ନ କାର୍ଯ୍ୟକ୍ରମ ହେବ





ବୈଠକରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ସହ ଅନ୍ୟ ଅଧିକାରୀମାନେ।

ଭୁବନେଶ୍ୱର, ୧୮।୬(ଅସମାପିକା ସାହୁ)

### ଆଜି ବିଶ୍ୱ ସିକଲସେଲ ରୋଗ ସଚେତନତା ଦିବସ

ରାଜ୍ୟରେ ବୁଧବାର ବିଶ୍ୱ ସିକଲସେଲ ରୋଗ ସଚେତନତା ଦିବସ ପାଳନ ହେବ। ଏହି ପରିପ୍ରେକ୍ଷୀରେ ୧୯ରୁ ଜୁଲାଇ ୩ ପର୍ଯ୍ୟନ୍ତ ୧୫ ଦିନ ଧରି ରୋଗ ପରୀକ୍ଷା(ସ୍କ୍ରିନିଂ) ଓ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉପରୋକ୍ତ ସମ୍ପୃକ୍ତ ବିଭାଗର ସଚିବ, ନିର୍ଦ୍ଦେଶକ ଓ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସିକଲସେଲ ଏକ ଜେନେଟିକ ରୋଗ ଓ ଏହି ରୋଗ ହେଲେ ବ୍ୟକ୍ତି ବା ଶିଶୁକୁ ରକ୍ତହୀନତାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଏହାର ଚିହ୍ନଟ ଓ ରୋଗରୁ ରକ୍ଷା ପାଇବା ପାଇଁ ସଚେତନତା ଜରୁରୀ। ୨୦୪୭ ସୁଦ୍ଧା ଏହି ରୋଗର ଦୂରୀକରଣ ଲକ୍ଷ୍ୟ ରହିଛି। ଓଡ଼ିଶାରେ ବିଶେଷ କରି ଜନଜାତି ବହୁଳ ଜିଲ୍ଲା ସମେତ ପ୍ରାୟ ୨୧ଟି ଜିଲାରେ ଏହି ରୋଗ ଦେଖାଦେଉଥିବା ଜଣାଯାଇଛି। ଏଥିପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ, ମହିଳା ଓ ଶିଶୁ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ, ସୂଚନା ଓ ଲୋକ ସମ୍ପର୍କ, ଗଣଶିକ୍ଷା, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ସେବା, କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ମିଳିତ ପ୍ରୟାସରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଛି।

ବୁଧବାର ସୁନ୍ଦରଗଡ଼ରେ ରାଜ୍ୟ ସ୍ତରୀୟ ଏବଂ ଚିହ୍ନଟ ହୋଇଥିବା ଅନ୍ୟ ସମସ୍ତ ୨୦ ଜିଲାରେ ଜିଲାସ୍ତରୀୟ ସ୍କ୍ରିନିଂ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ମିଶନ ମୋଡ୍‌ରେ ବ୍ୟାପକ ପ୍ରଚାରପ୍ରସାର ପାଇଁ ବିଭିନ୍ନ ପଦକ୍ଷେପ ନିଆଯିବ। ବିଶେଷକରି ଗର୍ଭବତୀ ମହିଳା ଓ ପ୍ରସୂତି ମା'ମାନଙ୍କୁ ସିକଲସେଲ ରୋଗର କାରଣ ଓ ଲକ୍ଷଣ ସମ୍ପର୍କରେ ସଚେତନ କରାଯିବ ବୋଲି ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ପ୍ରକାଶ କରିଥିଲେ। ୧୫ ଦିନ ଧରି ଏହି ସଚେତନତା କାର୍ଯ୍ୟକ୍ରମ ଅଭିଯାନ ପାଇଁ ସମ୍ପୃକ୍ତ ବିଭାଗ ଓ ଜିଲାପାଳମାନଙ୍କ ସହ ଆବଶ୍ୟକ ସମନ୍ୱୟ ଓ ଯୋଗାଯୋଗ କରାଯାଇଥିବା ସମ୍ପର୍କରେ ଏସ୍‌ଟି/ଏସ୍‌ସି ଉନ୍ନୟନ ବିଭାଗ ସଚିବ ରୂପାରୋଶନ ସାହୁ ପ୍ରକାଶ କରିଥିଲେ। ଜିଲାସ୍ତରୀୟ ଅଧିକାରୀ ଓ ସିଡିପିଓମାନଙ୍କୁ କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ସମ୍ପୃକ୍ତ ରହିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ବିଦ୍ୟାଳୟରେ ପ୍ରାର୍ଥନା ସମୟରେ ଛାତ୍ରୀଛାତ୍ରଙ୍କୁ ଏ ସମ୍ପର୍କରେ ସଚେତନ କରିବାକୁ ସେ ପରାମର୍ଶ ଦେଇଛନ୍ତି।

## ୬୭ ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୮।୬(ସୂର୍ଯ୍ୟକାନ୍ତ ବେହେରା)

ଏକ ଅନ୍‌ଲାଇନ ସଂସ୍ଥାରେ ଟଙ୍କା ବିନିଯୋଗ କଲେ ଅଧିକ ଫେରସ୍ତ ମିଳିବାର ଲୋଭ ଦେଖାଇ ଜଣେ ବ୍ୟକ୍ତିଙ୍କଠାରୁ ୬୭ ଲକ୍ଷ ଟଙ୍କା ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କଟକରେ ରହୁଥିବା ଢେଙ୍କାନାଳ ଗଁଦିଆ ସୁରପ୍ରତାପ ରାଜକିଶୋରପୁର ଗ୍ରାମର ଜିତୁ ଓରଫ ରାକେଶ କୁମାର ନାୟକ। ଏହି ଘଟଣାରେ ସମ୍ପୃକ୍ତ ସହଯୋଗୀ ଫେରାର ଥିବାରୁ ପୋଲିସ ତାଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଛି। ଠକେଇର ଶିକାର ରଶ୍ମିରଞ୍ଜନ ଧଳଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା (ନଂ. ୪୭୮/୨୦୨୪) ରୁଜୁ କରି ଏହି ପଦକ୍ଷେପ ଗ୍ରହଣ କରିଛି।

## ଦୁର୍ଘଟଣା ଘଟାଇଥିବା ମୋ ବସ୍ ଡ୍ରାଇଭରଙ୍କୁ ମାଡ଼

ଭୁବନେଶ୍ୱର,୧୮।୬(ସୂର୍ଯ୍ୟକାନ୍ତ ବେହେରା)

ଇନଫୋସିଟି ଥାନା ଅନ୍ତର୍ଗତ ସାଇମନ୍ଦିର ଛକ ରାସ୍ତାରେ ମଙ୍ଗଳବାର ରାତିରେ ଏକ ମୋ ବସ୍ ଧକ୍କାରେ ୨ଜଣ ସ୍କୁଟି ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଉତ୍ୟକ୍ତ ଲୋକେ ମୋ ବସ ଡ୍ରାଇଭରଙ୍କୁ ନିସ୍ଠୁର ପିଟିଛନ୍ତି। ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ଆକ୍ରମଣକାରୀଙ୍କ କବଳରୁ ଡ୍ରାଇଭରଙ୍କୁ ଉଦ୍ଧାର କରି ଘଟଣାର ତଦନ୍ତ ଚଳାଇଛି।

## ମହିଳା ଡାକ୍ତରଙ୍କୁ ଆକ୍ରମଣ: ଡାକ୍ତର ସ୍ୱାମୀ ଗିରଫ

ବାଲକାଟୀ,୧୮।୬(ମନୋଜ ମଣ୍ଡଳ)



ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡ୍ୟୁଟି ସମୟରେ ଜଣେ ମହିଳା ଡାକ୍ତର ଅନୁପମା ପଟ୍ଟନାୟକ(୩୫)ଙ୍କୁ ଛୁରିରେ ଆକ୍ରମଣ କରିବା ଘଟଣାରେ ଅଭିଯୁକ୍ତ ଡାକ୍ତର ସ୍ୱାମୀ ଅଭିନାଶ କୁମାର ପାତ୍ର(୩୫)ଙ୍କୁ ବାଲିଅନ୍ତା ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସୋମବାର ଅପରାହ୍ନରେ ପୋଲିସ ଅଭିନାଶଙ୍କୁ ରାତି ୯ଟା ପର୍ଯ୍ୟନ୍ତ ଥାନାରେ ଅଟକ ରଖି ଛାଡି ଦେଇଥିଲା। ମାତ୍ର ଏହି ଖବର 'ଧରିତ୍ରୀ' ଖବରକାଗଜରେ ମଙ୍ଗଳବାର ପ୍ରକାଶିତ ହେବା ପରେ ପୋଲିସ ତାଙ୍କୁ ପୂର୍ବାହ୍ନ ୧୧ଟା ୩୦ରେ ଭୁବନେଶ୍ୱରସ୍ଥିତ ଖଣ୍ଡଗିରି କୋଲଥିଆ ଘରୁ ଗିରଫ କରିଥିବା ଜଣାପଡ଼ିଛି, ଯାହା ଚର୍ଚ୍ଚାର ବିଷୟ ହୋଇଛି। ପୋଲିସ ଅନୁପମାଙ୍କ ଅଭିଯୋଗରେ ୨୯୪/୨୪ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

ସୂଚନାଯୋଗ୍ୟ, ଅନୁପମା ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଥିବାବେଳେ ଗତ ବର୍ଷ ଖୋର୍ଦ୍ଧା ଜିଲା ସୁନାଖଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଚାକିରି କରୁଥିବା ଅଭିନାଶଙ୍କୁ ବିବାହ କରିଥିଲେ। ପରେ ସେମାନଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହେବାରୁ ଦୁହେଁ ଅଲଗା ରହିଲେ। ହେଲେ ଅଭିନାଶଙ୍କ ନାମରେ ଅନୁପମା ମହିଳା କମିଶନରେ କେସ୍ କରିବାରୁ ଉଭୟଙ୍କ ମଧ୍ୟରେ ଆହୁରି ତିକ୍ତତା ବଢିଥିଲା। ସୋମବାର ଅନୁପମା ରୋଗୀ ଦେଖୁଥିବାବେଳେ ଅଭିନାଶ ସେଠାରେ ପହଞ୍ଚି ତାଙ୍କୁ ଛୁରିରେ ଆକ୍ରମଣ ଉଦ୍ୟମ କରିଥିଲେ। ଖବର ପାଇ ବାଲକାଟୀ ଫାଣ୍ଡି ପୋଲିସ ସେଠାରେ ପହଞ୍ଚି ଅଭିନାଶଙ୍କୁ ଥାନାକୁ ନେଇଥିଲା। ରାତି ୭ଟାରେ ତାଙ୍କୁ ଥାନାକୁ ନିଆଯାଇଥିଲା। ଥାନା ବାବୁ ଘଟଣା ସମ୍ପର୍କରେ ଜାଣି ମଧ୍ୟ ଅଭିଯୁକ୍ତଙ୍କୁ ଛାଡ଼ି ଦେଇଥିଲେ। ତେବେ ମଙ୍ଗଳବାର ତାଙ୍କୁ ପୋଲିସ ଗିରଫ କରିଛି। ଏ ନେଇ କେସ ନେଇଥିବା ବାଲକାଟୀ ଫାଣ୍ଡି ପ୍ରଦୀପ ଖୁଣ୍ଟିଆଙ୍କୁ ପଚାରିବାରେ, ଡାକ୍ତର ଜଣକ ମାନସିକ ରୋଗୀ, ମେଡିସିନ ଖାଉଛନ୍ତି। ତେଣୁ ଘରକୁ ଛାଡ଼ିଦେଇଥିଲୁ। ମଙ୍ଗଳବାର ୧୦ଟାବେଳେ ପୁଣି ଥାନାରେ ହାଜର ହେବାକୁ କହିଥିବା କହି କଥା ଏଡାଇ ଦେଇଥିଲେ।

## ଭିଜାଇଲା ବର୍ଷା, ଥଣ୍ଡାହେଲା ରାଜଧାନୀ

ଭୁବନେଶ୍ୱର, ୧୮।୬ (ବନ୍ଦନା ସେଠୀ)

ସୋମବାର ପରି ମଙ୍ଗଳବାର ମଧ୍ୟ ରାଜଧାନୀ ଭୁବନେଶ୍ୱରରେ ବର୍ଷା ହୋଇଛି। ବର୍ଷାରେ ସହର ଭିଜିବା ସହ ଥଣ୍ଡା ହୋଇଛି। ସକାଳୁ ପ୍ରବଳ ଗରମ ଓ ଗୁଳୁଗୁଳି ହେଉଥିବାବେଳେ ହଠାତ୍ ଅପରାହ୍ନ ବେଳକୁ ପାଗରେ ପରିବର୍ତ୍ତନ ଦେଖାଦେଇଥିଲା। ଅପରାହ୍ନ ପ୍ରାୟ ୧ଟା ୩୦ ବେଳକୁ ଆକାଶରେ କଳାହାଣ୍ଡିଆ ମେଘ ଘୋଟିଆସିବା ସହ ଘଡ଼ଘଡ଼ି ବିଜୁଳି ମାରିଥିଲା। ଏହାପରେ ଆରମ୍ଭ ହୋଇଯାଇଥିଲା ବର୍ଷା, ପବନ। ମୌସୁମୀକୁ ଅପେକ୍ଷା କରି ସହରବାସୀ ଗରମରେ ଛଟପଟ ହେଉଥିବାବେଳେ ଏହି ବର୍ଷା ଆଶ୍ୱସ୍ତି ଦେଇଛି। ତେବେ ପ୍ରବଳ ଘଡ଼ଘଡ଼ି ମାରୁଥିବାରୁ ଏଥିରୁ ରକ୍ଷା ପାଇବା ପାଇଁ ଲୋକମାନେ ଓଭରବ୍ରିଜ୍ ତଳ, ଦୋକାନ ବାରଣ୍ଡା ଆଦିରେ ଆଶ୍ରୟ ନେଇଥିଲେ। ଅପରପକ୍ଷେ ବର୍ଷା ପବନ ଯୋଗୁ ସହରର ଅନେକ ସ୍ଥାନରେ ଗଛ ଉପୁଡି ପଡିଥିଲା। ଫଳରେ କିଛି ସମୟ ପାଇଁ ଜୀବନଯାତ୍ରା ପ୍ରଭାବିତ ହୋଇଥିଲା। ପରେ ବିଏମ୍‌ସି ପକ୍ଷରୁ ଉପୁଡି ପଡିଥିବା ଗଛକୁ କଟାଯାଇ ରାସ୍ତା ସଫା କରାଯାଇଥିଲା। ସେହିପରି ପ୍ରବଳ ବର୍ଷା ଯୋଗୁ ଇସ୍କନ ମନ୍ଦିର ସମ୍ମୁଖ, ବମିଖାଲ ଓଭରବ୍ରିଜ୍ ନିକଟ ସମେତ ବିଭିନ୍ନ ରାସ୍ତାରେ ପାଣି ଜମିବା ସହ ବହୁ ଅଞ୍ଚଳରେ କିଛି ସମୟ ପାଇଁ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଥିସହ ରାତି ପର୍ଯ୍ୟନ୍ତ ଝିପି ଝିପି ବର୍ଷା ଜାରି ରହିଥିଲା। ଥଣ୍ଡା ପବନ ପାଇବା ପରେ ସହରବାସୀ ମୌସୁମୀ ବର୍ଷା ଆସିଯାଇଥିବା ଅନୁଭବ କରୁଛନ୍ତି।





ଭୁବନେଶ୍ୱରରେ ମଙ୍ଗଳବାର ଅପରାହ୍ନରେ ହୋଇଥିବା ବର୍ଷାରେ ବମିଖାଲ ରାସ୍ତାରେ ପାଣିର ସୁଅ।

## ଜଙ୍ଗଲ ଅଧିବାସୀଙ୍କ ଆୟ, ଜୀବନଶୈଳୀରେ ଉନ୍ନତି ଅଣାଯିବ

### ଜଙ୍ଗଲ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ

ଭୁବନେଶ୍ୱର,୧୮।୬(ଶର୍ମିଷ୍ଠା ପାଣିଗ୍ରାହୀ)



ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆଙ୍କୁ ବିଭାଗ ପକ୍ଷରୁ ସ୍ୱାଗତ କରାଯାଉଛି।

ପ୍ରକୃତି ଓ ପ୍ରଗତି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ପ୍ରକୃତି ଓ ପରିବେଶ ରହିଲେ ହିଁ ପ୍ରଗତି କଥା ଚିନ୍ତା କରାଯାଇପାରେ। ଏଥିରେ ସମନ୍ୱୟ ରକ୍ଷା କରି ଗଢ଼ା ହେବ ସବୁଜ ଓଡ଼ିଶା। ଜନସଚେତନତା ଓ ଜନସାଧାରଣଙ୍କ ପ୍ରତ୍ୟକ୍ଷ ଯୋଗଦାନ ବିନା ଜଙ୍ଗଲ ସମ୍ପଦର ସଂରକ୍ଷଣ ଓ ସମୃଦ୍ଧି କଷ୍ଟକର। ଜଙ୍ଗଲ ନିକଟରେ ବସବାସ କରୁଥିବା ଅଧିବାସୀଙ୍କ ଦାରିଦ୍ର୍ୟ ଦୂରୀକରଣ କରାଯାଇ ସେମାନଙ୍କ ଆୟ ଓ ଜୀବନଶୈଳୀରେ ଉନ୍ନତି ଆଣିବା ପାଇଁ ନୂତନ ସରକାର ବଦ୍ଧପରିକର ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ପ୍ରକାଶ କରିଛନ୍ତି। ମଙ୍ଗଳବାର ଖାରବେଳ ଭବନସ୍ଥିତ ବିଭାଗର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଏହା କହିଛନ୍ତି।

ମନ୍ତ୍ରୀ ସିଂ ଖୁଣ୍ଟିଆ ପହଞ୍ଚିବା ପରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରିଥିଲେ। ବିଭାଗୀୟ ଅଧିକାରୀମାନେ ରାଜ୍ୟରେ ଜଙ୍ଗଲ, ଅଭୟାରଣ୍ୟ, ପରିବେଶ ଓ ବନ୍ୟଜନ୍ତୁ ଏବଂ ବିଭାଗର ବିଭିନ୍ନ ଅଙ୍ଗ ଏବଂ ସ୍ୱୟଂଶାସିତ ସଂସ୍ଥାଗୁଡ଼ିକର କାର୍ଯ୍ୟଧାରା, ସ୍ଥିତି ଓ ପ୍ରକଳ୍ପର ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ଜଳବାୟୁ ପରିବର୍ତ୍ତନ ଯୋଗୁ ଓଡ଼ିଶାରେ କ୍ରମଶଃ ଉତ୍ତାପ ବୃଦ୍ଧି ଘଟୁଛି। ଏଥିସହ ପ୍ଲାଷ୍ଟିକ ଓ ପଲିଥିନର ଅନିୟନ୍ତ୍ରିତ ବ୍ୟବହାର ଯୋଗୁ ପରିବେଶ ପ୍ରଦୂଷଣ ବଢୁଛି। ଆଗାମୀ ଭବିଷ୍ୟତ ଓ ଜୀବଜନ୍ତୁଙ୍କ ସଂରକ୍ଷଣ ଦୃଷ୍ଟିରେ ରଖି ଏଗୁଡିକ ଉପରେ କାର୍ଯ୍ୟ କରିବା ସହ ସରକାରଙ୍କ ସମସ୍ତ ଯୋଜନା ଓ ସହାୟତା ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ବନବାହିନୀ ମୁଖ୍ୟ ଦେବୀଦତ୍ତ ବିଶ୍ୱାଳ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ପ୍ରକଳ୍ପ) ଡ. ମିତା ବିଶ୍ୱାଳ, ସ୍ୱତନ୍ତ୍ର ଶାସନ ସଚିବ ଡ. କେ. ମୁରୁଗେସନ, ମୁଖ୍ୟ ବନ ସଂରକ୍ଷକ(ବନ୍ୟପ୍ରାଣୀ) ତଥା ନିର୍ଦ୍ଦେଶକ, ନନ୍ଦନକାନନ ମନୋଜ ନାୟାର, ସ୍ୱତନ୍ତ୍ର ଶାସନ ସଚିବ ଓଏସଡି ଲିଙ୍ଗରାଜ ଓତା, ସ୍ୱତନ୍ତ୍ର ଶାସନ ସଚିବ ଏ.କେ. ପଟ୍ଟନାୟକ, ଅତିରିକ୍ତ ଶାସନ ସଚିବ ଦେବେନ ପ୍ରଧାନ, ଅତିରିକ୍ତ ଶାସନ ସଚିବ ଧରମ ହାଁସଦା, ଅତିରିକ୍ତ ଶାସନ ସଚିବ ଉଷାରାଣୀ ଦାସ, ବିତ୍ତ ପରାମର୍ଶଦାତା କଲ୍ୟାଣୀ ମଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ।

**ସରପଞ୍ଚଙ୍କ ନାମରେ ଯୌତୁକ ନିର୍ଯାତନା ଅଭିଯୋଗ**

ନିଶ୍ଚିନ୍ତକୋଇଲି,: (ଅଶୋକ କୁମାର ମହାପାତ୍ର): ନିଶ୍ଚିନ୍ତକୋଇଲି ବ୍ଲକ କଟିକଟା ପଞ୍ଚାୟତ ସରପଞ୍ଚ ଚିତ୍ତରଞ୍ଜନ ମଲ୍ଲିକଙ୍କ ନାମରେ ଯୌତୁକ ନିର୍ଯାତନା ଅଭିଯୋଗ ହୋଇଛି। ଏନେଇ ସ୍ତ୍ରୀ ରୁବି ମଲ୍ଲିକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୧୪୪/୨୪) ରୁଜୁ କରିଛି। ତାଙ୍କ ଅଭିଯୋଗ ଅନୁଯାୟୀ, ଚିତ୍ତରଞ୍ଜନ କଟିକଟା ପଞ୍ଚାୟତର ପଶ୍ଚିମଖଣ୍ଡଭୋଳ(ମୀରା ସାହି)ରେ ରୁହନ୍ତି। ସେ ଦୀର୍ଘଦିନ ହେବ ରୁବିଙ୍କୁ ଶାରୀରିକ ଓ ମାନସିକ ଭାବେ ନିର୍ଯାତନା ଦେଇଆସୁଥିଲେ। ଯନ୍ତ୍ରଣା ଅସହ୍ୟ ହେବାରୁ ଶେଷରେ ଥାନାରେ ଲିଖିତ ଅଭିଯୋଗ କରିଥିବା ରୁବି ଦର୍ଶାଇଛନ୍ତି। ଏନେଇ ତଦନ୍ତ ଜାରି ରହିଛି ବୋଲି ଆଇଆଇସି ଯୁଗଳ କିଶୋର ଦାସ କହିଛନ୍ତି।

## ସଂକ୍ଷେପରେ

### ସାପ କାମୁଡ଼ାରେ ମହିଳା ମୃତ

ତିଗିରିଆ,୧୮।୬(ଜାଫର ଖାଁ)

ତିଗିରିଆ ଥାନା ବାଲିପୁଟ ପଞ୍ଚାୟତ ଅନ୍ତର୍ଗତ ଗୋଦରାବନ୍ଧ ଗ୍ରାମରେ ସୋମବାର ରାତିରେ ନାଗସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ନନ୍ଦକିଶୋର ପ୍ରଧାନଙ୍କ ସ୍ତ୍ରୀ ମୀନା (୪୫)। ସୋମବାର ରାତିରେ ସେ ଘରେ ଶୋଇଥିବାବେଳେ ଏକ ନାଗସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ସାପଟିକୁ ମାରିଦେଇ ମୀନାଙ୍କୁ ନେଇ ତିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ତିଗିରିଆ ଥାନା ଏଏସଆଇ ବିକାଶ ରଞ୍ଜନ ବିଶ୍ୱାଳ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛନ୍ତି। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ. ୯/୨୪) ରୁଜୁ ହୋଇଛି।

### କୃଷକ ପରିଷଦ ସଭାପତିଙ୍କର ଦ୍ୱାଦଶ ଦିବସରେ ଶ୍ରଦ୍ଧାଞ୍ଜଳି ସଭା

ବାଙ୍କୀ,୧୮।୬(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଉପଖଣ୍ଡ ପଶ୍ଚିମ ବାଙ୍କୀ କୃଷକ ପରିଷଦର ସଭାପତି ସ୍ୱର୍ଗତ ତ୍ରିଲୋଚନ ମଲ୍ଲିକଙ୍କର ଦ୍ୱାଦଶ ଦିବସରେ ଶ୍ରଦ୍ଧାଞ୍ଜଳି ସଭା ଇଚ୍ଛାପୁର ବାଲୁଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ଖଣ୍ଡାୟତ ନଅ ରାଜ୍ୟର କର୍ମକର୍ତ୍ତା, ଶିକ୍ଷକ ସମାଜର ପ୍ରତିନିଧିଗଣ ଓ ପଶ୍ଚିମ ବାଙ୍କୀ କୃଷକ ପରିଷଦର ସଭ୍ୟମାନେ ଯୋଗଦାନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ନଅ ଖଣ୍ଡାୟତ ରାଜ୍ୟର ସଭାପତି ତଥା ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟଅତିଥି, ଗଣେଶ୍ୱର ସ୍ୱାଇଁ ମୁଖ୍ୟବକ୍ତା ଏବଂ ନଅ ଖଣ୍ଡାୟତ ରାଜ୍ୟର ପ୍ରତିନିଧି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶଶାଙ୍କ ଶେଖର ସ୍ୱାଇଁ, ଗଦାଧର ସ୍ୱାଇଁ, ପ୍ରମୋଦ କୁମାର ସ୍ୱାଇଁ, କବିଚନ୍ଦ୍ର ପରିଡ଼ା, ଦୁର୍ଯ୍ୟୋଧନ ବସ୍ତି, ମୁରଲୀଧର ସ୍ୱାଇଁ , ପ୍ରତାପ କୁମାର ରାଉତରାୟ, ଶିକ୍ଷକ ପ୍ରତିନିଧି ଭାବେ ମାୟାଧର ମହାନ୍ତି, ଚିନ୍ତାମଣି ପ୍ରାଣିଗ୍ରାହୀ, କୃଷକ ପ୍ରତିନିଧି ପ୍ରଦ୍ୟୁମ୍ନ କୁମାର ସୁବୁଦ୍ଧି, ସିଦ୍ଧେଶ୍ୱର ପାଇକରାୟ, କବି ରବୀନ୍ଦ୍ର କୁମାର ଛୋଟରାୟ, ରବିନାରାୟଣ ମଙ୍ଗରାଜ, କମଳକାନ୍ତ ପ୍ରହରାଜ, ପ୍ରସନ୍ନ ରାଉତରାୟ, ସୁବାସ ମଲ୍ଲିକ, ପ୍ରକାଶ ମଲ୍ଲିକଙ୍କ ସମେତ ୨ଶହରୁ ଊର୍ଦ୍ଧ୍ୱ ଚାଷୀ ଯୋଗ ଦେଇ ସ୍ମୃତିଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ କୃଷକ ପରିଷଦର ସମ୍ପାଦକ ଆଇନଜୀବୀ ପ୍ରଦୀପ କୁମାର ପଟ୍ଟନାୟକ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଖଣ୍ଡାୟତ ଜାତିର ସମସ୍ତ କର୍ମକର୍ତ୍ତାଙ୍କୁ ବସ୍ତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କର ପୁତ୍ର ସନ୍ତୋଷ କୁମାର ମଙ୍ଗରାଜ ସମସ୍ତଙ୍କୁ କୃତଜ୍ଞତା ପ୍ରକାଶ କରିଥିଲେ। ଏହି କାର୍ଯ୍ୟରେ ମଲ୍ଲିକଙ୍କ କନିଷ୍ଠପୁତ୍ର, କନ୍ୟା ଓ ପରିବାରବର୍ଗ ଉପସ୍ଥିତ ଥିଲେ। ଶେଷରେ ଶିକ୍ଷକ ପ୍ରତିନିଧି ରବୀନ୍ଦ୍ର କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ୫୦ ବର୍ଷର ଭୋଜନାଳୟକୁ ମିଳିବ ଐତିହ୍ୟ ମାନ୍ୟତା

**ଇନ୍‌ଟାକ୍ ପକ୍ଷରୁ ୩ ଜଣିଆ କମିଟି ଗଠନ**

କଟକ, ୧୮।୬(ଶିଳ୍ପା ପ୍ରିୟଦର୍ଶିନୀ)







କଟକ ସହରରେ ଥିବା ୫୦ବର୍ଷରୁ ଅଧିକ ପୁରୁଣା ହୋଟେଲ ଓ ରେଷ୍ଟୁରାଣ୍ଟକୁ ଐତିହ୍ୟ ମାନ୍ୟତା ପ୍ରଦାନ କରାଯିବ। ଏଥିପାଇଁ ଇଣ୍ଡିଆନ୍ ନ୍ୟାଶନାଲ ଟ୍ରଷ୍ଟ ଫର୍ ଆର୍ଟ ଆଣ୍ଡ କଲ୍‌ଚରାଲ ହେରିଟେଜ୍ (ଇନ୍‌ଟାକ୍) ପକ୍ଷରୁ କାର୍ଯ୍ୟ ଆରମ୍ଭ ହୋଇଛି। ଇନ୍‌ଟାକ୍ କଟକ ଶାଖା ପକ୍ଷରୁ ଏହି ପ୍ରକଳ୍ପର ସଞ୍ଚାଳନ ପାଇଁ ୩ ଜଣିଆ କମିଟି ଗଠନ କରାଯାଇଛି। ଏହି କମିଟିରେ ରତ୍ନ ପଟ୍ଟନାୟକ, କୁଞ୍ଜବିହାରୀ ଜେନା ଓ ଦୀପକ କୁମାର ନାୟକ ଅଛନ୍ତି। ଇନ୍‌ଟାକ୍ କଟକ ଶାଖାର ଯୁବ ସଦସ୍ୟ ସୁମନ ପ୍ରକାଶ ସ୍ୱାଇଁ ଏହି ଡକ୍ୟୁମେଣ୍ଟେଶନ ଦାୟିତ୍ୱରେ ରହିଛନ୍ତି।

ସହରରେ ବମ୍ବେ ହୋଟେଲ, ସ୍ୱରାଜ ହୋଟେଲ, ମାରୱାଡି ହୋଟେଲ ଭଳି ଅନେକ ପ୍ରମୁଖ ଭୋଜନାଳୟ ରହିଛି। ଏହି ପୁରୁଣା ଭୋଜନାଳୟର ମାଲିକମାନେ ସ୍ଥାନୀୟ ଲୋକଙ୍କ ସମେତ କଟକକୁ ଆସୁଥିବା ଆଗନ୍ତୁକମାନଙ୍କୁ ସୁସ୍ୱାଦୁ ଖାଦ୍ୟପେୟରେ ଆପ୍ୟାୟିତ କରିଆସୁଛନ୍ତି। କଟକ ସହରର ସଂସ୍କୃତି କ୍ଷେତ୍ରରେ ଏହି ପୁରୁଣା ଭୋଜନାଳୟଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଆସୁଛି। ଏଭଳି ଭୋଜନାଳୟକୁ ଚିହ୍ନଟ କରାଯାଇ ସେଥିରେ ପୁଷ୍ଟିକର ଓ ସୁସ୍ୱାଦଯୁକ୍ତ ଖାଦ୍ୟ ପରସା ଯିବା, ଖାଇବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ଭଳି ବିଭିନ୍ନ ଜିନିଷ ଚିହ୍ନଟ କରାଯିବ। ଏନେଇ ଇନ୍‌ଟାକ୍ କଟକ ଶାଖାର ଆବାହକ ଇଂ. ଗୋପାଳକୃଷ୍ଣ ବେହେରା କହିଛନ୍ତି, 'ଲିଷ୍ଟିଙ୍ଗ ଆଣ୍ଡ ଡକ୍ୟୁମେଣ୍ଟେଶନ ଅଫ୍ ହେରିଟେଜ୍ ଇଟେରିଜ ଇନ୍ କଟକ ସିଟି' ନାମକ ଏହି ପ୍ରକଳ୍ପ କ୍ରମରେ କଟକ ସହରରେ ୫୦ ବର୍ଷରୁ ଅଧିକ ପୁରୁଣା ଭୋଜନାଳୟଗୁଡ଼ିକୁ ଚିହ୍ନଟ କରାଯିବ। ସେଗୁଡ଼ିକ ସମ୍ପର୍କରେ ସବିଶେଷ ତଥ୍ୟ ସଂଗ୍ରହ କରାଯାଇ ଏକ ପୁସ୍ତକ ପ୍ରକାଶ ପାଇବ। ଏହି ତାଲିକା ପ୍ରସ୍ତୁତି ସମୟରେ ଭୋଜନାଳୟଗୁଡ଼ିକ ଦ୍ୱାରା ଦିଆଯାଉଥିବା ଖାଦ୍ୟର ଗୁଣବତ୍ତା, ସ୍ୱଚ୍ଛତା, ଭୋଜନାଳୟଗୁଡ଼ିକରେ ଗ୍ରାହକଙ୍କ ପ୍ରତି ବ୍ୟବହାରକୁ ଅଧିକ ଗୁରୁତ୍ୱ ଦିଆଯିବ। କିଛି ଭୋଜନାଳୟକୁ ଇନ୍‌ଟାକ୍ କଟକ ଶାଖା ପକ୍ଷରୁ ହେରିଟେଜ ବ୍ୟାଜ୍ ଓ ମାନପତ୍ର ମଧ୍ୟ ପ୍ରଦାନ କରାଯିବ। ଏହାଦ୍ୱାରା ଏହି ପୁରୁଣା ହୋଟେଲଗୁଡ଼ିକର ବ୍ୟବସାୟରେ ଉନ୍ନତି ସମେତ ବାହାର ସ୍ଥାନରୁ ଆସୁଥିବା ଲୋକମାନେ ଦେଶୀ ଖାଦ୍ୟର ମଜା ନେଇପାରିବେ ବୋଲି ବେହେରା କହିଛନ୍ତି।

# ରଥଯାତ୍ରା ପ୍ରସ୍ତୁତି ବୈଠକ

ବାଙ୍କୀ,୧୮।୬(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ବ୍ଲକ ଅନ୍ତର୍ଗତ ସରଣ୍ଡାଗଡ ଅଧୀନ ସୁବର୍ଣ୍ଣପୁର ଶ୍ରୀ ଶ୍ରୀତୃତୀୟ ଦେବ ଜୀଉଙ୍କ ରଥଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଗ୍ରାମ୍ୟ କମିଟି ସଭାପତି ରମେଶ ଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ରଥଯାତ୍ରା ସମ୍ପର୍କରେ ସେବାୟତମାନଙ୍କୁ ନେଇ ଆଲୋଚନା କରାଯାଇଥିଲା। କଟକ ଜିଲା ଏହି ମନ୍ଦିର ବହୁ ସର୍ବପୁରାତନ ହୋଇଥିଲେ ମଧ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ କୌଣସି ସାହାଯ୍ୟ ସହଯୋଗ ମିଳୁ ନ ଥିବା ବେଳେ ପ୍ରଶାସନିକ କ୍ଷେତ୍ରରେ ବହୁ ଅବହେଳା ପ୍ରଦର୍ଶିତ ହେଉଥିବା ଆଲୋଚନା କରାଯାଇଥିଲା। କିଛି ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ପ୍ରତ୍ୟେକ ବର୍ଷ ରଥ ନିର୍ମାଣ କରାଯାଉଛି। ଚଳିତବର୍ଷ ଏଠାରେ ରଥ ନିର୍ମାଣ ପାଇଁ ଆର୍ଥିକ ସହଯୋଗ କରିବାକୁ ଜଗନ୍ନାଥ ପ୍ରେମୀ ଭକ୍ତମାନଙ୍କୁ ଅନୁରୋଧ କରାଯାଇଛି। ବୈଠକରେ ଗନ୍ଧର୍ବ ଦଳେଇ, ଭୁବନାନନ୍ଦ ପଣ୍ଡା, ଶାନ୍ତନୁ କୁମାର ପଣ୍ଡା, ଶୁଭେନ୍ଦୁ କୁମାର ମହାପାତ୍ର, ଦେବେନ୍ଦ୍ର ଖଟୁଆ, ବିଜୟ କୁମାର ଖଟୁଆ, ସହଦେବ ସେଠୀ, ପ୍ରଭାତ କୁମାର ଦଳେଇ, ପ୍ରମୋଦ କୁମାର ସାହୁ, ଜୟଦେବ ବେହେରା, ରୋହିତ ବେହେରାଙ୍କ ସମେତ ମନ୍ଦିର ସେବାୟତମାନେ ଯୋଗଦେଇଥିଲେ।

# ଶୋଭାଯାତ୍ରାରେ ସଚେତନତା ବାର୍ତ୍ତା

**ବିଶ୍ୱ କୁମ୍ଭୀର ଦିବସ ପାଳନ**

ଖୁଣ୍ଟୁଣୀ,୧୮।୬(ସଚ୍ଚିଦାନନ୍ଦ ପଣ୍ଡା)

ବିଶ୍ୱ କୁମ୍ଭୀର ଦିବସ ଅବସରରେ ଖୁଣ୍ଟୁଣୀ ବନାଞ୍ଚଳ ପକ୍ଷରୁ କୁମ୍ଭୀର ଓ ଜନସାଧାରଣଙ୍କ ନିରାପତ୍ତା ପାଇଁ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁଙ୍କ ନେତୃତ୍ୱରେ ସୋମବାର କଖଡ଼ି ଗ୍ରାମଠାରୁ ସଚେତନତା ଶୋଭାଯାତ୍ରା ବାହାରି ବ୍ରହ୍ମପୁର ବାରୁଣୀ ପଡିଆଠାରେ ପହଞ୍ଚିଥିଲା। ବିଶେଷକରି କୁମ୍ଭୀରଠାରୁ ନଦୀକୂଳ ଗ୍ରାମବାସୀଙ୍କ ଜୀବନ ରକ୍ଷା କରିବା ଓ କୁମ୍ଭୀରଙ୍କ ସୁରକ୍ଷା ପାଇଁ ଲୋକଙ୍କୁ ସଚେତନ କରାଯାଇଥିଲା। ଆଠଗଡ଼ ବନଖଣ୍ଡ ପକ୍ଷରୁ ଖୁଣ୍ଟୁଣୀ, ଆଠଗଡ଼, ବଡମ୍ବା, ନରସିଂହପୁର ଆଦି ଅଞ୍ଚଳରେ ସୋମବାରଠାରୁ ଏହି ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବନ୍ୟା ସମୟରେ ଲୋକମାନେ ନଦୀ, ନାଳରେ ଗାଧୋଇବାବେଳେ ସତର୍କତା ଅବଲମ୍ବନ କରିବାକୁ ବନ ବିଭାଗ ପରାମର୍ଶ ଦେଇଛି। କୌଣସି ସ୍ଥାନରେ କୁମ୍ଭୀର ଦେଖାଗଲେ ତୁରନ୍ତ ବନ ବିଭାଗକୁ ଖବର ଦେବାକୁ କୁହାଯାଇଛି। ଏହାଦ୍ୱାରା ଉଭୟ କୁମ୍ଭୀର ନିରାପତ୍ତା ସାଙ୍ଗକୁ ସାଧାରଣ ଲୋକଙ୍କ ଜୀବନ ରକ୍ଷା କରିବାରେ ସହାୟକ ହେବ ବୋଲି ବନାଞ୍ଚଳ ଅଧିକାରୀ ସାହୁ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଆଠଗଡ଼ ସହକାରୀ ବନ ସଂରକ୍ଷକ ସୁଶାନ୍ତ କୁମାର ଲେଙ୍କା, ବନପାଳ ସୋନାଲୀ ନାଥଙ୍କ ସମେତ ବନରକ୍ଷୀ, ସ୍ଥାନୀୟ ଜନସାଧାରଣ ଓ ମାଛଧରାଳିମାନେ ଅଂଶଗ୍ରହଣ କରିଥିଲେ।

# କାଳବୈଶାଖୀ ପ୍ରଭାବ: ଗଛ ପଡ଼ି ଘର ଭାଙ୍ଗିଲା

ତିଗିରିଆ, ୧୮।୬(ଜାଫର ଖାଁ)


ଗଛପଡ଼ି ଘର ଭାଙ୍ଗିଯାଇଛି।

କାଳବୈଶାଖୀ ପ୍ରଭାବରେ ତିଗିରିଆ ଜେମାଦେଇପୁର ପଞ୍ଚାୟତ ଅନ୍ତର୍ଗତ ଗୋଡିସାହିରେ ମଙ୍ଗଳବାର ଅପରାହ୍ଣରେ ପ୍ରବଳ ବର୍ଷା, ପବନ ଓ ବଜ୍ରପାତ ହୋଇଛି। ଏହି ସମୟରେ ଏକ ଗଛ ଭାଙ୍ଗି ପଡ଼ିବାରୁ ବଖରାଏ ଘର ଭାଙ୍ଗିଥିବା ବେଳେ ୨ଟି ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ମାତ୍ର କୌଣସି ଲୋକଙ୍କର କିଛି କ୍ଷୟକ୍ଷତି ହୋଇନାହିଁ।

ଖବର ଅନୁଯାୟୀ ବର୍ଷା ପବନ ଓ ବଜ୍ରପାତ ଯୋଗୁ ଗଛ ଡାଳ ଭାଙ୍ଗି ଅଖିଳ ନାଏକଙ୍କ ଗୋଟିଏ ବଖରା ଘର ଭାଙ୍ଗି ଯାଇଛି। ନିକଟରେ ଥିବା କୁଳମଣି ନାଏକ ଓ ରବୀନ୍ଦ୍ର ନାଏକଙ୍କ ଘରି ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ଅପରପକ୍ଷେ ତାର ଛିଡ଼ିଯିବାରୁ ସେଠାରେ ବିଦ୍ୟୁତ୍ ଯୋଗାଣ ବ୍ୟାହତ ହୋଇଛି। ଖବରପାଇ ନିଜିଗଡ଼ ରାଜସ୍ୱ ନିରୀକ୍ଷକ ରାମନାଥ ଗୁରୁ ପହଞ୍ଚି କ୍ଷୟକ୍ଷତିର ତଦନ୍ତ କରିଛନ୍ତି। ବୁଧବାର ସେମାନଙ୍କ ପରିବାରକୁ ପଲିଥିନ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

### ବାଦୀପାଲା ମହୋତ୍ସବ ଶେଷ

ମାହାଙ୍ଗା,୧୮।୬ (ଯଯାତି ସିଂହ):

ମାହାଙ୍ଗା ବ୍ଲକ ଅଧିନ ପ୍ରସିଦ୍ଧ ବୌଦ୍ଧପୀଠ ଲଳିତଗିରିଠାରେ ୩ ଦିନ ଧରି ବାଦିପାଲା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ମହୋତ୍ସବରେ ଓଡ଼ିଶାର ପ୍ରତିଷ୍ଠିତ ଗାୟକ ଅଧ୍ୟାପକ ଅଭିରାମ ଶତପଥୀ ଓ ପଣ୍ଡିତ କୁଳମଣି ପଣ୍ଡାଙ୍କ ମଧ୍ୟରେ ପାଲା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମହାଭାରତ ପୁରାଣ ଦାର୍ଡ୍ୟତା ଭକ୍ତିର କଥାବସ୍ତୁ ସହ ବର୍ତ୍ତମାନର ଜନଜୀବନକୁ କିଭଳି ପ୍ରତିଫଳିତ କରୁଛି ଗାୟକମାନେ ଅତି ସୁନ୍ଦର ଭାବରେ ଉପସ୍ଥାପନା କରିଥିଲେ। ଏଥିସହ ସହଯୋଗୀ ପାଳିଆଙ୍କ ଦ୍ୱାରା ଢଗଢମାଳି ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଏହି ପାଲା ମହୋତ୍ସବକୁ ପାଲା କମିଟିର ସଦସ୍ୟ ଓ ଗ୍ରାମବାସୀ ପରିଚାଳନା କରିଥିଲେ । ସୂଚନାଯୋଗ୍ୟ, ଉତ୍କଳୀୟ ସଂସ୍କୃତିର ପ୍ରତୀକ ବିଦଗ୍ଧ କଳା ପାଲା ମହୋତ୍ସବ ସମ୍ପୃକ୍ତ ଗ୍ରାମରେ ୮୧ବର୍ଷ ଧରି ଆୟୋଜନ କରାଯାଉଛି।


**ଗ୍ରୀଷ୍ମ ଅବକାଶ ପରେ ମଙ୍ଗଳବାର ସ୍କୁଲ ଖୋଲିଲା:** କଟକ ଗୌରୀଶଙ୍କର ପାର୍କ ନିକଟ ରେଭେନ୍‌ଶା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ଛାତ୍ରୀମାନେ ସ୍କୁଲ ଛୁଟି ପରେ ଘରକୁ ଫେରୁଛନ୍ତି।

### ବଜ୍ରପାତରେ ମହିଳା ଗୁରୁତର

କଟକ ସଦର, ୧୮।୬(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ବନ୍ତଣିଆ ଗ୍ରାମର ଏକ ମଠରେ ମଙ୍ଗଳବାର ଅପରାହ୍ଣରେ ବଜ୍ରପାତ ଘଟି ଜଣେ ମହିଳା ଗୁରୁତର ହୋଇଛନ୍ତି। ତାଙ୍କ ପରିଚୟ ମିଳି ନ ଥିବାବେଳେ ଚିକିତ୍ସା ଲାଗି ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ଉକ୍ତ ମଠରେ ଏକ ମାନସିକ ପୂଜା ଚାଲିଥିଲା। ଏହି ସମୟରେ ହଠାତ୍ ବର୍ଷା ସହ ବଜ୍ରପାତ ହେବାରୁ ୨୦ରୁ ଊର୍ଦ୍ଧ୍ୱ ମହିଳାପୁରୁଷ ସାମାନ୍ୟ ଆହତ ହୋଇଥିଲେ। ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଛାଡି ଦିଆଯାଇଥିଲା। ହେଲେ ମହିଳା ଜଣଙ୍କ ଗୁରୁତର ହୋଇପଡିଥିଲେ।

# ଆଇନଜୀବୀ ପ୍ରସନ୍ନ ନନ୍ଦଙ୍କୁ ନାଗରିକ ସମ୍ବର୍ଦ୍ଧନା



ଆଇନଜୀବୀ ପ୍ରସନ୍ନ ନନ୍ଦଙ୍କୁ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

କଟକ,୧୮।୬ (କାର୍ତ୍ତିକ ସାହୁ)

ୱାଇଜ୍‌ମ୍ୟାନ୍ ଇଣ୍ଟରନ୍ୟାଶନାଲର ଉତ୍ତର, ପୂର୍ବ ଓ ଉତ୍ତରପୂର୍ବ ଇଣ୍ଡିଆ ଅଞ୍ଚଳର ପ୍ରଥମ ଓଡ଼ିଆ ଭାବେ ନବ ନିର୍ବାଚିତ ଆଞ୍ଚଳିକ ନିର୍ଦ୍ଦେଶକ ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦଙ୍କୁ ନାଗରିକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କଟକର ସମସ୍ତ ୱାଇଜମ୍ୟାନ ପ୍ରତିଷ୍ଠାନ ୱାଇଜମ୍ୟାନ କ୍ଲବ୍ ଅଫ୍ କଟକ, ଚୌଦ୍ୱାର-କଟକ ଓ କଟକ ମିଲେନିୟମ ପକ୍ଷରୁ ନନ୍ଦଙ୍କୁ ନାଗରିକ ସମ୍ବର୍ଦ୍ଧନା ଦିଆଯାଇଛି। କଟକ ସିଡିଏସ୍ଥିତ ମଡର୍ନ ଚକ୍ଷୁ ଚିକିତ୍ସାଳୟ ସମ୍ମିଳନୀ ଗୃହରେ ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କଟକ-ଚୌଦ୍ୱାର କ୍ଲବ୍ ସଭାପତି ଡ. ଅଭିଷେକ ସାହୁ, କଟକ ମିଲେନିୟମର ସଭାପତି ଡା. ରାଜବଲ୍ଲଭ ମହାନ୍ତି ଓ କଟକ କ୍ଲବ୍ ସଭାପତି ସତ୍ୟଗୋପାଳ ପରିଜାଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଆଇନଜୀବୀ ସିଦ୍ଧାର୍ଥ ପ୍ରସାଦ ମିଶ୍ର ମାନପତ୍ର ପାଠ କରିଥିଲେ। ଡା. ପ୍ରଭାତ ମିଶ୍ର, ସୁଜିତ୍ ପାଣି, ସୁରଜିତ୍ ସାହୁ, ଦୀପକ ମହାନ୍ତି, ଡା. ବିଶ୍ୱଜିତ୍ ଦେ, ସଦାନନ୍ଦ ବିହାରୀ, ରଶ୍ମିତ ମହାରଣା, ବିଦ୍ୟୁତ କୁମାରୀ ଲାଲା ପ୍ରମୁଖ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ଦେଇ ନନ୍ଦଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶୈଳେନ୍ଦ୍ରନାଥ ଠାକୁର, ବାଣିଶ୍ରୀ ପଟ୍ଟନାୟକ, ଜ୍ୟୋତି ସିଂ, ପୀୟୂଷ ମହାନ୍ତି, ଆଲୋକ ସାହୁ ପ୍ରମୁଖ ଶୁଭେଚ୍ଛା ଜ୍ଞାପନ କରିଥିଲେ।

# ସରିଲା ରଜ ମହୋତ୍ସବ

ବାଙ୍କୀ/ତିଗିରିଆ,୧୮।୬
(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଜାଫର ଖାଁ)



ବାଙ୍କୀ ମା'ରଚିକବାସିନୀ ରଜ ମହୋତ୍ସବ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ବାଙ୍କୀ ରଚିକା ହାଟ ପରିସରରେ ମା'ରଚିକବାସିନୀ ରଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମହୋତ୍ସବ ସଭାପତି ସଚ୍ଚିଦାନନ୍ଦ ସାମଲ ଅଧ୍ୟକ୍ଷତା କଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ ରଜ ଉତ୍ସବ ଏକ ଗଣପର୍ବ ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ଡ. ଗଣେଶ୍ୱର ସ୍ୱାଇଁ, ସମ୍ମାନିତ ଅତିଥିଭାବେ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସମ୍ପଦ ସ୍ୱାଇଁ ଯୋଗଦେଇଥିଲେ। ବିଶେଷ ଅତିଥି ଭାବେ ଉପନଗରପାଳ ସନ୍ତୋଷ କୁମାର ରଣା, କାଉନ୍‌ସିଲର ସନାତନ ବେହେରା, ଭାଗିରଥି ବିଶ୍ୱାଳ, ପ୍ରିତିଲତା ଗିରି, ଅଶୋକ ଗିରି ପ୍ରମୁଖ ଯୋଗଦେଇଥିଲେ। ସେହିପରି ଡମପଡ଼ା ବ୍ଲକ ଅନ୍ତର୍ଗତ ତାଳବସ୍ତ ଗ୍ରାମ ପଞ୍ଚାୟତସ୍ଥିତ କୃଷ୍ଣପଲ୍ଲୀ ଗ୍ରାମରେ ଚାଲିଥିବା ପଲ୍ଲୀ ରଜ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ୩ଟି ପଞ୍ଚାୟତ ଦୁଲଣାପୁର, କୁସୁନ୍ଦା ଓ ତାଳବସ୍ତ ପଞ୍ଚାୟତର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନୃତ୍ୟ ଓ ସଂଗୀତ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା। ସେହିପରି ବାଙ୍କୀ ଉପଖଣ୍ଡ ଡମପଡ଼ା ବ୍ଲକର ତୁଳସୀପୁର ରଗଣୀ ସାହି ଯୁବସାଂସ୍କୃତିକ ପରିଷଦ ପକ୍ଷରୁ ଚାଲିଥିବା ରଜ ଉତ୍ସବରେ ଜିଲା ପରିଷଦ ସଭ୍ୟ ତଥା ବରିଷ୍ଠ ଭାଜପା ନେତା ତୁଷାରକାନ୍ତ ଚକ୍ରବର୍ତ୍ତୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପଣ୍ଡିତ ବିରେନ୍ଦ୍ର କୁମାର ନାୟକ ଡମପଡ଼ା ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ସରୋଜ କୁମାର ମତଗଜ ସିଂହ, ଗୀତିକାର ତଥା ସଂଗୀତ ନିର୍ଦ୍ଦେଶକ ବିଜୟ କୃଷ୍ଣ ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ଦାସ, ସାମାଜିକ କର୍ମୀ ଶ୍ରୀନିବାସ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ତିଗିରିଆ ବ୍ଲକ ଅନ୍ତର୍ଗତ ନିଜିଗଡ଼ ପଞ୍ଚାୟତସ୍ଥିତ ଗୋପୀନାଥପୁର ଶାସନ ଗ୍ରାମରେ ଦ୍ୱିତୀୟ ରଜ ମହୋତ୍ସବ କାର୍ଯ୍ୟକ୍ରମ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଈଶାନେଶ୍ୱର ପୂଜା କମିଟି ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଠଗଡ଼ ନିର୍ବାଚନମଣ୍ଡଳୀର ଭାଜପା ନେତା ଅଭୟ କୁମାର ବାରିକ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ତଥା ଶିକ୍ଷାବିତ୍ ପ୍ରଦ୍ୟୁମ୍ନ କୁମାର ଦାଶ ଯୋଗଦେଇଥିଲେ। ସାମାଜିକ କର୍ମୀ ନିତ୍ୟାନନ୍ଦ ପଣ୍ଡା, ନାରାୟଣ ପ୍ରସାଦ ଦାଶ, ଗ୍ରାମର ବରିଷ୍ଠ ସଦସ୍ୟ ଶ୍ୟାମ ସୁନ୍ଦର ମିଶ୍ର, ଖବରଦାତା ଚନ୍ଦ୍ରଶେଖର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

# କଳାକାରଙ୍କ ନୃତ୍ୟରେ ଝୁମିଲେ ଦର୍ଶକ

**ଗୋପମଥୁରା ରଜ ମହୋତ୍ସବ ୨୦୨୪ ଉଦ୍‌ଯାପିତ**

ବଡ଼ମ୍ବା,୧୮।୬(ମାୟାଧର ମଲ୍ଲିକ)


କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଗୋପମଥୁରା ଗ୍ରାମ ପଡିଆରେ ଦୀର୍ଘ ୪ ଦିନ ଧରି ଚାଲିଥିବା ଗୋପମଥୁରା ରଜ ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ମହୋତ୍ସବ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା ଯୋଗଦେଇ ଗୋପମଥୁରା ରଜ ମହୋତ୍ସବ ଗ୍ରାମାଞ୍ଚଳ ପାଇଁ ଗର୍ବ ଓ ଗୌରବ ଆଣିଦେଇଛି ବୋଲି କହିଥିଲେ। ଉକ୍ତ ମହୋତ୍ସବ ଯେପରି ସାରା ଓଡ଼ିଶାରେ ପ୍ରସାରିତ ହେବ ତାହା ଉପରେ ଗୁରୁତ୍ୱ ଦିଆଯାଇ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ବଡ଼ମ୍ବା ପଞ୍ଚାୟତ ସମିତି ପୂର୍ବତନ ଅଧ୍ୟକ୍ଷ ବିଭୁଦତ୍ତ ପଟ୍ଟନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ଆଲୋକ ରଞ୍ଜନ ବଳିୟାର ସିଂ, ରମେଶ ଦାସ, ମହେନ୍ଦ୍ର କୁମାର ପଡ଼ିଆରୀ, ଗୋପମଥୁରା ଗ୍ରାମ କମିଟି ସଭାପତି ଅକ୍ଷୟ କୁମାର ବଳବନ୍ତରାୟ, ସମ୍ପାଦକ ଅଭିମନ୍ୟୁ ସାହୁ ଉପସ୍ଥିତ ଥିଲେ। ମହୋତ୍ସବ କମିଟି ସଭାପତି ଭଗବାନ ରାଉତ ସଭାପତିତ୍ୱ କରିଥିଲେ। ସମ୍ପାଦକ ଜ୍ଞାନ ରଞ୍ଜନ ମଲ୍ଲିକ ମହୋତ୍ସବର ବିବରଣୀ ପାଠ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ କମିଟି ତରଫରୁ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କମିଟିର ପ୍ରମୁଖ ସଦସ୍ୟ ଗଣେଶ୍ୱର ବିଶ୍ୱାଳ ମଞ୍ଚ ପରିଚାଳନା, ଉପସ୍ଥାପନା ସହ ସାଂସ୍କୃତିକ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ପୁରୀସ୍ଥିତ ସୂରିୟା ମେଲୋଡି ଗ୍ରୁପ କଳାକାରଙ୍କ ମନଲୋଭା ନୃତ୍ୟ ପରିବେଷଣ କରିଥିଲେ। ଏଥିରେ ଦର୍ଶକ ଝୁମିଥିଲେ। କାର୍ଯ୍ୟକ୍ରମରେ କମିଟିର ସମସ୍ତ ସଦସ୍ୟ ଓ ଯୁବଗୋଷ୍ଠୀ ସହଯୋଗ କରିଥିଲେ।

## ସଂକ୍ଷେପରେ

### ମହିଳାଙ୍କୁ ଦୁର୍ବ୍ୟବହାର, ଜଣେ ଗିରଫ

ଭୁବନେଶ୍ୱର,୧୮।୬(ସୂର୍ଯ୍ୟକାନ୍ତ ବେହେରା): ଜଣେ ମହିଳାଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ଲିଙ୍ଗରାଜ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେ ହେଲେ ସ୍ଥାନୀୟ ଥାନା ଅଞ୍ଚଳରେ ରହୁଥିବା ଗଞ୍ଜାମର ସନିଆ ପ୍ରଧାନ। ଜାମିନ ନମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ସୂଚନାନୁସାରେ ଅଭିଯୋଗକାରିଣୀ ପରିବାର ସହ ଓଲ୍ଡ ଟାଉନ ଅଞ୍ଚଳରେ ରୁହନ୍ତି । ଗତ ରବିବାର ଅଭିଯୁକ୍ତ ଜଣକ ନିଶାସକ୍ତ ଅବସ୍ଥାରେ ଆସି ମହିଳାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏହାକୁ ପ୍ରତିବାଦ କରିବାରୁ ଅଭିଯୁକ୍ତ ତାଙ୍କୁ ଶକ୍ତ ଧକ୍କା ପକାଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଘଟଣାର ଅଭିଯୋଗ ପରେ ପୋଲିସ ଏହି ପଦକ୍ଷେପ ଗ୍ରହଣ କରିଛି।

### ସ୍କୁଟିକୁ ଧକ୍କାଦେଲା ମୋ ବସ୍, ୨ ଗୁରୁତର

ଭୁବନେଶ୍ୱର,୧୮।୬(ସୂର୍ଯ୍ୟକାନ୍ତ ବେହେରା): ରାଜଧାନୀ ଭୁବନେଶ୍ୱରରେ ମୋ ବସ୍ ଡ୍ରାଇଭରଙ୍କ ବେପରୁଆ ଗାଡି ଚାଲ୍ନା ସାମ୍ନାକୁ ଆସିଛି । ଏକ ସ୍କୁଟିକୁ ପଛ ପାର୍ଶ୍ୱରେ ଧକ୍କା ଦେଇଛି ମୋ ବସ୍ । ଇନଫୋସିଟି ଥାନା ଅନ୍ତର୍ଗତ ସାଇମନ୍ଦିର ଛକ ରାସ୍ତାରେ ମଙ୍ଗଳବାର ରାତିରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଏଥିରେ ସ୍କୁଟି ଚାଳକ ଓ ପଛରେ ବସିଥିବା ଲୋକ ଆହତ ହୋଇଛନ୍ତି। ତେବେ ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ମୋ ବସ ଡ୍ରାଇଭରଙ୍କୁ ନିସ୍କୁକ ପିଟିଥିଲେ। ଖବରପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ଆକ୍ରମଣକାରୀଙ୍କ କବଳରୁ ଡ୍ରାଇଭରଙ୍କୁ ଉଦ୍ଧାର କରି ଘଟଣାର ତଦନ୍ତ ଚଳାଇଛି ।

### ୬୭ ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୮।୬(ସୂର୍ଯ୍ୟକାନ୍ତ ବେହେରା): ଏକ ଅନଲାଇନ ସଂସ୍ଥାରେ ଟଙ୍କା ବିନିଯୋଗ କଲେ ଅଧିକ ଫେରସ୍ତ ମିଳିବାର ଲୋଭ ଦେଖାଇ ଜଣେ ବ୍ୟକ୍ତିଙ୍କଠାରୁ ୬୭ ଲକ୍ଷ ଟଙ୍କା ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେ ହେଲେ କଟକରେ ରହୁଥିବା ଢେଙ୍କାନାଳ ଗଁଦିଆ ସୁରପ୍ରତାପ ରାଜକିଶୋରପୁର ଗ୍ରାମର ଜିତୁ ଓରଫ ରାକେଶ କୁମାର ନାୟକ । ତେବେ ତାଙ୍କଠାରୁ କୌଣସି ଠକେଇ ଟଙ୍କା ଜବତ ହୋଇନାହିଁ । ସେହିପରି ଘଟଣାରେ ଅଭିଯୁକ୍ତଙ୍କ ସହଯୋଗୀ ଫେରାର ଥିବାରୁ ପୋଲିସ ତାଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଛି । ଜାମିନ ନମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ରଶ୍ମିରଞ୍ଜନ ଧଳଙ୍କ ଅଭିଯୋଗ ଆଧାରରେ ପୋଲିସ ପଦକ୍ଷେପ ଗ୍ରହଣ କରିଛି। ସୂଚନାନୁସାରେ ମିଚ୍ୟୁଆଲ ଫଣ୍ଡରେ ଟଙ୍କା ବିନିଯୋଗ କରିବାର ଅଭିପ୍ରାୟ ରଖି ରଶ୍ମି ଜଣେ ମ୍ୟୁଚୁଆଲ ଫଣ୍ଡ ଏକ୍ସପର୍ଟଙ୍କ ନିକଟକୁ ଯାଇଥିଲେ। ସେଠାରେ ଫେରାର ଥିବା ରାଜେଶଙ୍କ ସହିତ ସାକ୍ଷାତ ହୋଇଥିଲା ।

# କ୍ୟାବିନ୍, ଡ୍ରେନ୍ ଅବରୋଧ ବିକାଶରେ ବାଧକ

- ନୋଟିସ ଜାରି କରି ପଛଘୁଞ୍ଚା ଦେଲା ପ୍ରଶାସନ
- ଆଲୋଚନାରେ ସୀମିତ ଥଇଥାନ ପ୍ରସଙ୍ଗ

ଖୋର୍ଦ୍ଧା,୧୮।୬(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧାରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ବଢ଼ିଚାଲିଛି। ରାସ୍ତାର ଉଭୟ ପାର୍ଶ୍ୱରେ ପାର୍କିଂ ଯୋଗୁ ଟ୍ରାଫିକ ସମସ୍ୟା ବଢୁଛି। ଦୁଇ ବର୍ଷ ପୂର୍ବେ ଟ୍ରାଫିକ ସମସ୍ୟା ସୁଧାରିବା ଲାଗି ରାସ୍ତାକୁ ଅବରୋଧ କରିଥିବା ଦୋକାନ ଗୃହ ଉଚ୍ଛେଦ ଲାଗି ଜିଲା ପ୍ରଶାସନ ଏବଂ ପୌର ପ୍ରଶାସନ ପକ୍ଷରୁ ଡାକବାଜି ମାଧ୍ୟମରେ ପ୍ରଚାର କରାଯାଇଥିଲା। ଏପରିକି ଦୋକାନ ଗୃହ ଭାଙ୍ଗିବା ଲାଗି ମାରୱାଡି ପଟି ଏବଂ ଡାକ୍ତର୍ସ ଲେନ୍‌ରେ ମାପଚୁପ କରାଯିବା ସହ ଡ୍ରେନଗୁଡିକୁ ଅବରୋଧ ମୁକ୍ତ ଲାଗି ନୋଟିସ କରାଯାଇଥିଲା। ପରବର୍ତ୍ତୀ ସମୟରେ ବ୍ୟବସାୟୀଙ୍କ ବିରୋଧ ଯୋଗୁ ପଛଘୁଞ୍ଚା ଦେଇଥିଲା ପ୍ରଶାସନ। ସହର ସୌନ୍ଦର୍ଯ୍ୟକରଣରେ କ୍ୟାବିନ, ରାସ୍ତା ଓ ଡ୍ରେନ୍ ଅବରୋଧ ବାଧକ ସାଜିଛି ବୋଲି ପୌର ପ୍ରଶାସନ ପକ୍ଷରୁ କୁହାଯାଇଛି।

ସହରର ବହୁ ଡ୍ରେନ୍ ଏକପ୍ରକାର ଜବରଦଖଲରେ ରହିଛି। ନୟାଗଡ଼ ରୋଡ୍, ପେଟ୍ରୋଲ ପମ୍ପ ଛକ, ପୁରୁଣା ବସ୍‌ଷ୍ଟାଣ୍ଡଠାରୁ ମାରୱାଡି ପଟି, ପୁରୁଣା ଦମକଳ ଛକ, ଗୋଡି ପୋଖରୀ, ମାଛ ମାର୍କେଟ, ଟ୍ରାଫିକ ଛକଠାରୁ ନୂଆ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ୍ ଉପରେ ଉଠାଦୋକାନୀ ଏବଂ ବଡ଼ ବ୍ୟବସାୟିକ ପ୍ରତିଷ୍ଠାନ ଦୋକାନ ଗୃହ କରିଛନ୍ତି। ଘରୋଇ ଆବର୍ଜନା, ଗୋଡ଼ି, ମାଟି ପଡି ପୋତି ହୋଇଗଲାଣି। ବର୍ଷା ଜଳ ଡ୍ରେନରେ ନିଷ୍କାସନ ହୋଇ ନ ପାରି ରାସ୍ତାରେ ନର୍ଦ୍ଦମା ପାଣି ଜମି ରହୁଛି। ମାରୱାଡି ପଟି, ପୁରୁଣା ବସ୍‌ଷ୍ଟାଣ୍ଡ, ସମବାୟ ଛକଠାରୁ ଏସ୍‌ବିଆଇ ଛକ ପର୍ଯ୍ୟନ୍ତ ପ୍ରାୟ ୫୪୦ କ୍ୟାବିନ ରହିଛି। ଖୋର୍ଦ୍ଧା ସମେତ ଆଖପାଖ ଗ୍ରାମର ଲୋକେ ଦୀର୍ଘ ୨୨ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବ୍ୟବସାୟ କରିଆସୁଛନ୍ତି। ଅଧିକାଂଶ କ୍ୟାବିନ ଡ୍ରେନ୍ ଉପରେ ରହିଛି। ଡ୍ରେନକୁ ଅବରୋଧମୁକ୍ତ କରିବାକୁ ହେଲେ କ୍ୟାବିନଗୁଡିକୁ ଉଚ୍ଛେଦ କରାଯିବ। ତେବେ କ୍ୟାବିନ ବ୍ୟବସାୟୀଙ୍କୁ ଥଇଥାନ ଲାଗି ପ୍ରଶାସନ ପକ୍ଷରୁ ଯୋଜନା ଚାଲିଛି। ବର୍ତ୍ତମାନ ପର୍ଯ୍ୟନ୍ତ ଏହାର କୌଣସି ନିଷ୍କର୍ଷ ବାହାରି ପାରିନାହିଁ।

ପ୍ରକାଶ ଯେ, ହାବେଳି ପଡ଼ିଆଠାରେ କ୍ୟାବିନ ବ୍ୟବସାୟୀଙ୍କୁ ଥଇଥାନ ଲାଗି ୨୦୦୩ ମସିହାରେ ଜିଲା ପ୍ରଶାସନ ସ୍ତରରେ ନିଷ୍ପତ୍ତି ନିଆଯାଇଥିଲା। ଏଥିଲାଗି ପ୍ରତି ବ୍ୟବସାୟୀଙ୍କଠାରୁ ୩ ହଜାର ଟଙ୍କା ଲେଖାଏ ସଂଗ୍ରହ କରାଯାଇଥିଲା। ପ୍ରାୟ ୧୫ଲକ୍ଷ ଟଙ୍କା ପୌର ପ୍ରଶାସନ ପକ୍ଷରୁ ସଂଗ୍ରହ ହୋଇଥିଲା। ଏହି ଅର୍ଥରେ ଚାରିପଟ ପାଚେରି ଏବଂ ପଡିଆକୁ ସମତୁଲ କରିବାରେ ବ୍ୟାପକ ଅର୍ଥ ଖର୍ଚ୍ଚ ହୋଇଥିବା ପୌର ପ୍ରଶାସନ ପକ୍ଷରୁ କୁହାଯାଇଛି। କ୍ୟାବିନ ସମସ୍ୟା ସମାଧାନ ଲାଗି ପୂର୍ବତନ ବିଧାୟକ ତଥା ବ୍ୟବସାୟୀ ମହାସଂଘ ସଭାପତି ରାଜେନ୍ଦ୍ର ସାହୁ ବିଧାନସଭାରେ ଶୂନ୍ୟକାଳରେ ପ୍ରଶ୍ନ ଉଠାଇଥିଲେ। ୫୪୦ କ୍ୟାବିନ ବ୍ୟବସାୟୀଙ୍କୁ ଥଇଥାନ ଲାଗି ପୌର ପରିଷଦ ପକ୍ଷରୁ ୩୪ କୋଟି ଟଙ୍କା ଟେଣ୍ଡର ଆହ୍ୱାନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହାକୁ ରଦ୍ଦ କରିଦିଆଗଲା। ତେବେ ସହର ସୌନ୍ଦର୍ଯ୍ୟକରଣ, ଟ୍ରାଫିକ ନିୟନ୍ତ୍ରଣ ଏବଂ ଡ୍ରେନ ସମସ୍ୟା ସୁଧାରିବା ଲାଗି ଜବରଦଖଲ ଉଚ୍ଛେଦ କରାଯିବ ବୋଲି ପ୍ରଶାସନିକ ସ୍ତରରେ ସ୍ଥିର କରାଯାଇଛି ବୋଲି ପୌର ନିର୍ବାହୀ ଅଧିକାରୀ ରିଜୱାନ କିଆକବ ସୂଚନା ଦେଇଛନ୍ତି। ସେହିପରି ଖୋର୍ଦ୍ଧାକୁ କ୍ୟାବିନମୁକ୍ତ ଏବଂ ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱ ଦିଆଯିବ ବୋଲି ବିଧାୟକ ପ୍ରଶାନ୍ତ ଜଗଦେବ କହିଛନ୍ତି।

# ‘ଅନ୍ୟର ହିତ ଚିନ୍ତନକଲେ ସମାଜ ଶୃଙ୍ଖଳିତ ହେବ’




ଖୋର୍ଦ୍ଧା,୧୮।୬(ପ୍ରଭାତ ପାଣିଗ୍ରାହୀ)

ବେଗୁନିଆରେ ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖବରଦାତା ଦୁର୍ଗାପ୍ରସାଦ ଦାସଙ୍କ ଆବାହକତ୍ୱରେ ବେଗୁନିଆ ଆମ୍ର କାନନ ପରିସରରେ ବେଗୁନିଆ ଅଞ୍ଚଳର ଶତାଧିକ ଜନସାଧାରଣଙ୍କ ଉପସ୍ଥିତିରେ ଆୟୋଜିତ ସଭାରେ ଆର୍ଟ ଅଫ୍ ଗିଭିଂର ମୂଲ୍ୟବୋଧ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ପରସ୍ପର ମଧ୍ୟରେ ସ୍ନେହ, ଶ୍ରଦ୍ଧାଭାବ ସମ୍ପର୍କ ଯୋଡ଼ିଥାଏ। ଅନ୍ୟ ପ୍ରତି ଭଲ ଭାବନା ରଖ। ଅନ୍ୟର ହିତ ଚିନ୍ତନ କଲେ ସମାଜ ଶୃଙ୍ଖଳିତ ହେବ। ପ୍ରାୟ ଏକ ଶହ ଲୋକଙ୍କୁ ଭାଗବତ ଗୀତା ପୁସ୍ତକ ସହିତ ବିସ୍କୁଟ ଏବଂ ଚକୋଲେଟ ପ୍ରଦାନ କରାଯାଇଥିଲା। ଏନେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମକୁ ପ୍ରଶଂସା କରାଯାଇଛି।

# ବିପର୍ଯ୍ୟୟ ପ୍ରଶମନ ପାଇଁ ସଜାଗ ରହିଲେ ସଫଳତା ମିଳିବ



ବୋଲଗଡ଼ ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

ବୋଲଗଡ଼,୧୮।୬(ଦେବବ୍ରତ ହୋତା)

ବୋଲଗଡ଼ ପଞ୍ଚାୟତ ସମିତି ସଭାଗୃହରେ ମଙ୍ଗଳବାର ବିପର୍ଯ୍ୟୟ ପରିଚାଳନା ଓ ପ୍ରଶମନ ସମ୍ବନ୍ଧରେ ପ୍ରସ୍ତୁତି ବୈଠକ ବିଡିଓ ଶରତ ଚନ୍ଦ୍ର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତହସିଲଦାର ନିବେଦିତା ପରିଡ଼ା, ସହକାରୀ ନିର୍ବାହୀ ଯନ୍ତ୍ରୀ ଅମୂଲ୍ୟ ବାହିନୀପତି, ଏବିଡିଓ ରତିକାନ୍ତ ମିଶ୍ର, ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟ, ଅଗ୍ନିଶମ ବିଭାଗ ଅଧିକାରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀମାନଙ୍କ ସମେତ ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଜିଲାପରିଷଦ ସଦସ୍ୟ, ସରପଞ୍ଚ, ସମିତି ସଭ୍ୟମାନେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ବାତ୍ୟା, ବନ୍ୟା, ନିଆଁ ଭଳି ବିପର୍ଯ୍ୟୟର ମୁକାବିଲା ପାଇଁ ଯୋଜନାବଦ୍ଧ ଭାବେ ପ୍ରୟାସ କରିବାକୁ ଆଲୋଚନା କରାଯାଇଥିଲା। ବିପର୍ଯ୍ୟୟ ସମୟରେ ଗଛ, ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି କିମ୍ବା ଅନ୍ୟ କାରଣରୁ ରାସ୍ତା ଅବରୋଧ ସମୟରେ ତୁରନ୍ତ ଟ୍ରୋଲ ଫ୍ରି ୧୧୨ ନମ୍ବରରେ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା। ବିଡିଓ ମଲ୍ଲିକ ବିପର୍ଯ୍ୟୟ ସମୟରେ ଶୃଙ୍ଖଳା ଖାଦ୍ୟ ଓ ଆଲୋକର ସୁବନ୍ଦୋବସ୍ତ କରିବା, ରୋଗୀ, ଶିଶୁ ଓ ବୃଦ୍ଧଙ୍କୁ ପ୍ରାଥମିକତା ଦେଇ ସ୍ଥାନାନ୍ତର କରିବା, ପରେ ଔଷଧ ଓ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବା, ଗମନାଗମନ ପାଇଁ ତୁରନ୍ତ ବ୍ୟବସ୍ଥା କରିବା, ପ୍ରାଣୀ ସମ୍ପଦକୁ ସ୍ଥାନାନ୍ତର କରାଯିବା, ବିପର୍ଯ୍ୟୟ ସ୍ଥଳରୁ ନିକଟ ସୁରକ୍ଷିତ ସ୍ଥାନକୁ ପୂର୍ବରୁ ଚିହ୍ନଟକରି ପ୍ରସ୍ତୁତ ରଖିବା ଏବଂ ବିପର୍ଯୟ ପୂର୍ବରୁ ସତର୍କ ସୂଚନା ପ୍ରଦାନ କରିବା ଦ୍ୱାରା ବିପର୍ଯ୍ୟୟ ପର କ୍ଷୟକ୍ଷତି କମ ହୋଇପାରିବ। ତେବେ ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ରହି ପରିଚାଳନା କରିପାରିଲେ ସଫଳତା ମିଳିପାରିବ ବୋଲି ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିବା ଜିଲା ପଞ୍ଚାୟତ ଅଧିକାରୀ ଶ୍ୟାମଳେନ୍ଦୁ ନାୟକ କହିଥିଲେ। ଶେଷରେ ଆଲୋକ କୁମାର ଜେନା ଧନ୍ୟବାଦ ଦେଇଥିଲେ।

# ରାଜଧାନୀରୁ ୫ ଆନ୍ତଃରାଜ୍ୟ ସାଇବର ଅପରାଧୀ ଗିରଫ

**ଗିରଫ ଭୟ ଦେଖାଇ ଅଫିସରଙ୍କଠାରୁ ୩୬.୩୪ ଲକ୍ଷ ଠକେଇ**

ଭୁବନେଶ୍ୱର,୧୮।୬(ସୂର୍ଯ୍ୟକାନ୍ତ ବେହେରା)

ନିଜକୁ ପୋଲିସ ତ ପୁଣି କେତେବେଳେ କ୍ରାଇମବ୍ରାଞ୍ଚ ଓ ବିଭିନ୍ନ ତଦନ୍ତକାରୀ ସଂସ୍ଥାର ଅଧିକାରୀ ପରିଚୟ ଦେଇ କଥା ହେଉଥିଲେ। ପରେ ଗିରଫ ଭୟ ଦେଖାଇ ସରକାରୀ ଅଫିସରଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଲୁଟି ନେଉଥିଲେ। ବେଙ୍ଗାଲୁରୁରୁ ଅପରେଟ ହେଉଥିବା ଏଭଳି ଏକ ଆନ୍ତଃରାଜ୍ୟ ସାଇବର ଠକେଇ ର‌୍ୟାକେଟ୍ ଭୁବନେଶ୍ୱର ସାଇବର ଥାନା ପୋଲିସ ଧରିଛି। ଜଣେ ଉଚ୍ଚପଦସ୍ଥ ସରକାରୀ ଅଧିକାରୀଙ୍କଠାରୁ ୩୬.୩୪ ଲକ୍ଷରୁ ଅଧିକ ଟଙ୍କା ଠକିବା ଅଭିଯୋଗରେ ପୋଲିସ ଶହୀଦନଗର ଥାନା ଅନ୍ତର୍ଗତ ଏକ ହୋଟେଲରେ ଚଢ଼ାଉ କରି ଗ୍ୟାଙ୍ଗର ୫ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଆନ୍ଧ୍ରପ୍ରଦେଶର ସେକ୍ ତାଜୁଦ୍ଦିନ(୩୮) ଓ ମୁଚୁମାରୀ ଚିଟି ବାବୁ(୩୪), ତ୍ରିପୁରାର ଡେଙ୍ଗୋ ଓରଫ ବସ୍(୨୮) ଓ ଜିତେନ କୈପେଙ୍ଗ(୨୧) ଏବଂ ଆସାମ ଗୁଆହାଟୀରେ ରହୁଥିବା ବେଙ୍ଗାଲୁରୁର ଜେମ୍‌ସ ଓରଫ ଏଲ୍‌ଭିସ୍ ତାରା (୩୬)। ସେମାନଙ୍କଠାରୁ ୨ ଲାପ୍‌ଟପ୍, ୫୬ ଏଟିଏମ୍ କାର୍ଡ, ୨୦ ମୋବାଇଲ ଫୋନ, ୩୦ ସିମ୍ କାର୍ଡ, ପାସ୍‌ବୁକ୍, ଚେକ୍‌ବୁକ୍, କାର ଓ ବହୁ ଗୁରୁତ୍ୱପୂର୍ଣ୍ଣ ଡିଜିଟାଲ ତଥ୍ୟ ଜବତ ହୋଇଛି। ଏହାସହ ସେମାନଙ୍କ ଆକାଉଣ୍ଟରେ ଥିବା ୧୨ ଲକ୍ଷ ଟଙ୍କା ଓ କ୍ରିପ୍ଟୋରେ ଥିବା ୧୭୦୦ ୟୁଏସ୍ ଡଲାର ଫ୍ରିଜ୍ କରାଯାଇଛି। ଏମାନେ ଓଡ଼ିଶାରେ ସାଇବର ଅପରାଧ ଘଟାଇବା ଦାୟିତ୍ୱରେ ଥିଲେ ବୋଲି ପୋଲିସ କମିଶନର ସଞ୍ଜୀବ ପଣ୍ଡା ସୂଚନା ଦେଇଛନ୍ତି। ପୋଲିସ ସୂଚନାନୁସାରେ, ଠକେଇର ଶିକାର ହୋଇଥିବା ସରକାରୀ କର୍ମଚାରୀଙ୍କ ପାଖକୁ ଏକ ଫୋନ୍ କଲ୍ ଆସିଥିଲା। କଲ୍ କରିଥିବା ଅଭିଯୁକ୍ତ ଜଣକ ତାଙ୍କ ନାମରେ ମୁମ୍ବାଇରୁ ଏକ ପାର୍ସଲ ଆସିଥିବା ଜଣାଇଥିଲେ।

# ସିଙ୍ଗାପୁର ଗଲେ ବିଶ୍ୱ ଦକ୍ଷତା କେନ୍ଦ୍ରର ୨୪ ଛାତ୍ରୀଛାତ୍ର

ଭୁବନେଶ୍ୱର,୧୮।୬(ଅନୁରାଧା ମହାରଣା)

ବିଶ୍ୱ ଦକ୍ଷତା କେନ୍ଦ୍ରରେ ବିଭିନ୍ନ ଅତ୍ୟାଧୁନିକ ବିଷୟରେ ତାଲିମ ନେଉଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୪ଜଣ ‘ଷ୍ଟୁଡେଣ୍ଟ ଇଣ୍ଟର୍ନଶିପ’ କାର୍ଯ୍ୟକ୍ରମରେ ସିଙ୍ଗାପୁର ଯାଇଛନ୍ତି। ୨୦୨୩-୨୪ ବ୍ୟାଚର ଏହି ଛାତ୍ରୀଛାତ୍ର ଭୁବନେଶ୍ୱର-ସିଙ୍ଗାପୁର ସିଧାସଳଖ ବିମାନ ଯୋଗେ ଯାତ୍ରା କରିଥିଲେ। ଏହି କାର୍ଯ୍ୟକ୍ରମ ଦ୍ୱାରା ସେମାନେ ବିଦେଶ ଅନୁଭୂତି ପାଇବା ସହ ବଡ଼ ବଡ଼ କମ୍ପାନୀରେ ବ୍ୟବହୃତ ନୂଆ ଜ୍ଞାନକୌଶଳ ଶିଖିବାର ସୁଯୋଗ ପାଇବେ। ଏହି ଅବସରରେ ବିଶ୍ୱ ଦକ୍ଷତା କେନ୍ଦ୍ରର ଅଧ୍ୟକ୍ଷ ଟି ଥମ୍ପିରାଜା ଏବଂ ଉପାଧ୍ୟକ୍ଷ ଡ. ଶୁଭେନ୍ଦୁ କିଶୋର ଦାସ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ଛାତ୍ରୀଛାତ୍ର ଗୁଡ୍‌ଉଡ୍ ପାର୍କ ହୋଟେଲ୍ସ, ଆର୍‌ସି ହୋଟେଲ୍ସ, ସେନଟୋସା ଲିଜର ପିଟିଇ ଲିମିଟେଡ, ପିକ୍ସେଲ ଅଟୋମେଶନ, ପ୍ୟାନ ପେସିଫିକ ଅର୍ଚାଡ, ୱାଇଟିଏଲ ପାୱାର ସେରାୟା ଏବଂ ଅକୁରା ଫ୍ଲେକ୍ସିବଲ ଅଟୋମେଟିକ ଭଳି ପ୍ରମୁଖ କମ୍ପାନୀରେ ପେଡ୍ ଇଣ୍ଟର୍ନଶିପ କରିବା ଲାଗି ଚୟନ ହୋଇଛନ୍ତି। ସୂଚନାଥାଉକି, ରାଜ୍ୟ ସରକାରଙ୍କ ‘ସ୍କିଲ୍‌ଡ ଇନ୍ ଓଡ଼ିଶା’ କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ତଥା ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ଭୁବନେଶ୍ୱରର ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ବିଶ୍ୱ ଦକ୍ଷତା କେନ୍ଦ୍ର ସ୍ଥାପନ କରାଯାଇଛି।

# ଶୂନ୍ୟ ମୃତ୍ୟୁହାର, ପାନୀୟଜଳ ଉପରେ ଗୁରୁତ୍ୱାରୋପ

କୃଷ୍ଣପ୍ରସାଦ,୧୮।୬ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ସଭାଗୃହରେ ବ୍ଲକସ୍ତରୀୟ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଅମିୟ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ନୋଡାଲ ଏନ୍‌ଜିଓ ପ୍ରକଳ୍ପ ସଂଯୋଜକ ଏନ୍. ସମୀର କୁମାର ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକମାନଙ୍କୁ କିଭଳି ସୁରକ୍ଷା ଦିଆଯାଇପାରିବ ସେ ନେଇ ପରାମର୍ଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କୃଷ୍ଣପ୍ରସାଦ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, ସମାଜ ମଙ୍ଗଳ ଅଧିକାରୀ ପ୍ରତ୍ୟୁଷ କୁମାର ରଥ, ପ୍ରଭାତ କୁମାର ଜେନା, ପୂର୍ଣ୍ଣଚନ୍ଦ୍ର କାଣ୍ଡି, ଜିତେନ୍ଦ୍ର କୁମାର ପାତ୍ରଙ୍କ ସମେତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ବିଭିନ୍ନ ବିଭାଗର ଅଧିକାରୀ, ପଞ୍ଚାୟତ ପ୍ରତିନିଧିମାନେ ଯୋଗଦେଇଥିଲେ। ବାତ୍ୟା ଆସିବା ପୂର୍ବରୁ ପ୍ରତି ଆଶ୍ରୟସ୍ଥଳୀଗୁଡ଼ିକରେ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରିବା ନିମନ୍ତେ ନୋଡାଲ ଏନ୍‌ଜିଓ ପ୍ରକଳ୍ପ ସଂଯୋଜକ ଏନ୍.ସମୀର କୁମାର ଦୃଷ୍ଟି ଆକର୍ଷଣ କରିଥିଲେ। ବାତ୍ୟା ଆଶ୍ରୟସ୍ଥଳୀରେ ବିଦ୍ୟୁତ୍ ଏବଂ ପାନୀୟଜଳର ସୁବନ୍ଦୋବସ୍ତ ନିମନ୍ତେ ବିଡିଓ ପଣ୍ଡା ନିର୍ଦ୍ଦେଶ ଦେଇଥିଲେ। କାଶିମ ମହମ୍ମଦ, ଆଲୋକ କୁମାର ଖୁଣ୍ଟିଆ ପ୍ରମୁଖ ସହଯୋଗ କରିଥିଲେ। ବୁଧବାର ବ୍ଲକ ଅଧୀନରେ ଥିବା ୪୩ଟି ବାତ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ କାର୍ଯ୍ୟକ୍ରମ ହେବ ବୋଲି ଜଣାପଡ଼ିଛି।

# ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ବୈଠକ




ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

ଜଟଣୀ,୧୮।୬(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ମଙ୍ଗଳବାର ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବୈଠକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିତା ନାଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେହୁରା ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟ, ସରପଞ୍ଚ ଅଙ୍ଗାରପଡା, ପଦନପୁର ଓ ବେଣାପଞ୍ଜରି ଗ୍ରାମପଞ୍ଚାୟତ ଓ ନିର୍ବାହୀ ଅଧିକାରୀମାନେ ଉପସ୍ଥିତ ଥିଲେ। ଏତଦ୍‌ବ୍ୟତୀତ ବିଭିନ୍ନ କ୍ଷେତ୍ର ବିଭାଗର ପଦାଧିକାରୀ ବୈଠକରେ ଅଂଶଗ୍ରହଣ କରି ବାତ୍ୟା ସମୟରେ ସଜାଗ ରହି ସଠିକ ପଦକ୍ଷେପର ପ୍ରସ୍ତୁତି ଓ ବାତ୍ୟା ପରର ପ୍ରସ୍ତୁତି ପଦକ୍ଷେପ ଉପରେ ଆଲୋଚନା କରିଥିଲେ। ବାତ୍ୟା ଆଶ୍ରୟସ୍ଥଳୀଗୁଡିକୁ ପ୍ରସ୍ତୁତ ରଖିବା ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା।

# ଜଙ୍ଗଲ ଅଧିବାସୀଙ୍କ ଆୟ, ଜୀବନଶୈଳୀରେ ଉନ୍ନତି ଅଣାଯିବ

**ଜଙ୍ଗଲ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ**

ଭୁବନେଶ୍ୱର,୧୮।୬(ଶର୍ମିଷ୍ଠା ପାଣିଗ୍ରାହୀ)



ପ୍ରକୃତି ଓ ପ୍ରଗତି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ପ୍ରକୃତି ଓ ପରିବେଶ ରହିଲେ ହିଁ ପ୍ରଗତି କଥା ଚିନ୍ତା କରାଯାଇପାରେ। ଏଥିରେ ସମନ୍ୱୟ ରକ୍ଷା କରି ଗଢ଼ା ହେବ ସବୁଜ ଓଡ଼ିଶା। ଜନସଚେତନତା ଓ ଜନସାଧାରଣଙ୍କ ପ୍ରତ୍ୟକ୍ଷ ଯୋଗଦାନ ବିନା ଜଙ୍ଗଲ ସମ୍ପଦର ସଂରକ୍ଷଣ ଓ ସମୃଦ୍ଧି କଷ୍ଟକର। ଜଙ୍ଗଲ ନିକଟରେ ବସବାସ କରୁଥିବା ଅଧିବାସୀଙ୍କ ଦାରିଦ୍ର୍ୟ ଦୂରୀକରଣ କରାଯାଇ ସେମାନଙ୍କ ଆୟ ଓ ଜୀବନଶୈଳୀରେ ଉନ୍ନତି ଆଣିବା ପାଇଁ ନୂତନ ସରକାର ବଦ୍ଧପରିକର ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ପ୍ରକାଶ କରିଛନ୍ତି। ମଙ୍ଗଳବାର ଖାରବେଳ ଭବନସ୍ଥିତ ବିଭାଗର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଏହା କହିଛନ୍ତି।

ମନ୍ତ୍ରୀ ସିଂ ଖୁଣ୍ଟିଆ ପହଞ୍ଚିବା ପରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରିଥିଲେ। ବିଭାଗୀୟ ଅଧିକାରୀମାନେ ରାଜ୍ୟରେ ଜଙ୍ଗଲ, ଅଭୟାରଣ୍ୟ, ପରିବେଶ ଓ ବନ୍ୟଜନ୍ତୁ ଏବଂ ବିଭାଗର ବିଭିନ୍ନ ଅଙ୍ଗ ଏବଂ ସ୍ୱାୟଂଶାସିତ ସଂସ୍ଥାଗୁଡ଼ିକର କାର୍ଯ୍ୟଧାରା, ସ୍ଥିତି ଓ ପ୍ରକଳ୍ପର ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ଜଳବାୟୁ ପରିବର୍ତ୍ତନ ଯୋଗୁ ଓଡ଼ିଶାରେ କ୍ରମଶଃ ଉତ୍ତାପ ବୃଦ୍ଧି ଘଟୁଛି। ଏଥିସହ ପ୍ଲାଷ୍ଟିକ ଓ ପଲିଥିନର ଅନିୟନ୍ତ୍ରିତ ବ୍ୟବହାର ଯୋଗୁ ପରିବେଶ ପ୍ରଦୂଷଣ ବଢୁଛି। ଆଗାମୀ ଭବିଷ୍ୟତ ଓ ଜୀବଜନ୍ତୁଙ୍କ ସଂରକ୍ଷଣ ଦୃଷ୍ଟିରେ ରଖି ଏଗୁଡିକ ଉପରେ କାର୍ଯ୍ୟ କରିବା ସହ ସରକାରଙ୍କ ସମସ୍ତ ଯୋଜନା ଓ ସହାୟତା ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ବନବାହିନୀ ମୁଖ୍ୟ ଦେବୀଦତ୍ତ ବିଶ୍ୱାଳ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ପ୍ରକଳ୍ପ) ଡ. ମିତା ବିଶ୍ୱାଳ, ସ୍ୱତନ୍ତ୍ର ଶାସନ ସଚିବ ଡ. କେ. ମୁରୁଗେସନ, ମୁଖ୍ୟ ବନ ସଂରକ୍ଷକ(ବନପ୍ରାଣୀ) ତଥା ନିର୍ଦ୍ଦେଶକ, ନନ୍ଦନକାନନ ମନୋଜ ନାୟର, ଲିଙ୍ଗରାଜ ଓତ୍ତା, ଏ.କେ. ପଟ୍ଟନାୟକ, ଦେବେନ ପ୍ରଧାନ, ଧରମ ହାଁସଦା, ଉଷାରାଣୀ ଦାସ, କଲ୍ୟାଣୀ ମଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ।

# କୃଷକଙ୍କ ବିକାଶରେ ରାଷ୍ଟ୍ର ବିକଶିତ ହେବ

**ଜିଲାସ୍ତରୀୟ ପିଏମ୍ କିଷାନ ଉତ୍ସବ ଦିବସ**

ଖୋର୍ଦ୍ଧା,୧୮।୬(ପ୍ରଭାତ ପାଣିଗ୍ରାହୀ)



ଖୋର୍ଦ୍ଧା ଜିଲାସ୍ତରୀୟ ପିଏମ୍ କିଷାନ ଉତ୍ସବ ଦିବସ ଜିଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅଧ୍ୟକ୍ଷତା କରି କହିଥିଲେ, ପିଏମ୍ କିଷାନ ସମ୍ମାନ ନିଧି (ପିଏମ କିଷାନ) ଯୋଜନା ଦେଶର ଜମିଧାରୀ କୃଷକମାନଙ୍କର ବିଭିନ୍ନ କୃଷି ଓ ଆନୁଷଙ୍ଗିକ ସାମଗ୍ରୀ କ୍ରୟ କରିବା ନିମନ୍ତେ ଆର୍ଥିକ ଆବଶ୍ୟକତା ପୂରଣ ପାଇଁ ୨୦୧୯ ଫେବୃଆରୀରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରାରମ୍ଭ ହୋଇଥିଲା। ଏହି ଯୋଜନାରେ ସିଧାସଳଖ ସହାୟତା ରାଶି ଚାଷୀଙ୍କ ଆଧାର ସଂଯୁକ୍ତ ବ୍ୟାଙ୍କ ଆକାଉଣ୍ଟକୁ ତିନିଟି ସମାନ କିସ୍ତିରେ ବାର୍ଷିକ ୬ହଜାର ଟଙ୍କା ପ୍ରଦାନ କରାଯାଉଛି। ପିଏମ କିଷାନ ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ କୃଷକ ଓଡିଶା ପୋର୍ଟାଲରେ ନିଜର ଜମିକୁ ସଂଯୁକ୍ତ କରିବା ଆବଶ୍ୟକ। ଆବଶ୍ୟକ ସ୍ଥଳେ ଆଧାରକାର୍ଡ ଅନୁଯାୟୀ ନାମ ସଂଶୋଧନ ସହ ନିଜର ଫୋନ ନମ୍ବର ଓ ଆଧାରନମ୍ବର ବ୍ୟାଙ୍କ ଆକାଉଣ୍ଟ ସହିତ ସଂଯୁକ୍ତ କରିବା, ସିଧାସଳଖ ସହାୟତା ରାଶି ପହଞ୍ଚାଇବା ନିମନ୍ତେ ବ୍ୟାଙ୍କ ଆକାଉଣ୍ଟକୁ ସକ୍ରିୟ ରଖିବାକୁ ପରାମର୍ଶ ଦିଆଯାଇଛି। ଏହି ଯୋଜନାରେ ଚାଷୀମାନଙ୍କୁ ୧୬ଟି କିସ୍ତି ପ୍ରଦାନ କରାଯାଇଛି। ଖୋର୍ଦ୍ଧା ଜିଲାରେ ୯୩,୩୭୮ ଜଣ ଚାଷୀ ପିଏମ କିଷାନ ଯୋଜନାରେ ପଞ୍ଜୀକୃତ ହୋଇଛନ୍ତି। ମଙ୍ଗଳବାର ଜିଲାର ୬୨,୬୬୦ ଜଣ ଚାଷୀଙ୍କୁ ପିଏମ କିଷାନର ୧୭ତମ କିସ୍ତି ପ୍ରଦାନ କରାଯାଇଛି। କୃଷକଙ୍କ ବିକାଶରେ ରାଷ୍ଟ୍ର ବିକଶିତ ହେବ ବୋଲି ସେ କହିଥିଲେ। ଏହି ବୈଠକରେ ବିଧାୟକ ପ୍ରଶାନ୍ତ ଜଗଦେବ କହିଥିଲେ, ସମସ୍ତଙ୍କର ସହଭାଗିତାରେ ଖୋର୍ଦ୍ଧା ଜିଲା ଏକ ନମ୍ବର ହୋଇପାରିବ। ପୂର୍ବତନ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବାଦଲ କୁମାର ମହାନ୍ତି, ଉପଜିଲାପାଳ ଦୀପ୍ତି ରଞ୍ଜନ ସେଠି, ସୁଭାଷ ଚନ୍ଦ୍ର ପଣ୍ଡା, ବିଭୁଦତ୍ତ ସାହୁ, ଅଳକା ଜେନାଙ୍କ ସମେତ ଅନ୍ୟ ଅଧିକାରୀ ଏବଂ ଚାଷୀମାନେ ଉପସ୍ଥିତ ଥିଲେ।

# ଭୋଗ, ସାହାଣମେଲା ଦର୍ଶନ ପରେ ପହଣ୍ଡି

- ଶୃଙ୍ଖଳିତ ସ୍ନାନଯାତ୍ରା ଉପରେ ଗୁରୁତ୍ୱ
- ଦଇତାପତି ନିଯୋଗ ସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଆଲୋଚନା

ପୁରୀ,୧୮।୬(ଅଜିତ୍ କୁମାର ମହାନ୍ତି)

ଚଳିତ ମାସ ୨୨ ତାରିଖରେ ପବିତ୍ର ସ୍ନାନଯାତ୍ରା। ରତ୍ନବେଦି ଛାଡ଼ି ସ୍ନାନବେଦିକୁ ଆସିବେ ଚତୁର୍ଦ୍ଧାବିଗ୍ରହ। ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ସହ ଦୁର୍ଲ୍ଲଭ ହାତୀବେଶରେ ଦର୍ଶନ ଦେବେ ଦାରୁଦିଅଁ। ଏଥିପାଇଁ ଶ୍ରୀକ୍ଷେତ୍ରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ଏନେଇ ଜିଲା ପ୍ରଶାସନଠାରୁ ଆରମ୍ଭ କରି ପୋଲିସ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ପ୍ରଶାସନ ପକ୍ଷରୁ ସେବାୟତମାନଙ୍କ ସହ ବିଭିନ୍ନ ପର୍ଯ୍ୟାୟରେ ଆଲୋଚନା କରାଯାଉଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଦଇତାପତି ନିଯୋଗ ସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସନର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ ଅଧକ୍ଷତା କରିଥିଲେ। ଶୃଙ୍ଖଳିତ ସ୍ନାନଯାତ୍ରା ଆୟୋଜନ ନେଇ ମୁଖ୍ୟତଃ ବୈଠକରେ ଆଲୋଚନା କରାଯାଇଛି। ସେହିପରି ପହଣ୍ଡି, ଜଳଲାଗି, ହାତୀବେଶ ସମୟରେ ଯେଭଳି ଶୃଙ୍ଖଳା ରକ୍ଷା ହେବ ତାହା ଉପରେ ଗୁରୁତ୍ୱ ଦିଆଯାଇଛି। ଭକ୍ତମାନେ ସ୍ନାନମଣ୍ଡପର ଗୋଟିଏ ପାର୍ଶ୍ୱ ଦେଇ ପ୍ରବେଶ ଓ ଅନ୍ୟ ପାର୍ଶ୍ୱ ଦେଇ ପ୍ରସ୍ଥାନ କରିବେ। ସ୍ନାନମଣ୍ଡପରେ ସିସିଟିଭି କ୍ୟାମେରା ସହ ଖୁବ୍ କମ୍ ସମୟରେ କିଭଳି ଅଧିକ ଭକ୍ତ ଦର୍ଶନ କରିପାରିବେ ସେ ନେଇ ନିଷ୍ପତ୍ତି ହୋଇଛି। ସେହିପରି ଶ୍ରୀବିଗ୍ରହମାନଙ୍କ ସମ୍ମୁଖରେ ଯେଭଳି କୌଣସି ସେବାୟତ ଠିଆ ହୋଇ ଦର୍ଶନରେ ବାଧା ସୃଷ୍ଟି କରିବେ ନାହିଁ। ଏଥିଲାଗି ସବୁ ସେବାୟତଙ୍କ ଭିତରେ ସମନ୍ୱୟ ରକ୍ଷା କରାଯିବ ବୋଲି ବୈଠକରେ ଆଲୋଚନା କରାଯାଇଥିବା ଜଣାପଡ଼ିଛି।



ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ ଏବଂ ଦଇତାପତି ନିଯୋଗର କର୍ମକର୍ତ୍ତା।

ବୈଠକ ସମ୍ପର୍କରେ ଦଇତାପତି ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସମହାପାତ୍ର ସୂଚନା ଦେଇ କହିଛନ୍ତି, ମହାପ୍ରଭୁଙ୍କ ଆଗାମୀ ସ୍ନାନଯାତ୍ରା ଯେପରି ଶୃଙ୍ଖଳିତ ଭାବରେ ସମ୍ପନ୍ନ ହେବ ସେ ନେଇ ଦଇତାପତି ନିଯୋଗ ସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଆଲୋଚନା କରିଛନ୍ତି। ବିଗତବର୍ଷଗୁଡ଼ିକରେ ଯାହାସବୁ ସମସ୍ୟା ରହିଥିଲା, ସେଗୁଡ଼ିକର ସମାଧାନ କରାଯିବ। ସ୍ନାନବେଦି ନିକଟ ଅଞ୍ଚଳ ପରିଷ୍କାର ରଖାଯିବ। ଦିନତମାମ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ କରିବା ନେଇ ନିଷ୍ପତ୍ତି ହୋଇଛି। ମହାପ୍ରଭୁଙ୍କ ଭୋଗ ସରିବା ପରେ ସାହାଣମେଲା ଦର୍ଶନ କରାଯିବ। ପରେ ଶ୍ରୀବିଗ୍ରହମାନଙ୍କ ପହଣ୍ଡି ହେବ। ଉକ୍ତ ଦିନ ଅଣସର ନୀତି କରିବା ନିମନ୍ତେ ଚେଷ୍ଟା କରାଯିବ। ସମସ୍ତଙ୍କ ସହଯୋଗରେ ନୀତି ସମ୍ପାଦନ କରାଯିବ। ଶ୍ରୀମନ୍ଦିର ପ୍ରଶାସନ ରେକର୍ଡ ଅଫ୍ ରାଇଟ୍ସରେ ଯାହା ଦାୟିତ୍ୱ ରହିଛି, ସେ ନେଇ ପ୍ରଶାସନ ଆଲୋଚନା କରିବ। ଭକ୍ତମାନେ ଯେପରି ଭଲ ଭାବେ ମହାପ୍ରଭୁଙ୍କ ଦର୍ଶନ କରିବେ ସେ ନେଇ ବ୍ୟବସ୍ଥା କରାଯିବ। ମହାପ୍ରଭୁଙ୍କ ହାତୀବେଶ ଯେପରି ବହୁ ସମୟ ପର୍ଯ୍ୟନ୍ତ ରହିବ ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ଦାସମହାପାତ୍ର କହିଛନ୍ତି। ସେହିପରି ବରିଷ୍ଠ ଦଇତାପତି ସେବକ ବିନାୟକ ଦାସ ମହାପାତ୍ର କହିଛନ୍ତି, ୧୯୭୧ ମସିହାରେ ଯାହା ଯେପରି ନୀତି ହୋଇଥିଲା, ସେହିପରି ଚଳିତଥର କରାଯିବାକୁ ବୈଠକରେ ଆଲୋଚନା ହୋଇଛି। ସ୍ନାନଯାତ୍ରା ପରେ ରଥଯାତ୍ରା ସମ୍ପର୍କରେ ଆଲୋଚନା କରାଯିବ ବୋଲି ଦାସ ମହାପାତ୍ର କହିଛନ୍ତି।

## ସଂକ୍ଷେପରେ

### ସ୍କୁଟିକୁ ଧକ୍କାଦେଲା କାର୍: ଦମ୍ପତି ମୃତ

ପିପିଲି, ୧୮।୬(ଦୁର୍ଗାମାଧବ ମିଶ୍ର/ ପ୍ରଭାତ କୁମାର ମହାପାତ୍ର)

ପୁରୀ ଜିଲା ପିପିଲି ବାଇପାସ୍‌ରେ ଏକ ସ୍କୁଟିକୁ କାର୍ ଧକ୍କା ଦେବାରୁ ଦମ୍ପତିଙ୍କ ଜୀବନ ଯାଇଛି। ମୃତକ ଦ୍ୱୟ ହେଲେ ପିପିଲି ବ୍ଲକ ସଂପୁର ପଞ୍ଚାୟତ ଅଧୀନ ରାଜତେଇ ଗ୍ରାମର ଉଦ୍ଧବ ବେହେରା (୫୦) ଏବଂ ତାଙ୍କ ସ୍ତ୍ରୀ ସୁଲୋଚନା ବେହେରା (୪୫)। ସୂଚନା ଅନୁଯାୟୀ, ଗତ ୧୬ ତାରିଖରେ ଉଦ୍ଧବଙ୍କ ସହିତ ସୁଲୋଚନା ତାଙ୍କ ବାପଘରକୁ ଏକ ସ୍କୁଟି ଯୋଗେ ଯାଉଥିଲେ। ପିପିଲି ବାଇପାସ୍ ନିକଟସ୍ଥ ନାୟାର ପେଟ୍ରୋଲ ଟାଙ୍କିରେ ସ୍କୁଟିରେ ତେଲ ପକାଇ ରାଜପଥକୁ ଆସିବା ସମୟରେ ପୁରୀରୁ ଭୁବନେଶ୍ୱର ଅଭିମୁଖେ ଦ୍ରୁତଗତିରେ ଯାଉଥିବା ଏକ କାର୍ ତାଙ୍କ ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ ଉଭୟ ସ୍ୱାମୀ, ସ୍ତ୍ରୀ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲେ। ସେଠାରେ ସୁଲୋଚନାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଉଦ୍ଧବଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏସ୍‌ସିବିର ଆଇସିୟୁରେ ଉଦ୍ଧବଙ୍କ ଚିକିତ୍ସା ଚାଲିଥିଲା। ତେବେ ସୋମବାର ରାତିରେ ଉଦ୍ଧବଙ୍କ ମୃତ୍ୟୁ ହୋଇଯାଇଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ହୋଇ ଆସିବା ପରେ ରାଜତେଇ ଗ୍ରାମକୁ ଅଣାଯାଇ ଗାଁ ଶ୍ମଶାନରେ ସତ୍କାର କରାଯାଇଛି। ସ୍ତ୍ରୀଙ୍କ ଜୁଇ ନିଆଁ ଲିଭି ନ ଥିବା ବେଳେ ସ୍ୱାମୀଙ୍କ ଚିତା ଜଳିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

### ରଜ ମହୋତ୍ସବ ଉଦ୍‌ଯାପିତ

ପୁରୀ,୧୮।୬(ଅଜିତ୍ କୁମାର ମହାନ୍ତି)

ପୁରୀ ସଦରର ମୁକୁନ୍ଦ ମିଶ୍ର ନଗରରେ ରଜ ମହୋତ୍ସବ ଆୟୋଜିତ ହୋଇଯାଇଛି। ଏହି ଅବସରରେ ରଜଦୋଳି ସାଙ୍ଗକୁ ବିଭିନ୍ନ ପ୍ରକାର ପିଠାପଣା ଓ ପାନର ଆସର ଜମିଥିଲା। ନଗରର ସଭାପତି ଜଗଦାନନ୍ଦ ମିଶ୍ରଙ୍କ ସହଯୋଗରେ ପ୍ରଥମ ଥର ପାଇଁ ରଜ ମହୋତ୍ସବ ଆୟୋଜନ ହୋଇଥିଲା। ଆଗାମୀ ଦିନରେ ଏହି ମହୋତ୍ସବକୁ ଆହୁରି ବ୍ୟାପକ ଭାବେ ଆୟୋଜନ କରାଯିବ ବୋଲି ନଗରର ସଭାପତି କହିଥିଲେ।

### କଣାସ ଥାନା ଏଏସ୍‌ଆଇ ସମ୍ବର୍ଦ୍ଧିତ

କଣାସ,୧୮।୬(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ଥାନା ଏଏସ୍‌ଆଇ ଜିତେନ୍ଦ୍ର ପରିଡ଼ା ପ୍ରମୋଶନ୍ ପାଇ ବୈରି ଟ୍ରେନିଂ ସେଣ୍ଟରକୁ ବଦଳି ହୋଇଛନ୍ତି। କଣାସ ଥାନା ପରିସରରେ ଥାନା ଆଇଆଇସି ରାକେଶ ତ୍ରିପାଠୀଙ୍କ ଅଧକ୍ଷତାରେ ମଙ୍ଗଳବାର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଏଏସ୍‌ଆଇ ବି. ଭୋଇ, ଏଏସ୍‌ଆଇ ଏସ୍. ସାହୁ, ଏଏସ୍‌ଆଇ ଆର୍. କେ. ସାମନ୍ତରାୟ, ଏଏସ୍‌ଆଇ କେ.ସି. ବେହେରା ଉପସ୍ଥିତ ରହି ଶ୍ରୀଗୁମାନସିଂଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ଓ ଜଗନ୍ନାଥଙ୍କ ଫଟୋଚିତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧିତ କରିବା ସହିତ ସେ କଣାସ ଥାନାରେ ଦୀର୍ଘ ଦିନ ରହି ନିଷ୍ଠାପର ସହିତ କାର୍ଯ୍ୟ କରିଥିବାରୁ ଆଇଆଇସି ତ୍ରିପାଠୀ ତାଙ୍କୁ ସାଧୁବାଦ ଜଣାଇଥିଲେ।

# ବାହୁନି କାନ୍ଦୁଛନ୍ତି ପରିବାର ଲୋକେ

## ଦେବୀ ନଦୀରେ ବୁଡ଼ି ୩ ଛାତ୍ରଙ୍କ ମୃତ୍ୟୁ ଘଟଣା

ଅସ୍ତରଙ୍ଗ,୧୮।୬ (ମମତା ଜେନା/ ପ୍ରଦୀପ୍ତ କୁମାର ଦୀକ୍ଷିତ)



ଅସ୍ତରଙ୍ଗ ଥାନା ଅନ୍ତର୍ଗତ ନଗର ପଞ୍ଚାୟତ ବାଲିଡିଆ ଗ୍ରାମର ୩ ଜଣ ଛାତ୍ର ମଙ୍ଗଳବାର ଦେବୀ ନଦୀରେ ଗାଧୋଉଥିବାବେଳେ ବୁଡ଼ିଯାଇ ମୃତ୍ୟୁବରଣ କରିଛନ୍ତି। ମୃତକମାନେ ହେଲେ ଆୟୁଷ୍ମାନ୍ ବେହେରା ଓରଫ ଓମ୍ (୧୪), ରିତେଶ ବେହେରା (୧୩) ଓରଫ କାହ୍ନା ଏବଂ ରୋହନ ବେହେରା (୧୪)। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

ପିଲାମାନେ ଶେଷଥର ପାଇଁ କହିଯାଇଥିବା କଥାକୁ ମନେପକାଇ ମା'ମାନେ ବାହୁନି କାନ୍ଦୁଛନ୍ତି। ରୋଷେଇ କରି ରଖିଥା, ଆସିଲେ ଖାଇବା ବୋଲି ପୁଅ କହିଥିବା ନେଇ ଆୟୁଷ୍ମାନ୍‌ଙ୍କ ମା' ଅନସୂୟା କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି। ସେହିପରି ଆଦର୍ଶ ବିଦ୍ୟାଳୟର କୃତୀ ଛାତ୍ର ରୋହନ 'ମୋର ବହୁତ ପାଠପଢ଼ା ଅଛି, ଆସିଲେ ଖାଇସାରି ପଢିବି ଏବଂ ଅପରାହ୍ନରେ ଟ୍ୟୁଶନ ଯିବି' ବୋଲି ତାଙ୍କ ମା' ପିପିନାଙ୍କୁ କହିଥିଲେ। ରିତେଶ ୩ଦିନ ତଳେ ସାଙ୍ଗଙ୍କ ସହିତ ଜନ୍ମଦିନ ପାଳନ କରିଥିଲେ। ମଙ୍ଗଳବାର ଗାଧୋଇବାକୁ ଯିବା ପୂର୍ବରୁ ଫୋନ ଚାର୍ଜରେ ବସାଇବା ପାଇଁ କହିଯାଇଥିଲେ ବୋଲି ମା' ପୁଷ୍ପ ବେହେରା କାନ୍ଦି କାନ୍ଦି ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ତୁରନ୍ତ ମୃତକମାନଙ୍କ ପରିବାରକୁ ଆର୍ଥିକ ସହାୟତା ରାଶି ପ୍ରଦାନ କରିବା ପାଇଁ ଅଞ୍ଚଳବାସୀ ନିବେଦନ କରିଛନ୍ତି। ଦେବୀନଦୀ କୂଳରେ ବସବାସ କରୁଥିବା ମତ୍ସ୍ୟଜୀବୀ ସମ୍ପ୍ରଦାୟ ଓ ତାଙ୍କର ପିଲାମାନେ ନଦୀରେ ଗାଧୁଆପାଧୁଆ କରିବା ତଥା ମାଛ ଧରିବା ନିତିଦିନିଆ ଘଟଣା। ଏବେ ନଦୀରେ କମ୍ ପାଣି ଥିବାବେଳେ ଏହି ପିଲାମାନେ ଗାଧୋଇବା ସମୟରେ ଏମିତି ଏକ ଅଘଟଣ ଘଟିବ ବୋଲି କେହି ବି ସହଜରେ ବିଶ୍ୱାସ କରିପାରୁନାହାନ୍ତି।



ଜଣେ ପୁଅକୁ ହରାଇ ଦୁଃଖରେ ଭାଙ୍ଗିପଡିଥିବା ପରିବାର ସଦସ୍ୟ ।




ପୁରୀ ସଂସ୍କୃତି ଭବନରେ ଅନୁଷ୍ଠିତ ଦ୍ୱାରକାନାଥ ଦାସଙ୍କ ୩୫ତମ ଶ୍ରାଦ୍ଧ ବାର୍ଷିକୀ ସମ୍ବର୍ଦ୍ଧନା ସଭାରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ ।

## ଆଇନଜୀବୀ ଦ୍ୱାରକାନାଥ ଦାସଙ୍କ ୩୫ତମ ସ୍ମୃତିସଭା

ପୁରୀ,୧୮।୬(ଅଜିତ୍ ମହାନ୍ତି)

ଦ୍ୱାରକାନାଥ ଦାସ ସ୍ମୃତି ସମିତି ଆନୁକୂଲ୍ୟରେ ଦ୍ୱାରକାନାଥ ଦାସଙ୍କ ୩୫ତମ ଶ୍ରାଦ୍ଧ ବାର୍ଷିକୀ ସମ୍ବର୍ଦ୍ଧନା ସଭା ସଂସ୍କୃତିଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଡାକ୍ତର ରାଧାକାନ୍ତ ମହାପାତ୍ର ଏଥିରେ ଅଧକ୍ଷତା ଏବଂ କବି ଶିବ ସୁନ୍ଦର ମିଶ୍ର ସଂଯୋଜନା କରିଥିଲେ। ଗବେଷିକା ବାସନ୍ତୀ ଦେବୀ ସ୍ୱାଗତ ସ୍ମୃତି ସଙ୍ଗୀତ ଗାନ କରିଥିଲେ। ଯୁଗ୍ମ ସମ୍ପାଦକ ଅନାମ ଚନ୍ଦ୍ର ସାହୁ ଅତିଥି ପରିଚୟ ଓ ଅଞ୍ଜନ କୁମାର ହୋତା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ପ୍ରାକ୍ତନ କୁଳପତି ପ୍ର.ଡ. ପ୍ରଫୁଲ୍ଲ କୁମାର ମହାନ୍ତି, ମୁଖ୍ୟବକ୍ତା ରୂପେ ପଣ୍ଡିତ ସୁଧାଂଶୁ ଶେଖର ରାଜଗୁରୁ ଯୋଗଦେଇଥିଲେ। କାର୍ଯ୍ୟକାରୀ ସଭାପତି ଡାକ୍ତର ଦେବପ୍ରାଦ ଦାଶ ସଭାପତି ଅଭିଭାଷଣ ଦେଇଥିଲେ। ଏହି ଅବସରରେ ରମାଦେବୀଙ୍କ ଦ୍ୱାରା ଲିଖିତ କବିତା ଗୁଚ୍ଛ ପୁସ୍ତକ 'ଫଲ୍ଗୁତୀ'ରେ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନ ପକ୍ଷରୁ ଚଳିତବର୍ଷର ଦ୍ୱାରକାନାଥ ଦାସ ସ୍ମୃତି ସମ୍ମାନରେ ପ୍ର. ଡ. ପ୍ରଭାତ ରଞ୍ଜନ ମହାପାତ୍ର (ଶିକ୍ଷା), ଡାକ୍ତର ରାଧାକାନ୍ତ ମହାପାତ୍ର(ସେବା), ପ୍ର. ବ୍ରଜକିଶୋର ସ୍ୱାଇଁ (ସାହିତ୍ୟ), ପ୍ରସନ୍ନ କୁମାର ମିଶ୍ର (କଳା) କ୍ଷେତ୍ରରେ ପ୍ରଦାନ କରାଯାଇଥିବାବେଳେ ପୁଷ୍କର ମହାପାତ୍ରଙ୍କୁ ହରିହର ବାହିନୀପତି ସ୍ମୃତି ସମ୍ମାନରେ ସାଲ, ଫଳକ, ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଡ. ନୃସିଂହ ଚରଣ ସାହୁ, ସତ୍ୟନାରାୟଣ ମିଶ୍ର, ରାଧାକାନ୍ତ ଦାଶ, ଡା. କାର୍ତ୍ତିକ ଦାସ, ଭାରତୀଭୂଷଣ ଦାଶ, ଅନ୍ନପୂର୍ଣ୍ଣା ଦେବୀ, ସୁରେଶ ପଟ୍ଟନାୟକ, କ୍ରିଷ୍ଣା ମହାପାତ୍ର, ଚନ୍ଦ୍ର ଶେଖର ମହାରଣା, ବିଶ୍ୱମ୍ଭର ସାହୁ, ଶ୍ୟାମ ପ୍ରକାଶ ସେନାପତି, ବିପିନ ବିହାରୀ ଦଳାଇ, ଡା. ରାଧେଶ୍ୟାମ ରଥ, ପୁଲକ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। କବିଶିବ ସୁନ୍ଦର ମିଶ୍ର ଧନ୍ୟବାଦ ଦେଇଥିଲେ।

# ଗଙ୍ଗୁଆ ନାଳବନ୍ଧ ପରିଦର୍ଶନ କଲେ ପିପିଲି ବିଧାୟକ

## ସ୍ଥାୟୀ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ

ପିପିଲି,୧୮।୬(ପ୍ରଭାତ କୁମାର ମହାପାତ୍ର)

ବିଧାନସଭାରେ ଶପଥ ନେବା ପୂର୍ବରୁ ମଙ୍ଗଳବାର ଲୋକଙ୍କ ସମସ୍ୟା ବୁଝିଲେ ପିପିଲିର ନବନିର୍ବାଚିତ ବିଧାୟକ ଆଶ୍ରିତ ପଟ୍ଟନାୟକ। ଦୀର୍ଘଦିନର ଚାଷୀଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ବିଧାୟକ ପଟ୍ଟନାୟକ ପୋପରଙ୍ଗା ପଞ୍ଚାୟତର ଗଙ୍ଗୁଆ ନାଳବନ୍ଧ ପରିଦର୍ଶନ କରିଛନ୍ତି। ଦୀର୍ଘ ୨ବର୍ଷ ହେବ ଗଙ୍ଗୁଆ ନାଳରେ ଘାଇ ସୃଷ୍ଟି ହୋଇ ଦୟାନଦୀର ବନ୍ୟାଜଳ ଗହୀରରେ ପ୍ରବେଶ କରି ଶହ ଶହ ହେକ୍ଟର ଚାଷଜମି ଜଳମଗ୍ନ ହେବା ସହ ଚାଷୀଙ୍କ ଫସଲ ନଷ୍ଟ ହେଉଛି। ଦୟାନଦୀରେ ବନ୍ୟା ଜଳ ପ୍ରଭାବିତ ହେଲେ ଗଙ୍ଗୁଆ ନାଳ ବନ୍ଧରେ ପ୍ରାୟ ୨୦୦ ଫୁଟ ଘାଇ ହୋଇ ପୋପରଙ୍ଗା ପଞ୍ଚାୟତ ସମେତ ୧୦ ଗ୍ରାମର ଗହୀର ଜଳାଶୟ ହେଉଥିବାବେଳେ କେତେକ ଗାଁ ମଧ ଜଳବନ୍ଦୀ ହୋଇପଡୁଥିଲା। ତେଣୁ ଏହାର ସ୍ଥାୟୀ ସମାଧାନ ପାଇଁ ମଙ୍ଗଳବାର ପୂର୍ବାହ୍ନରେ ବିଧାୟକ ପଟ୍ଟନାୟକ ପୁରୀ ଜିଲା ଡ୍ରେନେଜ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରମାକାନ୍ତ ମଲ୍ଲିକଙ୍କୁ ସାଙ୍ଗରେ ଧରି ଗଙ୍ଗୁଆ ନାଳରେ ଚାଲିଥିବା ଘାଇ ମରାମତି କାର୍ଯ୍ୟର ତଦାରଖ କରିଥିଲେ। ଏହି ନାଳବନ୍ଧ ମରାମତି ପାଇଁ ସ୍ଥାନୀୟ ଚାଷୀଙ୍କ ପକ୍ଷରୁ ବାରମ୍ବାର ଦାବି ହୋଇଆସୁଥିଲା। ଉକ୍ତ ନାଳବନ୍ଧ ମରାମତି କାମ ନିମ୍ନମାନର ହେଉଥିବା ସ୍ଥାନୀୟ ସରପଞ୍ଚ ନିରଞ୍ଜନ ସେନାପତିଙ୍କ ସମେତ ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ତେବେ ନଦୀବନ୍ଧ ପରିଦର୍ଶନ ଅବସରରେ ଉନ୍ନତମାନର କାର୍ଯ୍ୟ ସହ ଧାର୍ଯ୍ୟ ସମୟରେ ସାରିବାକୁ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ସବୁ ସମୟରେ ନଦୀବନ୍ଧ ରକ୍ଷଣାବେକ୍ଷଣ କରିବା ପାଇଁ ସ୍ୱତନ୍ତ୍ର ସର୍ଭିସ ରୋଡ୍ ନିର୍ମାଣ ପାଇଁ ସରକାରଙ୍କ ନିକଟରେ ଦାବି ରଖିବେ ବୋଲି ବିଧାୟକ ପଟ୍ଟନାୟକ କହିଛନ୍ତି।



ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଗଙ୍ଗୁଆ ନାଳବନ୍ଧ ପରିଦର୍ଶନ ଅବସରରେ ଅଧିକାରୀ ଓ ଅନ୍ୟମାନଙ୍କ ସହ ଆଲୋଚନା କରୁଛନ୍ତି ।

# ଖୋଲିଲା ସ୍କୁଲ: ଉପସ୍ଥାନ କମ୍

ଗୋପ,୧୮।୬(ଭାରତୀ ଭୂଷଣ ଉପାଧ୍ୟାୟ)

ଗ୍ରୀଷ୍ମଛୁଟି ପରେ ମଙ୍ଗଳବାର ଗୋପ ବ୍ଲକ ଅଞ୍ଚଳରେ ସମସ୍ତ ସ୍କୁଲ ସକାଳୁଆ ହୋଇଛି। କିନ୍ତୁ ସବୁ ସ୍କୁଲରେ ଅଧାରୁ ଅଧା ଛାତ୍ରୀଛାତ୍ର ଆସିଥିବାବେଳେ ଅଧିକାଂଶ ସ୍କୁଲରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଉପସ୍ଥିତି ମଧ ଅନୁରୂପ ଥିଲା। ଏ ନେଇ ଅଭିଭାବକମାନେ ଶିକ୍ଷା ବିଭାଗର ମନିଟରିଂ ଉପରେ ଦୋଷ ଲଦିଛନ୍ତି। ପ୍ରକାଶ ଯେ, ଗୋପ ବ୍ଲକ ଅଧୀନରେ ହାଇସ୍କୁଲଠାରୁ ଆରମ୍ଭ କରି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ନୋଡାଲ ସ୍କୁଲ ସହିତ ୨୬୨ ଅନ୍ୟାନ୍ୟ ସ୍କୁଲ ରହିଛି। ହେଲେ ଏହି ସ୍କୁଲଗୁଡ଼ିକରେ ଠିକ୍ ଭାବେ ପାଠପଢ଼ା ହେଉ ନ ଥିବା ଅଭିଯୋଗ ହେଉଛି। ମଙ୍ଗଳବାରଠାରୁ ସକାଳୁଆ ସ୍କୁଲ ହୋଇଥିଲେ ମଧ ଅଧିକାଂଶ ସ୍କୁଲକୁ ଛାତ୍ରୀଛାତ୍ର ଆସି ନ ଥିଲେ। ଅପରପକ୍ଷେ ଗୋପ ବ୍ଲକରେ ୧୮୭ଟି ଅଙ୍ଗନୱାଡ଼ି କେନ୍ଦ୍ରରେ ସମାନ ଚିତ୍ର ଦେଖିବାକୁ ମିଳିଥିଲା। ଶିକ୍ଷା ବିଭାଗର ତଦାରଖ ନ ହେବା ସାଙ୍ଗକୁ ସରକାରୀ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଅଭାବ ଏହାର ମୁଖ୍ୟ କାରଣ ବୋଲି ଅଭିଭାବକ ମନୋଜ ବେହେରା, ପ୍ରଫୁଲ୍ଲ ବେହେରା, ଚିତ୍ରସେନ କାଣ୍ଡି କହିଛନ୍ତି। ଏ ସମ୍ପର୍କରେ ଗୋପ ବ୍ଲକ ଶିକ୍ଷା ଅଧିକାରୀ ସୁଶୀଳ ବ୍ରହ୍ମାଙ୍କୁ ପଚାରିବାରେ, ସେମିତି ଅଭିଯୋଗ ତାଙ୍କ ନିକଟରେ ନାହିଁ। ତଥାପି ସେ ଏଥିନେଇ ଦୃଷ୍ଟିଦେବେ ବୋଲି କହିଥିଲେ।

# ବ୍ଲକସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ବୈଠକ

କଣାସ,୧୮।୬(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ପଞ୍ଚାୟତ ସମିତି ସଭାଗୃହରେ ତହସିଲଦାର ସନ୍ତୋଷ ପାଣିଗ୍ରାହୀଙ୍କ ଅଧକ୍ଷତାରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଥାନା ଆଇଆଇସି ରାକେଶ ତ୍ରିପାଠୀ, କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ବେହେରା, ଅତିରିକ୍ତ ବିଡିଓ ମଙ୍ଗଳସିଂ ହେମ୍ବ୍ରମ୍, ଶିଶୁ ବିକାଶ ଅଧିକାରିଣୀ ସ୍ମିତା ମହାନ୍ତି, ଅଗ୍ନିଶମ ଅଧିକାରୀ ସୁବାସ ଚନ୍ଦ୍ର ପାତ୍ର ଯୋଗଦେଇଥିଲେ। ମୁକାବିଲା ପାଇଁ ୫ଟି ହାତ ଏକତ୍ରିତ ମିଳାଇଲେ ସହଜରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ହୋଇପାରିବ ବୋଲି ଅଧିକାରୀମାନେ କହିଥିଲେ। କଣାସ ବ୍ଲକରେ ପ୍ରାକୃତିକ ବିପର୍ଯ୍ୟୟ ପାଇଁ ୨୪ଟି ବାତ୍ୟା ଆଶ୍ରୟସ୍ଥଳୀ ରହିଛି। ବାତ୍ୟା ଆଶ୍ରୟସ୍ଥଳୀଗୁଡିକ ଠିକ୍ ଭାବେ କାର୍ଯ୍ୟ କରୁଛିକି ନାହିଁ ଆଶ୍ରୟସ୍ଥଳୀ ଦାୟିତ୍ୱରେ ଥିବା ସଭାପତି, ସମ୍ପାଦକଙ୍କୁ ଅଧିକାରୀମାନେ ପରାମର୍ଶ ଦେଇଥିଲେ। ବୈଠକରେ କୃଷି ଅଧିକାରୀ ଓ ପ୍ରତ୍ୟେକ ସରପଞ୍ଚ, ବିଭିନ୍ନ ଅଧିକାରୀ ଉପସ୍ଥିତ ଥିଲେ। ବୁଧବାର ୨୪ଟି ବାତ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ କରାଯିବ ।

# ପ୍ରଶାସନ ଓ ହିତାଧିକାରୀଙ୍କ ମଧ୍ୟରେ ସମନ୍ୱୟ ଆବଶ୍ୟକ

ସାକ୍ଷୀଗୋପାଳ,୧୮।୬ (ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର)

ସତ୍ୟବାଦୀ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ମଙ୍ଗଳବାର ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ସହାୟତା ରାଶି ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ସୂର୍ଯ୍ୟନାରାୟଣ ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ର, ସମ୍ମାନିତ ଅତିଥି ରୂପେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ଜିଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ଜିଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ, ମଣ୍ଡଳ କୃଷି ଅଧିକାରୀ ସୁଦେଷ୍ଣା ପରିଡ଼ା ଓ ଅତିରିକ୍ତ ପ୍ରାଣୀ ଚିକିତ୍ସକ ମୌସୁମୀ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଜନ ପ୍ରତିନିଧି, ସରକାରୀ ଅଧିକାରୀ ଓ ହିତାଧିକାରୀଙ୍କ ମଧ୍ୟରେ ସହଯୋଗ ଓ ଯୋଗାଯୋଗ ଅଭାବରୁ ପ୍ରକୃତ ହିତାଧିକାରୀ ସରକାରୀ ସହାୟତା ପାଇପାରୁ ନାହାନ୍ତି। ତେଣୁ ଏଭଳି ସମସ୍ୟାର ତୁରନ୍ତ ସମାଧାନ ହେବା ସହ ଉତ୍ତମ ସମନ୍ୱୟ ରହିବା ଆବଶ୍ୟକ ବୋଲି ମୁଖ୍ୟ ଅତିଥି ଏମ୍‌ପି ପାତ୍ର ଓ ବିଧାୟକ ମିଶ୍ର ପ୍ରକାଶ କରିଥିଲେ। ଆଗକୁ ଠିକ୍ ହିତାଧିକାରୀଙ୍କ ନିମନ୍ତେ ରହିଥିବା ଯୋଜନାରେ ସାମିଲ କରିବା ନିମନ୍ତେ ଏମ୍‌ପି, ବିଧାୟକ, ଜିଲା ପରିଷଦ ସଭ୍ୟ, ଜିଲା ପରିଷଦ ସଭ୍ୟା, ସରପଞ୍ଚ ସମିତି ସଭ୍ୟ, ସମିତି ସଭ୍ୟା ଓ ଜନ ପ୍ରତିନିଧିଙ୍କୁ ନେଇ ସରକାରୀ ଅଧିକାରୀ ଓ ସରକାରୀ କର୍ମଚାରୀଙ୍କ ସହିତ ହିତାଧିକାରୀଙ୍କ ବିଭିନ୍ନ କ୍ୟାମ୍ପ ଓ ସମୀକ୍ଷା ବୈଠକ ଅନୁଷ୍ଠିତ କରାଯିବ। ଯୋଜନାରେ ବଞ୍ଚିତ ଓ ନୂତନ ହିତାଧିକାରୀଙ୍କୁ ସାମିଲ କରାଯାଇ କ୍ୟାମ୍ପ ଓ ସମୀକ୍ଷା ବୈଠକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରେଶନ କାର୍ଡ ଓ ଭତ୍ତା ସମସ୍ୟାର ସମାଧାନ କରାଯିବ। କୃଷିବିଜ୍ଞାନ କେନ୍ଦ୍ରର ସୁମିତା ଆଚାର୍ଯ୍ୟ ଅତିଥି ପରିଚୟ, କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାର୍ଥକ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଙ୍କ ସହ ଅନ୍ୟମାନେ।

# କୃଷି, କୃଷକର ଉନ୍ନତି ଦେଶର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବ

## ପିଏମ୍ କିଷାନ ସମ୍ମାନ ନିଧିର ୧୭ତମ କିସ୍ତି ପ୍ରଦାନ

ପୁରୀ,୧୮।୬(ଅଜିତ୍ କୁମାର ମହାନ୍ତି)

କୃଷି ଓ କୃଷକର ଉନ୍ନତି ଆମ ଦେଶର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିପାରିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ମଙ୍ଗଳବାର ଅପରାହ୍ନରେ ପୁରୀ ସଂସ୍କୃତି ଭବନରେ ପିଏମ୍ କିଷାନ ସମ୍ମାନ ନିଧିର ୧୭ତମ କିସ୍ତି ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବାରାଣସୀରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ରାଷ୍ଟ୍ରସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ଡିବିଟି ମାଧ୍ୟମରେ ଅର୍ଥ ହସ୍ତାନ୍ତର କରିଥିବା ବେଳେ ବରଗଡ଼ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେହିପରି ଉପମୁଖ୍ୟମନ୍ତ୍ରୀ ପରିଡ଼ା ପୁରୀ ଜିଲାସ୍ତରୀୟ ପିଏମ୍ କିଷାନ ସମ୍ମାନ ନିଧି କାର୍ଯ୍ୟକ୍ରମରେ ଯୋଗଦେଇ କୃଷକଙ୍କୁ ସହଯୋଗ ଓ ସେମାନଙ୍କ ଆର୍ଥିକ ସମୃଦ୍ଧି ପାଇଁ ଏହା ପ୍ରଧାନମନ୍ତ୍ରୀଙ୍କର ଏକ ସୁନ୍ଦର ପଦକ୍ଷେପ ବୋଲି କହିଥିଲେ। କୃଷକଙ୍କ ଆର୍ଥିକ ବିକାଶ ପାଇଁ ନୂଆ ସରକାର ଧାନର ସହାୟକ ମୂଲ୍ୟ ୩୧୦୦ ଟଙ୍କା ଅତିଶୀଘ୍ର ପ୍ରଦାନ କରିବେ। ନୂଆ ସରକାରର ପ୍ରଥମ ନିଷ୍ପତ୍ତି ଅନୁସାରେ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲାଯାଇଛି। ଶୃଙ୍ଖଳିତ ଦର୍ଶନ ପାଇଁ ସମସ୍ତେ ସହଯୋଗ କରନ୍ତୁ। ସରକାର ପ୍ରତିଶ୍ରୁତି ମୁତାବକ ମହିଳାଙ୍କ ପାଇଁ ସୁଭଦ୍ରା ଯୋଜନା ବ୍ୟବସ୍ଥା କରୁଛନ୍ତି। କିଛି ସୋସିଆଲ ମିଡିଆରେ ସୁଭଦ୍ରା ଯୋଜନା ସମ୍ପର୍କରେ ଫେକ୍ ଫର୍ମ ଛଡାଯାଇ ଲୋକଙ୍କୁ ବିଭ୍ରାନ୍ତି ଓ ଠକାମି ଉଦ୍ୟମ କରାଯାଉଛି। ଏଥିପ୍ରତି ସତର୍କ ରହିବାକୁ ସେ ପରାମର୍ଶ ଦେବା ସହ ସୁଭଦ୍ରା ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି ମାଧ୍ୟମରେ ସମସ୍ତଙ୍କୁ ଅବଗତ କରାଯିବ ବୋଲି କହିଛନ୍ତି। ସେହିପରି ମିଶନ ଶକ୍ତି ବନ୍ଦ ହେବ ନାହିଁ ବୋଲି ସେ ସ୍ପଷ୍ଟ କରିବା ସହ ଏହା ଆହୁରି ବିକଶିତ ଓ ସମୃଦ୍ଧ ହେବ। ପର୍ଯ୍ୟଟନ କ୍ଷେତ୍ରରେ ରାଜ୍ୟର ବିପୁଳ ସମ୍ଭାବନା ଥିବାରୁ ଅଧିକ ବ୍ୟାପକ କରାଯିବ ବୋଲି ପ୍ରଭାତୀ କହିଛନ୍ତି। ପରେ ସେ କୃଷକଙ୍କ ସମସ୍ୟା ସମ୍ପର୍କରେ ଉପସ୍ଥିତ କୃଷକଙ୍କ ମତାମତ ଚାହିଁଥିଲେ। କୃଷକମାନେ ଜଳସେଚନ ବ୍ୟବସ୍ଥା, ଗ୍ରାମସେବକଙ୍କ ସହଯୋଗ ପାଇଁ ପ୍ରସ୍ତାବ ଦେଇଥିଲେ। ସରକାର କୃଷି ଓ କୃଷକ ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରିବେ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଜିଲା ମୁଖ୍ୟ କୃଷି ଅଧିକାରୀ ବିଷ୍ଣୁଚରଣ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସତ୍ୟବାଦୀ ବ୍ଲକ କୃଷି ଅଧିକାରୀ ବିକାଶ କୁମାର ପୃଷ୍ଟି ସମସ୍ତଙ୍କୁ ସ୍ୱାଗତ କରିଥିଲେ। ପୁରୀ ଜିଲାର ୧ ଲକ୍ଷ ୪୭ ହଜାର କୃଷକଙ୍କୁ ପିଏମ୍ କିଷାନ ଯୋଜନାରେ ସାମିଲ କରାଯାଇଛି ବୋଲି ଜିଲା ମୁଖ୍ୟ କୃଷି ଅଧିକାରୀ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀ, ଜିଲାର ବିଭିନ୍ନ ବ୍ଲକର କୃଷକମାନେ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଅନ୍ୟ ଅତିଥି।

# ୩୦ରୁ ପୁଣି ମନ୍ କୀ ବାତ୍

ନୂଆଦିଲ୍ଲୀ,୧୮।୬(ପି.ଟି.)




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରାୟ ୪ ମାସର ବ୍ୟବଧାନ ପରେ ପୁନର୍ବାର ନିଜ ରେଡିଓ କାର୍ଯ୍ୟକ୍ରମ ମନ୍ କୀ ବାତ୍ ଆରମ୍ଭ କରିବାକୁ ଯାଉଛନ୍ତି। ଜୁନ୍ ୩୦ରେ ସେ ମନ୍ କୀ ବାତ୍ ଶୁଣାଇବେ। ଏଥିପାଇଁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ସେମାନଙ୍କ ବିଚାର ଶେୟାର କରିବା ଲାଗି ପ୍ରଧାନମନ୍ତ୍ରୀ ଅନୁରୋଧ କରିଛନ୍ତି। ମାଇକ୍ରୋ ବ୍ଲଗିଂ ସାଇଟ୍ ଏକ୍ସରେ ମୋଦି ଲେଖିଛନ୍ତି, ନିର୍ବାଚନ ଯୋଗୁ କିଛି ମାସର ବ୍ୟବଧାନ ପରେ ଜୁନ୍ ୩୦ ରବିବାର ମାସିକିଆ ମନ୍ କୀ ବାତ୍ କାର୍ଯ୍ୟକ୍ରମ ଚାଲିବ। ପ୍ରକାଶ ଯେ, ଏହି କାର୍ଯ୍ୟକ୍ରମର ୧୧୦ତମ ସଂସ୍କରଣ ଫେବୃଆରୀ ୨୫ରେ ପ୍ରକାଶିତ ହୋଇଥିଲା।

# ମୋଦି, ଶାହାଙ୍କ ଷ୍ଟକ୍ ଦୁର୍ନୀତି: ବିରୋଧୀ ସେବିର ଦ୍ୱାରସ୍ଥ

ନୂଆଦିଲ୍ଲୀ,୧୮।୬

ଲୋକ ସଭା ନିର୍ବାଚନ ଜୁନ୍ ୧ରେ ଶେଷ ହୋଇ ୪ରେ ଫଳାଫଳ ପ୍ରକାଶ ପାଇଥିଲା। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ନିବେଶକମାନଙ୍କୁ ଜୁନ୍ ୪ରେ ବିପୁଳ ପୁଞ୍ଜିନିବେଶ ପାଇଁ ପରାମର୍ଶ ଦେଇଥିଲେ। କିନ୍ତୁ '୪୦୦ ପାର୍' ଲକ୍ଷ୍ୟ ରଖିଥିବା ଶାସକ ଭାଜପା ୨୪୦ରେ ସୀମିତ ରହିଯାଇଥିଲା। ସରକାରରେ ଅସ୍ଥିରତା ସୃଷ୍ଟି ଆଶଙ୍କା କରି ଭୋଟ ଗଣତି ଦିନ ଶେୟାର ବଜାର ବହୁ ତଳକୁ ଖସିଯାଇଥିଲା। ଏଥିଯୋଗୁ ନିବେଶକମାନେ ୩୦ ଲକ୍ଷ କୋଟି ଟଙ୍କାରୁ ଅଧିକ କ୍ଷତି ସହିଥିଲେ। ବିରୋଧୀ ଦଳଗୁଡ଼ିକ ଏହାକୁ ମୋଦି ଓ ଶାହାଙ୍କ ଦୁର୍ନୀତି ବୋଲି ଅଭିଯୋଗ ଆଣିଛନ୍ତି। ମଙ୍ଗଳବାର ଇଣ୍ଡିଆ ବ୍ଲକ୍ ନେତାମାନେ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି)ର ଦ୍ୱାରସ୍ଥ ହୋଇ ଉଭୟଙ୍କ ବିରୋଧରେ ତଦନ୍ତ ଦାବି କରିଛନ୍ତି। ସେବି ଚେୟାରମ୍ୟାନ୍ ମାଧବୀ ପୁରୀଙ୍କୁ ଭେଟିଥିବା ବିରୋଧୀ ପ୍ରତିନିଧି ମଣ୍ଡଳୀରେ ଟିଏମ୍‌ସିର ସାକେତ ଗୋଖଲେ, କଲ୍ୟାଣ ବାନାର୍ଜୀ, ସାଗରିକା ଘୋଷ, ଶିବସେନା (ଉଦ୍ଧବ) ଗୋଷ୍ଠୀର ଅରବିନ୍ଦ ସାୱନ୍ତ, ଶରଦ ପାୱାରଙ୍କ ଏନ୍‌ସିପି ଗୋଷ୍ଠୀର ସୁପ୍ରିୟା ସୁଲେ ପ୍ରମୁଖ ସାମିଲ ଥିଲେ।

# ରାଜନାଥଙ୍କ ଘରେ ଏନ୍‌ଡିଏ ମନ୍ତ୍ରଣା

## ଲୋକ ସଭା ବାଚସ୍ପତି: ଚର୍ଚ୍ଚାରେ ପୁରନ୍ଦେଶ୍ୱରୀ, ଭର୍ତ୍ତୃହରି

ନୂଆଦିଲ୍ଲୀ,୧୮।୬

ଅଷ୍ଟାଦଶ ଲୋକ ସଭାର ପ୍ରଥମ ଅଧିବେଶନ ଆସନ୍ତା ୨୪ରେ ଆରମ୍ଭ ହେବ। ନବନିର୍ବାଚିତ ଏମ୍‌ପିମାନଙ୍କ ଶପଥ ଗ୍ରହଣ ପରେ ୨୬ରେ ବାଚସ୍ପତି ନିର୍ବାଚନ ହେବ। ଏହି ପଦବୀକୁ ନେଇ ଶାସକ ଓ ବିରୋଧୀଙ୍କ ମଧ୍ୟରେ ଟଣାଓଟରା ଲାଗିରହିଥିବାବେଳେ ମଙ୍ଗଳବାର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ବାସଭବନରେ ଭାଜପାର ରଣନୀତି ବୈଠକ ବସିଛି। ସୁରୁଖୁରୁରେ ଅଧିବେଶନ ଚଳାଇବା, ବିରୋଧୀଙ୍କ ଟାର୍ଗେଟର ମୁକାବିଲା ଏବଂ ବାଚସ୍ପତି ନିର୍ବାଚନ ଉପରେ ବରିଷ୍ଠ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଛି। ବୈଠକରେ କେନ୍ଦ୍ରମନ୍ତ୍ରୀ ଏସ୍. ଜୟଶଙ୍କର, ମନୋହରଲାଲ ଖଟ୍ଟାର, ଭୂପିନ୍ଦର ଯାଦବ, ପୀୟୁଷ ଗୋୟଲ, ଧର୍ମେନ୍ଦ୍ର ପ୍ରଧାନ, କିରେନ ରିଜିଜୁ, ଅନ୍ନପୂର୍ଣ୍ଣା ଦେବୀ, ରାଜୀବ ରଞ୍ଜନ ସିଂ 'ଲଲନ' ଓ ଚିରାଗ ପାଶ୍ୱାନ ଉପସ୍ଥିତ ଥିଲେ। ଜୁନ୍ ୨୭ରେ ହେବାକୁ ଥିବା ପାର୍ଲାମେଣ୍ଟର ମିଳିତ ଅଧିବେଶନରେ ରାଷ୍ଟ୍ରପତିଙ୍କ ସମ୍ବୋଧନ ଉପରେ ପ୍ରତିରକ୍ଷା ମନ୍ତ୍ରୀ ଏନ୍‌ଡିଏ ସହଯୋଗୀଙ୍କୁ ମତାମତ ଲୋଡ଼ିଥିଲେ। ଏହା ବ୍ୟତୀତ ଲୋକ ସଭା ବାଚସ୍ପତି ପଦ ପାଇଁ ଆନ୍ଧ୍ରପ୍ରଦେଶରୁ ପ୍ରତିନିଧିତ୍ୱ କରୁଥିବା ଭାଜପା ନେତ୍ରୀ ଡି. ପୁରନ୍ଦେଶ୍ୱରୀ ଏବଂ କଟକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ନାଁକୁ ନେଇ ଚର୍ଚ୍ଚା ହୋଇଥିବା ଜଣାପଡ଼ିଛି। ପୂର୍ବତନ କୃଷିମନ୍ତ୍ରୀ ରାଧାମୋହନ ସିଂ ଓ ବିଦାୟୀ ବାଚସ୍ପତି ଓମ୍ ବିର୍ଲା ମଧ୍ୟ ଏହି ଦୌଡ଼ରେ ରହିଛନ୍ତି। ବିରୋଧୀଙ୍କୁ ଉପବାଚସ୍ପତି ପଦ ନ ମିଳିଲେ, ବାଚସ୍ପତି ପଦ ପାଇଁ ସେମାନେ ପ୍ରାର୍ଥୀ ଦେବେ ବୋଲି ପୂର୍ବରୁ ସ୍ପଷ୍ଟ କରିଛନ୍ତି। କଂଗ୍ରେସର ୮ ଥର ଏମ୍‌ପି ହୋଇସାରିଥିବା ନେତା କେ. ସୁରେଶ ପ୍ରୋଟେମ୍ ସ୍ପିକର ହୋଇପାରନ୍ତି।


ଡି. ପୁରନ୍ଦେଶ୍ୱରୀ


ଭର୍ତ୍ତୃହରି ମହତାବ




## ୨୪ ବର୍ଷ ପରେ ଉତ୍ତର କୋରିଆରେ ପୁଟିନ୍

ଆମେରିକା ବିରୋଧରେ ଉତ୍ତର କୋରିଆକୁ ସମସ୍ତ ସହାୟତା ଯୋଗାଇଦେବାକୁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ମଙ୍ଗଳବାର ସଂକଳ୍ପ କରିଛନ୍ତି। ୨୪ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଉତ୍ତର କୋରିଆ ଗସ୍ତ କରିବା ଅବସରରେ ପୁରୁଣା ସହଯୋଗୀ ସହ ବାଣିଜ୍ୟ ଓ ସାମରିକ ସହଯୋଗ ବଢ଼ାଇବା ପାଇଁ ପୁଟିନ୍ କହିଛନ୍ତି। ଏକବିଂଶ ଶତାବ୍ଦୀରେ ଅଣୁଅସ୍ତ୍ର ପରୀକ୍ଷା କରିଥିବା ଏକମାତ୍ର ଦେଶ ଉତ୍ତର କୋରିଆକୁ ଆମେରିକା ଓ ଏହାର ଏସୀୟ ସହଯୋଗୀ ରାଷ୍ଟ୍ରଗୁଡ଼ିକ ବିରୋଧ କରୁଛନ୍ତି। ଆମେରିକାର ଆର୍ଥିକ କଟକଣା, ବ୍ଲାକ୍‌ମେଲ୍ ଓ ଧମକକୁ ପ୍ରତିରୋଧ କରିଆସିଥିବା ପ୍ୟୋଙ୍ଗ୍‌ୟାଙ୍ଗକୁ ପୁଟିନ୍ ପ୍ରଶଂସା କରିଛନ୍ତି। ଆମେରିକାର ବେଆଇନ ଏକପାଖିଆ କଟକଣାକୁ ମିଳିତ ଭାବେ ପ୍ରତିରୋଧ କରିବାକୁ ପୁଟିନ୍ ଉତ୍ତର କୋରିଆ ଶାସକ କିମ୍ ଜଙ୍ଗ ଉନ୍‌ଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

# ରିଲ୍ସ ପାଇଁ କାର୍‌ରେ ଷ୍ଟଣ୍ଟ, ୩୦୦ ଫୁଟ୍ ଖାଇକୁ ଖସିଗଲେ

ମୁମ୍ବାଇ, ୧୮।୬

ମହାରାଷ୍ଟ୍ରର ଛତ୍ରପତି ସମ୍ଭାଜୀନଗର ଜିଲାରେ ଜଣେ ଯୁବତୀ ମଙ୍ଗଳବାର ରିଲ୍ସ ପାଇଁ କାର୍‌ରେ ଷ୍ଟଣ୍ଟ କରୁଥିବାବେଳେ ୩୦୦ ଫୁଟ୍ ଖାଇକୁ ଖସି ପ୍ରାଣ ହରାଇଛନ୍ତି। ଶ୍ୱେତା ସୁରୱଶେ(୨୩) ତାଙ୍କ ପୁରୁଷ ବନ୍ଧୁ ଶିବରାଜ ମୁଲେଙ୍କ ସହ ଭ୍ରମଣରେ ଯାଇଥିଲେ। ଶ୍ୱେତା ନିଜ କାର୍‌ରେ ଷ୍ଟଣ୍ଟବାଜି କରୁଥିବାବେଳେ ଶିବରାଜ ମୋବାଇଲରେ ରିଲ୍ସ ରେକର୍ଡ କରୁଥିଲେ। କାର୍ ରିଭର୍ସ ଗିଅରରେ ଥିଲାବେଳେ ଶ୍ୱେତା ଭୁଲବଶତଃ ବ୍ରେକ୍ ମାରିବା ବଦଳରେ ଏକ୍ସିଲେଟର ମାରି ଦେଇଥିଲେ। କାର୍ ୩୦୦ ଫୁଟ୍ ଗଭୀର ଖାଇକୁ ଖସିପଡ଼ିଥିଲା।

# ଫୁଟ୍‌ପାଥରେ ଶୋଇଥିବା ପେଣ୍ଟରଙ୍କ ଉପରେ କାର୍ ଚଢ଼ାଇଦେଲେ ଏମ୍‌ପିଙ୍କ ଝିଅ

ଚେନ୍ନାଇ,୧୮।୬

ପୁଣେ ପୋର୍ସ ଦୁର୍ଘଟଣାର ମାସେ ନ ପୂରୁଣୁ ଚେନ୍ନାଇରେ ଏକ ଅନୁରୂପ ହିଟ୍ ଆଣ୍ଡ ରନ୍ ଘଟଣା ଘଟିଛି। ଜଣେ ରାଜ୍ୟ ସଭା ସଦସ୍ୟଙ୍କ ଝିଅ ନିଜ ବିଏମ୍‌ଡବ୍ଲ୍ୟୁ କାର୍ ଫୁଟ୍‌ପାଥ୍‌ରେ ଶୋଇଥିବା ପେଣ୍ଟରଙ୍କ ଉପରେ ଚଢ଼ାଇ ଦେଇଛନ୍ତି। ପେଣ୍ଟର ପ୍ରାଣ ହରାଇଥିବାବେଳେ ଏମ୍‌ପିଙ୍କ ଝିଅଙ୍କୁ ଜାମିନ ଦିଆଯାଇଛି।

ୱାଇଏସ୍‌ଆର୍ କଂଗ୍ରେସ ପାର୍ଟିର ରାଜ୍ୟ ସଭା ସଦସ୍ୟ ବିଦାମୋହନ ରାଓଙ୍କ ଝିଅ ମାଧୁରୀ ସୋମବାର ରାତିରେ ନିଜ ବିଏମ୍‌ଡବ୍ଲ୍ୟୁ କାର ଚଳାଉଥିଲେ। ତାଙ୍କ ସହ ଜଣେ ବାନ୍ଧବୀ ମଧ୍ୟ ଥିଲେ। କାର୍ ଚେନ୍ନାଇର ବେସାନ୍ତନଗର ଫୁଟ୍‌ପାଥ ଦେଇ ଯାଉଥିବାବେଳେ ସେଠାରେ ଶୋଇଥିବା ୨୪ ବର୍ଷୀୟ ପେଣ୍ଟର ସୂର୍ଯ୍ୟାଙ୍କ ଉପରେ ଚଢ଼ିଯାଇଥିଲା।

## ଗିରଫ ପରେ ଜାମିନରେ ଛାଡ଼ିଦେଲା ପୋଲିସ

ମାଧୁରୀ ଦୁର୍ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ତାଙ୍କ ବାନ୍ଧବୀ କାର୍‌ରୁ ଓହ୍ଲାଇ ସେଠାରେ ଉପସ୍ଥିତ ଲୋକଙ୍କ ସହ ଯୁକ୍ତିତର୍କ କରିଥିଲେ। ସେ ମଧ୍ୟ କିଛି ସମୟ ପରେ ସ୍ଥାନ ଛାଡ଼ି ପଳାଇଥିଲେ। ଲୋକେ ସୂର୍ଯ୍ୟାଙ୍କୁ ଏକ ହସ୍ପିଟାଲକୁ ନେଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ।

ମୃତକ ପେଣ୍ଟର ସୂର୍ଯ୍ୟା ମାତ୍ର ୮ ମାସ ତଳେ ବିବାହ କରିଥିଲେ। ତାଙ୍କ ସମ୍ପର୍କୀୟମାନେ ଜେ୫, ଶାସ୍ତ୍ରୀନଗର ଥାନାକୁ ଯାଇ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ପୋଲିସ ମାଧୁରୀଙ୍କୁ ଗିରଫ କରିଥିଲା। କିନ୍ତୁ ପ୍ରଭାବଶାଳୀ ଲୋକଙ୍କ ଝିଅ ବୋଲି ଥାନାରୁ ଜାମିନ ପ୍ରଦାନ କରାଯାଇଛି।

# ୱାୟନାଡ୍ ଆସନ ଛାଡ଼ିଲେ ରାହୁଲ

ନୂଆଦିଲ୍ଲୀ,୧୮।୬

କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଙ୍ଗଳବାର କେରଳର ୱାୟନାଡ୍ ଲୋକ ସଭା ଆସନ ଛାଡ଼ି ଉତ୍ତରପ୍ରଦେଶର ରାଏବରେଲି ଆସନକୁ ରଖିଛନ୍ତି। ରାହୁଲ ଲୋକ ସଭା ସେକ୍ରେଟାରିଏଟ୍‌କୁ ନିଜ ଇସ୍ତଫାପତ୍ର ପଠାଇଦେଇଛନ୍ତି। ତାଙ୍କ ଇସ୍ତଫାପତ୍ର ଗୃହୀତ ହୋଇଥିବା ଲୋକ ସଭା ବୁଲେଟିନ୍‌ରେ ସୂଚନା ଦିଆଯାଇଛି। ପ୍ରକାଶ ଯେ, ନିକଟରେ ଅନୁଷ୍ଠିତ ଲୋକ ସଭା ନିର୍ବାଚନରେ ରାହୁଲ ୱାୟନାଡ୍ ଓ ରାଏବରେଲି ଆସନରୁ ନିର୍ବାଚିତ ହୋଇଥିଲେ। ରାଏବରେଲି ଭୋଟରଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ରାହୁଲ ଉକ୍ତ ଆସନର ପ୍ରତିନିଧିତ୍ୱ କରିବେ ଏବଂ ୱାୟନାଡ୍‌ରୁ ତାଙ୍କ ଭଉଣୀ ତଥା କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ନିର୍ବାଚନ ଲଢ଼ିବେ ବୋଲି ସୋମବାର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ସୂଚନା ଦେଇଥିଲେ।

# ବ୍ୟାଙ୍କ ଜାତୀୟକରଣକୁ ୫୫ ବର୍ଷ

## ଇନ୍ଦିରାଙ୍କ ଗୋଟିଏ ନିଷ୍ପତ୍ତି ଭାରତୀୟ ବ୍ୟାଙ୍କିଙ୍ଗ୍‌ର ଚେହେରା ବଦଳାଇଥିଲା

**ଆମ ଦୈନନ୍ଦିନ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହୋଇପଡ଼ିଥିବା ବ୍ୟାଙ୍କ ବ୍ୟକ୍ତି, ସମାଜ ଓ ଅନ୍ୟ ଆର୍ଥିକ ବର୍ଗଙ୍କୁ ସେବା ପ୍ରଦାନ କରିଥାଏ। ବିଶ୍ୱର ଅନ୍ୟତମ ସର୍ବପୁରାତନ ବୃତ୍ତି ଭାବେ ପରିଗଣିତ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଭାରତର ସ୍ୱାଧୀନତା ପରେ ଅନେକ ପର୍ଯ୍ୟାୟ ଦେଇ ଗତିକରି ଏକ ଉନ୍ନତ ସ୍ତରରେ ପହଞ୍ଚିପାରିଛି। ୧୯୪୭ରେ ଦେଶରେ ୬୬୪ଟି ଘରୋଇ ବ୍ୟାଙ୍କର ମାତ୍ର ୫ ହଜାର ଶାଖା ଥିଲା। ବର୍ତ୍ତମାନ ୧୨ ସରକାରୀ, ୨୧ ଘରୋଇ, ୪୩ ଆଞ୍ଚଳିକ ଏବଂ ୪୬ ବିଦେଶୀ ବ୍ୟାଙ୍କର ପ୍ରାୟ ୧ ଲକ୍ଷ ୪୦ ହଜାର ଶାଖା ସାରା ଦେଶରେ କାର୍ଯ୍ୟ କରୁଛି।**

ନୂଆଦିଲ୍ଲୀ,୧୮।୬




୧୯୬୯ ଜୁଲାଇ ୧୯ରେ ଇନ୍ଦିରା ଗାନ୍ଧୀ ସରକାର ୧୪ଟି ବୃହତ୍ ଘରୋଇ ବ୍ୟବସାୟିକ ବ୍ୟାଙ୍କର ଜାତୀୟକରଣ କରିଥିଲେ। ବ୍ୟାଙ୍କିଙ୍ଗ୍ କମ୍ପାନିଜ୍ (ଆକ୍ୱିଜିଶନ ଆଣ୍ଡ ଟ୍ରାନ୍ସଫର ଅଫ୍ ଅଣ୍ଡରଟେକିଂ) ଅଧ୍ୟାଦେଶ ବଳରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ବ୍ୟାଙ୍କଗୁଡ଼ିକର ୫୦% ଅଂଶଧନ ସରକାରଙ୍କ ପାଖରେ ରହିବ ବୋଲି ନିଷ୍ପତ୍ତି ନେଇଥିଲେ। ଏହି ନିଷ୍ପତ୍ତି ୧୯୯୧ରେ ଅର୍ଥନୈତିକ ସଂସ୍କାର କ୍ଷେତ୍ରକୁ ବହୁଳ ଭାବେ ପ୍ରଭାବିତ କରିଥିଲା। ୧୯୮୦ ଏପ୍ରିଲ ୧୫ରେ ଦ୍ୱିତୀୟ ପର୍ଯ୍ୟାୟରେ କେନ୍ଦ୍ର ସରକାର ଆହୁରି ୬ଟି ଘରୋଇ ବ୍ୟାଙ୍କର ଜାତୀୟକରଣ କରିଥିଲେ, ଯାହାର କ୍ୟାପିଟାଲାଇଜେଶନ ଥିଲା ୨୦୦ କୋଟି ଟଙ୍କା। ସରକାର ୧୯୫୫ରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ)ର ଅଧିଗ୍ରହଣ କରିଥିବାବେଳେ ୧୯୬୦ରେ ଏହାର ୭ଟି ସହଯୋଗୀ ଆର୍ଥିକ ସଂସ୍ଥାକୁ ହାତକୁ ନେଇଥିଲେ। ୧୯୯୫ ପର୍ଯ୍ୟନ୍ତ ଏହି ସରକାରୀ କ୍ଷେତ୍ର ବ୍ୟାଙ୍କ (ପିଏସ୍‌ବି)ଗୁଡ଼ିକ ସମଗ୍ର ବଜାରର ୯୦% ନିୟନ୍ତ୍ରଣ କରୁଥିଲେ। ଦେଶରେ ନୂଆପିଢ଼ିର ଘରୋଇ ବ୍ୟାଙ୍କଗୁଡ଼ିକ ଆରମ୍ଭ ହେବା ପରେ ଗତ ୨୫ ବର୍ଷ ମଧ୍ୟରେ ପିଏସ୍‌ବିଗୁଡ଼ିକର ମାର୍କେଟ ଶେୟାର ୯୦%ରୁ ୬୦%କୁ ଖସିଆସିଥିଲା।

କେନ୍ଦ୍ରୀୟ ବ୍ୟାଙ୍କିଙ୍ଗ ନିୟନ୍ତ୍ରକ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ଜାତୀୟକରଣ ୧୯୪୯ ଜାନୁଆରୀ ୧ରେ ହୋଇଥିଲା। ସ୍ୱାଧୀନତା ପରେ ସରକାର ଏକ ସମାଜବାଦୀ ପନ୍ଥା ଆପଣାଇ ୧୯୫୧ରେ ପ୍ରଥମ ପଞ୍ଚବାର୍ଷିକ ଯୋଜନା ପ୍ରଣୟନ କରିଥିଲେ। ସେତେବେଳ ପର୍ଯ୍ୟନ୍ତ ଶିଳ୍ପପତିମାନଙ୍କ ଦ୍ୱାରା ପରିଚାଳିତ ବ୍ୟାଙ୍କଗୁଡ଼ିକ କେବଳ ବଡ଼ ସହରରେ ସୀମିତ ଥିଲା। ୧୯୫୧ରୁ ୧୯୬୮ ମଧ୍ୟରେ ଋଣ ପ୍ରଦାନ କ୍ଷେତ୍ରରେ ଘରୋଇ ବ୍ୟାଙ୍କଗୁଡ଼ିକର ଶେୟାର ୩୪%ରୁ ୬୮%କୁ ବୃଦ୍ଧି ପାଇଥିଲା। ମୋଟ ଋଣର ମାତ୍ର ୨% କୃଷି କ୍ଷେତ୍ରକୁ ଯାଉଥିଲା। ବିଶ୍ୱଯୁଦ୍ଧ ପରେ ସଙ୍କଟ ସମୟରେ ଅନେକ ୟୁରୋପୀୟ ରାଷ୍ଟ୍ର ନିଜ ବ୍ୟାଙ୍କିଙ୍ଗ ପରିଚାଳନାର ଜାତୀୟକରଣ କରିଥିଲେ। ୧୯୬୨ରେ ଚାଇନା ଏବଂ ୧୯୬୫ରେ ପାକିସ୍ତାନ ସହ ଭାରତର ଯୁଦ୍ଧ ଆର୍ଥିକ ଦୁର୍ଗତି ଆଣି ଦେଇଥିଲା। ୧୯୬୮ ପର୍ଯ୍ୟନ୍ତ କେବଳ ବୃହତ୍ ସହରୀ କେନ୍ଦ୍ରଗୁଡ଼ିକରେ ଘରୋଇ ବ୍ୟାଙ୍କ ପ୍ରତିଷ୍ଠିତ ହୋଇଥିଲା। ବ୍ୟାଙ୍କ ଜାତୀୟକରଣର ଉଦ୍ଦେଶ୍ୟ ଥିଲା ଗ୍ରାମାଞ୍ଚଳ ବ୍ୟାଙ୍କିଙ୍ଗ, ଯାହାକି ଆର୍ଥିକ ସମାବେଶୀକରଣକୁ ସୁନିଶ୍ଚିତ କରିବ। ଭାରତୀୟମାନେ ବ୍ୟାଙ୍କଗୁଡ଼ିକୁ ଭରସା କରି ନ ପାରିବା, ଦେଶରେ ବ୍ୟାଙ୍କିଙ୍ଗ ଶିଳ୍ପର ବିକାଶ କ୍ଷେତ୍ରରେ ପ୍ରତିବନ୍ଧକ ସାଜିଥିଲା। ଜାତୀୟକରଣ ପରେ ଗ୍ରାମାଞ୍ଚଳରେ ବ୍ୟାଙ୍କିଙ୍ଗ ସେବାରେ କ୍ରମଶଃ ଉନ୍ନତି ପରିଲକ୍ଷିତ ହେଲା। ଗତ ୩୦ ବର୍ଷ ମଧ୍ୟରେ ଦେଶରେ ବ୍ୟାଙ୍କ ଶାଖାଗୁଡ଼ିକର ଶାଖା ୮ ଲକ୍ଷରୁ ୬୦ ଲକ୍ଷକୁ ବୃଦ୍ଧି ପାଇପାରିଛି। ସବୁଜ ବିପ୍ଳବ ଓ ଶ୍ୱେତ ବିପ୍ଳବ ଯୋଗୁ ସ୍ଥିତିରେ ଆହୁରି ଉନ୍ନତି ହେଲା। ଖାଦ୍ୟଶସ୍ୟ ଉତ୍ପାଦନରେ ସ୍ୱାବଲମ୍ବୀ ହେବା ଲକ୍ଷ୍ୟ ନେଇ ଭାରତୀୟ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଆହୁରି ଅଗ୍ରସର ହେଲା। ଇତିମଧ୍ୟରେ କେନ୍ଦ୍ରରେ ଶାସକ ଦଳ ଜାତୀୟକରଣ ବ୍ୟାଙ୍କଗୁଡ଼ିକୁ ନେଇ ରାଜନୈତିକ ଫାଇଦା ଉଠାଇବା ଅଭିଯୋଗ ଆସିବାରେ ଲାଗିଛି। ରାଜନୈତିକ ଓ ଅମଲାତାନ୍ତ୍ରିକ ହସ୍ତକ୍ଷେପ ଅଭିଯୋଗ ମଧ୍ୟ ବଢ଼ୁଛି। ଅନାଦେୟ ଋଣ (ଏନ୍‌ପିଏ) ଏବଂ ଠକେଇ ଅଭିଯୋଗ ମଧ୍ୟ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକରେ ଦେଖିବାକୁ ମିଳୁଛି। କୋଭିଡ୍-୧୯ ମହାମାରୀ ସମୟରେ ଘରୋଇ ଓ ସରକାରୀ ବ୍ୟାଙ୍କର ପ୍ରଦର୍ଶନ କାହାକୁ ଅଛପା ନାହିଁ। ୨୦୨୦ରେ ହ୍ୱାଟ୍ସଆପ୍ ୟୁନିକ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ) ଆରମ୍ଭ କରିଥିଲା। ପରେ ଡିଜିଟାଲ ଟ୍ରାଞ୍ଜାକ୍ସନ ଏବଂ କ୍ୟୁଆର୍ କୋଡ୍‌ର ଗ୍ରହଣୀୟତା ବଢ଼ିଥିଲା। ଫିନ୍‌ଟେକ୍ ମାର୍କେଟ ୨୦୨୫ ସୁଦ୍ଧା ୬.୨ ଟ୍ରିଲିୟନ ଟଙ୍କାରେ ପହଞ୍ଚିବା ନେଇ ଆଶା କରାଯାଉଛି।

# ସେନାରେ ସ୍କିନ୍ ବ୍ୟାଙ୍କ ସୁବିଧା

ନୂଆଦିଲ୍ଲୀ,୧୮।୬

ଭାରତୀୟ ସେନା ସୋମବାର ସ୍କିନ୍ ବ୍ୟାଙ୍କ ସୁବିଧା ଆରମ୍ଭ କରିଛି। ଏହାଦ୍ୱାରା ଗମ୍ଭୀର ଭାବରେ ଜଳିଯାଇଥିବା ଯବାନମାନଙ୍କ ଚିକିତ୍ସା ଓ ଅନ୍ୟାନ୍ୟ ଚର୍ମରୋଗର ଚିକିତ୍ସାରେ ବୈପ୍ଳବିକ ପରିବର୍ତ୍ତନ ଅଣାଯିବାର ଲକ୍ଷ୍ୟ ରଖାଯାଇଛି। ସ୍କିନ୍ ବ୍ୟାଙ୍କରେ ପ୍ଲାଷ୍ଟିକ୍ ସର୍ଜନ, ଟିସୁ ଇଞ୍ଜିନିୟର, ବିଶେଷଜ୍ଞ ଟେକ୍ନିସିଆନ୍‌ଙ୍କ ସମେତ ଡାକ୍ତରଙ୍କର ଏକ ଟିମ୍ କାର୍ଯ୍ୟ କରିବେ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି। ଆର୍ମି ହସ୍ପିଟାଲ (ରିସର୍ଚ୍ଚ ଆଣ୍ଡ ରେଫରାଲ) ପକ୍ଷରୁ ସ୍କିନ୍ ବ୍ୟାଙ୍କ ସୁବିଧା ଦିଆଯିବ। ଯବାନଙ୍କ ସ୍ୱାସ୍ଥ୍ୟ ପ୍ରତି ଏହା ସେନାର ପ୍ରତିବଦ୍ଧତାର ପ୍ରମାଣ ବୋଲି ଭାରତୀୟ ସେନାର ଚିକିତ୍ସା ସେବା ମହାନିର୍ଦ୍ଦେଶକ (ଡିଜିଏମ୍‌ଏସ୍-ଆର୍ମି) ଲ୍ୟୁଟ୍‌ନାଣ୍ଟ ଜେନେରାଲ ଅରିନ୍ଦମ ଚାଟାର୍ଜୀ।

# ୪୧ ଏୟାରପୋର୍ଟ, ମୁମ୍ବାଇର ୫୦ ହସ୍ପିଟାଲକୁ ବିସ୍ଫୋରଣ ଧମକ

ନୂଆଦିଲ୍ଲୀ,୧୮।୬

ଭାରତର ୪୧ଟି ବିମାନବନ୍ଦର ଓ ମୁମ୍ବାଇର ୫୦ରୁ ଊର୍ଦ୍ଧ୍ୱ ହସ୍ପିଟାଲକୁ ବୋମାରେ ଉଡ଼ାଇଦେବାକୁ ମଙ୍ଗଳବାର ଇ-ମେଲ ଧମକ ମିଳିଛି। ଏହି ଧମକପୂର୍ଣ୍ଣ ଇ-ମେଲ ଯୋଗୁ ପାଟନା, କୋଏମ୍ବାଟୁର, ଜୟପୁର ଆଦି ଏୟାରପୋର୍ଟରେ ବିମାନ ଉଡ଼ାଣ ବିଳମ୍ବ ହୋଇଛି। ବିମାନବନ୍ଦରଗୁଡ଼ିକର ସୁରକ୍ଷା ବଢ଼ାଇଦିଆଯାଇଛି। ତେବେ ଯାଞ୍ଚ ପରେ ଇ-ମେଲ ଧମକ ଗୁଜବ ବୋଲି ଏୟାରପୋର୍ଟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ମୁମ୍ବାଇର ନାମୀଦାମୀ ଜସ୍‌ଲୋକ, ରାହେଜା, କୋହିନୁର, ସେଣ୍ଟ ଜର୍ଜ ଆଦି ହସ୍ପିଟାଲ ସହ ୫୦ରୁ ଅଧିକ ହସ୍ପିଟାଲକୁ ବୋମାରେ ଉଡ଼ାଇଦେବାକୁ ଇମେଲ ଧମକ ମିଳିଛି। ଭିପିଏନ୍ ନେଟ୍‌ୱର୍କକୁ ବ୍ୟବହାର କରି ଏହିସବୁ ଧମକପୂର୍ଣ୍ଣ ଇ-ମେଲ ପଠାଯାଇଥିବା ମୁମ୍ବାଇ ପୋଲିସ କହିଛି। ତେବେ ଇ-ମେଲ ପ୍ରେରକଙ୍କ ପରିଚୟ ଓ ଉଦ୍ଦେଶ୍ୟ ନେଇ ତଦନ୍ତ ଚାଲିଛି। ମୁମ୍ବାଇ ପୋଲିସ ଓ ବୋମା ନିରୋଧୀ ଦଳ ଯାଞ୍ଚ କରିଥିଲେ ମଧ୍ୟ କୌଣସି ବିସ୍ଫୋରକ ପଦାର୍ଥ ମିଳି ନ ଥିଲା।

# ଅଭିଭାବକଙ୍କ ଇଂଲିଶ ମିଡିୟମ ସ୍କୁଲ୍ ପ୍ରୀତି ଆତ୍ମହତ୍ୟା ସଦୃଶ: ଏନ୍‌ସିଇଆର୍‌ଟି ମୁଖ୍ୟ

ନୂଆଦିଲ୍ଲୀ,୧୮।୬(ପି.ଟି.)

ଇଂଲିଶ ମାଧ୍ୟମ ସ୍କୁଲଗୁଡ଼ିକ ପ୍ରତି ଅଭିଭାବକମାନଙ୍କ ଆକର୍ଷଣ ଆତ୍ମହତ୍ୟାଠାରୁ କମ୍ ନୁହେଁ ବୋଲି ମଙ୍ଗଳବାର ଏନ୍‌ସିଇଆର୍‌ଟି ନିର୍ଦ୍ଦେଶକ ଦିନେଶ ପ୍ରସାଦ ସାକ୍ଲାନି କହିଛନ୍ତି। ଏକ ସାକ୍ଷାତ୍କାରରେ ସାକ୍ଲାନି କହିଛନ୍ତି, ଇଂଲିଶ ଭାଷାରେ କମ୍ ସମୟରେ ପିଲାଙ୍କୁ ଅଧିକ ପଢ଼ାଇବାର ଅଭ୍ୟାସ ସେମାନଙ୍କ ଜ୍ଞାନ ହ୍ରାସର କାରଣ। ଏହା ଦ୍ୱାରା ପିଲାମାନେ ନିଜ ମୂଳ ଓ ସଂସ୍କୃତିରୁ ଦୂରେଇ ଯାଉଛନ୍ତି। ଇଂଲିଶ ମିଡିୟମ ସ୍କୁଲଗୁଡ଼ିକ ପ୍ରତି ମାଆବାପାଙ୍କ ଅହେତୁକ ଦୁର୍ବଳତା ଯୋଗୁ ପିଲାମାନେ ଏଭଳି ସ୍କୁଲକୁ ବାଧହୋଇ ଧାଉଁଛନ୍ତି। ଅଧିକାଂଶ ଇଂଲିଶ ମିଡିୟମ ସ୍କୁଲର ଶିକ୍ଷକ ତାଲିମପ୍ରାପ୍ତ ନୁହନ୍ତି। ଏପରି ସ୍କୁଲକୁ ପିଲାଙ୍କୁ ପଠାଇବା ଆତ୍ମହତ୍ୟାଠାରୁ କମ୍ ନୁହେଁ ବୋଲି ସାକ୍ଲାନି ମନ୍ତବ୍ୟ ଦେଇଛନ୍ତି। ଅଯୋଧ୍ୟାରେ ବାବ୍ରିମସଜିଦ ଭଙ୍ଗା ଭଳି ସମ୍ବେଦନଶୀଳ ପ୍ରସଙ୍ଗକୁ ପାଠ୍ୟକ୍ରମରୁ ବାଦ୍ ଦେବା ଉପରେ ମନ୍ତବ୍ୟ ଦେଇ ବିବାଦର କେନ୍ଦ୍ରବିନ୍ଦୁରେ ଅଛନ୍ତି ଏନ୍‌ସିଇଆର୍‌ଟି ମୁଖ୍ୟ ସାକ୍ଲାନି।

**SHREE JAGANNATH TEMPLE OFFICE, PURI**

**Tender Call Notice, Bid Identification**

**No. 06/24-25 Dt.17.06.24, Memo 7659, Dt.17.06.24**

"Repair to existing Office Building at Jatani of SJT, Puri".
Visit Website: **www.shreejagannatha.in**.
Last date: 29.06.24 by 3.00 P.M.

**Sd./- Administrator**
**Shri Jagannath Temple, Puri**

**TCN No.- 231 & 236** **Date: 12.06.2024**

**No. H-01:-** The Sub-Collector, Bhawanipatna-cum-Chairman, RMC, Kesinga invites percentage rate bids in double cover system (Technical Bid & Price Bid) in online mode. The detail bid documents consisting of specificaiton, schedule of quantities and a set of Term & Conditions of contract and other necessary documents can be seen in the e-procurement portal **www.tenderodisha.gov.in**.

**Sd./- Sub-Collector, Bhawanipatna -cum-Chiarman, RMC, Kesinga**
OIPR-01529/11/0001/2425

**OFFICE OF THE PANCHAYAT SAMITI, KHORDHA**
e-mail: ori-bkhurda@nic.in, Phone No.: +916755220762

**AUCTION SALE NOTICE**

Letter No. 1971, Khordha Dt.18.06.2024

No. i-06: In pursuance to Letter No. PR-DWSS (FE)-MISC-0047-2023 / 19756 Dt.04.09.2023 from Joint Secretary to Govt. and Letter No. 3529 Dt.31.10.2023 from Executive Engineer, RWS&S Division, Bhubaneswar sealed Bid on Plain Paper/Letter Pad in sealed covers superscribed with words "OFFER FOR AUCTION SALE OF REJECTED/DAMAGED TUBE WELL SPARE PARTS" are invited by the undersigned for disposal as mentioned below as is where basis.

| Sl. No. | Description of Articles | Number of Quantity | Book Value | Wt. of each Article in Kg. (Approx) | Total Wt. (in Kg.) | Upset Price fixed in Rs./Kg. | Amount in Rs. |
|---|---|---|---|---|---|---|---|
| 1 | 32mm Riser Pipe | 6850 | 37,97,950.00 | 4.20 | 28,770.00 | 17.00 | 6,71,933.50 |
| 2 | 12mm BS Connecting Rod | 7630 | 14,94,800.00 | 0.85 | 6,485.50 | | |
| 3 | Head Assembly | 286 | 3,11,600.00 | 5.00 | 1,430.00 | | |
| 4 | Handle Assembly | 250 | 1,93,980.00 | 4.50 | 1,125.00 | | |
| 5 | Water Chamber Assembly | 128 | 1,02,700.00 | 4.50 | 576.00 | | |
| 6 | Stand Assembly | 18 | 32,200.00 | 8.50 | 153.00 | | |
| 7 | Cylinder Body with Brass Liner & 2 Cap For IM-II | 493 | 3,33,320.00 | 2.00 | 986.00 | | |
| | | Total = | 62,66,550.00 | | 39,525.50 | | |
| Or Say 39525.50 Kg. @ 17.00/Kg. = 6,71,933.50 | | | | | | | |

1. The intending tenderers/bidders are advised to inspect the reject/damaged Tubewell spare parts now available inside the campus, Office of the BDO, Khordha premises on any working day during office hour between 10.00 A.M. to 3.00 P.M. before submitting the tender/bid. Each tender/bid should accompany an earnest money deposit amounting Rs.14,000.00/- (Rupees fourteen thousand) only in shape of Bank Draft in favour of BDO, Khordha payable at SBI Main Branch, Khordha which will be returned to tenderers/bidders whose tenders/bids are not accepted except in the case of successful tenderer/bidder.
2. The tender/bid should reach the undersigned by Regd. Post only on or before 09.07.2024 till 5.00 P.M. at the latest and tenders/bids received shall opened by undersigned at 5.00 P.M. onwards on the same day in presence of the tenderers/bidders or their authorized agents. If this day is declared later as Govt. Holiday then the tenders/bids will be received and opened on the next working day as per the scheduled time.
3. The highest tenderer/bidder whose tender/bid is accepted shall deposit immediately 25% of the offered amount as initial deposit. The bidder shall deposit the balance amount within seven days of the deposit of the initial amount. In case the bidder fails to make to deposit of the total amount as per tender/bid within the stipulated time, the deposit including the earnest money shall be forfeited.
4. The successful tenderer/bidder shall take permission and remove the Reject/Damaged Tube Well Spare Parts from BDO, Khordha premises within two days of deposit of the total amount. On failure to remove the Reject/Damaged Tubewell spare parts within the aforesaid time. Ground rent @ 1% of the tender amount shall be charged per day or part of the day till removal of the Reject/Damaged Tubewell spare parts from the premises of BDO, Khordha. If the ground rent so charged exceeds the sale price deposited, then the tenderer/bidder shall cease to have any right on the Reject/Damaged Tubewell Spare Parts and the amount deposited by him shall be adjusted towards ground rent.
5. The authority reserves the rigth to the reject any or all tenders/bids without assigning any reason thereof.

OIPR-19215/11/0001/2425 **Sd./- Block Development Officer, Khordha**

**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A. No. 624 / 2023**

**State Bank of India, SARB, Bhubaneswar** .....**Applicant**
**Versus**
**M/s. Nishan Traders & Another** ....**Defendants**

**To,**
1. **M/s. Nishan Traders, Prop.: K. Badri Narayan Patro,** Kali Temple, 1530/11149, NT Maart, Christian Street, Near Kali Temple, G. Jagannathpur, Lochhapada, Dist.: Ganjam (Odisha), PIN-760001.
2. **K. Badri Narayan Patro,** S/o- K. Rama Rao, House No. 118, Jyoti Nagar, 3rd Lane, Berhampur, Dist.: Ganjam (Odisha), PIN-760001.

**SUMMONS BY PAPER PUBLICATION**
**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 624 / 2023** in the Court of the Debts Recovery Tribunal, Cuttack for recovery of **Rs.33,84,097.00** only together with current and future interest, costs and other reliefs. The above mentioned defendants are therefore, directed to appear before this Tribunal in person or through an Advocate or duly authorised agent, in support of their defense to show cause within **30 days** from the date of publication or on **18.07.2024 at 10.30 am** as to why reliefs prayed for should not be granted.

Take notice that in case of default, the application will be heard and determined in thier absence.

Given under my hand and seal of this Tribunal on this **11th day of June, 2024.**

**Sd/- (Nikhila Ranjan Pati)**
**REGISTRAR**

**ଷ୍ଟାଟିକ୍ ସେବା ଠିକା ପାଇଁ ଇ-ନିଲାମ ନୋଟିସ**

**ଖଡ୍ଗପୁର ଡିଭିଜନରେ ବିବିଧ ଷ୍ଟାଟିକ୍ ସେବା ଠିକା ପାଇଁ ଇ-ନିଲାମ ବିଜ୍ଞପ୍ତି**

**ଇ-ନିଲାମ ବିଜ୍ଞପ୍ତି ନଂ.: କେଜିପି/ଏମ୍‌ଏସ୍‌ଏସ୍/୨୦୨୪/୩,** **ତାରିଖ: ୧୭।୦୬।୨୦୨୪**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଖଡ୍ଗପୁର ଡିଭିଜନ ବିବିଧ ଷ୍ଟାଟିକ୍ ସେବା ଅଧୀନରେ ଖଡ୍ଗପୁର ଡିଭିଜନର ପାଂସ୍କୁରା, ବାଲେଶ୍ୱର, ଖଡ୍ଗପୁର ଏବଂ ମେଚେଦା ଷ୍ଟେଶନଠାରେ ପ୍ରତ୍ୟେକ ୧ ଗୋଟି ପାର୍ସଲ ସ୍କାନର୍ ସ୍ଥାପନ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଦ୍ରଷ୍ଟବ୍ୟ:- **କାଟାଲଗ୍ ନଂ.: ଏମ୍‌ଏସ୍‌ଏସ୍-କେଜିପି-୪ଏସ୍‌ଟିଏନ୍-ପିଏସ୍। ନିଲାମ ତାରିଖ: ତା୦୧।୦୭।୨୦୨୪। ନିଲାମ ଆରମ୍ଭ/ସମାପ୍ତିର ସମୟ:** ଯଥାକ୍ରମେ ୧୧.୩୦ ଘଟିକା ଓ ୧୨.୩୦ ଘଟିକା, ଯାହା **https://www.ireps.gov.in** ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି। ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏହାକୁ ଧ୍ୟାନରେ ରଖିବା ଏବଂ ଇ-ନିଲାମ ନୋଟିସ ସମ୍ପର୍କିତ ବିବରଣୀ ତଥା ସମ୍ବନ୍ଧୀୟ ସୂଚନା ପାଇଁ ଉପରଦର୍ଶିତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ। ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ।

**(PR-269)** **ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର/ଖଡ୍ଗପୁର**

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ

**कार्यपालक अभियंता का कार्यालय**
**पथ निर्माण विभाग, पथ प्रमण्डल, रामगढ़**
रामगढ़ थाना के सामने, थाना चौक/गांधी चौक, रामगढ़ कैन्ट,जिला-रामगढ़, झारखण्ड- 829122, ई.मेल- eercdramgarh-jhr@nic.in

**सूचना**

एतद् द्वारा सूचित किया जाता है कि इस कार्यालय का e-Tender Ref. No.- RCD/C RAMGARH/ 422/ 2024-25 दिनांक 06.06.2024 जो P.R No.- 325404 (Road)24-25(D) द्वारा आमंत्रित पथ प्रमण्डल, रामगढ़ अन्तर्गत IRQP Work of Rajrappa to Chitarpur Road from KM 0.00 to 1.80 under Road Division, Ramgarh for the year 2023-24 कार्य की निविदा को अपरिहार्य कारणवश रदद् की जाती है।

कार्यपालक अभियंता,
PR.NO.326731 Road(24-25):D पथ निर्माण विभाग, पथ प्रमण्डल, रामगढ़।

**GOVERNMENT OF ODISHA** No.A-49
**DEPARTMENT OF WATER RESOURCES,**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, NAYAGARH**
**e-Procurement Notice**
**BID IDENTIFICATION NO-SEMIDN-2/2024-25**
**Letter No- 1140 Dt- 12.06.2024**

The Superintending Engineer, Minor Irrigation Division, Nayagarh on behalf of Governor of Odisha invites **percentage rate bids in double cover only in ONLINE mode** for the Construction of works detailed in the table from **"B"** Class Contractors registered with the State Government and contractors of equivalent Grade/Class registered with Central Government /M.E.S/ Railways for execution of civil works on production of definite proof from the appropriate authority. The bidders may submit bids for any or all of the following works.

1. Name of the Works :- Improvement to Dam Works under RR&R grant of M.I. Projects for the year 2024-25
2. Total No. of Works :- 01 (One).
3. Estimated Cost :- Rs.75.26 lakh approximately.
4. Class of Contractor :- Class **"B"**
5. Period of Completion :- **06 (Six)** Calendar months
6. Date & time of availability of Bid Document in the Portal for online Bidding. :- **From 19.06.2024** at 10 A.M. to **25.06.2024** up to 5 PM.
7. Last date/Time for receipt of Bid only in ONLINE :- **25.06.2024** up to 5 PM.
8. Date/Time of Opening of Technical Bid. :- **26.06.2024** at 11.00 AM at Office of the Superintending Engineer, M.I. Division, Nayagarh.
9. Date/Time of Opening of Financial Bid. :- **To be intimated through website after evaluation of Technical Bid.**
10. Date of Transparent Lottery (if cases arise) :- At 11.00 hrs onwards of **Dt. 01.07.2024.**
11. Name & Address of the Officer Inviting the Bid :- Office of the Superintending Engineer, M.I. Division, Nayagarh, Tel No. (06753) 291009, e-Mail ID: eemidivisionnayagarh@gmail.com
12. Further details can be seen from the "e" Procurement Portal **https://tendersodisha.gov.in**

**Sd./- Superintending Engineer, M.I. Division, Nayagarh**
OIPR-32260/11/0003/2425

# ସମନ୍ୱିତ କୃଷିରେ ମହୁଚାଷ



ଡ. ପରେଶ କୁମାର ପଣ୍ଡା

ମହୁମାଛି ଚାଷ ଏକ ଲାଭଜନକ ଚାଷ ଭାବରେ ପରିଗଣିତ। ବିଭିନ୍ନ ମାଙ୍ଗଳିକ କାର୍ଯ୍ୟରେ ବ୍ୟବହାର ବ୍ୟତୀତ ମହୁର ବିଶେଷ ଔଷଧୀୟ ଗୁଣ ରହିଛି। ମହୁରେ ଶର୍କରା ବ୍ୟତୀତ ପୁଷ୍ଟିସାର, ଭିଟାମିନ୍ ତଥା ଖଣିଜ ଲବଣ ରହିଛି। ସମସ୍ତେ ଏହାକୁ ଖାଇପାରିବେ। ଏତଦ୍‌ବ୍ୟତୀତ ମହମ, ରୟାଲ ଜେଲି, ପ୍ରପୋଲିସ୍, ଆପିଟୋକ୍ସିନ୍ ଉତ୍ପାଦ ମଧ୍ୟ ଏଥିରୁ ମିଳିଥାଏ। ମହୁ ସେବନ ଦ୍ୱାରା ଶରୀରକୁ ଶକ୍ତି ଓ ସ୍ଫୂର୍ତ୍ତି ମିଳିଥାଏ। ଲେମ୍ବୁରସ ସହ ମହୁ ମିଶାଇ ଖାଇଲେ ମେଦବୃଦ୍ଧି କମିଯାଏ। ସାଧାରଣତଃ ମହୁମାଛି ୫ ପ୍ରକାର- (୧) ସପ୍ତଫେଣୀ ମହୁମାଛି, (୨)ବାଘୁଆ ମହୁମାଛି, (୩)ଡାଳି ବା ଛୋଟ ମହୁ ମାଛି, (୪) ଇଟାଲିଆନ ମହୁମାଛି ଏବଂ (୫) ନିକୁଟି ମହୁମାଛି। ତନ୍ମଧ୍ୟରୁ ଇଟାଲିଆନ ମହୁମାଛି ପାଳନ ଲୋକପ୍ରିୟ ଓ ବେଶି ଲାଭଜନକ। ଆମ ରାଜ୍ୟର ଭୌଗୋଳିକ ଅବସ୍ଥିତି ଓ ଜଳବାୟୁ ଇଟାଲିଆନ ମହୁମାଛି ପାଇଁ ଅନୁକୂଳ। ମହୁମାଛିମାନେ ଆମ୍ବ, ନଡ଼ିଆ, ଲିଚୁ, ସପେଟା, ଜାମୁ, ପିଜୁଳି, ସଜନା, ତେନ୍ତୁଳି, ମହୁଲ, କରଞ୍ଜ, ଶିମିଳି, ନିମ୍ବ, ଅର୍ଜ୍ଜୁନ ଆଦି ବୃକ୍ଷରୁ ତଥା ସୋରିଷ, ସୂର୍ଯ୍ୟମୁଖୀ, ଅଳସୀ, ରାଶି ପରି ତୈଳବୀଜ ଫସଲରୁ ମକରନ୍ଦ ଓ ପରାଗରେଣୁ ସଂଗ୍ରହକରି ମହୁ ଉତ୍ପାଦନ କରିବା ସହ ପରାଗସଙ୍ଗମ (୬୦-୮୦ ପ୍ରତିଶତ) ଘଟାଇ ଫସଲ ଉତ୍ପାଦନ ବୃଦ୍ଧି କରିଥାଆନ୍ତି ତଥା ମଞ୍ଜି, ଭ୍ରୁଣ ଓ ଗଛର ଜୀବନକାଳରେ ବୃଦ୍ଧି ଘଟାଇଥାଆନ୍ତି। ତେଣୁ ଫଳଚାଷ ଓ ତୈଳବୀଜ ଫସଲ ପାଇଁ ମହୁମାଛି ପାଳନ ନିହାତି ଦରକାର। ଗବେଷଣାରୁ ଜଣାପଡ଼ିଛି ଯେ ୩-୫ଟି ମହୁମାଛି ବାକ୍ସ ରଖାଗଲେ ତୈଳବୀଜ ଓ ଅନ୍ୟାନ୍ୟ ଫସଲର ଅମଳ ଯଥେଷ୍ଟ ବଢ଼ିଥାଏ।

ଫସଲରେ ୨୦ ପ୍ରତିଶତ ଫୁଲ ଆସିଥିଲେ ସବଳ ମାଛି ଦଳ (୬ ଫ୍ରେମ ବାକ୍ସ) ଫସଲର ୧୦୦ ମିଟର ଭିତରେ ରଖିବା ଆବଶ୍ୟକ। ଏକର ପ୍ରତି ୨-୪ ଦେଶୀ ମାଛି ଦଳ କିମ୍ବା ୧-୨ ବିଦେଶୀ ମାଛି ଦଳକୁ ନିକଟରେ ରଖାଯାଏ। ସନ୍ଧ୍ୟା ସମୟରେ ହିଁ ବାକ୍ସର ସ୍ଥାନାନ୍ତର କରାଯାଏ। ପ୍ରଥମେ ଚିନି ଶିରାରେ ପାଖ ଫସଲର ଫୁଲକୁ ପକାଇ ମହୁମାଛି ଦଳକୁ ଦିଆଯାଏ। ତୈଳବୀଜ ଫସଲର ଫୁଲ ଫୁଟିବା ସମୟରେ 'ବି-କ୍ୟୁ' ୧୫ ଗ୍ରାମକୁ ଲିଟର ପ୍ରତି ପାଣିରେ ଗୋଳାଇ ସିଞ୍ଚନକଲେ ମହୁମାଛି ଫସଲ ପ୍ରତି ଆକୃଷ୍ଟ ହୋଇଥାଆନ୍ତି ଓ ଫସଲରେ ଦାନା ରହିବା ଏଥିଯୋଗୁ ପ୍ରାୟ ଏକତୃତୀୟାଂଶ ବୃଦ୍ଧି ପାଇଥାଏ।

ଇଟାଲିଆନ ମହୁମାଛିର ଆକାର ବଡ଼ ଓ ଏହି ମାଛି ଦଳ ବାନ୍ଧି ଉଡ଼ିଯାଇ ନ ଥାଏ। ବର୍ଷକୁ ମହୁ ୨୦ କି.ଗ୍ରା.ରୁ ୬୦ କି.ଗ୍ରା. (୩ ଥରରେ) ଅମଳ ହୋଇଥାଏ। ବ୍ୟବସାୟ ନିମନ୍ତେ ୧୦୦ଟି ପର୍ଯ୍ୟନ୍ତ ବାକ୍ସ ରଖିବା ଭଲ। ଏହି ମହୁମାଛି ୩ କି.ମି. ବ୍ୟାସାର୍ଦ୍ଧ ଅଞ୍ଚଳରୁ ଖାଦ୍ୟ ସଂଗ୍ରହ କରିଥାଆନ୍ତି। ଋତୁ ଓ ଫସଲ ଅନୁଯାୟୀ ଯଥା-ଅକ୍ଟୋବର ମାସରେ ଅଳସୀ, ଡିସେମ୍ବର-ଜାନୁଆରୀରେ ସୋରିଷ ଓ ନୀଳଗିରି, ଜାନୁୟାରୀ-ଫେବୃୟାରୀରେ ଆମ୍ବ ଓ ଶିମିଳି, ମାର୍ଚ୍ଚରେ ଲିଚୁ ଓ ରାଶି, ଏପ୍ରିଲ-ମେ'ମାସରେ ନିମ୍ବ, କରଞ୍ଜ ଓ ଜାମୁ ପାଖକୁ ଫୁଲ ଫୁଟିଥିବା ସମୟରେ ବାକ୍ସକୁ ସ୍ଥାନାନ୍ତର କଲେ ଅଧିକ ମହୁ ମିଳିବା ସହ ଅଧିକ ଅମଳ ମିଳିଥାଏ।

ସାଧାରଣତଃ ବର୍ଷାଦିନରେ ମହୁମାଛିଙ୍କ ଖାଦ୍ୟାଭାବ ଦେଖାଯାଏ। ଜୁଲାଇରୁ ସେପ୍ଟେମ୍ବରରେ ବାକ୍ସ ପ୍ରତି ସପ୍ତାହକୁ ୧ କି.ଗ୍ରା. ହିସାବରେ ଚିନି ଖାଦ୍ୟ ରୂପେ ଦେବା ଜରୁରୀ। ଗରିବ, ନାମମାତ୍ର ଚାଷୀ, ଅନୁସୂଚିତ ଜାତି ଓ ଜନଜାତିର ଚାଷୀମାନଙ୍କୁ ସରକାରଙ୍କ ତରଫରୁ ରିହାତି ଦରରେ ମହୁବାକ୍ସ ଓ ଉପକରଣ ଯୋଗାଇ ଦିଆଯାଉଛି। ଓଡ଼ିଶା ଖାଦ୍ୟ ଗ୍ରାମୋଦ୍ୟୋଗ ବୋର୍ଡ ଓ ଖଦି କମିଶନଙ୍କ ତରଫରୁ ସିଧାସଳଖ ଓ ମହୁଚାଷ ସମବାୟ ସମିତି ଜରିଆରେ ମହୁଚାଷ ପାଇଁ ଋଣ ଓ ରିହାତି ଦିଆଯାଉଛି। ଏହି ଚାଷକରି ସେମାନେ ନିଜର ଆର୍ଥିକ ସ୍ଥିତି ସ୍ୱଚ୍ଛଳ କରିପାରୁଛନ୍ତି।

"ମହୁମାଛି ଦଳରେ ୩ ପ୍ରକାର ମାଛି ଥାଆନ୍ତି-ଯଥା: ରାଣୀ ମାଛି, ପୁରୁଷ ମାଛି ଓ ଶ୍ରମିକ ମାଛି। ରାଣୀ ମାଛି ଦଳର ମୁଖ୍ୟ ଓ ଆକାରରେ ସବୁଠାରୁ ବଡ଼। ଏକ ଦିନରେ ରାଣୀ ମହୁମାଛି ୧୨୦୦ ପର୍ଯ୍ୟନ୍ତ ଅଣ୍ଡା ଦେଇଥାଏ। ୫-୭ ଦିନ ମଧ୍ୟରେ ଅଣ୍ଡାରୁ ଛୁଆ ଫୁଟିଥାଏ। ପୁରୁଷ ମାଛି କେବଳ ସଙ୍ଗମ କାମ କରେ। ଶ୍ରମିକ ଶ୍ରେଣୀର ମାଛିମାନେ କ୍ଲିବ ଓ ସଭିଙ୍କର ଯତ୍ନନେବା ସହ ଖାଦ୍ୟ ସଂଗ୍ରହ କରିଥାଆନ୍ତି। ରାଣୀ ମାଛି ବସା ଛାଡ଼ି ଉଡ଼ିବା ମାତ୍ରେ ତା' ପଛରେ ସବୁ ମାଛି ଚାଲିଯାଆନ୍ତି।"



ମହୁମାଛି ଦଳରେ ୩ ପ୍ରକାର ମାଛି ଥାଆନ୍ତି-ଯଥା: ରାଣୀ ମାଛି, ପୁରୁଷ ମାଛି ଓ ଶ୍ରମିକ ମାଛି। ରାଣୀ ମାଛି ଦଳର ମୁଖ୍ୟ ଓ ଆକାରରେ ସବୁଠାରୁ ବଡ଼। ଏକ ଦିନରେ ରାଣୀ ମହୁମାଛି ୧୨୦୦ ପର୍ଯ୍ୟନ୍ତ ଅଣ୍ଡା ଦେଇଥାଏ। ୫-୭ ଦିନ ମଧ୍ୟରେ ଅଣ୍ଡାରୁ ଛୁଆ ଫୁଟିଥାଏ। ପୁରୁଷ ମାଛି କେବଳ ସଙ୍ଗମ କାମ କରେ। ଶ୍ରମିକ ଶ୍ରେଣୀର ମାଛିମାନେ କ୍ଲିବ ଓ ସଭିଙ୍କର ଯତ୍ନନେବା ସହ ଖାଦ୍ୟ ସଂଗ୍ରହ କରିଥାଆନ୍ତି। ରାଣୀ ମାଛି ବସା ଛାଡ଼ି ଉଡ଼ିବା ମାତ୍ରେ ତା' ପଛରେ ସବୁ ମାଛି ଚାଲିଯାଆନ୍ତି।

**ମହୁଚାଷର ଉପକରଣ**

**ମହୁବାକ୍ସ :** ଏଥିରେ ୨-୩ଟି ଥାକ ଥାଏ। ପ୍ରତି ଥାକରେ ୭-୮ଟି କାଠ ଫ୍ରେମ୍ ଥାଏ। ମହୁ ବାକ୍ସ ୩ପ୍ରକାର ଥାଏ।

**କୁଇନ୍ ଗେଟ୍ :** ଟିଣ ବା ଆଲୁମିନିୟମର ଅଧ ଇଞ୍ଚ ଓସାର ଓ ୪-୬ ଇଞ୍ଚ ଲମ୍ବର ଏକ ଜାଲିକୁ କୁଇନ୍ ଗେଟ୍ କୁହାଯାଏ। ଏହି ଜାଲି ଦେଇ ଶ୍ରମିକ ମହୁମାଛିମାନେ ଯାତାୟାତ କରିଥାଆନ୍ତି। ହେଲେ ରାଣୀ ମହୁମାଛି ଏପଟ ଦେଇ ଯାଇପାରେନାହିଁ।

**ଧୂଆଁ ଦେବା ଯନ୍ତ୍ର :** ଏହି ଯନ୍ତ୍ରର ପ୍ରୟୋଗ ଦ୍ୱାରା ମହୁମାଛି ସ୍ଥିର ରହି ଆକ୍ରମଣ କରି ନ ଥାନ୍ତି।

**ମହୁ ବାହାର କରିବା ଯନ୍ତ୍ର :** ମହୁଫେଣା ନ ଭାଙ୍ଗି ବା ନ ଚିପୁଡ଼ି ଫେଣାରୁ ଏହି ଯନ୍ତ୍ର ସାହାଯ୍ୟରେ ଠିକ୍ ରୂପେ ମହୁ ବାହାର କରାଯାଏ।

**ଫ୍ରେମ୍ :** ଏହି ମାଛିମାନେ ଫେଣା ତିଆରି କରି ମହୁ ସଞ୍ଚୟ କରିଥାଆନ୍ତି। ଏତଦ୍‌ବ୍ୟତୀତ ଲମ୍ବା ଛୁରି, ନଡ଼ିଆକତା, ଶୁଖିଲା ଟାଣୁଆ କଦଳୀ ପାଟୁକା, ଖଣ୍ଡେ କନା ବା ତଉଲିଆ ଓ ଛୋଟ ବଡ ଦୁଇଟି ଦଉଡ଼ି ଦରକାର ହୋଇଥାଏ।

ମାଛି ଦଳ ଠାବ କରାଯାଏ ଓ ଦଳକୁ ସଂଗ୍ରହ କରାଯାଏ। ଫେଣା ବାନ୍ଧିବା ଉପାୟ କରାଯାଏ। ରାଣୀ ମହୁମାଛିକୁ ଚିହ୍ନଟକରି ଦଳରେ ଥିବା ଏକମାତ୍ର ରାଣୀକୁ ସତର୍କତା ସହ ଧରିଦେଲେ ସବୁ ମାଛି ତା' ପାଖକୁ ଆସିଥାଆନ୍ତି। ରାଣୀ ମାଛିକୁ ପାଇ ଏକ ଖାଲି ଖୋଳରେ ରଖାଯାଏ। ହାତର ଆଙ୍ଗୁଠି ବା ନରମ ଜିନିଷଟିଏ ଧୀରେ ଧୀରେ ମାଛି ଗଦା ଭିତରେ ପୂରାଇ କିଛି ମାଛିକୁ ଧରି ବାକ୍ସର ସାମ୍ନା ପଟା ଉପରେ ଛଡ଼ାଯାଏ ଓ କୁଇନ୍ ଗେଟ୍ ଖୋଲିଦିଆଯାଏ। ମହୁବାକ୍ସରେ ଏକ ଫେଣା ରଖାଯାଇ ସେଥିରେ କିଛି ଚିନିପାଣି ରଖାଯାଏ। ମହୁ ଓ ଚିନିର ଗନ୍ଧରେ ମାଛିମାନେ ଭିତରକୁ ପଶନ୍ତି। ଧୀରେ ଧୀରେ ସବୁ ମାଛି ବାକ୍ସକୁ ଆସିଯାଆନ୍ତି। ରାଣୀମାଛି ବାକ୍ସ ଭିତରକୁ ଆସିବା ମାତ୍ରେ କୁଇନ୍ ଗେଟ୍ ବନ୍ଦ ରଖାଯାଏ। ଯଦି ଧୂଆଁ ଦେବା ସମୟରେ ମାଛିମାନେ ଉଡ଼ିଯାଇ ବିଭିନ୍ନ ସ୍ଥାନରେ ମଳା ମଳା ହୋଇ ବସନ୍ତି, ତେବେ ବୁଝାଯାଏ ଯେ ରାଣୀ ତାଙ୍କ ମଧ୍ୟରେ ନାହିଁ। ଧୂଆଁ ଦେଲେ ମାଛିଗୁଡ଼ିକ ଦଳ ଦଳ ହୋଇ ପଦାକୁ ବାହାରି ଆସନ୍ତି। ନ ହେଲେ ରାଣୀ ଅନ୍ୟ ମହୁମାଛି ସହ ଉଡ଼ି ଚାଲିଯାଏ। ଦଳ ଧରିବାକୁ ହେଲେ ପ୍ରଥମେ ରାଣୀକୁ ଧରି ବାକ୍ସ ଭିତରକୁ ଯିବେ। ମାଛି ଦଳ ଧରିବାକୁ ମହୁ ବାକ୍ସର ତଳ ପଟାକୁ କାଢ଼ି ବାକ୍ସଟିକୁ ମହୁମାଛି ବସିଥିବା ସ୍ଥାନର ଉପରେ ରଖାଯାଏ। ଫଳରେ ମହୁବାକ୍ସ ଭିତରକୁ ପଶିଯିବେ। (କ୍ରମଶଃ..)

-ସହକାରୀ କୃଷି ନିର୍ଦ୍ଦେଶକ,
ଯାଜପୁର
ମୋ : ୯୪୩୭୧୧୨୭୦୪

## ଚିନାବାଦାମ ଚାଷ



ଚିନାବାଦାମ ଚାଷ ପୂର୍ବରୁ ଜମିକୁ ଗଭୀର ଚାଷକରି ମାଟି ଗୁଣ୍ଡକରନ୍ତୁ । ହେକ୍ଟର ପ୍ରତି ୧୨୦ କି.ଗ୍ରା. ମଞ୍ଜି ବ୍ୟବହାର କରନ୍ତୁ (୧୭୫ କି.ଗ୍ରା. ଚୋପାଲଗା ଚିନାବାଦାମ)। ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନ ରଖନ୍ତୁ । କିନ୍ତୁ ଲୋଟଣୀ ଜାତୀୟ ଚିନାବାଦାମ କରୁଥିଲେ ମଞ୍ଜିକୁ ମଞ୍ଜି ୧୫ ସେ.ମି. ବ୍ୟବଧାନ ରଖିବା ଉଚିତ । ହେକ୍ଟର ପ୍ରତି ୨୫ ଗାଡ଼ି ଶଢ଼ା ଗୋବରଖତ ବା କମ୍ପୋଷ୍ଟ, ୫୦୦ କି.ଗ୍ରା. କାଗଜକଳ ମଇଳା ସହ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଶେଷଓଡ଼ ଚାଷ ସମୟରେ ପ୍ରୟୋଗ କରନ୍ତୁ। ଚିନାବାଦାମ ଗନ୍ଧକ ଓ ଚୂନ ଚାହିଦା ମେଣ୍ଟାଇବା ପାଇଁ ଫସ୍‌ଫରସ୍ ସାରକୁ ସିଙ୍ଗଲ୍ ସୁପର ଫସ୍‌ଫେଟ୍ ଆକାରରେ ପ୍ରୟୋଗ କରନ୍ତୁ ନଚେତ୍ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍ ପ୍ରୟୋଗ କରନ୍ତୁ । ଉଇ ଉପଦ୍ରୁତ ଅଞ୍ଚଳରେ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋର୍‌ପାଇରିଫସ୍ ଗୁଣ୍ଡ ପ୍ରୟୋଗକରି ମାଟିରେ ମିଶାଇ ଦିଅନ୍ତୁ ।

## ଲାଭଜନକ ଫଳଚାଷ



ଓଡ଼ିଶାର ଜଳବାୟୁରେ ନାନା ପ୍ରକାର ଫଳଚାଷ ଲାଭଜନକ ଭାବେ କରାଯାଇପାରିବ ଯଥା: ଆମ୍ବ, ନଡ଼ିଆ, କଦଳୀ, କାଜୁବାଦାମ, ପିଜୁଳି, ସପେଟା, ଅମୃତଭଣ୍ଡା ଇତ୍ୟାଦି। ଉଚ୍ଚ ଗଡ଼ାଣିଆ ବା ଅନୁର୍ବର ଜମିରେ ମଧ ଫଳଚାଷ ଲାଭଜନକ ଭାବେ କରାଯାଇପାରିବ। ପ୍ରଥମେ ଜମିକୁ ଭଲଭାବେ ପରିଷ୍କାର କରି ୨/୩ ଓଡ଼ ଚାଷ କରିଦେବା ଉଚିତ। ବର୍ଷାଋତୁ ଆରମ୍ଭରେ ଗଛ ଲଗାଇବାକୁ ହେଲେ ଖରାଦିନରୁ ଗାତ ଖୋଳି ରଖିବା ଦରକାର। ଗାତରୁ ଖୋଳାହୋଇଥିବା ମାଟି ଓ ଗାତ ଖରା ଖାଇଗଲେ ଭଲ। ଆମ୍ବ,କମଳା,ନଡ଼ିଆ,ପିଜୁଳି,ପଣସ,ଲିଚୁ ଇତ୍ୟାଦି ପାଇଁ ୧ ମିଟର ଗଭୀର ଓ ୧ ମିଟର ଗୋଲେଇର ଗାତ,କଦଳୀ ଓ ଅମୃତଭଣ୍ଡା ପାଇଁ ଅଧ ମିଟର ଗଭୀର ଓ ଅଧ ମିଟର ଗୋଲେଇର ଗାତ ଦରକାର। ସପୁରି ପାଇଁ ୩୦ସେ.ମି. ଚଉଡ଼ା ଓ ୧୫ସେ.ମି ଗଭୀରରେ ନାଳୀ ଖୋଳାଯାଏ।

## ଡାଲିଜାତୀୟ ଫସଲ ଅମଳ ସମୟରେ...



ଛୁଇଁ ୮୦-୮୫ଭାଗ ପାକଳ ହୋଇଗଲେ ଅମଳ କରିଦିଅନ୍ତୁ। ଛଇଁ ଅଧିକ ଶୁଖିଗଲେ ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡ଼ି ହୋଇପଡ଼େ। ଆବଶ୍ୟକ ହେଲେ ଥରେ କିମ୍ବା ଦୁଇ ଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷକରି ମାଟିରେ ମିଶାଇ ଦେବା ଭଲ। ଏହା ମାଟିକୁ ଉର୍ବର କରେ। ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ। ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡ଼ା ୧୦ଭାଗରୁ କମ୍ ଜଳୀୟ ଅଂଶ ରହିବା ଦରକାର। ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ।



## ଧାନ ବୁଣିବା ପୂର୍ବରୁ ଘାସ ଦମନ

ସାଧାରଣତଃ ଖରିଫ/ ବର୍ଷା ଋତୁରେ ମୋଟ ୭୦ ମି.ମି. ବର୍ଷା ହେବାପରେ ହିଁ ଧାନ ବୁଣାବୁଣି କାର୍ଯ୍ୟ କରନ୍ତୁ । ଯେଉଁ ଜମିଗୁଡ଼ିକରେ ଘାସ ଉପଦ୍ରବ ଦେଖାଦେଇଛି ବିଶେଷକରି ଡିପ ଜମିରେ ଘାସମରା ବିଷ ବ୍ୟବହାରକରି ଘାସ ଦମନ କରନ୍ତୁ । ଏଥିପାଇଁ ଡିପଜମିରେ ହେକ୍ଟର ପ୍ରତି ବୁଟାକ୍ଲୋର କିମ୍ବା ପ୍ରେଟିଲାକ୍ଲୋର ୧ ଲିଟର (ମୁଖ୍ୟ ଉପାଦାନ) ୫୦୦ ଲିଟର ପାଣିରେ ମିଶାଇ ସ୍ପ୍ରେୟରରେ ବୁଣିବାର ୨-୩ ଦିନ ପରେ ମାଟିରେ ବତର ଥିବା ଅବସ୍ଥାରେ ସିଞ୍ଚନ କରନ୍ତୁ। ରୋଇବା ପାଇଁ ଉଦ୍ଦିଷ୍ଟ ଜମିରେ ହେକ୍ଟର ପ୍ରତି ୨୫ କି.ଗ୍ରା. ଧନିଚା ବୁଣନ୍ତୁ। ଜଳସେଚିତ ଜମିଗୁଡ଼ିକରେ ଜଳର ସୁବିଧା ଥିଲେ ସବୁଜ ସାର ନିମିତ୍ତ ଆଜୋଲା ବଢ଼ାନ୍ତୁ । ସାଧାରଣ ଉର୍ବର ଜମିରେ ବୁଣାବେଳେ ହେକ୍ଟର ପ୍ରତି ୧୫ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୧୫ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ । ଫସଲକୁ ବିହନ ଜନିତ ରୋଗରୁ ରକ୍ଷା କରିବା ପାଇଁ ବୁଣିବା ପୂର୍ବରୁ ବିହନକୁ କେ.ଜି. ପ୍ରତି ୨ ଗ୍ରାମ୍ କାର୍ବୋକ୍ସିନ୍ + ଥିରାମ୍ ବା ୨ ଗ୍ରାମ୍ ବାଭିଷ୍ଟିନ୍ ଗୋଳାଇ ବିଶୋଧନ କରନ୍ତୁ । ଉପଦ୍ରୁତ ଅଞ୍ଚଳରେ ରୋଗପୋକ ସହଣୀ ଶକ୍ତି ଥିବା କିସମର ଧାନଚାଷ କରନ୍ତୁ । ତଣ୍ଟିକଟା (କେଣ୍ଡା ମହିଷା) ରୋଗର ପ୍ରତିକାର ପାଇଁ ୧ କି.ଗ୍ରା. ବିହନକୁ ୨.୦ ଗ୍ରାମ୍ ହିସାବରେ ମିଶ୍ରିତ ଫିମ୍ପିନାଶକ କାର୍ବୋସ୍କିନ୍ (୩୭.୫%)+ ଥିରାମ୍ (୩୭.୫%) ଦ୍ୱାରା ବିଶୋଧନ କରିବେ ଏବଂ ହେକ୍ଟର ପ୍ରତି ଟେବୁକୋନାଜୋଲ୍ ୫୦୦ ମି.ଲି. କିମ୍ବା କାଜୁଗାମାଇସିନ୍ (୩% ଏସ୍.ଏଲ୍.) ୫୦୦ ମି.ଲି. କିମ୍ବା ୭୫୦ ମି.ଲି. ଆଇସୋପ୍ରୋଥିଲେନ୍ (୪୦% ଇସି) ୨ ଥର ପତ୍ର ସିଞ୍ଚନ କରିବେ। ଜମିକୁ ଗଭୀର ଚାଷ କରି ମାଟିକୁ ଗୁଣ୍ଡ କରନ୍ତୁ ଓ ମଇ ଦେଇ ସମତୁଲ କରନ୍ତୁ। ଶେଷ ଓଡ଼ ଚାଷ ବେଳେ ହେକ୍ଟର ପ୍ରତି ୧୦ ଗାଡ଼ି ଶଢ଼ା ଗୋବରଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ଛଟାବୁଣା ନ କରି ବିହନ ବୁଣାଯନ୍ତ୍ର ସାହାଯ୍ୟରେ ଅଥବା ଲଙ୍ଗଳ ସିଆରରେ ୨-୩ସେ.ମି. ଗଭୀରରେ ଓ ଧାଡ଼ିରେ ବିହନ ବୁଣନ୍ତୁ ।

## ଚାଷୀଙ୍କ ପାଇଁ...

- ଧାନ ବଦଳରେ ଅଣଧାନ ଫସଲ ଯଥା ମକା, ବରଗୁଡ଼ି,ହରଡ଼,ବିରି,ମାଣ୍ଡିଆ, ଚିନାବାଦାମ,ଜଡ଼ା ଓ କନ୍ଦମୂଳ ଇତ୍ୟାଦି ଚାଷ କରନ୍ତୁ।
- ମରୁଡ଼ି ସହଣୀ ଥିବା ଗଭୀର ଚେର,ଶୀଘ୍ର ବୃଦ୍ଧି ଓ ସ୍ୱଳ୍ପ ଅବଧି କିସମ ନିର୍ବାଚନ କରନ୍ତୁ।
- ଫସଲର ସଙ୍କଟ ଅବସ୍ଥାରେ ଜଳସେଚନ ପାଇଁ ବର୍ଷା ପାଣିକୁ ସଞ୍ଚୟକରି ରଖନ୍ତୁ।
- ଗଡ଼ାଣିଆ ଜମିରେ ଗଡ଼ାଣିର ବିପରୀତ ଦିଗରେ ହୁଡ଼ା ଓ ନାଳ ଅଦଳବଦଳରେ କରନ୍ତୁ ଯଦ୍ୱାରା ମାଟିରେ ଅଧିକ ବର୍ଷାପାଣି ସଞ୍ଚିତ ହୋଇରହିବ।
- ଖରାଟିଆ ଚାଷ ନିଶ୍ଚିତ ଭାବେ କରନ୍ତୁ। ଏହାଦ୍ୱାରା ରୋଗ, ପୋକ ଓ ଘାସ ଦମନ କରାଯାଇପାରିବ ଏବଂ ଫସଲ ଶୀଘ୍ର ବୁଣାଯାଇପାରିବ।
- ଅମ୍ଳମାଟିରେ ଚୂନ,କାଗଜକଳ ମଇଳା ଇତ୍ୟାଦି ମୃତ୍ତିକା ସଂଶୋଧନ ବ୍ୟବହାର କରନ୍ତୁ। ଫଳତଃ ଜମିରେ ଘାସ କମ୍ ହୋଇଥାଏ। ଅଧିକ ଜଳ ସଞ୍ଚିତ ହୁଏ ଓ ଅମଳ ଅଧିକ ହୋଇଥାଏ।
- ଏକକ ଫସଲ ପରିବର୍ତ୍ତେ ମିଶ୍ରିତ ବା ଅନ୍ତଃଫସଲ କରନ୍ତୁ। ଡିପ ଜମିଗୁଡ଼ିକରେ କେବଳ ଧାନ ନ କରି ଅନ୍ୟ ଫସଲ ଯଥା-ମୁଗ ,ବିରି, ହରଡ଼,ମାଣ୍ଡିଆ,ମକା, ଆଦି ଫସଲ ଅନ୍ତଃ ଫସଲ ହିସାବରେ ନିଆଯାଇପାରେ।
- ବୁଣିବାବେଳେ ନାଳୀରେ ଖତ ପ୍ରୟୋଗ କରନ୍ତୁ।
- ମରୁଡ଼ି ସହିପାରୁଥିବା ଧାନ କିସମ ଯଥା-ଅନ୍ନଦା, ପଥରା, ଯୋଗେଶ, ଖଣ୍ଡଗିରି, କଳିଙ୍ଗ-୩, ହୀରା, ବନ୍ଦନା ଇତ୍ୟାଦି ବ୍ୟବହାର କରନ୍ତୁ।
- ଧାନ ବିହନକୁ ସୋଡିୟମ୍ ଫସ୍‌ଫେଟ ଦ୍ରବଣ (୧ ଲିଟର ପାଣିରେ ୩୫୮ ମିଲିଗ୍ରାମ) ୬ଘଣ୍ଟା ବତୁରାନ୍ତୁ ଓ ତା'ପରେ ଶୁଖାଇ ବୁଣନ୍ତୁ। ଏହାଦ୍ୱାରା ବିହନ ଭଲ ଗଜା ହୋଇଥାଏ ଓ ତଳି ଭଲ ବଢ଼ିଥାଏ।

## କୁଜିସାରୁ ଲଗାଉଥିଲେ

ଜଳସେଚନର ସୁବିଧା ଥିଲେ ଚଳିତ ମାସରେ ସାରୁ ଲଗାନ୍ତୁ। ତେଲିଆ, ମୁକ୍ତାକେଶୀ,ଟୋପି,ସାତମୁଖ ଓ ଝାଙ୍କଡ଼ି ଆଦି କିସମ ଲଗାନ୍ତୁ। ସାଧାରଣତଃ ସାରୁ ପୁଆ ବିହନ ଆକାରରେ ବ୍ୟବହାର କରାଯାଏ। ପୁଆଗୁଡ଼ିକ ୧୫ରୁ ୨୦ଗ୍ରାମ୍ ଓଜନର ସୁସ୍ଥ ନୀରୋଗ ସାରୁ ଲଗାନ୍ତୁ। ୧ ଏକର ପସଲ ପାଇଁ ୪କୁଇଣ୍ଟାଲ ବିହନ ବ୍ୟବହାର କରନ୍ତୁ। ପ୍ରତି କି.ଗ୍ରା. ସାରୁ ବିହନକୁ ୨ଗ୍ରାମ୍ ମେଟାଲାକ୍ସିଲ୍ ଓ ମାଙ୍କୋଜେବ୍ ମିଶ୍ରଣରେ ବିଶୋଧନ କରି ଲଗାନ୍ତୁ। ଜମିର ପ୍ରକାର ଅନୁସାରେ ୨-୩ଓଡ ଗଭୀର ଚାଷକରି ମଇଦେଇ ମାଟି ଭଲ ଭାବରେ ଗୁଣ୍ଡକରି ସମତୁଲ କରନ୍ତୁ। ଶେଷ ଓଡ ଚାଷ ପୂର୍ବରୁ ଏକର ପ୍ରତି ୪ରୁ ୫ଟନ୍ ଶଢ଼ା ଗୋବର ଖତ ମାଟି ସହ ଭଲ ଭାବରେ ମିଶାଇ ଦିଅନ୍ତୁ। ବିହନ ଲଗାଇବା ପୂର୍ବରୁ ଏକର ପ୍ରତି ୧୬କି.ଗ୍ରା. ଯବକ୍ଷାରଜାନ, ୨୪କି.ଗ୍ରା. ଫସ୍‌ଫରସ,୧୬କି.ଗ୍ରା. ପଟାସ ପ୍ରୟୋଗ କରନ୍ତୁ। ପରେ ଗଜା ବାହାରିବାର ୭ରୁ ୧୦ଦିନ ପରେ ୨୦କି.ଗ୍ରା. ଯବକ୍ଷାରଜାନ,୨୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ।



## ପ୍ରଦୂଷଣ ମୁକ୍ତ ଜୈବିକ ଯବକ୍ଷାରଯାନ

(ଶେଷ ଭାଗ)

ବିଭିନ୍ନ ସିମି ଜାତୀୟ ଫସଲ ଅନୁସାରେ ରାଇଜୋବିୟମ ହେକ୍ଟର ପ୍ରତି ୨୦ରୁ ୫୦ କିଲୋ ପର୍ଯ୍ୟନ୍ତ ଯବକ୍ଷାରଯାନ ଫସଲକୁ ଯୋଗାଇଥାଏ । ଆଜୋସ୍ପିରିଲମ୍ ଏବଂ ଆଜୋଟ୍‌ବାକ୍ଟର ହେକ୍ଟର ପ୍ରତି ୧୫ ରୁ ୨୫ କିଲୋ ପର୍ଯ୍ୟନ୍ତ ଯବକ୍ଷାରଯାନ ଫସଲକୁ ଯୋଗାନ୍ତି। ନୀଳହରିତ ଶୈବାଳ ଏବଂ ଆଜୋଲା ଜୈବ ଯବକ୍ଷାରଯାନର ଅନ୍ୟ ଦୁଇଟି ମାଧ୍ୟମ । ନୀଳହରିତ ଶୈବାଳ ସୂତା ପରି ଏକ ସୂକ୍ଷ୍ମ ଶିଉଳି । ଉକ୍ତ ଶିଉଳି ତା'ର ସୂକ୍ଷ୍ମ କୋଷ ମାଧ୍ୟମରେ ବାୟୁମଣ୍ଡଳର ଯବକ୍ଷାରଯାନକୁ ସକ୍ରିୟକରେ। ଆଜୋଲା ଏକ କ୍ଷୁଦ୍ର ଜଳଜ ଉଦ୍ଭିଦ । ଆଜୋଲାରେ ଆନାବାଇନା ଆଜୋଲାଇ ନାମକ ଏକ ସୂକ୍ଷ୍ମ ଶିଉଳି ସଂଲଗ୍ନ ରହି ବାୟୁମଣ୍ଡଳର ଯବକ୍ଷାରଯାନକୁ ଶୋଷଣକରେ । ଉଭୟେ ନୀଳହରିତ ଶୈବାଳ ଏବଂ ଆଜୋଲା ରୁଆ ଧାନ ପାଇଁ ଯବକ୍ଷାରଯାନ ଯୋଗାନ୍ତି । ନୀଳହରିତ ଶୈବାଳ ହେକ୍ଟରକୁ ୨୦ ରୁ ୨୫ ଯବକ୍ଷାରଯାନ ଯୋଗାଉଥିବା ବେଳେ ଆଜୋଲା ହେକ୍ଟରକୁ ୩୦ରୁ ୪୫ କିଲୋ ଯବକ୍ଷାରଯାନ ଯୋଗାନ୍ତି । ନୀଳହରିତ ଶୈବାଳକୁ ଗବେଷଣାଗାରରେ କଲଚ଼ରକରି ଧାନ ରୁଆର ୨ ସପ୍ତାହ ପରେ ହେକ୍ଟରକୁ ୨୦ରୁ ୨୫ କିଲୋ କଲଚ଼ର ପ୍ରୟୋଗ କରାଯାଏ । ଆଜୋଲାକୁ କୁଣ୍ଡ କିମ୍ବା କ୍ଷେତରେ ଠିଆପାଣିରେ ବଢ଼ାଯାଇ ହେକ୍ଟର ପ୍ରତି ୧୦ ଟନ୍ ସବୁଜ ଆଜୋଲାକୁ ଧାନକ୍ଷେତରେ ପ୍ରୟୋଗ କରାଯାଇ ହଳକରି ମାଟିରେ ମିଶାଯାଇ ଧାନ ରୁଆଯାଏ। ସବୁ ପ୍ରକାର ଜୀବାଣୁ ସାର ଅମ୍ଳମାଟିରେ ଭଲ ବଢ଼ିପାରନ୍ତି ନାହିଁ । ମାଟିର ଅମ୍ଳତ୍ୱ ଦୂର ପାଇଁ ହେକ୍ଟରକୁ ୪୦୦ ରୁ ୮୦୦ କିଲୋ ପର୍ଯ୍ୟନ୍ତ ଚୂନ ଜାତୀୟ ପଦାର୍ଥ ପ୍ରୟୋଗ କରାଯାଇପାରେ । ସବୁ ପ୍ରକାର ବୀଜାଣୁ ସାର ଫସ୍‌ଫେଟ୍ ଖାଦ୍ୟ ଉପାଦାନ ଆବଶ୍ୟକ କରି ବଢ଼ନ୍ତି । ସେଥିପାଇଁ ମୂଳ ଫସଲରେ ହେକ୍ଟର ପିଛା ୩୦ ରୁ ୪୨ କିଲୋ ଫସ୍‌ଫେଟ୍ ସାର ପ୍ରୟୋଗ କରିବା ଉଚିତ୍ । ସବୁଜସାର ଜୈବିକ ଯବକ୍ଷାରଯାନର ଏକ ଉତ୍କୃଷ୍ଟ ଉତ୍ସ । ଧନିଚା, ଛଣି, ସେସ୍‌ବାନିଆ, ବରଗୁଡ଼ି ଆଦି ସିମି ଜାତୀୟ ଫସଲକୁ ୩୫ ରୁ ୪୫ ଦିନରେ ସବୁଜ ଅବସ୍ଥାରେ ମାଟିରେ ମିଶାଇଲେ ଏସବୁ ଉଦ୍ଭିଦ ମାଟିରେ ବିଘଟନ ଘଟି ଜୈବିକ ଯବକ୍ଷାରଯାନ ଦ୍ୱାରା ମାଟିକୁ ଉର୍ବର କରନ୍ତି । ଉକ୍ତ ସିମି ଜାତୀୟ ଫସଲ ଫସ୍‌ଫେଟ୍ ଖାଦ୍ୟ ଉପାଦାନ ପାଇଲେ ଭଲ ବଢନ୍ତି । ତେଣୁ ସବୁଜ ସାରର ମଞ୍ଜି ବୁଣିବା ସମୟରେ ହେକ୍ଟର ପ୍ରତି ୪୦ କିଲୋ ଫସ୍‌ଫେଟ ସାର ପ୍ରୟୋଗ କରିବା ଉଚିତ୍ । ଧନିଚାକୁ ମୁଖ୍ୟତଃ ମଧ୍ୟମ କିସମ ଜମିରେ ଧାନ ରୁଆ ପୂର୍ବରୁ ଏବଂ ଖାଲ ଜମିର ବୁଣା ଧାନର ବେଉଷଣ ସମୟରେ ମିଶାଯାଏ । ଛଣି, ବରଗୁଡ଼ି ଏବଂ ସେସ୍‌ବନିଆକୁ ଡିପ ଜମିରେ ମାଟିରେ ମିଶାଯାଇ ମୂଳ ଫସଲର ମଞ୍ଜି ବୁଣାଯାଏ । ହେକ୍ଟରକୁ ଧନିଚା ୩୦ରୁ ୪୦ କିଲୋ ଛଣି ୨୫ ରୁ ୩୦ କିଲୋ ଏବଂ ବରଗୁଡ଼ି ୨୦ ରୁ ୨୫ ପର୍ଯ୍ୟନ୍ତ ଜୈବିକ ଯବକ୍ଷାରଯାନ ଯୋଗାଇ ମାଟିକୁ ଉର୍ବର କରନ୍ତି । ପ୍ରତ୍ୟେକ ସବୁଜ ସାର ଉଦ୍ଭିଦ ମାଟିରେ ଜୈବିକ ଯବକ୍ଷାରଯାନ ବଢ଼ାଇବା ସହ ମାଟିର ଜୈବ ଅଙ୍ଗାର ପରିମାଣ ବଢ଼ାଇଥାନ୍ତି । ଜୈବିକ ଯବକ୍ଷାରଯାନ ବହୁ ଶସ୍ତା, ପ୍ରଦୂଷଣମୁକ୍ତ ଏବଂ ହାତ ପାଆନ୍ତାରେ ମିଳିଥାଏ । ତେଣୁ ଚାଷୀ ଉକ୍ତ ଯବକ୍ଷାରଯାନର ମାଧ୍ୟମକୁ ସର୍ବଦା ଗ୍ରହଣ କରିବା ଉଚିତ୍ ।



**-ପ୍ର. ସୁବୋଧ କୁମାର ସାହୁ**
ଶୈଳଶ୍ରୀ ବିହାର, ଭୁବନେଶ୍ୱର
ମୋ: ୯୫୫୬୨୬୬୦୮୫

**ପୁଣି ଜମି ମ୍ୟୁଟେଶନ ପାଇଁ ଲାଞ୍ଚ: ଆର୍‌ଆଇ ଗିରଫ**

ନାକଟୀଦେଉଳ, ୧୮।୬(ବୈକୁଣ୍ଠନାଥ ସାହୁ): ଜମି ମ୍ୟୁଟେଶନ ରିପୋର୍ଟ ଦାଖଲ ପାଇଁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ମଙ୍ଗଳବାର ଧରାପଡିଛନ୍ତି ସମ୍ବଲପୁର ଜିଲା ନାକଟୀଦେଉଳ ତହସିଲ ଡଇଁଚା ଆରଆଇ ସର୍କଲର ରାଜସ୍ୱ ନିରୀକ୍ଷକ ମନୋଜ କୁମାର ମହାନନ୍ଦ। ତାଙ୍କଠାରୁ ନିଆଯାଉଥିବା ଟଙ୍କାକୁ ଜବତ କରାଯାଇଛି। ପରେ ତାଙ୍କୁ ଭିଜିଲାନ୍ସ ପକ୍ଷରୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ପୂର୍ବରୁ ୨୦୨୨ ଏପ୍ରିଲ ୧୮ରେ ଜଣେ ବ୍ୟକ୍ତିଙ୍କ ଜମି ମ୍ୟୁଟେଶନ ପାଇଁ ୯ ହଜାର ଟଙ୍କା ଲାଞ୍ଚ ନେଇ ଧରାପଡ଼ିଥିଲେ।

## ଧାର ଟଙ୍କା ମାଗିବାରୁ ଶାଳକଙ୍କୁ ହତ୍ୟା

ଗୋପାଳପୁର,୧୮।୬ (ନବୀନ ରାଜ ଆଚାରୀ)

ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅଞ୍ଚଳରେ ସୋମବାର ରାତିରେ ଶାଳକଙ୍କୁ ଭିଣୋଇ ରଡ୍‌ରେ ପିଟି ହତ୍ୟା କରିଛନ୍ତି। ମୃତକ ହେଲେ ମାଣିକପୁର ଗ୍ରାମର ବି.ନାର୍ସିଙ୍ଗୁଲୁ। ଅଭିଯୁକ୍ତ ଭିଣୋଇ ଡି. ଚେଲପତି ଫେରାର୍ ହୋଇଯାଇଛନ୍ତି। ନାର୍ସିଙ୍ଗୁଲୁ ଗୋଳନ୍ଥରା ଚଟିରେ ଥିବା ତାଙ୍କ ଭିଣୋଇ ଚେଲପତିଙ୍କୁ ୫ବର୍ଷ ତଳେ ୫ ହଜାର ଟଙ୍କା ଧାର ଦେଇଥିଲେ। କିଛି ମାସ ପରେ ନାର୍ସିଙ୍ଗୁଲୁ ଧାର ଟଙ୍କା ମାଗିବାରୁ ଚେଲପତି ଦିନ ଗଡାଇ ଚାଲିଥିଲେ। ସୋମବାର ସନ୍ଧ୍ୟାରେ ନାର୍ସିଙ୍ଗୁଲୁ ଭିଣୋଇଙ୍କ ଘରକୁ ଆସିଥିବା ବେଳେ ଟଙ୍କାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଚେଲପତି ରାଗିଯାଇ ଲୁହା ପାଇପ୍‌ରେ ନାର୍ସିଙ୍ଗୁଲୁଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ପରିବାର ଲୋକେ ନାର୍ସିଙ୍ଗୁଲୁଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲକୁ ନେଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ନାର୍ସିଙ୍ଗୁଲୁଙ୍କ ଭାଇ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୨୬୪/୨୪ରେ ଏକ ମାମଲା ରୁଜୁ କରିଛି।

## ଆଈଙ୍କୁ ଠେଙ୍ଗାରେ ପିଟିମାରିଦେଲେ ନାତି

ବେଲପଡ଼ା,୧୮।୬ (ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ଥାନା ଭାଲୁଖାଇ ଗ୍ରାମରେ ମଙ୍ଗଳବାର ବୃଦ୍ଧା ଆଈଙ୍କୁ ଠେଙ୍ଗାରେ ପିଟି ମାରିଛନ୍ତି ନାତି। ମୃତ ବୃଦ୍ଧା ହେଲେ ଯୁଗ ଭୁଏ (୮୫)। ଅଭିଯୁକ୍ତ ନାତି ରାଜ ଭୁଏ (୨୩)ଙ୍କୁ ପୋଲିସ ଅଟକ ରଖି ପଚାରଉଚୁରା କରୁଛି। ସୂଚନା ଅନୁସାରେ ବୃଦ୍ଧା ଯୁଗଙ୍କ ୩ ପୁଅ ଅଛନ୍ତି। ବଡ଼ ପୁଅ ସନାତନ ତାଙ୍କ ପରିବାର ସହ ମା'ଙ୍କ ନିକଟରେ ରହନ୍ତି। ଅନ୍ୟ ଦୁଇପୁଅ ଶୁକ୍ରୁ ଓ ଗୁରୁବାରୁ ଘରଠାରୁ ଅଲଗା ହୋଇ କ୍ଷେତରେ ଘରକରି ରହୁଛନ୍ତି। ଘଟଣାବେଳେ ସନାତନ ମାଛ ମାରିବାକୁ ଯାଇଥିବାବେଳେ ଅଭିଯୁକ୍ତ ନାତି ଘରେ ଥିଲେ। କୌଣସି କାମ ଥିବା କହି ନାତି ରାଜ ତାଙ୍କ ଆଈଙ୍କୁ ଟଙ୍କା ମାଗିଥିଲେ। ସେ ଟଙ୍କା ନ ଦେବାରୁ ରାଜ ଠେଙ୍ଗାରେ ମୁଣ୍ଡକୁ ପିଟିଦେବାରୁ ତାଙ୍କର ମୃତ୍ୟୁ ଘଟିଥିଲା।

## ଦିଲ୍ଲୀରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଗହଣା ଚୋରି, ସୋରରୁ ୩ ଗିରଫ

ସୋର, ୧୮।୬(ଜନ୍ମେଜୟ ମିଶ୍ର)

ଦିଲ୍ଲୀରୁ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଗହଣା ଓ ନଗଦ ଟଙ୍କା ଚୋରି ଅଭିଯୋଗରେ ଦିଲ୍ଲୀ ପୋଲିସ ବାଲେଶ୍ୱର ଜିଲା ସୋରରୁ ୩ଜଣଙ୍କୁ ଗିରଫ କରିଛି। ପୂର୍ବରୁ ଏହି ଘଟଣାରେ ପୋଲିସ ଦୁଇ ଜଣଙ୍କୁ ଦିଲ୍ଲୀ ନେଇଯାଇଥିଲା। ମଙ୍ଗଳବାର ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଦିଲ୍ଲୀ ନେଇଯାଇଥିବା ଜଣାପଡିଛି। ସୂଚନା ଅନୁଯାୟୀ, ସୋର ଥାନା ମଙ୍ଗଳପୁର ଅଞ୍ଚଳର ମଦନମୋହନ ଦାସ ଦିଲ୍ଲୀ ଫ୍ରେଣ୍ଡସ କଲୋନୀର ସିଦ୍ଧାର୍ଥ ଗୌତମ ମହାନ୍ତି ନାମକ ଜଣେ ଖବରଦାତାଙ୍କ ଘରେ କାମ କରୁଥିଲେ। ଗତ ମେ' ୨୯ ତାରିଖରେ ଘରେ କେହି ନ ଥିବାର ସୁଯୋଗ ନେଇ ମଦନ ତାଙ୍କ ଘରୁ ଏକ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଗହଣା ଓ ନଗଦ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ସିଦ୍ଧାର୍ଥ ନିୟୁ ଫ୍ରେଣ୍ଡସ କଲୋନୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୧୩୩/୨୪) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ଅଭିଯୁକ୍ତଜଣଙ୍କ ସୋର ଅଞ୍ଚଳର ହୋଇଥିବା ଜାଣିବା ପରେ ପୋଲିସର ଏକ ଟିମ୍ ସୋରରେ ପହଞ୍ଚିଥିଲେ। ୧୫ ଦିନରୁ ଊର୍ଦ୍ଧ୍ୱ ସୋରରେ ରହି ସ୍ଥାନୀୟ ପୋଲିସ ସହାୟତାରେ ମଦନଙ୍କ ସମେତ ତାଙ୍କର ଅନ୍ୟ ଦୁଇଜଣ ସହଯୋଗୀ ପ୍ରଫୁଲ୍ଲ ଦାସ ଓ ଅରୁଣ ଦାସଙ୍କୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ନଗଦ ୪ ଲକ୍ଷ ଟଙ୍କା ଓ ୭୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କାର ଗହଣା ଜବତ କରିଥିଲେ।

# ଯୁବକଙ୍କୁ ଘରୁ ଡାକିନେଇ ହତ୍ୟା

ଖୋର୍ଦ୍ଧା,୧୮।୬(ପ୍ରଭାତ ପାଣିଗ୍ରାହୀ)

ନିଶା ଖାଇବାକୁ ମନା କରିବାରୁ ମଙ୍ଗଳବାର ଜଣେ ଯୁବକଙ୍କୁ ଘରୁ ଡାକିନେଇ ପିଟିପିଟି ହତ୍ୟା କରାଯାଇଛି। ମୃତକ ହେଲେ ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ସାମନ୍ତରାପୁର ଅଞ୍ଚଳର ମନୋଜ କୁମାର ସେଠୀ ଓରଫ ଗୁଲୁ(୨୪)। ଏନେଇ ତାଙ୍କ ମା'ସୁକାନ୍ତି ସେଠୀଙ୍କ ଅଭିଯୋଗକ୍ରମେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିଗାରେଟ୍, ନିଶା ସିରିଞ୍ଜି, କୋରେକ୍ସ ବୋତଲ ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଏଥିସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସମ୍ପର୍କରେ ପୋଲିସ ଏକ ହତ୍ୟା ମାମଲା ରୁଜୁକରି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ଖୋର୍ଦ୍ଧା ସାମନ୍ତରାପୁର ଅଞ୍ଚଳ ନିଶା କାରବାରର ହବ୍ ପାଲଟିଛି। ନିଶା ଗ୍ରହଣ କରି ଯୁବପିଢ଼ି ବିପଥଗାମୀ ହେବାରେ ଲାଗିଛନ୍ତି। ତେବେ ମନୋଜ ପୂର୍ବରୁ ଅସାମାଜିକ ଯୁବକମାନଙ୍କ ସହ ମିଶି କୌଣସି ଏକ ଘଟଣାରେ ଜେଲ ଯାଇ ଜାମିନରେ ଆସିଥିଲେ। ଜେଲରୁ ଫେରିବା ପରେ ସେ ଆଉ ନିଶା ଖାଇବେ ନାହିଁ ବୋଲି ପରିବାର ଲୋକଙ୍କୁ କହିଥିଲେ। ଉକ୍ତ ଅଞ୍ଚଳର ନିଶା ମାଫିଆମାନେ ତାଙ୍କୁ ନିଶା, କୋରାକ୍ସ ନେବାକୁ ବାଧ କରୁଥିଲେ ମଧ୍ୟ ସେ ରାଜି ହୋଇ ନ ଥିଲେ। ତେବେ ମାଫିଆମାନେ ମଙ୍ଗଳବାର ମନୋଜଙ୍କୁ ଫୋନ କରିବା ସହ ଘରୁ ଡାକି ନେଇଥିଲେ। ଟିଏଲ୍‌ସି ରୋଡ୍ ପମ୍ପ ହାଉସ ନିକଟରେ ତାଙ୍କୁ ମାଡ଼ିବସି ମଦ, କୋରେକ୍ସ ପିଆଇଥିଲେ। ତାଙ୍କୁ ସେଠାରୁ କିଛି ବାଟ ନେଇ ନିର୍ଦ୍ଧୂମ ପିଟିବା ସହ ପାଦ ନଖ ଉପାଡ଼ି ଦେଇଛନ୍ତି। ପରେ ଗୁରୁତର ଅବସ୍ଥାରେ ତାଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲେ। ସେ ନିଶାଖାଇ ଗୁରୁତର ହୋଇପଡିଥିବା ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ଖବରପାଇ ପରିବାର ଲୋକେ ମେଡିକାଲରେ ପହଞ୍ଚିଥିଲେ। ସେଠାରେ ଡାକ୍ତର ମନୋଜଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ମା' ସୁକାନ୍ତିଙ୍କ ଅଭିଯୋଗକୁ ଭିତ୍ତି କରି ଥାନାରେ ହତ୍ୟା ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।

# ସାଙ୍ଗଙ୍କୁ ଟ୍ରକ୍ ଚଢ଼ାଇ ହତ୍ୟା ଅଭିଯୋଗ

ପାଲଲହଡ଼ା,୧୮।୬ (ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡ଼ା ଥାନା କରଡ଼ାପାଳ ପଞ୍ଚାୟତ ବାଙ୍ଖୁଲ ଗ୍ରାମରେ ମଙ୍ଗଳବାର ଘଟିଛି ଏକ ଅଭାବନୀୟ ଘଟଣା। ପିଲାଦିନର ସାଙ୍ଗ ଚନ୍ଦନ ମହାକୁଳ (୨୩)ଙ୍କୁ ଟ୍ରକ୍ ଚଢ଼ାଇ ତାଙ୍କ ସାଙ୍ଗ ସନ୍ତୋଷ ମହନ୍ତ (୨୩) ହତ୍ୟା କରିଥିବା ଚନ୍ଦନଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଅପରାହ୍ନରୁ ବିଳମ୍ବିତ ରାତି ଯାଏ ମୃତକଙ୍କ ପରିବାର ଲୋକେ ଘଟଣାସ୍ଥଳରେ ଧାରଣାରେ ବସିଥିବା ବେଳେ ପୋଲିସ ପହଞ୍ଚି ବୁଝାଶୁଝା ଜାରି ରଖିଛି। ଚନ୍ଦନଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି, କରଡ଼ାପାଳ ପଞ୍ଚାୟତ ବାଙ୍ଖୁଲ ଗ୍ରାମର ସନ୍ତୋଷ ଓ ଚନ୍ଦନ ପିଲା ଦିନର ସାଙ୍ଗ। ଦୁହେଁ ଟ୍ରକ୍ ଚାଳକ ଭାବେ କାମ କରନ୍ତି। ରଜ ଛୁଟିରେ ସନ୍ତୋଷ ଓ ଚନ୍ଦନ ଘରକୁ ଆସିଥିଲେ। ମଙ୍ଗଳବାର ସନ୍ତୋଷ ଗ୍ରାମ ପାଖରେ ଥିବା ଏକ ଇଟାଭାଟିରୁ ଟ୍ରକ୍‌ରେ ଇଟା ଲୋଡ଼ କରିବା ପାଇଁ ଚନ୍ଦନଙ୍କୁ ଡାକିଥିଲେ। ଚନ୍ଦନ ସନ୍ତୋଷଙ୍କ ସହିତ ଇଟାଭାଟିରେ ପହଞ୍ଚି ମଦ ପିଇଥିବା ଲୋକମାନେ ଦେଖିବାକୁ ପାଇଥିଲେ। ହେଲେ ଇଟାଭାଟି ନିକଟରେ ବାଇକ୍ ଓ କିଛି ଦୂର ଜଙ୍ଗଲ ପାଖରେ ଟ୍ରକ୍ ରଖାଯାଇଥିବା ବେଳେ ଚନ୍ଦନଙ୍କ ମୃତଦେହ ଧାରିପଥର ଗ୍ରାମର ରାସ୍ତା ଉପରେ ଅପରାହ୍ନ ୩ଟାରେ ପଡ଼ିଥିଲା। ଗ୍ରାମବାସୀ ଏହା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ସନ୍ତୋଷ ଟ୍ରକ୍ ଚଢ଼ାଇ ଚନ୍ଦନଙ୍କୁ ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିବା ସହିତ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଦାବି କରି ମୃତଦେହ ଛାଡ଼ି ନ ଥିଲେ। ପାଲଲହଡା ଥାନା ଅଧିକାରୀ ପାରାଓ ଟୁଡୁ ଓ ବିଡିଓ ଦିଲୀପ ବାରା ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରୁଥିବା ବେଳେ ଗ୍ରାମବାସୀ ଜିଦ୍‌ରେ ଅଟଳ ଥିବା ସୂଚନା ମିଳିଛି।

# ହାଇକୋର୍ଟ ପୂର୍ବତନ ବିଚାରପତି ପ୍ରଦ୍ୟୁମ୍ନ ମହାନ୍ତିଙ୍କ ପରଲୋକ

କଟକ,୧୮।୬ (କାର୍ତ୍ତିକ ସାହୁ)



ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି (୮୦)ଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ହାଇକୋର୍ଟ ବିଚାରପତି, ଆଇନଜୀବୀ, ହାଇକୋର୍ଟ ବାର୍ ଆସୋସିଏଶନର କର୍ମକର୍ତ୍ତାଙ୍କ ସହିତ ବହୁ ବିଶିଷ୍ଟ ବ୍ୟକ୍ତି କଟକ ସିଡିଏ ସେକ୍ଟର-୧୧ସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଛନ୍ତି। ଖାନ୍‌ନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ହରିପଦ ମହାନ୍ତି ମୁଖାଗ୍ନି ଦେଇଥିଲେ। ବିଚାରପତି ମହାନ୍ତି ୧୯୪୫ ଜାନୁଆରୀ ୨ରେ ଜନ୍ମଗ୍ରହଣ କରିଥିଲେ। ସେ ୧୯୯୬ ଜାନୁଆରୀ ୧୭ରୁ ୨୦୦୭ ଜାନୁଆରୀ ୧ ପର୍ଯ୍ୟନ୍ତ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ କାର୍ଯ୍ୟ କରିଥିଲେ। ଏହାପୂର୍ବରୁ କଟକର ବିଭିନ୍ନ ନିମ୍ନ ଅଦାଲତରେ ଓକିଲାତି କରିଥିଲେ। ଯାଜପୁର କଳିଙ୍ଗନଗର ଗୁଳିକାଣ୍ଡର ତଦନ୍ତ କମିଶନ ଦାୟିତ୍ୱ ତୁଲାଇଥିଲେ। ଏହି ଘଟଣାରେ ୧୩ ଜଣ ଆଦିବାସୀ ପୋଲିସ୍ ଗୁଳିମାଡ଼ରେ ପ୍ରାଣ ହରାଇଥିଲେ। ୨୦୦୬ ଫେବୃୟାରୀ ୪ରୁ ୨୦୧୫ ଜୁଲାଇ ୩ ପର୍ଯ୍ୟନ୍ତ ସେ ଏହି କମିଶନ୍‌ର ତଦନ୍ତ ଭାର ନେଇଥିଲେ। ରିପୋର୍ଟରେ କମିଶନ ରାଜ୍ୟ ସରକାରଙ୍କୁ କ୍ଲିନ୍‌ଚିଟ୍ ପ୍ରଦାନ କରିଥିଲେ। ସେହିପରି ପିପିଲି ଗଣବଳାତ୍କାର ଓ ହତ୍ୟା ଘଟଣାରେ ରାଜ୍ୟ ସରକାର ତାଙ୍କୁ ତଦନ୍ତ କମିଶନ ଦାୟିତ୍ୱ ଦେଇଥିଲେ।

## ବଣାଇଁ ଜେଲରେ କଏଦୀଙ୍କ ମୃତ୍ୟୁ

ବଣାଇଁ, ୧୮।୬(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ବଣାଇଁ ସ୍ୱତନ୍ତ୍ର କାରାଗାରରେ ସଜା କାଟୁଥିବା କଏଦୀ ଫିରୁ ରଣା (୬୦)ଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି। ତାଙ୍କ ଘର ଗୁରୁଣ୍ଡିଆ ଥାନା ନୂଆପାଲ୍ଲୀ ଗ୍ରାମରେ। ପ୍ରାୟ ଚାରିବର୍ଷ ତଳେ ନାତୁଣୀକୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗ କ୍ରମେ ସଜା କାଟୁଥିଲେ। ଫିରୁଙ୍କୁ ୫ବର୍ଷ ସଜା ହୋଇଥିବାବେଳେ ଆଉ ଏକବର୍ଷର ସଜା ବାକି ଥିଲା। ସକାଳେ ଅସୁସ୍ଥ ଅବସ୍ଥାରେ ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କଲାବେଳେ ଡାକ୍ତର ମୃତ ଘୋଷିତ କରିଥିଲେ। ପରିବାର ଲୋକଙ୍କୁ ଖବର ଦିଆଯାଇଥିଲେ ହେଁ ସନ୍ଧ୍ୟା ପର୍ଯ୍ୟନ୍ତ କେହି ଆସି ନ ଥିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇପାରିନାହିଁ।

# ଉନ୍ନତ ଧରଣର ସିକଲ୍‌ସେଲ ଚିକିତ୍ସା ସେବାକୁ ଆଗେଇନେବା

**ଆଜି ବିଶ୍ୱ ସିକଲ୍‌ସେଲ୍ ସଚେତନତା ଦିବସ**



ଆମ ଶରୀରରେ ରକ୍ତ ହେଉଛି ଏକ ମୁଖ୍ୟ ଉପାଦାନ। ରକ୍ତ ସଞ୍ଚାଳନ ଦ୍ୱାରା ଆମେ ଜୀବନ ଧାରଣ କରିଛେ। ଏହା ବନ୍ଦ ହେଲେ ଶରୀରର ସମସ୍ତ ଅଙ୍ଗ ପ୍ରତ୍ୟଙ୍ଗ କାର୍ଯ୍ୟହୀନ ହୋଇପଡ଼େ। ଏଥିରେ ଥିବା ଲୋହିତ ରକ୍ତ କଣିକା ମୁଖ୍ୟତଃ ଅମ୍ଳଜାନ ନେଇ ଶରୀରର ସମସ୍ତ ଅଙ୍ଗକୁ ପଠାଇଥାଏ। ଶ୍ୱେତ ରକ୍ତ କଣିକା ରୋଗ ପ୍ରତିରୋଧ ଓ ସୁରକ୍ଷା ପ୍ରଦାନ କରୁଥିବା ବେଳେ ପ୍ଲାଟିଲେଟ୍ ରକ୍ତ କ୍ଷରଣ ବନ୍ଦ କରିବାରେ ସାହାଯ୍ୟ କରିଥାଏ।

ଲୋହିତ ରକ୍ତ କଣିକାରେ ଥିବା 'ହିମୋଗ୍ଲୋବିନ୍' ହିଁ ଅମ୍ଳଜାନର ବାହକ। ସାଧାରଣତଃ ସୁସ୍ଥ ଲୋହିତ ରକ୍ତ କଣିକା (ଆରବିସି) ସବୁ ଦ୍ୱିଅବତଳ (ବାଇକନ୍‌କ୍ଲେଭ)ଆକାରର। ଏହାଦ୍ୱାରା ଏହାର କ୍ଷେତ୍ର ଅଧିକ ହୋଇଥାଏ। ମାତ୍ର ସିକଲ୍ ସେଲ୍ ରୋଗରେ ହିମୋଗ୍ଲୋବିନ୍‌ର ଗଠନ ତ୍ରୁଟି ଯୋଗୁ ଆରବିସି ବକ୍ର ଓ ଦାଆ ଆକାରର ହୋଇଯାଏ। ଫଳରେ ଏହାର ହିମୋଗ୍ଲୋବିନ୍ ଦ୍ୱାରା ଅମ୍ଳଜାନ କ୍ଷରଣ କ୍ଷମତା ହ୍ରାସ ପାଇଥାଏ।

ମାତ୍ର ସିକଲ୍‌ସେଲ ରୋଗ ସାରା ବିଶ୍ୱରେ ମୁଖ୍ୟତଃ ଆଫ୍ରିକା, ମଧ୍ୟପ୍ରାଚ୍ୟ, ଭୂମଧ୍ୟ ସାଗରୀୟ ଅଞ୍ଚଳ ଓ ଆମ ଦେଶରେ ଦେଖାଯାଏ। ଆମ ରାଜ୍ୟ ବିଶେଷତଃ ପଶ୍ଚିମ ଓଡ଼ିଶା ଓ ମଧ୍ୟ ଓଡିଶାରେ ଏହି ରୋଗ ଦେଖିବାକୁ ମିଳିଥାଏ। ସେଥିଲାଗି ଅନେକ ଦିନରୁ ବୀର ସୁରେନ୍ଦ୍ରସାଏ ମେଡିକାଲ କଲେଜ ଆଣ୍ଡ ହସ୍‌ପିଟାଲ (ଭିମସାର)ରେ ଏକ ସିକଲ୍‌ସେଲ୍ ଗବେଷଣା କେନ୍ଦ୍ର କାର୍ଯ୍ୟରତ।

ପ୍ରତିବର୍ଷ ଜୁନ୍ ୧୯କୁ 'ବିଶ୍ୱ ସିକଲ୍‌ସେଲ୍ ସଚେତନା ଦିବସ' ଭାବରେ ପାଳନ କରାଯାଇ ଆସୁଅଛି। ଏହି ଅବସରରେ ଚଳିତ ବର୍ଷର ପ୍ରସଙ୍ଗ ରହିଛି–'ଉପଯୁକ୍ତ ପ୍ରଣାଳୀରେ ସମଗ୍ର ବିଶ୍ୱରେ ସିକଲ୍‌ସେଲ୍‌ର ଉନ୍ନତ ଚିକିତ୍ସା ସେବାକୁ ଆଗେଇ ନେବା'।

ସିକଲ୍‌ସେଲ୍ ଏକ ଗୁଣସୂତ୍ରଜନିତ (ଜେନେଟିକ୍) ରୋଗ ହୋଇଥିବାରୁ ଏହାର ଦୋଷ ପାଖାପାଖି ୪ ପ୍ରତିଶତ ବିଶ୍ୱ ଜନସଂଖ୍ୟାର ବ୍ୟକ୍ତିଙ୍କ ପାଖରେ ଥାଏ। ପ୍ରତିବର୍ଷ ବିଶ୍ୱରେ ପାଖାପାଖି ତିନି ଲକ୍ଷ ଶିଶୁ ହିମୋଗ୍ଲୋବିନ୍ ତ୍ରୁଟି ଥାଇ ଜନ୍ମ ନେଇଥାଆନ୍ତି।

ସିକଲ୍‌ସେଲ୍ ରୋଗରେ ଗୋଲ ଓ ଚେପଟା ଆକାରର ଲୋହିତ ରକ୍ତ କଣିକା ଅଷ୍ଟମୀ ଚକ୍ର ପରି ହୋଇଥାଏ। ଫଳରେ ଏହା ରକ୍ତ ଶିରା ଓ ଧମନୀରେ ସ୍ୱଚ୍ଛନ୍ଦରେ ପ୍ରବାହିତ ନ ହୋଇ କମ୍ ସମୟରେ ନଷ୍ଟ ହୋଇଯାଏ। ରକ୍ତ ଧମନୀ ଓ ଶିରା ଅବରୋଧ ଦ୍ୱାରା ଯନ୍ତ୍ରଣା ହୋଇଥାଏ। ପରବର୍ତ୍ତୀ ସମୟରେ ସଂକ୍ରମଣ ହୋଇ କୋଷ ସମୂହ ନଷ୍ଟ ହୋଇଯାଏ। ଥାଲାସେମିଆ ରୋଗ ସମୂହରେ ମଧ୍ୟ ହିମୋଗ୍ଲୋବିନ୍‌ରେ ତ୍ରୁଟି ଥାଏ ଏବଂ ଆଲଫା ଓ ବିଟା ଶିକୁଳି ତ୍ରୁଟିଯୁକ୍ତ ହୋଇଥାଆନ୍ତି। ସ୍ଥଳ ବିଶେଷରେ ଏହି ହିମୋଗ୍ଲୋବିନୋପ୍ୟାଥି ସାମାନ୍ୟ ଓ ଗୁରୁତର ହୋଇଥାଏ।

ସିକଲ୍‌ସେଲ ରୋଗ ସବୁ ମାତା-ପିତାଙ୍କ ଜିନ୍ (ଗୁଣସୂତ୍ର) ଦ୍ୱାରା ପିଲାଙ୍କୁ ଆସିଥାଏ ଓ ଉଭୟଙ୍କର ଦୋଷ ଥିଲେ ପିଲାଙ୍କୁ ଏହା ଗୁରୁତର ଭାବେ ଆକ୍ରାନ୍ତ କରିଥାଏ। ମା'ବାପାଙ୍କଠାରୁ ଶିଶୁମାନେ ଏହାଦ୍ୱାରା ଆକ୍ରାନ୍ତ ହେବା ପ୍ରାୟ ୨୫ ପ୍ରତିଶତ ଆଶଙ୍କା ଥାଏ ଏବଂ ୫୦ ପ୍ରତିଶତ ଏହାର ବାହକ ହେବା ଆଶଙ୍କା ରହିଥାଏ। ଏହି ରୋଗସମୂହର ହ୍ରାସ ପାଇଁ ରୋଗାକ୍ରାନ୍ତ ଶିଶୁଙ୍କର ଉପଯୁକ୍ତ ଚିକିତ୍ସା ଓ ପରିଚାଳନା ତଥା ଏହା କିପରି ନ ହେବ ସେଥିପ୍ରତି ପ୍ରତିଷେଧକ ବ୍ୟବସ୍ଥା କରାଯାଇଛି। ଏହି ରୋଗୀମାନେ ଉପଯୁକ୍ତ ତରଳ ପାନୀୟ, ସୁଷମ ଖାଦ୍ୟ, ଫଲିକ୍ ଏସିଡ୍ ବଟିକା ସେବନ, ଯନ୍ତ୍ରଣା ଲାଘବ ପାଇଁ ଔଷଧ (ସ୍ଥଳ ବିଶେଷରେ), ଅନ୍ୟ ସଂକ୍ରମଣ ନ ହେବା ପାଇଁ ଟିକା ଓ ଚିକିତ୍ସା ତଥା ଯେଉଁ ସମୟରେ ଅନ୍ୟକୌଣସି ରୋଗ ହେଲେ ତାହାର ଆଶୁ ଚିକିତ୍ସା କରିବା ଦରକାର। ଏହା ସହିତ ଥାଲାସେମିଆ ମେଜରରେ ରକ୍ତ ସଞ୍ଚାଳନ ଦରକାର ପଡ଼େ। ଅସ୍ଥିମଜ୍ଜା ପ୍ରତିରୋପଣ ଆମ ରାଜ୍ୟରେ ଆରମ୍ଭ ହେବା ଏକ ଉଲ୍ଲେଖନୀୟ ଘଟଣା। ଏହା ସହିତ ଜିନ୍ ଥେରାପି ମଧ୍ୟ ସଫଳତାର ସହିତ କରାଯାଉଛି। ଆମ ରାଜ୍ୟରେ ସମସ୍ତ ରୋଗୀଙ୍କୁ ବିନା ମୂଲ୍ୟରେ ରକ୍ତ ଯୋଗାଯାଉଛି। ବିବାହ ପୂର୍ବରୁ ସବୁ ପରୀକ୍ଷା ସହ ସିକଲ୍‌ସେଲ ପରୀକ୍ଷା କରାଇବା ଆବଶ୍ୟକ। ଶିଶୁ ଜନ୍ମ ପରେ ଠିକ୍ ଭାବରେ ନ ବଢ଼ିବା, ବାରମ୍ବାର ଦେହ ଖରାପ ହେଲେ କିମ୍ବା ରକ୍ତହୀନତା ସମସ୍ୟା ଦେଖାଦେଲେ ଏହି ପରୀକ୍ଷା କରାଇବା ଜରୁରୀ। ଆମ ରାଜ୍ୟରେ ଏଥିପାଇଁ ଉପଯୁକ୍ତ ଯୋଜନା କରାଯାଇ ପଦକ୍ଷେପ ନିଆଯାଇଛି। ପ୍ରତିମାସରେ ରୋଗୀକୁ ଆର୍ଥିକ ସହାୟତା ଦିଆଯାଉଛି ଏବଂ ପରାମର୍ଶ ଓ ଚିକିତ୍ସା ପାଇଁ ମଧ୍ୟ ପ୍ରତିଥର ୫୦୦ ଟଙ୍କା ପ୍ରଦାନ କରାଯାଉଛି। ଆମ ରାଜ୍ୟରେ ରକ୍ତ ଆବଶ୍ୟକ କରୁଥିବା ସିକଲ୍‌ସେଲ୍ ରୋଗୀଙ୍କୁ ସମସ୍ତ ରକ୍ତ ଭଣ୍ଡାରରେ ମାଗଣାରେ ରକ୍ତ ପ୍ରଦାନ କରାଯାଉଛି। ତେବେ ଓଡ଼ିଶାର ସ୍ୱନାମଧନ୍ୟ ସିକଲ୍‌ସେଲ ରୋଗ ବିଶେଷଜ୍ଞ ଡା. ପ୍ରଦୀପ କୁମାର ମହାନ୍ତିଙ୍କ ଗୁରୁତ୍ୱପୂର୍ଣ୍ଣ ଗବେଷଣା, ଚିକିତ୍ସା ଏବଂ ଅବଦାନ ଏଥିଲାଗି ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଏ।

–ଡା. ରାମଚନ୍ଦ୍ର ରାଉତ, ବରିଷ୍ଠ ଚିକିତ୍ସକ, ଭୁବନେଶ୍ୱର
ମୋ : ୮୨୪୯୦୮୭୯୯୫


**ODISHA JOINT ENTRANCE EXAMINATION - 2024 (OJEE - 2024)**

**PUBLIC NOTICE REGARDING OJEE WEB COUNSELLING FOR 2024-25**

No.: OJEE/246 Date: 18.06.2024

No. h-01: This is for the information of all concerned that OJEE Web-Based Counselling Process for **Lateral Entry Courses for B.Tech (LE. Tech for Diploma Candidates) and B. Pharm (LE. Pharm for D. Pharm Candidates)** is going to start from **19th June, 2024.**

Interested candidates having valid OJEE 2024 Rank (OJEE conducted during May, 2024) are advised to visit OJEE websites **(www.ojee.nic.in / www.odishajee.com)** and see the detailed **Counselling Schedule** for these courses.

They are further advised to carefully go through the documents, **"Counselling Brochure" and "Step-by-Step Procedure",** available in the website to get detailed information about the entire counselling process.

**Sd./- CHAIRMAN, OJEE, Odisha**
OIPR-44026/11/0002/2425

**ODISHA CONSTRUCTION CORPORATION LIMITED**
BHUBANESWAR, ODISHA, PIN-751012, Tel.No.(0674) 2562020,
e-Mail:theoccltd@odishaconstruction.com
GSTIN-21AAACO2571K2ZM
**"e'-Procurement Notice No.-08/OCCL/2024-25 (Online)**
No.CAD-244:Online percentage rate tenders are invited for the following works:

| Sl. No. | Name of Work | Name of Division | Bid Identification No. | Approx. Value of work | Bid Security (through on-line transfer / as per DTCN) (In Rs.) | Period of Completion | Availability and Submission of Tender (Online) |
|---|---|---|---|---|---|---|---|
| 1 | Renovation of Budhanga Distributary from RD 0.00 Km to 7.00 Km of Sakhigopal Branch Canal System | Puri Irrigation Division | OCCL-HQP/40/24-25 | Rs.7.32 Crore | Rs.7,32,000/- | 9 (Nine Calendar Months) | From 06/07/2024, 03.30 PM to 20/07/2024, 5.30 PM |
| 2 | Renovation of Sukal Distributary from RD 0.00 Km to 5.00 Km of Sakhigopal Branch Canal System | | OCCL-HQP/41/24-25 | Rs.7.32 Crore | Rs.7,32,000/- | | |
| 3 | Renovation of Sukal Distributary from RD 15.80 Km to 24.00 Km of Sakhigopal Branch Canal System | | OCCL-HQP/42/24-25 | Rs.7.32 Crore | Rs.7,32,000/- | | |
| 4 | Renovation of Delang Distributary from RD 18.640 Km to 24.395 Km of Sakhigopal Branch Canal System | | OCCL-HQP/43/24-25 | Rs.3.78 Crore | Rs.3,78,000/- | | |
| 5 | Renovation of Madhipur Minor from RD 0.00 Km to RD 5.30 Km & Anantapur Minor from RD 0.00 Km to RD 2.704 Km under Kanas Branch Canal System | | OCCL-HQP/44/24-25 | Rs.7.16 Crore | Rs.7,16,000/- | | |
| 6 | Improvement to road on Daya Left embankment 24.500 Km to 27.00 Km. | | OCCL-HQP/45/24-25 | Rs.2.26 Crore | Rs.2,26,000/- | 9 (Nine Calendar Months) | |
| 7 | Improvement to road on Bhargavi Right embankment from village Biranarasinghpur to Dobandha from RD 48.00 Km to 48.600 Km & RD 51.100 Km to 55.500 Km. | | OCCL-HQP/46/24-25 | Rs.2.28 Crore | Rs.2,28,000/- | | |
| 8 | Improvement to road on Bhargavi left Embankment from RD 58.20 Km to 62.700 Km. | | OCCL-HQP/47/24-25 | Rs.2.25 Crore | Rs.2,25,000/- | | |
| 9 | Improvement to Road on right bank service road of Sakhigopal Branch Canal from RD 28900 M to 30910 M & from 3330 M to 35180 M | | OCCL-HQP/48/24-25 | Rs.2.30 Crore | Rs.2,30,000/- | | |
| 10 | Re-sectioning & Cement Concrete Lining of Sirol Main Canal of Titilagarh Irrigation Project Stage-I from RD 700 M to 2537 M | Balangir Irrigation Division | OCCL-LSSP/04/24-25 | Rs.2.29 Crore | Rs.2,29,000/- | | |
| 11 | Re-sectioning & Cement Concrete Lining of Titilagarh Main Canal of Titilagarh Irrigation Project Stage-II from RD 1390.00 M to 4230.00 M | | OCCL-LSSP/05/24-25 | Rs.2.30 Crore | Rs.2,30,000/- | | |
| 12 | Re-sectioning & Cement Concrete Lining from RD 57.00 Km to 58.246 Km of Ong Main Canal of Ong Irrigation Project, Sonepur | Tel Irrigation Division | OCCL-LSSP/06/24-25 | Rs.2.30 Crore | Rs.2,30,000/- | | |

Procurement Officer : Managing Director, OCCL
Date of Opening of the Tender : 22.07.2024, 12.00 Noon onwards
Further details can be seen from the e-Procurement Portal: https://www.tendersodisha.gov.in.
OIPR-34120/11/0012/2425 Sd./- Managing Director

**ROURKELA DEVELOPMENT AUTHORITY**
**UDITNAGAR, ROURKELA-769012**
No.478/RDA, Dated 13.6.24
**PROCLAMATION**

**No. CAD-260:** It is hereby informed to the General Public that, Santosh Kumar Matagajsingh, S/o- Late Uchhaba Matagajsingh has applied for mutation of House No.M/83, under CHP-I, Chhend Rourkela-15, in his favour consequent upon death of his father Late Uchhaba Matagajsingh. Anybody has got objection to the proposed mutation, he/she may file objection petition before the undersigned within 30 (Thirty) days from the date of publication of this proclamation. Objection petition shall not be entertained after expiry of the stipulated period.

Sd./- Secretary, Rourkela Development Authority
OIPR-13250/11/0009/2425

GOVERNMENT OF ODISHA
DEPARTMENT OF WATER RESOURCES
**Office of the Superintending Engineer**
**Barpali Irrigation Division, Barpali**
E-mail Id: ee.barpali.canal@gmail.com
'e' Procurement Notice No.01/2024-25
BID IDENTIFICATION NO. BID 01 (01 TO 10)/ 2024-25
No.A-45: (ONLINE) DATED 13.06.2024

1. Type of the Work : Improvement to Canal Service Road & Canal Structures.
2. No. of Works : 10 (Ten) Nos.
3. Class of Contractor : "D" & "C"
4. Bid Identification No. : BID 01 (01 to 10)/ 2024-25
5. Estimate Cost : 6.30 Lakhs to 19.94 Lakhs
6. Period of Completion : As per DTCN
7. Date and Time of availability of bid documents in the Portal : Dt.20.06.2024 at 11.00 AM to Dt.29.06.2024 upto 5.00 P.M.
8. Last date/time for receipt of bids in the Portal : Dt.29.06.2024 upto 5.00 PM
9. Date of Opening of Bid : Dt.01.07.2024 at 11.00 AM
10. Date of Lottery : 06.07.2024 at 11.00 A.M.

1. Any addendum/ Corrigendum/Cancellation of tender can also be seen in the said website.
2. Further details can be seen from Government Website http://tenderodisha.gov.in.

Sd./- Superintending Engineer
Barpali Irrigation Division, Barpali
OIPR-32413/11/0001/2425

**OFFICE OF THE ENGINEER-IN-CHIEF, ELECTRICITY-CUM-PRINCIPAL, CHIEF ELECTRICAL INSPECTOR (ODISHA)**
POWER HOUSE SQUARE, UNIT-V, BHUBANESWAR
TEL. NO. 0674-2394873, Fax: 2391255/ 2391024
Email: sdaorissa@nic.in/eic-epcei@nic.in

**Engagement of Consultant on temporary basis in Energy Conservation wing of Engineer in Chief (Electricity)–cum–Principal Chief Electrical Inspector, Odisha, Bhubaneswar Office**

No. AA-03: Engineer-in-Chief cum Principal Chief Electrical Inspector under the Department of Energy, Govt. of Odisha, as the State Designated Agency (SDA), Odisha for Energy Conservation activities invites applications from eligible candidates for engagement as Consultant in Energy Conservation wing of the undersigned. One Consultant is required in general awareness under Energy Conservation activities. The last date of receipt of completed applications is 04.07.2024.

For further details and to download the application forms, please visit the website: **eicelectricityodisha.nic.in**, Email-: **sdaorissa@nic.in**.

The authority reserves the right to accept / reject any application without assigning any reason thereof.

Sd./- EIC (E)-cum-PCEI & SDA (Odisha)
OIPR-04066/11/0002/2425

[GOVERNMENT OF ODISHA] No. B-23
**OFFICE OF THE SUPERINTENDING ENGINEER, BARGARH (R&B) DIVISION, BARGARH**
E-mail – eepwdbgh@gmail.com Phone/Fax-06646–234819
**INVITATIONS FOR BIDS (I.F.B.)**
**e-Procurement Notice**
**IDENTIFICATION NO.IFB-SE PWD BGH No.01 OF 2024-25**
**No. 2933, Dated: 13.06.2024**

1) The **Executive Engineer, Bargarh (R&B) Division, Bargarh** on behalf of Governor of Odisha invites **Percentage Rate** bid in **Double Cover** System in **ONLINE MODE** for the **Civil Works (Civil+El+PH) (Composite work)** as detailed in the **Detailed Tender Call Notice (D.T.C.N)** from the eligible class of contractors.
2) No. of Building work: – **08 Nos.**
3) Cost of Tender Paper: – **Rs.10,000/- & Rs.6,000/-**
4) Class of contractor:– **"B", "C" & "D" Class Contractor**
5) Date & Time of available in website & receipt of Bids: – **11.00 Hrs. of 20.06.2024 to 17.00Hrs. of 01.07.2024**
6) Date of opening of Technical Bid: – **02.07.2024 at 11.30 Hrs.**
7) The Bidders have to participate in ONLINE bidding only. Further details can be seen from the State Govt. Portal website **https://tendersodisha.gov.in**
8) Any corrigendum / Addendum will be displayed in the website **https://tendersodisha.gov.in** only

Sd./- Executive Engineer, Bargarh (R&B) Division
OIPR-34039/11/0001/2425

**Office of the Principal**
**Model Degree College, Sonepur**
Letter No. 625/MDCS; Date: 18.06.24
**Advertisement for Walk in Interview**

No. N-22:- Walk in Interview for the engagement of Guest Faculty in Anthropology, Economics, Education, Political Science, Sociology, Botany, Chemistry, Mathematics and Physics will be held in the college premises as per the schedule given below.

| Date | Time | Subject |
|---|---|---|
| 25.06.2024 | 10 AM onwards | Anthropology, Economics, Education |
| 27.06.2024 | 10 AM onwards | Political Science, Sociology, Botany |
| 29.06.2024 | 10 AM onwards | Chemistry, Mathematics, Physics |

Candidates with minimum 55% Marks in Master's Degree are required to come with their Bio-data. Original certificates, Mark sheets, Experience certificate & Certificates of higher qualification if any along with photocopies of the certificates and 2 passport size photographs.

No TA/DA will be allowed for attending the interview.

Sd./- Principal
OIPR-11042/11/0001/2425 Model Degree College, Sonepur

**GOVT. OF ODISHA**
**OFFICE OF THE SUPERINTENDING ENGINEER, MINOR IRRIGATION DIVISION, GAJAPATI**
**AT/PO: PARALAKHEMUNDI, DIST: GAJAPATI**
PHONE NO.: 06815-222365, e-mail: eemi_gajapati@yahoo.co.in
**e-Procurement Notice No. 1154 Date: 07.06.2024**
**BID IDENTIFICATION NO. MIDGJP-01/2024-2025**

No. A-50:- The **Superintending Engineer, Minor Irrigation Division, Paralakhemundi** on behalf of Governor of Odisha invites **Percentage Rate** bid in **Single** Cover System in **ONLINE MODE** for the construction of **following works** as detailed in the **Detailed Tender Call Notice (D.T.C.N.)** from the eligible class of contractors.

1. Name of the work: **Improvement to MIPs under "RR&R Scheme-2024-2025".**
2. No. of works: **6 Nos. (Six)**
3. Estimated cost: Varies approximately from **Rs.27.90 Lakhs to 49.10 Lakhs**
4. Period of completion: **06 (Six) Calendar months.** (Including Rain Season)
5. Date and time of availabiity of bid documents in the portal: From **10.00 Hours of 28.06.2024 to 17.00 Hours of 06.07.2024.**
6. Last date/time for receipt of bids in the portal: **17.00 Hours of 06.07.2024.**
7. Date of opening of bid: **11.00 Hours on 08.07.2024.**
8. Name and address of the Officer inviting Bid: Superintending Engineer, Minor Irrigation Division, Gajapati, At/PO- Paralakhemundi, Dist-Gajapati. PIN-761200

Further details can be seen from the e-procurement portal **https://tendersodisha.gov.in**

Sd./- 07.06.2024, Er. P. Jagannath, Superintending Engineer
OIPR-32013/11/0003/2425 MI Division, Gajapati, Paralakhemundi

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ପ୍ରଖ୍ୟାଂସୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସର୍ବୋଚ୍ଚ ସ୍ତରରେ ସେନ୍‌ସେକ୍ସ

- ଦିନକରେ ଯୋଡ଼ିଲେ ୨.୩୩ ଲକ୍ଷ କୋଟି
- ୨୩,୫୦୦ ଅଙ୍କ ଉପରେ ନିଫ୍ଟି

ନୂଆଦିଲ୍ଲୀ,୧୮।୬(ଅଭୟ ଦାଶ)

ସାଧାରଣ ନିର୍ବାଚନ ଫଳାଫଳ ପରେ ଘରୋଇ ଶେୟାର ବଜାର କାରବାରରେ କ୍ରମାଗତ ଭାବେ ବୃଦ୍ଧି ପରିଲକ୍ଷିତ ହୋଇଛି। ଏପରିକି ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ବା ବିଏସ୍‌ଇ ସେନ୍‌ସେକ୍ସ ଅଲ ଟାଇମ ହାଇ ବା ସର୍ବୋଚ୍ଚସ୍ତର (୭୭,୩୪୭ ଅଙ୍କ)ରେ ପହଞ୍ଚିଥିଲାବେଳେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ବା ଏନ୍‌ଏସ୍‌ଇ ନିଫ୍ଟିର କାରବାର ମଧ୍ୟ ନୂତନ ରେକର୍ଡ (୨୩,୫୭୩) ହାସଲ କରିଛି।

ସେହିଭଳି ଚଳିତ ସପ୍ତାହ କାରବାରର ପ୍ରଥମ ଦିନରେ ଶେୟାର ବଜାରର ନିବେଶକମାନେ ପ୍ରାୟ ୨.୩୩ ଲକ୍ଷ କୋଟି ଟଙ୍କାର ନିବେଶ ପୁଞ୍ଜିବଜାର ଖାତାରେ ଯୋଡ଼ିଥିଲାବେଳେ ନିବେଶକଙ୍କ ମନରେ ଉତ୍ସାହ ବୃଦ୍ଧି ପାଇଛି। ଏପରିକି ପୂର୍ବ ଦିନର କାରବାର ଶେଷ ସୁଦ୍ଧା ବଜାର ପୁଞ୍ଜି




ପ୍ରାୟ ୪୩୫ (୪୩୪.୮୮ଲକ୍ଷ କୋଟି) ଲକ୍ଷ କୋଟି ଥିଲାବେଳେ ମଙ୍ଗଳବାର କାରବାର ଶେଷ ସୁଦ୍ଧା ବଜାର ପୁଞ୍ଜି ୨.୩୩ ଲକ୍ଷ କୋଟି ବୃଦ୍ଧି ପାଇ ୪୩୭.୨୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି।

ଉଲ୍ଲେଖଯୋଗ୍ୟ, ମଙ୍ଗଳବାର ବିଏସ୍‌ଇ ସେନ୍‌ସେକ୍ସ କାରବାର ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ସବୁଜ ସ୍ତରରେ ରହିଥିଲାବେଳେ ପ୍ରାରମ୍ଭରେ ସେନ୍‌ସେକ୍ସ ଅଲ ଟାଇମ ହାଇ ୭୭, ୩୪୭ ଅଙ୍କରେ ପହଞ୍ଚିଥିଲାବେଳେ ୭୭,୩୦୧.୧୪ ଅଙ୍କରେ କାରବାର ଶେଷ କରିଥିଲା। ଏପରିକି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସଇ)ର ନିଫ୍ଟି ୫୦ରେ ମଧ୍ୟ କାରବାର ପ୍ରାରମ୍ଭରେ ପ୍ରାୟ ୨୩,୫୭୩ ଅଙ୍କ ଛୁଇଁଥିଲାବେଳେ ଶେଷ ବେଳକୁ ୨୩, ୫୬୨.୩୦ ଅଙ୍କରେ କାରବାର ବନ୍ଦ କରିଥିଲା।

ସେହିପରି ବିଏସ୍‌ଇ ସେନ୍‌ସେକ୍ସ ୨.୬୨% ବୃଦ୍ଧି ଘଟିଥିବାବେଳେ ଏସ୍‌ଏନ୍‌ଇ ନିଫ୍ଟି ୫୦ରେ ୨.୫୭% ବୃଦ୍ଧି ହୋଇଛି। ଏପରିକି ବିଏସ୍‌ଇ ସ୍ମଲକ୍ୟାପ ୧.୨୮% ଏବଂ ବିଏସ୍‌ଇ ମିଡକ୍ୟାପ ୧.୧୮% ବୃଦ୍ଧିପାଇଥିବାବେଳେ ନିଫ୍ଟି ମିଡକ୍ୟାପ ୦.୪୮% ଓ ନିଫ୍ଟି ସ୍ମଲକ୍ୟାପ ୧.୩୦% ଏବଂ ନିଫ୍ଟି ବ୍ୟାଙ୍କିଙ୍ଗ (ବ୍ୟାଙ୍କ) ୦.୯୫% ବୃଦ୍ଧି ହୋଇଛି ବୋଲି ଶେୟାର ବଜାର ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସ ପଞ୍ଜୀକୃତ ନିବେଶକଙ୍କ ମଧ୍ୟରେ ୱିପ୍ରୋ, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, ଟାଇଟନ, ପାୱାର ଗ୍ରୀଡ, ଏସ୍‌ବିଆଇ, ଟେକ୍‌ମହିନ୍ଦ୍ରା ଓ ଘରୋଇ ବ୍ୟାଙ୍କଗୁଡ଼ିକର ନିବେଶ ବୃଦ୍ଧି ଘଟିଛି। ଏପରିକି ସେକ୍ଟୋରାଲ କ୍ଷେତ୍ରରେ ଅଟୋ, ଆଇଟି, ଟେଲିକମ, ମେଟାଲ, ଏଫ୍‌ଏମ୍‌ସିଜି, ଫାର୍ମା, ହେଲ୍‌ଥ କେୟାର ଏବଂ ଘରୋଇ ବ୍ୟାଙ୍କ ସମେତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଭଳି ନିବେଶ ସଂସ୍ଥାର ନିବେଶ ପୂର୍ବଦିନ ଅପେକ୍ଷା ଯଥେଷ୍ଟ ପରିମାଣରେ ବୃଦ୍ଧି ଘଟିଛି।

## ଶେୟାର ବଜାରରେ ଉତ୍ସାହ

କ୍ରମାଗତ ୪ର୍ଥ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇଛନ୍ତି। ବିଶେଷ କରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୩୦୮ (୩୦୮.୩୭) ପଏଣ୍ଟ ବଢି ୭୭,୩୦୧(୭୭,୩୦୧.୧୪) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୯୭(୯୬.୭୦) ପଏଣ୍ଟ ବୃଦ୍ଧି ଘଟି ୨୩,୫୬୨ (୨୩,୫୬୨.୩୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

# ପ୍ରତ୍ୟକ୍ଷ ଟିକସ ସଂଗ୍ରହ ୪.୬୨ ଟ୍ରିଲିୟନ

ଭୁବନେଶ୍ୱର,୧୮।୬(ଅନୁରାଧା ମହାରଣା)

୨୦୨୪-୨୫ ବର୍ଷର ବର୍ତ୍ତମାନ ସମୟ ପର୍ଯ୍ୟନ୍ତ ଉଲ୍ଲେଖନୀୟ ପରିମାଣର ପ୍ରତ୍ୟକ୍ଷ ଟିକସ(ଗ୍ରସ୍ ଡାଇରେକ୍ଟ ଟ୍ୟାକ୍ସ) ସଂଗ୍ରହ କରାଯାଇଛି। ୨୦୨୪ ଜୁନ୍ ୧୭ ପର୍ଯ୍ୟନ୍ତ ସିଧାସଳଖ ଟିକସ ସଂଗ୍ରହ ହେଉଛି ୪,୬୨,୬୬୪ କୋଟି ଟଙ୍କା ଯାହା ଗତ ଆର୍ଥିକ ବର୍ଷର ସମାନ ଅବଧିରେ ୩,୮୨,୪୧୪ କୋଟି ଟଙ୍କା ଥିଲା। ଏହାର ଅର୍ଥ ହେଉଛି, ଚଳିତ ବର୍ଷରେ ମୋଟ ପ୍ରତ୍ୟକ୍ଷ ଟିକସ ସଂଗ୍ରହରେ ୨୨.୧୯% ବୃଦ୍ଧି ଘଟିଛି; ଯେଉଁଠାରେ ନେଟ୍ ପ୍ରତ୍ୟକ୍ଷ ଟିକସ ସଂଗ୍ରହରେ ୨୦.୯୯% ପ୍ରତିଶତ ବୃଦ୍ଧି ଘଟିଛି। ପ୍ରତ୍ୟକ୍ଷ ଟିକସ ସଂଗ୍ରହର ସାମୟିକ ତଥ୍ୟ ପ୍ରକାଶକରି ଅର୍ଥ ମନ୍ତ୍ରଣାଳୟ ଏହି ତଥ୍ୟ ପ୍ରଦାନ କରିଥିବାବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ୫୩,୩୨୨ କୋଟି ଟଙ୍କାର ଆୟକର ରିଫଣ୍ଡ ଜାରି କରାଯାଇଛି, ଯାହାକି ଗତ ଆର୍ଥିକ ବର୍ଷର ସମାନ ଅବଧିରେ ଦିଆଯାଇଥିବା ରିଫଣ୍ଡଠାରୁ ୩୩.୭୦ ପ୍ରତିଶତ ଅଧିକ। ମିଳିଥିବା ସାମୟିକ ତଥ୍ୟ ଅନୁଯାୟୀ,୫,୧୫,୯୮୬ କୋଟି ଟଙ୍କାର ମୋଟ ସଂଗ୍ରହରେ ୨,୨୬,୨୮୦ କୋଟିର କର୍ପୋରେଶନ ଟ୍ୟାକ୍ସ (ସିଆଇଟି) ଏବଂ ୨,୮୮,୯୯୩ କୋଟି ଟଙ୍କାର ବ୍ୟକ୍ତିଗତ ଆୟକର (ପିଆଇଟି) ଅନ୍ତର୍ଭୁକ୍ତ। ମାଇନର ହେଡ୍ ସଂଗ୍ରହରେ ୧,୪୮,୮୨୩ କୋଟି ଟଙ୍କାର ଅଗ୍ରିମ ଟ୍ୟାକ୍ସ ଅନ୍ତର୍ଭୁକ୍ତ ରହିଛି। ସୋର୍ସ କ୍ଷେତ୍ରରେ ୩,୨୪,୭୮୭ କୋଟି ଟଙ୍କା, ୨୮,୪୭୧ କୋଟି ଟଙ୍କାର ସେଲ୍‌ଫ ଆସେସ୍‌ମେଣ୍ଟ ଟ୍ୟାକ୍ସ, ୧୦,୯୨୦ କୋଟି ଟଙ୍କାର ରେଗୁଲାର ଆସେସ୍‌ମେଣ୍ଟ ଟ୍ୟାକ୍ସ ଏବଂ ଅନ୍ୟାନ୍ୟ ବର୍ଗରେ ୨,୯୮୫ କୋଟି ଟଙ୍କା ଟ୍ୟାକ୍ସ କଟାଯାଇଛି। ୨୦୨୪-୨୫ ଆର୍ଥିକ ବର୍ଷ ଜୁନ୍ ୧୭ ମଧ୍ୟରେ ସମୁଦାୟ ଅଗ୍ରିମ ଟିକସ ସଂଗ୍ରହର ସାମୟିକ ଆକଳନ ୧,୪୮,୮୨୩ କୋଟି ଟଙ୍କା ହୋଇଥିବାବେଳେ ପୂର୍ବ ଆର୍ଥିକ ବର୍ଷର ସମାନ ଅବଧି ପାଇଁ ଅଗ୍ରିମ ଟିକସ ସଂଗ୍ରହ ୧,୧୬,୮୭୫ କୋଟ ରହିଥିଲା ଯାହା ଚଳିତ ଆର୍ଥିକ ବର୍ଷରେ ୨୭.୩୪% ବୃଦ୍ଧି ହୋଇଛି। ୧,୪୮,୮୨୩ କୋଟି ଟଙ୍କାର ଅଗ୍ରିମ ଟିକସ ସଂଗ୍ରହରେ ୧,୧୪,୩୫୩ କୋଟିର କର୍ପୋରେଶନ ଟ୍ୟାକ୍ସ (ସିଆଇଟି) ଏବଂ ୩୪,୪୭୦ କୋଟି ଟଙ୍କାର ବ୍ୟକ୍ତିଗତ ଆୟକର (ପିଆଇଟି) ଅନ୍ତର୍ଭୁକ୍ତ ରହିଛି। ଆର୍ଥିକ ବର୍ଷ୨୦୨୪-୨୫ର ଜୁନ୍ ୧୭ ପର୍ଯ୍ୟନ୍ତ ୫୩,୩୨୨ କୋଟି ଟଙ୍କା ରିଫଣ୍ଡ ମଧ୍ୟ ପ୍ରଦାନ କରାଯାଇଛି, ଯାହା ଗତ ବର୍ଷ ସମାନ ଅବଧିରେ ଦିଆଯାଇଥିବା ରିଫଣ୍ଡ ତୁଳନାରେ ୩୩.୭୦% ଅଧିକ।


## ପ୍ରଥମ ଜନ୍ମଦିନ ଶୁଭେଚ୍ଛା



**ପ୍ରଖ୍ୟାଂସୀ**

ଅଚିଆ ସାହି, ପୁରୀ

ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।

ଶୁଭେଚ୍ଛା ସହ: ଜେଜେମା': ବସନ୍ତ ମଞ୍ଜରୀ ଦାସ, ବାପା: ବିନୋଦ, ମାଆ: ସଂଘମିତ୍ରା, ଦାଦା: ନିରଦ, ପିଉସୀ: ଜ୍ୟୋତ୍ସ୍ନା ମହାନ୍ତି, ପିଉସା: ଜିତେନ୍ଦ୍ର ମହାନ୍ତି, ଭଉଣୀ: ଜାଗୃତି, ଭାଇ: ଜୟଦିତ୍ୟ

ଧ-୫୨୫


## ବଜାରରେ ଫୋଏନିକ୍ସ ସିରିଜ

ନୂଆଦିଲ୍ଲୀ,୧୮।୬

ଦେଶର ପ୍ରମୁଖ ଆପ୍ଲାଏନ୍ସ ବ୍ରାଣ୍ଡ ହାୟର ଆପ୍ଲାଏନ୍ସେସ୍ ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଅଲ୍ ନ୍ୟୁ ଫୋଏନିକ୍ସ ସିରିଜର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ଏପରିକି ବ୍ରାଣ୍ଡର ପ୍ରିମିୟମ ଗ୍ଲାସ୍ ଡୋର୍ ରେଫ୍ରିଜରେଟରଗୁଡ଼ିକର ଏକ ସିରିଜ୍ 'ଫୋଏନିକ୍ସ'ର ଶୁଭାରମ୍ଭ ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି।

# ସାମୁଦ୍ରିକ ଦ୍ରବ୍ୟ ରପ୍ତାନିରେ ଭାରତର ସର୍ବକାଳୀନ ରେକର୍ଡ

ଭୁବନେଶ୍ୱର,୧୮।୬(ଅନୁରାଧା ମହାରଣା)

୨୦୨୩-୨୪ ଆର୍ଥିକ ବର୍ଷରେ ଭାରତର ସାମୁଦ୍ରିକ ଦ୍ରବ୍ୟ ରପ୍ତାନି ସର୍ବକାଳୀନ ରେକର୍ଡ କରିଛି। ବର୍ଷକରେ ଭାରତରୁ ୬୦,୫୨୩.୮୯ କୋଟି ଟଙ୍କା ମୂଲ୍ୟର ମୋଟ ୧୭,୮୧,୬୦୨ ମେଟ୍ରିକ ଟନ୍ ସାମୁଦ୍ରିକ ଖାଦ୍ୟ ରପ୍ତାନି କରାଯାଇଛି। ଭାରତରୁ ଏହି ସାମୁଦ୍ରିକ ଦ୍ରବ୍ୟ ରପ୍ତାନି ପାଇଁ ଯୁକ୍ତରାଷ୍ଟ୍ର ଆମେରିକା ଓ ଚାଇନା ବୃହତ୍ ବଜାର ଭାବେ ବିବେଚିତ ହେଉଛି। ୨୦୨୩-୨୪ ଆର୍ଥିକ ବର୍ଷରେ ରପ୍ତାନି ପରିମାଣ ୨.୬୭% ବଢ଼ିଛି। ୨୦୨୨-୨୩ ବର୍ଷରେ ଭାରତରୁ ୬୩,୯୬୯.୧୪ କୋଟି ଟଙ୍କା ମୂଲ୍ୟର ୧୭,୩୫,୨୮୬ ମେଟ୍ରିକ୍ ଟନ ସାମୁଦ୍ରିକ ଦ୍ରବ୍ୟ ରପ୍ତାନି କରାଯାଇଥିଲା। ସାମୁଦ୍ରିକ ଦ୍ରବ୍ୟ ରପ୍ତାନି ଉନ୍ନୟନ କର୍ତ୍ତୃପକ୍ଷର ଅଧ୍ୟକ୍ଷ ଡି. ଭି. ସ୍ୱାମୀଙ୍କ କହିବା ଅନୁଯାୟୀ ଆମେରିକା, ୟୁରୋପୀୟାନ ୟୁନିୟନ, ଇଂଲଣ୍ଡ ଭଳି ବୃହତ୍ ରପ୍ତାନି ବଜାରରେ ଅନେକ ପ୍ରତିଦ୍ୱନ୍ଦ୍ୱିତା ସତ୍ତ୍ୱେ ଭାରତରୁ ୭.୩୮ ମିଲିୟନ ଡଲାର ମୂଲ୍ୟର ୧୭,୮୧,୬୦୨ ମେଟ୍ରିକ୍ ଟନ ସାମୁଦ୍ରିକ ଦ୍ରବ୍ୟ ରପ୍ତାନି ଏକ ସର୍ବକାଳୀନ ରେକର୍ଡ। ସାମୁଦ୍ରିକ ଦ୍ରବ୍ୟ ରପ୍ତାନି କ୍ଷେତ୍ରରେ ଶୀତଳୀକୃତ ଚିଙ୍ଗୁଡ଼ିରୁ ସର୍ବାଧିକ ୪୦,୦୧୩.୫୪ କୋଟି ଟଙ୍କା ମିଳିଥିବା ଯୋଗୁ ଏହା ରପ୍ତାନିର ମୁଖ୍ୟ ଅଂଶ ଏବଂ ଏହାର ଅଂଶଧନ ମୋଟ ପରିମାଣ ୪୦.୧୯ ପ୍ରତିଶତ । ଏହି ୨୦୨୩-୨୪ ବର୍ଷରେ ଶୀତଳୀକୃତ ଚିଙ୍ଗୁଡ଼ି ରପ୍ତାନି ୭,୧୬,୦୦୪ ମେଟ୍ରିକ୍ ଟନ୍ ହୋଇପାରିଛି। ବିଶ୍ୱର ବିଭିନ୍ନ ବଜାର ମଧ୍ୟରେ ଯୁକ୍ତରାଷ୍ଟ୍ର ଆମେରିକା ୨,୯୭,୫୭୧ ମେଟ୍ରିକ୍ ଟନ୍, ଚାଇନା ୧,୪୮,୪୮୩ ମେଟ୍ରିକ୍ ଟନ୍, ୟୁରୋପୀୟାନ ୟୁନିୟନ ୮୯,୬୯୭ ମେଟ୍ରିକ୍ ଟନ୍, ଦକ୍ଷିଣ ପୂର୍ବ ଏସିଆ ୫୨,୨୫୪ ମେଟ୍ରିକ୍ ଟନ୍, ଜାପାନ ୩୫,୯୦୬ ମେଟ୍ରିକ୍ ଟନ୍ ଏବଂ ମଧ୍ୟ ପ୍ରାଚ୍ୟ ମୋଟ ୨୮,୫୭୧ ମେଟ୍ରିକ୍ ଟନ୍ ଶୀତଳୀକୃତ ଚିଙ୍ଗୁଡ଼ି ସାମୁଦ୍ରିକ ଦ୍ରବ୍ୟ ଆମଦାନୀ କରିଛନ୍ତି। ଭାରତରୁ ବିଭିନ୍ନ ସାମୁଦ୍ରିକ ଦ୍ରବ୍ୟ ଆମଦାନୀ କରୁଥିବା ଦେଶ ମଧ୍ୟରେ ପ୍ରଥମ ସ୍ଥାନରେ ଯୁକ୍ତରାଷ୍ଟ୍ର ଆମେରିକା, ଦ୍ୱିତୀୟ ଚାଇନା, ତୃତୀୟ ଜାପାନ, ଚତୁର୍ଥ ଭିଏତ୍‌ନାମ୍, ପଞ୍ଚମ ଥାଇଲାଣ୍ଡ, ଷଷ୍ଠ କାନାଡା, ସପ୍ତମ ସ୍ପେନ୍, ଅଷ୍ଟମ ବେଲଜିୟମ୍ ନବମ ଆରବ ଏମିରେଟ୍ସ ଓ ଦଶମରେ ଇଟାଲୀ ରହିଛି।

# ମ୍ୟାଗି ବିକ୍ରିରେ ଭାରତ ୧ ନମ୍ବର

ଭୁବନେଶ୍ୱର,୧୮।୬(ଅନୁରାଧା ମହାରଣା)

୨ ମିନିଟ୍‌ରେ ପ୍ରସ୍ତୁତ ହୋଇଯାଉଥିବା ମ୍ୟାଗି ନୁଡୁଲ୍ସ ଭାରତରେ ରେକର୍ଡ ପରିମାଣର ବିକ୍ରି ହୋଇଛି। ନେସ୍‌ଲେ ଇଣ୍ଡିଆ ଅନୁଯାୟୀ ମ୍ୟାଗି ପାଇଁ ଭାରତ ସବୁଠୁ ବଡ଼ ବଜାରରେ ପରିଣତ ହୋଇଛି। କମ୍ପାନୀ ୨୦୨୩-୨୪ ଆର୍ଥିକ ବର୍ଷରେ ଭାରତରେ ପ୍ରାୟ ୬୦୦ କୋଟି ୟୁନିଟ୍ ମ୍ୟାଗି ବିକ୍ରି କରିଛି। ଏହା ବ୍ୟତୀତ କମ୍ପାନୀର ଚକୋଲେଟ କିଟ୍‌କ୍ୟାଟ୍ ମଧ୍ୟ ବିକ୍ରି ରେକର୍ଡ ମଧ୍ୟ ଭାଙ୍ଗିଛି। ଗତ ଆର୍ଥିକ ବର୍ଷରେ କମ୍ପାନୀ କିଟ୍‌କ୍ୟାଟ୍‌ର ୪୨୦ କୋଟି ୟୁନିଟ୍ ବିକ୍ରି କରିଛି। କିଟ୍‌କ୍ୟାଟ୍ ପାଇଁ ଭାରତ ଦ୍ୱିତୀୟ ବୃହତ୍ତମ ବଜାରରେ ପରିଣତ ହୋଇଛି। ସ୍ୱିସ୍ ଏମ୍‌ଏନ୍‌ସି ନେସ୍‌ଲେର ଇଣ୍ଡିଆ ୟୁନିଟ୍ ସୋମବାର ଏହାର ବାର୍ଷିକ ରିପୋର୍ଟରେ ଏହି ପରିସଂଖ୍ୟାନ ପ୍ରକାଶ କରିଛି। ନେସ୍‌ଲେ ପକ୍ଷରୁ ମିଳିଥିବା ସୂଚନାନୁସାରେ ଯେ ଭାରତ ସେମାନଙ୍କ ପାଇଁ ଦ୍ରୁତ ଅଭିବୃଦ୍ଧିଶୀଳ ବଜାରରେ ପରିଣତ ହୋଇଛି। କମ୍ପାନୀ ଏଠାରେ ଦୁଇ ଅଙ୍କରେ ବୃଦ୍ଧି ପାଉଛି। ମ୍ୟାଗି ନୁଡୁଲ୍ସ ଏବଂ ମ୍ୟାଗି ମସାଲା-ଇ-ମ୍ୟାଜିକର ମୂଲ୍ୟ ଏବଂ ଉତ୍ପାଦ ମିଶ୍ରଣ ମାଧ୍ୟମରେ କମ୍ପାନୀ ଏହି ଅଭିବୃଦ୍ଧି ହାସଲ କରିଛି। ଏହି କ୍ଷେତ୍ରରେ ଅନେକ କମ୍ପାନୀର ପ୍ରବେଶ ସହ ପ୍ରତିଯୋଗିତା ମଧ୍ୟ ବଢ଼ିଯାଇଛି। ଗତ ୮ ବର୍ଷ ମଧ୍ୟରେ କମ୍ପାନୀ ଭାରତରେ ପ୍ରାୟ ୧୪୦ଟି ଉତ୍ପାଦ ଲଞ୍ଚ କରିଛି। ଏହା ବ୍ୟତୀତ ୨୦୨୫ ସୁଦ୍ଧା ଏହା ଭାରତରେ ୭୫୦୦ କୋଟି ଟଙ୍କା ବିନିଯୋଗ କରିବାକୁ ଯାଉଛି।


# Classified Everyday 0674-2580101, 2549949



MATRIMONIAL

**BRIDE WANTED**

Wanted Brahmin bride for advocate, 30 years, 6 feet, only son of retired parents settled in Bhubaneswar. 9777252572. D-506

ମାଟିବଂଶ ଜାତିର ପୁଅ ପାଇଁ ଝିଅ ଆବଶ୍ୟକ। ମୋବାଇଲ-7745962141. D-521



REAL ESTATE

**SALE**

**Developed Gharabari, Electric, Boundary ପ୍ଲଟ୍ ବାଲକାଟି ଏବଂ ଗୁଡ଼ିଆପୋଖରୀରେ କିଣନ୍ତୁ। 7008492511.** D-484

**ଭୁବନେଶ୍ୱର ନଖରା, Synergy College ନିକଟବର୍ତ୍ତୀ 30 feet road ଥାଇ Boundarywall, Electricity ଥାଇ plot ମିଳୁଅଛି। 6370354458, 8018242542.** D-503

Duplex project at Retang Medical, Station, C.V. Raman University, Tamando, Bhubaneswar. 7008459987. D-75965

**3BHK flat for sale at Jharpada 80 feet road side. Contact- 9437307086, 7008789347.** D-504

**Ready to move 2/3BHK flat for sale at Jayadevvihar Chhak. Contact- 9437307086, 7008789347.** D-505




Newly open health benefits spa special offer @999, Bapujinagar. 8018429809. D-76128

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75752

Relax, refresh your body, mind by expert therapist. Contact- 9938843929. D-76127

Monalisa massage Club:All types Body massage with hiprofile smart lady rooms service available. 9708545108. D-518

Piles Clinic, BBSR.: ଅର୍ଶ, ମଳକଣ୍ଟକ, ଭଗନ୍ଦର ଚିକିତ୍ସା କରାଯାଏ। 9861146916, 9078463148. D-75337

**Relax, Refresh your body, Mind at Saikrupa SPA with best therapies. 8984068077.** D-527

Fully relaxed body massage trained therapist. Central SPA. 9556483961. D-75752

**LOST**

By virtue of an affidavit sworn before the Executive Magistrate, Odagaon on 18 June 2024, I Prakash Chandra Sahoo, Village- Hatiasila, P.O.- Bahadajholla, P.S.- Odagaon, Dist.- Nayagarh that I have lost my Original Smart Card and Registration of my Motor Cycle Registration No.- OR25A 6559 on 16 June 2024 while going to my village. Any kind hearted person found this please inform to me on 7855820178. D-523

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I, Virendra Yadav, aged about 44 years, S/o- Sri Beersingh Yadav "Yadav" by caste (General) resident of Village- Umerkote, At/P.O.-Raighar, P.O./ P.S.- Raighar, Dist.- Nabarangpur (Odisha), do hereby solemnly affirm on oath and state as follows; That, I am the deponent of this affidavit and as such well acquainted with the facts below. That, I am the absolute owner of the landed property Ext. of Ac. 0.08 cents under Plot No.816 (Gharabari) of Khata No.- 394/69 Mouza/ Tahasil- Jharigam, P.S.- Jharigam, Dist.- Nabarangpur. That during my last visit i.e. on dtd. 12.06.2024 from Raighar to Umerkote one of my original R.O.R. (Patta), stands recorded in my name has been lost and misplaced somewhere at Raighar market place near my hardware shop. And after due search I could not found the same till date. That the above stated facts are true to the best of my knowledge and belief and no part of it is false. D-522

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**AFFIDAVIT**

I Hitherto known as AJAY SUSANTA NAIK, S/o MAHATANG SOREN residing at Patagadia, patagadia, Rasgobindpur, patagadia, vtc: patagadia, P.O.- Patagadia, District.- Mayurbhanj, State- Odisha, PIN Code- 757016 have changed my name and shall hereafter be known as DURGA CHARAN SOREN. D-524

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

**LEGAL NOTICE**

IN THE COURT OF THE CIVIL JUDGE, JUNIOR DIVISION, BHUBANESWAR
Civil Suit No.- 1485/2023
Surendra Kumar Das ....Plaintiff
VERSUS
Kusum Gupta & another ....Defendants

To,
1. Kusum Gupta, At- Flat No.- 102, Ganapati Tower, Near Ekamra Hall, Bhubaneswar, Dist.- Khordha. 2. Naresh Singhal, At- Flat No.- 102, Ganapati Tower, Near Ekamra Hall, Bhubaneswar, Dist.- Khordha.

NOTICE U/O-5, RULE 20(1A) OF CPC

Take notice that the plaintiffs has instituted the above noted Civil/money suit against you as per plaint, Hence you are hereby directed to appear before this Court either personally or through your advocate on 04.07.24 and file your written statement.

Take further notice that, in case of your default to appear, in the date fixed, the suit will proceed ex-parte, in your absence, without any further notice to you.

Given under my hand and seal of this Court, this day of 19th April 2024.

Civil Judge, Jr. Division, Bhubaneswar
D-526

**ମନେ ପଡ଼ନ୍ତି**

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



**ସ୍ୱ.ସୁଧାଂଶୁ କୁମାର ପଟ୍ଟନାୟକ (ବାବୁଲି)**

ବାଟମଙ୍ଗଳା, ପୁରୀ

ଆବିର୍ଭାବ- ୨୨।୦୩।୧୯୫୮
ତିରୋଧାନ- ୧୨।୦୬।୨୦୨୨

ଚାହିଁ ଚାହିଁ ଦୁଇ ବର୍ଷ ଚାଲିଗଲା ବାବା
ତମ କଥା ସବୁବେଳେ ବହୁତ ମନେପଡ଼େ
ଯେଉଁଠି ବି ଥାଅ ଭଲ ସେ ଥାଅ।
ଶ୍ରୀଜଗନ୍ନାଥ ତମର ଅମର ଆତ୍ମାକୁ ସଦ୍‌ଗତି ଦିଅନ୍ତୁ ଏଇଆ ହିଁ ଆମର କାମନା ।

ଶୋକାକୁଳ- ପୁତ୍ର: ସ୍ୱାଗତ, ସସ୍ମିତ, ସୁଜଳ, ପୁତ୍ରବଧୂ: ଶ୍ରଦ୍ଧା, ଗୀତା, ନାତି: ଶ୍ଳୋକ, ନାତୁଣୀ: ଶରଣ୍ୟା, ବନ୍ଧୁ ଓ ସମ୍ପର୍କୀୟମାନେ ।

ଧ-୪୯୫

ଧରିତ୍ରୀ DHARITRI **Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।





# ଲିଗ୍ ପର୍ଯ୍ୟାୟ ଶେଷ, ଆଜିଠୁ ସୁପର-୮

**ଟି୨୦ ବିଶ୍ୱକପ୍**

**ଅପରାଜେୟ ରହିଲା ୱେଷ୍ଟଇଣ୍ଡିଜ**

ଗ୍ରସ୍ ଆଇଲେଟ୍,୧୮।୬(ପି.ଟି.)

ଟି୨୦ ବିଶ୍ୱକପ୍‌ର ଲିଗ୍ ପର୍ଯ୍ୟାୟ ମଙ୍ଗଳବାର ଶେଷ ହୋଇଛି। ନିକୋଲାସ୍ ପୁରନଙ୍କ ୯୮ ରନ୍ ବଳରେ ଆଫଗାନିସ୍ତାନକୁ ୧୦୪ ରନ୍‌ରେ ପରାସ୍ତ କରିଛି ୱେଷ୍ଟଇଣ୍ଡିଜ୍। ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ୍ ୨୦ ଓଭରରେ ୫ ଉଇକେଟ ହରାଇ ୨୧୮ ରନ୍ କରିଥିଲା। ଜବାବରେ ଆଫଗାନିସ୍ତାନ ୧୬.୨ ଓଭରରେ ୧୧୪ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଆଫଗାନିସ୍ତାନ ଟସ୍ ଜିତି ପ୍ରଥମେ ବୋଲିଂ କରିଥିବା ବେଳେ ୱେଷ୍ଟଇଣ୍ଡିଜ୍ ୨୨ ରନ୍‌ରେ ପ୍ରଥମ ଉଇକେଟ ହରାଇଥିଲା। ଅନ୍ୟତମ ଓପନର ଜନ୍‌ସନ ଚାର୍ଲ୍ସ(୪୩) ଓ ନିକୋଲାସ ପୁରନ(୯୮) ଦ୍ୱିତୀୟ ଉଇକେଟରେ ୮୦ ରନ୍ ଯୋଡିଥିଲେ। ପୁରନ୍ ଧୂଆଁଧାର ବ୍ୟାଟିଂ କରି ୫୩ ବଲ୍ ଖେଳି ୬ ଚୌକା ଓ ୮ ଛକା ମାରିଥିଲେ। ମାତ୍ର ୨ ରନ୍ ପାଇଁ ଶତକରୁ ବଞ୍ଚିତ ହୋଇଥିବା ବେଳେ ଦୁର୍ଭାଗ୍ୟଜନକ ଭାବରେ ରନ୍‌ଆଉଟ ହୋଇଥିଲେ। ଶେଷ ଆଡକୁ ଶାଇ ହୋପ୍ ୨୫ ଓ ରୋଭମାନ ପାୱେଲ ୨୬ ରନ୍ କରିଥିଲେ। ଆଫଗାନିସ୍ତାନ ପକ୍ଷରୁ ଗୁଲବଦିନ ନାଇବ ୨, ନବୀନ ଉଲ୍ ହକ୍ ଓ ଅଜମତଉଲ୍ଲା ଓମାରଜାଇ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ପୁରନ୍ ଏହି ଇନିଂସରେ ଅଜମତଉଲ୍ଲା ଓମାରଜାଇ ବୋଲିଂ କରିଥିବା ଓଭରରୁ ୩୬ ରନ୍ ସଂଗ୍ରହ କରିଥିଲେ। ୧୦ ଅତିରିକ୍ତ ରନ୍ ଆସିଥିଲେ ମଧ୍ୟ ଟି୨୦ ଇତିହାସର ପଞ୍ଚମ ବୋଲର ଭାବରେ ଏଭଳି ଅଲୋଡା ରେକର୍ଡ ନିଜ ନାମରେ କରିଛନ୍ତି ଓମାରଜାଇ।

୨୧୯ ରନ୍ ବିଜୟ ଲକ୍ଷ୍ୟରେ ଆଫଗାନିସ୍ତାନ ପ୍ରଥମ ଓଭରରେ ଖାତା ଖୋଲିବା ଆଗରୁ ଇନ ଫର୍ମ ରେହମାନଉଲ୍ଲା ଗୁରବାଜଙ୍କ ଉଇକେଟ ହରାଇଥିଲା। ନିୟମିତ ବ୍ୟବଧାନରେ ଉଇକେଟ ହରାଇବା ସହ ଆଫଗାନିସ୍ତାନ ୧୧୪ ରନ୍‌ରେ ଅଲଆଉଟ ହୋଇଥିଲା। ଇବ୍ରାହିମ୍ ଜଦ୍ରାନ ଦଳ ପକ୍ଷରୁ ସର୍ବାଧିକ ୩୮ ରନ୍ ସ୍କୋର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଜମତଉଲ୍ଲା ଓମାରଜାଇ ୨୩ ଓ ରଶିଦ୍ ଖାନ୍ ୧୮ ରନ୍ କରିଥିଲେ। ଓବେଡ୍ ମ୍ୟାକୟ ୩ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅକିଲ ହୋସେନ,ଗୁଡାକେଶ ମୋତି ଦୁଇଟି, ଆନ୍ଦ୍ରେ ରସେଲ, ଅଲଜାରି ଯୋଶେଫ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ନିକୋଲାସ ପୁରନଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ ୨୦ ଓଭରରେ ୨୧୮/୫(ନିକୋଲାସ ପୁରନ୍-୯୮, ଜନସନ୍ ଚାର୍ଲ୍ସ-୪୩, ରୋଭମାନ ପାୱେଲ-୨୬, ଗୁଲବଦିନ୍ ନାଇବ-୨/୧୪, ଅଜମତଉଲ୍ଲା ଓମାରଜାଇ-୧/୪୧, ନବୀନ ଉଲ ହକ୍-୧/୪୧)। ଆଫଗାନିସ୍ତାନ ୧୬.୨ ଓଭରରେ ୧୧୪/୧୦ ( ଇବ୍ରାହିମ୍ ଜଦ୍ରାନ-୩୮, ଅଜମତଉଲ୍ଲା ଓମାରଜାଇ-୨୩, ରଶିଦ୍ ଖାନ୍-୧୮, ଓବେଡ୍ ମ୍ୟାକୟ-୩/୧୪, ଅକିଲ ହୋସେନ୍-୨/୨୧, ଗୁଡାକେଶ ମୋତି-୨/୨୮)।



ଶଟ୍ ଖେଳିବା ଅବସରରେ ନିକୋଲାସ ପୁରନ।



ବାର୍ବାଡୋସର ଏକ ବିଚ୍‌ରେ ସାଥୀ ଖେଳାଳିଙ୍କ ସହ ଭଲିବଲ ଖେଳିବା ଅବସରରେ ବିରାଟ କୋହଲି।

**ଟି୨୦ ବିଶ୍ୱକପ୍ ପଏଣ୍ଟ ଟେବୁଲ**

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| **ଗ୍ରୁପ୍ 'ଏ'** | | | | | | |
| ଭାରତ | ୪ | ୩ | ୦ | ୧ | ୭ | +୧.୧୩୭ |
| ଆମେରିକା | ୪ | ୨ | ୧ | ୧ | ୫ | +୦.୧୨୭ |
| ପାକିସ୍ତାନ | ୪ | ୨ | ୨ | ୦ | ୪ | +୦.୨୯୪ |
| କାନାଡା | ୪ | ୧ | ୨ | ୧ | ୩ | -୦.୪୯୩ |
| ଆୟର୍ଲାଣ୍ଡ | ୪ | ୦ | ୩ | ୧ | ୧ | -୦.୫୯୪ |
| **ଗ୍ରୁପ୍ 'ବି'** | | | | | | |
| ଅଷ୍ଟ୍ରେଲିଆ | ୪ | ୪ | ୦ | ୦ | ୮ | +୨.୭୯୧ |
| ଇଂଲଣ୍ଡ | ୪ | ୨ | ୧ | ୧ | ୫ | -୩.୬୧୧ |
| ସ୍କଟ୍‌ଲାଣ୍ଡ | ୪ | ୨ | ୧ | ୧ | ୫ | +୧.୨୫୫ |
| ନାମିବ୍ୟା | ୪ | ୧ | ୩ | ୦ | ୨ | -୨.୫୨୯ |
| ଓମାନ | ୪ | ୦ | ୪ | ୦ | ୦ | -୩.୦୬୨ |
| **ଗ୍ରୁପ୍ 'ସି'** | | | | | | |
| ୱେଷ୍ଟଇଣ୍ଡିଜ | ୪ | ୪ | ୦ | ୦ | ୮ | +୩.୨୫୭ |
| ଆଫଗାନିସ୍ତାନ | ୪ | ୩ | ୧ | ୦ | ୬ | +୧.୮୩୫ |
| ନ୍ୟୁଜିଲାଣ୍ଡ | ୪ | ୨ | ୨ | ୦ | ୪ | +୦.୪୧୫ |
| ଉଗାଣ୍ଡା | ୪ | ୧ | ୩ | ୦ | ୨ | -୪.୫୧୦ |
| ପିଏନ୍‌ଜି | ୪ | ୦ | ୪ | ୦ | ୦ | -୧.୨୬୮ |
| **ଗ୍ରୁପ୍ 'ଡି'** | | | | | | |
| ଦ.ଆଫ୍ରିକା | ୪ | ୪ | ୦ | ୦ | ୮ | +୦.୪୭୦ |
| ବାଂଲାଦେଶ | ୪ | ୩ | ୧ | ୦ | ୬ | +୦.୬୧୬ |
| ଶ୍ରୀଲଙ୍କା | ୪ | ୧ | ୨ | ୧ | ୩ | +୦.୮୬୩ |
| ନେଦରଲାଣ୍ଡ୍ସ | ୪ | ୧ | ୩ | ୦ | ୨ | -୧.୩୫୮ |
| ନେପାଳ | ୪ | ୦ | ୩ | ୧ | ୧ | -୦.୫୪୨ |

# ଦକ୍ଷିଣ ଆଫ୍ରିକା ବ୍ୟାଟରଙ୍କ ଉପରେ ନଜର

ନର୍ଥ ସାଉଣ୍ଡ,୧୮।୬(ପି.ଟି.)

**ଟି୨୦ ବିଶ୍ୱକପ**
**(ଆଜିର ମ୍ୟାଚ)**
**ଆମେରିକା ବନାମ ଦ.ଆଫ୍ରିକା**
**ସ୍ଥାନ: ଆଣ୍ଟିଗୁଆ**
**ସମୟ: ରାତି ୮ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

ଟି୨୦ ବିଶ୍ୱକପର ସୁପର-୮ ପର୍ଯ୍ୟାୟ ବୁଧବାର ଠାରୁ ଆରମ୍ଭ ହେବ। ସୁପର-୮ର ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଓ ସହ ଆୟୋଜକ ଆମେରିକା ପରସ୍ପରକୁ ଭେଟିବେ। ପ୍ରଥମ ଥର ବିଶ୍ୱକପରେ ଭାଗ ନେଉଥିବା ଆମେରିକା ସୁପର-୮ ଖେଳୁଥିବା ବେଳେ ଦକ୍ଷିଣ ଆଫ୍ରିକା ବ୍ୟାଟରଙ୍କ ଉପରେ ସମସ୍ତଙ୍କ ନଜର ରହିବ। ଦକ୍ଷିଣ ଆଫ୍ରିକା ଚଳିତ ଟୁର୍ନାମେଣ୍ଟରେ ଅପରାଜେୟ ରହିଛି। ତେବେ ଦଳର ବ୍ୟାଟରଙ୍କ ଅପେକ୍ଷା ବୋଲର ମାନେ ଭଲ ପ୍ରଦର୍ଶନ କରିଛନ୍ତି। ଦକ୍ଷିଣ ଆଫ୍ରିକା ଏହାର ପ୍ରଥମ ୩ ମ୍ୟାଚ୍ ନ୍ୟୁୟର୍କ ଓ ଅନ୍ତିମ ଲିଗ୍ ମ୍ୟାଚ୍ କିଙ୍ଗ୍ସ ଟାଉନ୍‌ରେ ଖେଳିଥିଲା। ଏଠିକାର ଭେନ୍ୟୁରେ ବ୍ୟାଟିଂ ବେଶ କଷ୍ଟସାଧ ରହିଥିବା ବେଳେ ବୋଲରଙ୍କ ଅବଦାନରେ ଦକ୍ଷିଣ ଆଫ୍ରିକା ଏହାର ସମସ୍ତ ମ୍ୟାଚ୍ ବିଜୟୀ ହୋଇଥିଲା। ୪ଟି ଯାକ ମ୍ୟାଚରେ ଦକ୍ଷିଣ ଆଫ୍ରିକା ଥରେ ମଧ୍ୟ ୧୨୦ ରନ୍ ଅତିକ୍ରମ କରି ପାରି ନାହିଁ। ଦଳରେ କ୍ୱିଣ୍ଟନ ଡିକକ୍, ହେନରିଚ୍ କ୍ଲାସେନ୍, ଟ୍ରିଷ୍ଟାନ ଷ୍ଟବ୍ସ ଓ ଡେଭିଡ୍ ମିଲରଙ୍କ ପରି ଖେଳାଳି ରହିଛନ୍ତି। ଆକ୍ରମଣାତ୍ମକ ବ୍ୟାଟିଂ ଜରିଆରେ ଏକାକୀ ମ୍ୟାଚ୍‌ର ମୋଡ ପରିବର୍ତ୍ତନ କରିବାର ଦକ୍ଷତା ଏହି ଖେଳାଳିଙ୍କ ନିକଟରେ ରହିଛି। ଟପ୍ ଅର୍ଡରରେ କ୍ୱିଣ୍ଟନ୍ ଡି କକ୍, ରୀଜା ହେଣ୍ଡ୍ରିକ୍ସ ଓ ଏଡେନ୍ ମାର୍କରମଙ୍କ ପରି ଖେଳାଳିଙ୍କ ଠାରୁ ବଡ ଇନିଂସର ଆଶା ରହିବ। ଆନରିଚ୍ ନୋର୍ଜେ ଓ ଓଟନିଲ ବାର୍ଟମ୍ୟାନ୍ ଚଳିତ ଟୁର୍ନାମେଣ୍ଟରେ ଚମତ୍କାର ପ୍ରଦର୍ଶନ କରିଥିବା ବେଳେ ଅନଭିଜ୍ଞ ଆମେରିକୀୟ ଖେଳାଳିଙ୍କୁ ଅସୁବିଧାରେ ପକାଇ ପାରନ୍ତି କାଗିସୋ ରାବାଡା ଓ ମାର୍କୋ ଜାନସେନ୍। ପାକିସ୍ତାନ ପରି ଦଳକୁ ପରାସ୍ତ କରିଥିବା ଆମେରିକା ଆଉ ଏକ ବିପର୍ଯ୍ୟୟ ସୃଷ୍ଟି କରିବାକୁ ଚାହିଁବ। ଅଧିନାୟକ ମୋନାଙ୍କ ପଟେଲ ଆହତ ଥିବାରୁ ଏହା ଦଳକୁ ସମସ୍ୟାରେ ପକାଇବାର ଆଶଙ୍କା ରହିଛି।

# ନୀରଜ ଚୋପ୍ରାଙ୍କୁ ସ୍ୱର୍ଣ୍ଣ ପଦକ

ତୁର୍କୁ,୧୮।୬(ପି.ଟି.)

ଭାରତୀୟ ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା ଫିନଲାଣ୍ଡରେ ଅନୁଷ୍ଠିତ ପାଭୋ ନୁର୍ମି ଗେମ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ମଙ୍ଗଳବାର ବିରତିରୁ ପ୍ରତ୍ୟାବର୍ତ୍ତନ ସହ ୮୫.୯୭ ମିଟରର ସର୍ବଶ୍ରେଷ୍ଠ ଥ୍ରୋ କରିଥିଲେ ନୀରଜ। ନିଗଲ କାରଣରୁ ଭୁବନେଶ୍ୱରରେ ଅନୁଷ୍ଠିତ ଫେଡେରେଶନ୍ କପ୍ ପରଠାରୁ କୌଣସି ଇଭେଣ୍ଟରେ ଅଂଶଗ୍ରହଣ କରୁ ନ ଥିଲେ ନୀରଜ। ୨୦୨୨ରେ ଏଠାରେ ଅନୁଷ୍ଠିତ ଇଭେଣ୍ଟରେ ନୀରଜ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ଫିନଲାଣ୍ଡର ଖେଳାଳି ଟୋନି କେରାନାନଙ୍କଠାରୁ ନୀରଜଙ୍କୁ କଡା ଟକ୍କର ମିଳିଥିଲା। ଟୋନି ୮୪.୧୯ ମିଟରର ଥ୍ରୋ ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ। ବିଗତ ସଂସ୍କରଣର ସ୍ୱର୍ଣ୍ଣ ପଦକ ବିଜେତା ଅଲିଭର ହିଲାଣ୍ଡର ୮୩.୯୬ ମିଟରର ଥ୍ରୋ କରି ତୃତୀୟ ସ୍ଥାନରେ ରହିଥିଲେ। ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ନୀରଜ ଏହି ଟୁର୍ନାମେଣ୍ଟ ପୂର୍ବରୁ ଦୋହା ଡାଇମଣ୍ଡ ଲିଗ୍‌ରେ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଏହା ସହ ଭୁବନେଶ୍ୱରରେ ଅନୁଷ୍ଠିତ ଫେଡେରେଶନ କପ୍‌ରେ ମଧ୍ୟ ସେ ପ୍ରଥମ ସ୍ଥାନରେ ରହିଥିଲେ। ପ୍ୟାରିସ୍ ଅଲିମ୍ପିକ୍ସ ପୂର୍ବରୁ ଏହା ତାଙ୍କ ପାଇଁ ଏକ ଚମତ୍କାର ପ୍ରସ୍ତୁତି ବୋଲି ନୀରଜ କହିଛନ୍ତି। ସେ ବର୍ତ୍ତମାନ ପ୍ୟାରିସ୍ ଡାଇମଣ୍ଡ ଲିଗ୍‌ରେ ଅଂଶଗ୍ରହଣ କରିବା ସହ ଅଲିମ୍ପିକ୍ସ ପ୍ରସ୍ତୁତି ଜାରି ରଖିବେ।

**ଏଆଇପି ଜୁଡୋ କ୍ଲଷ୍ଟର ଚାମ୍ପିୟନଶିପ୍**

# କନ୍ଦନ ମୁର୍ମୁଙ୍କୁ ଗୁରୁଦାୟିତ୍ୱ



ଭୁବନେଶ୍ୱର, ୧୮।୬
(ତପନ ସ୍ୱାଇଁ)

ଅଲ୍ ଇଣ୍ଡିଆ ପୋଲିସ (ଏଆଇପି) ଜୁଡୋ କ୍ଲଷ୍ଟର ଚାମ୍ପିୟନଶିପ୍ ଚଳିତମାସ ୨୪ରୁ ୩୦ ପର୍ଯ୍ୟନ୍ତ ଆସାମର ଗୁଆହାଟୀରେ ଅନୁଷ୍ଠିତ ହେବ। ଜୁଡୋ ଫେଡେରେଶନ ଅଫ୍ ଇଣ୍ଡିଆ ପକ୍ଷରୁ ଓଡ଼ିଶାର କନ୍ଦନ ମୁର୍ମୁଙ୍କୁ ଏହି ପ୍ରତିଯୋଗିତା ପାଇଁ ଜୁରିଭାବେ ନିଯୁକ୍ତ କରାଯାଇଛି। ପୂର୍ବରୁ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଫିସିଆଲଭାବେ ସଫଳତାର ସହ ଦାୟିତ୍ୱ ନିର୍ବାହ କରିଥିବା କନ୍ଦନ ଅଲ୍ ଇଣ୍ଡିଆ ପୋଲିସ ଜୁଡୋ କ୍ଲଷ୍ଟର ଚାମ୍ପିୟନଶିପ ପାଇଁ ଜୁରିଭାବେ ନିଯୁକ୍ତି ପାଇଥିବାରୁ ଖୁସିବ୍ୟକ୍ତ କରିଛନ୍ତି।

# ଏଆଇଏଫ୍ଏଫ୍‌କୁ ଷ୍ଟିମାକ୍‌ଙ୍କ ଧମକ

ନୂଆଦିଲ୍ଲୀ, ୧୮।୬ (ପି.ଟି.)

ବହିଷ୍କୃତ ଭାରତୀୟ ସିନିୟର ପୁରୁଷ ଫୁଟ୍‌ବଲ ଦଳର ମୁଖ୍ୟକୋଚ୍ ଇଗର ଷ୍ଟିମାକ୍ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍)କୁ ଧମକ ଦେଇଛନ୍ତି। ୧୦ ଦିନ ମଧ୍ୟରେ ତାଙ୍କ ବକେୟା ପାଉଣା ବ୍ୟବସ୍ଥା କରା ନ ଗଲେ ସେ ଜାତୀୟ ମହାସଂଘ ବିରୋଧରେ ଫିଫା ଟ୍ରିବ୍ୟୁନାଲରେ ମୋକଦ୍ଦମା କରିବେ। ଷ୍ଟିମାକ୍ ଏଆଇଏଫ୍ଏଫ୍ ସଭାପତି କଲ୍ୟାଣ ଚୌବେଙ୍କ କଡ଼ା ସମାଲୋଚନା କରିଛନ୍ତି। ଏହି ବ୍ୟକ୍ତି ତାଙ୍କ ସହିତ ହୋଇଥିବା ଚୁକ୍ତିର ଏକାଧିକ ଥର ଖିଲାପ କରିଛନ୍ତି। ଷ୍ଟିମାକ୍ ଆହୁରି ମଧ୍ୟ ଭାରତ ୨୦୨୬ ଫିଫା ବିଶ୍ୱକପ୍ କ୍ୱାଲିଫାୟର୍ସର ତୃତୀୟ ରାଉଣ୍ଡକୁ ଉନ୍ନୀତ ହୋଇ ନ ପାରିବା ନେଇ କଲ୍ୟାଣ ଚୌବେଙ୍କୁ ଦାୟୀ କରିଛନ୍ତି। କ୍ରୋଏସିଆର ଏହି କୋଚ୍ ଆହୁରି ମଧ୍ୟ କହିଛନ୍ତି ଯେ, ବର୍ତ୍ତମାନ ତାଙ୍କର ସ୍ୱାସ୍ଥ୍ୟ ସମସ୍ୟା ରହିଛି। ସେ ଏଆଇଏଫ୍ଏଫ୍‌ଠାରୁ ଆଉ କୌଣସି କଥା ଶୁଣିବାକୁ ପ୍ରସ୍ତୁତ ନୁହଁନ୍ତି। ସୂଚନାଯୋଗ୍ୟ, ଭାରତ ଏକ ସହଜ ଡ୍ର'ରେ ପଡ଼ିଥିଲେ ମଧ୍ୟ ବିଶ୍ୱକପ୍ କ୍ୱାଲିଫାୟରରୁ ବିଦାୟ ନେଇଥିଲା। ଏହି କାରଣରୁ ଷ୍ଟିମାକ୍‌ଙ୍କ କାର୍ଯ୍ୟକାଳ ଆଉ ବର୍ଷେ ରହିଥିଲେ ମଧ୍ୟ ଏଆଇଏଫ୍ଏଫ୍ ସୋମବାର ୫୬ବର୍ଷୀୟ ଷ୍ଟିମାକ୍‌ଙ୍କୁ ତାଙ୍କ ପଦବୀରୁ ବହିଷ୍କୃତ କରିଥିଲା।

# ଓଡ଼ିଶାର ପ୍ରତୀକଙ୍କୁ ସ୍ୱର୍ଣ୍ଣ

**ଜାତୀୟ ଯୁବ ଆଥଲେଟିକ୍ସ**

ଭୁବନେଶ୍ୱର, ୧୮।୬(ତପନ ସ୍ୱାଇଁ)

ଛତିଶଗଡ଼ର ବିଲାସପୁରସ୍ଥିତ ବାହତରାଇ ଆଥଲେଟିକ୍ସ ଷ୍ଟାଡିୟମରେ ସୋମବାର ଶେଷ ହୋଇଥିବା ୧୯ଶ ଜାତୀୟ ଯୁବ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ଓଡ଼ିଶାର ପ୍ରତୀକ ମହାରଣା। ତୃତୀୟ ତଥା ଅନ୍ତିମ ଦିବସରେ ଅନୁଷ୍ଠିତ ବାଳକ ୨୦୦ ମିଟର ରେସ୍‌ରେ ସେ ୨୧.୬୫ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ତାମିଲନାଡୁର ଯୁବରାଜ ଏସ୍. ୨୧.୯୯ ଓ ରାଜସ୍ଥାନର ଗଜେନ୍ଦ୍ର ସିଂ ୨୨.୨୧ ସେକେଣ୍ଡ ସମୟ ନେଇ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି।




ପ୍ରତୀକ ମହାରଣା

# ଆର୍ମେନିଆରେ ଟାଇଟଲ ଜିତିଲେ ଏରିଗାସି

ନୂଆଦିଲ୍ଲୀ, ୧୮।୬(ପି.ଟି.)

ଭାରତୀୟ ଗ୍ରାଣ୍ଡମାଷ୍ଟର ଅର୍ଜୁନ ଏରିଗାସିଙ୍କଠାରୁ ଆଉ ଏକ ଚମତ୍କାର ପ୍ରଦର୍ଶନ ଦେଖିବାକୁ ମିଳିଛି। ଆର୍ମେନିଆର ଜର୍ମୁକ୍‌ଠାରେ ମଙ୍ଗଳବାର ଶେଷ ହୋଇଥିବା ଆଭାଙ୍ଗାନ ମେମୋରିଆଲ ଚେସ୍ ଟୁର୍ନାମେଣ୍ଟର ଟାଇଟଲ ବିଜୟୀ ହୋଇଛନ୍ତି। ଫାଇନାଲ ରାଉଣ୍ଡରେ ସେ ସ୍ଥାନୀୟ ଖେଳାଳି ମାନୁଆଲ ପେଟ୍ରୋସ୍ୟାନଙ୍କ ବିପକ୍ଷ ଗେମ୍ ଡ୍ର ରଖିଛନ୍ତି। ଅର୍ଜୁନ ହେଉଛନ୍ତି ଏଠାରେ ସର୍ବୋଚ୍ଚ ର୍‍ୟାଙ୍କିଂପ୍ରାପ୍ତ ଖେଳାଳି। ୧୦ଜଣ ଖେଳାଳିଙ୍କୁ ନେଇ ଏହି ରାଉଣ୍ଡ-ରବିନ ଟୁର୍ନାମେଣ୍ଟରେ ସେ ୬.୫ ପଏଣ୍ଟ ଅର୍ଜନ କରିଛନ୍ତି। ଭାରତୀୟ ଖେଳାଳି ଟୁର୍ନାମେଣ୍ଟରେ ଅପରାଜେୟ ରହିଥିଲେ। ସେ ୪ଟି ଗେମ୍‌ରେ ବିଜୟ ଲାଭ କରିଥିବା ବେଳେ ୫ଟି ଡ୍ର ରଖିଥିଲେ। ଫାଇନାଲ ରାଉଣ୍ଡ କେବଳ ଔପଚାରିକତା ଦୃଷ୍ଟିରୁ ଖେଳାଯାଇଥିଲା। କାରଣ ପୂର୍ବ ରାଉଣ୍ଡରେ ଏରିଗାସିଙ୍କ ଟାଇଟଲ ପକ୍କା ହୋଇସାରିଥିଲା। ସେତେବେଳେ ମିଳିତ ଦ୍ୱିତୀୟ ସ୍ଥାନରେ ରହିଥିବା ୩ଜଣ ଖେଳାଳିଙ୍କଠାରୁ ସେ ୧.୫ ବ୍ୟବଧାନରେ ଅଗ୍ରଣୀ ରହିଥିଲେ। ଟୁର୍ନାମେଣ୍ଟରେ ବିଜୟ ଦ୍ୱାରା ର୍‍ୟାଙ୍କିଂ ତାଲିକାରେ ଅର୍ଜୁନ ଉପରକୁ ଉଠିବାରେ ଲାଗିଛନ୍ତି। ବର୍ତ୍ତମାନ ସେ ୨୭୭୮ ଲାଇଭ୍ ରେଟିଂ ପଏଣ୍ଟ ସହ ନରୱେର ମାଗ୍ନସ କାର୍ଲସେନ ଏବଂ ଆମେରିକାର ଦୁଇ ଜଣ ହିକାରୁ ନାକାମୁରା ଏବଂ ଫିବିଆନୋ କରୁଆନାଙ୍କ ପଛକୁ ବିଶ୍ୱର ୪ ନମ୍ବର ର୍‍ୟାଙ୍କିଂପ୍ରାପ୍ତ ଖେଳାଳି ହୋଇପାରିଛନ୍ତି। ଚଳିତବର୍ଷ ପରବର୍ତ୍ତୀ ଭାଗରେ ବିଶ୍ୱ ଚାମ୍ପିୟନଶିପ୍ ଚ୍ୟାଲେଞ୍ଜର ଅନୁଷ୍ଠିତ ହେବ। ଡି. ଗୁକେଶ (୨୭୬୩) ବର୍ତ୍ତମାନ ଅର୍ଜୁନଙ୍କଠାରୁ ୧୫ ପଏଣ୍ଟ ପଛରେ ବିଶ୍ୱ ର୍‍ୟାଙ୍କିଂ ତାଲିକାରେ ୭ମ ସ୍ଥାନରେ ରହିଛନ୍ତି। ସେହିପରି ଆର୍. ପ୍ରଜ୍ଞାନନ୍ଦ (୨୭୫୭) ୮ମ ସ୍ଥାନରେ ରହିଥିବା ବେଳେ କିମ୍ବଦନ୍ତୀ ବିଶ୍ୱନାଥନ ଆନନ୍ଦ (୨୭୫୧) ଏବେ ସୁଦ୍ଧା ଏହି ୩ଜଣ ଯୁବ ଖେଳାଳିଙ୍କ ନିକଟତର ଅର୍ଥାତ ୧୧ଶ ସ୍ଥାନରେ ଅଛନ୍ତି।



ଅର୍ଜୁନ ଏରିଗାସି


**ग्रामीण कार्य विभाग, कार्य प्रमंडल, देवघर**
**जिला परिषद बिल्डींग, सत्संगनगर, देवघर**

**ई–अल्पकालीन निविदा आमंत्रण सूचना**

ई–अल्पकालीन निविदा संख्या:- **01/2024-25/RWD/EE/DEOGHAR** दिनांक :- **18-06-2024**

कार्यपालक अभियन्ता, ग्रामीण कार्य विभाग, कार्य प्रमंडल, देवघर द्वारा निम्न विवरण के अनुसार e-procurement पद्धति के रूप में निविदा आमंत्रित की जाती है।

| क्र0 सं0 | आईडेन्टीफिकेशन संख्या/पैकेज संख्या | कार्य का नाम | प्राक्कलित राशि (रूपये में) अंक में | प्राक्कलित राशि (रूपये में) अक्षर में | कार्य समाप्ति की अवधि | टेण्डर कॉल नं0 |
|---|---|---|---|---|---|---|
| 1. | RWD/EE/DEOGHAR/01/2024-25 | ग्राम बलथर पी0एम0जी0एस0वाई0 पथ से कपसिया मोड़ तक पथ निर्माण कार्य (लं0–4.00 कि0मी0) | 3,54,76,900.00 | तीन करोड़ चौवन लाख छियत्तर हजार नौ सौ मात्र। | 18 माह | प्रथम |
| 2. | RWD/EE/DEOGHAR/02/2024-25 | संग्राम लोढ़िया मुख्य पथ से मालपुर, मिश्रजमुआ तक पथ निर्माण कार्य। (लं0–2.50 कि0मी0) | 2,16,80,000.00 | दो करोड़ सोलह लाख अस्सी हजार मात्र। | 12 माह | प्रथम |
| 3. | RWD/EE/DEOGHAR/03/2024-25 | चरकी पहाड़ी मुख्य पथ से गिधापाथर होते हुए छोटा धवाना तक पथ निर्माण कार्य। (लं0–2.00 कि0मी0) | 2,14,06,500.00 | दो करोड़ चौदह लाख छः हजार पॉच सौ मात्र। | 12 माह | प्रथम |
| 4. | RWD/EE/DEOGHAR/04/2024-25 | घाटघर मोहबदिया मुख्य सड़क से बाघापाथर तक पथ निर्माण कार्य। (लं0–1.750 कि0मी0) | 1,70,52,900.00 | एक करोड़ सत्तर लाख बावन हजार नौ सौ मात्र। | 12 माह | प्रथम |
| 5. | RWD/EE/DEOGHAR/05/2024-25 | आर0ई0ओ0 रोड गोन्दलबाड़ी से भुरकुण्डा तक पथ निर्माण कार्य (लं0–1.620 कि0मी0) | 1,39,76,200.00 | एक करोड़ उन्चालीस लाख छियत्तर हजार दो सौ मात्र। | 9 माह | प्रथम |
| 6. | RWD/EE/DEOGHAR/06/2024-25 | स्वेजोर मध्य विधालय से ठाढीलपरा भाया दुलीडीह तक पथ निर्माण कार्य। (लं0–2.150 कि0मी0) | 3,08,95,100.00 | तीन करोड़ आठ लाख पन्चानबे हजार एक सौ। | 15 माह | प्रथम |

(1). बेवसाईट में निविदा प्रकाशन की तिथि – 26.06.2024
(2). ई0 निविदा प्राप्ति की अन्तिम तिथि – 19.07.2024 अपराह्न 5.00 बजे तक
(3). निविदा खोलने की तिथि एवं समय – 20.07.2024 पूर्वाह्न 3.30 बजे।
(4). निविदा आमंत्रित करने वाले पदाधिकारी का नाम एवं पता:– कार्यपालक अभियन्ता, ग्रा0 कार्य विभाग, कार्य प्रमंडल, देवघर। निविदा संबंधी शेष अन्य सभी शर्त्ते पूर्ववत् रहेगी।

कार्यपालक अभियन्ता
ग्रामीण कार्य विभाग, कार्य प्रमंडल, देवघर

PR 326796 Rural Development(24-25)#D

ଧରିତ୍ରୀ DHARITRI 50 Years
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଜୁନ୍ ୧୯/୨୦୨୪ Bhubaneswar, Wednesday, June 19/ 2024

## ଫ୍ୟାନ କର୍ନର





ଜର୍ମାନୀରେ ଚାଲିଥିବା ୟୁରୋ କପ୍ ଫୁଟବଲ ଟୁର୍ନାମେଣ୍ଟ ଅବସରରେ ଫ୍ରାନ୍ସ ଓ ଜର୍ଜିଆ ପ୍ରଶଂସକ।

# ଫ୍ରାନ୍ସ, ସ୍ଲୋଭାକିଆ ବିଜୟୀ

**ୟୁରୋ କପ୍ ଫୁଟ୍‌ବଲ**

**ମାକ୍ସିମିଲିଆନ୍ ଓବରଙ୍କ ଆତ୍ମଘାତୀ ଗୋଲ୍**

ଡସେଲ୍‌ଡର୍ଫ,୧୮।୬(ପି.ଟି.)

ଜର୍ମାନୀରେ ଅନୁଷ୍ଠିତ ୟୁରୋ କପ୍ ଫୁଟ୍‌ବଲ ୨୦୨୪ରେ ଫ୍ରାନ୍ସ ଓ ସ୍ଲୋଭାକିଆ ବିଜୟୀ ହୋଇଛନ୍ତି। ମାକ୍ସିମିଲିଆନ୍ ଓବରଙ୍କ ଆତ୍ମଘାତୀ ଗୋଲ ବଳରେ ଫ୍ରାନ୍ସ ୧-୦ରେ ଅଷ୍ଟ୍ରିଆକୁ ପରାସ୍ତ କରି ଏହାର ଅଭିଯାନ ଆରମ୍ଭ କରିଛି। ଅନ୍ୟପକ୍ଷରେ ଶକ୍ତିଶାଳୀ ବେଲଜିୟମକୁ ସମାନ ବ୍ୟବଧାନରେ ହରାଇଛି ସ୍ଲୋଭାକିଆ।

ଅଷ୍ଟ୍ରିଆ ବିପକ୍ଷ ମ୍ୟାଚ୍‌ରେ ଫ୍ରାନ୍ସ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ତେବେ ଫ୍ରାନ୍ସ ଗୋଲ ସ୍କୋର କରିପାରି ନ ଥିବା ବେଳେ ମାକ୍ସିମିଲିଆନ୍ ଓବର ୩୮ ତମ ମିନିଟରେ ଆତ୍ମଘାତୀ ଗୋଲ ଦେଇଥିଲେ। କିଲିଆନ୍ ଏମ୍ବାପେଙ୍କ ଏକ ଷ୍ଟ୍ରାଇକ୍‌କୁ ହେଡର କରିବାକୁ ଚେଷ୍ଟା କରିଥିଲେ ଅଷ୍ଟ୍ରିଆ ସେଣ୍ଟର ବ୍ୟାକ୍ ମାକ୍ସିମିଲିଆନ୍ ଓବର। ଏହା ଗୋଲ ପୋଷ୍ଟ ପାର କରିବା ସହ ଫ୍ରାନ୍ସ ୧-୦ରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଆଉ ଗୋଲ ହୋଇ ନ ଥିବା ବେଳେ ଫ୍ରାନ୍ସ ୧-୦ରେ ବିଜୟୀ ହୋଇଥିଲା। ଫ୍ରାନ୍ସ ସପ୍ତମ ଥର ପାଇଁ ଏକ ମେଜର ଟୁର୍ନାମେଣ୍ଟରେ ନିଜର ପ୍ରଥମ ମ୍ୟାଚ୍ ଜିତିଛି। ୟୁରୋପୀୟ ଦେଶଙ୍କ ମଧ୍ୟରେ ଏହା ଏକ ରେକର୍ଡ। ସେହିପରି ଫ୍ରାନ୍ସ ମ୍ୟାନେର ଡିଡିଏର୍ ଡେସଚାମ୍ପ ନିଜ କ୍ୟାରିୟରର ୧୦୦ ତମ ବିଜୟ ହାସଲ କରିଥିଲେ।

ଅନ୍ୟପକ୍ଷରେ ଉଚ୍ଚମାନ୍ୟତାପ୍ରାପ୍ତ ବେଲଜିୟମକୁ ୧-୦ରେ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛି ସ୍ଲୋଭାକିଆ। ଇଭାନ୍ ସ୍ରାଞ୍ଜଙ୍କ ସପ୍ତମ ମିନିଟ ଗୋଲ ବଳରେ ଦଳ ବିଜୟୀ ହୋଇଥିଲା। ବେଲଜିୟମ ମ୍ୟାଚ୍‌ର ୬୧ ପ୍ରତିଶତ ସମୟ ବଲ୍‌କୁ ନିୟନ୍ତ୍ରଣରେ ରଖିଥିଲେ ମଧ୍ୟ ସ୍କୋର କରିବାରେ ସମର୍ଥ ହୋଇ ନ ଥିଲା। ତାରକା ଷ୍ଟ୍ରାଇକର ରୋମେଲୁ ଲୁକାକୁ ୨ ଥର ସ୍କୋର କରିଥିଲେ ମଧ୍ୟ ଭାର୍(ଭିଡିଓ ଆସିଷ୍ଟାନ୍ସ ରେଫରାଲ)ରେ ଏହାକୁ ନାକଚ କରି ଦିଆଯାଇଥିଲା।



ବିଜୟ ହାସଲ ପରେ ଉଲ୍ଲସିତ ସ୍ଲୋଭାକିଆ ଖେଳାଳି।

# ସହଯୋଗୀ ରାଷ୍ଟ୍ରଙ୍କୁ ଆଇସିସିର ଚେତାବନୀ

**ଫିକ୍ସିଂ ଉଦ୍ୟମ**

ବ୍ରିଜଟାଉନ୍, ୧୮।୬ (ପି.ଟି.)

କ୍ରିକେଟରେ ମ୍ୟାଚ ଫିକ୍ସିଂ ଓ ସ୍ପଟ ଫିକ୍ସିଂ ଭଳି ବିଭିନ୍ନ ପ୍ରକାର ଦୁର୍ନୀତିକୁ ରୋକିବା ଖେଳର ପ୍ରଶାସନ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ଭାବେ ଦେଖା ଦେଇଛି। ଚଳିତ ଅନ୍ତର୍ଜାତୀୟ ଟି୨୦ ବିଶ୍ୱକପ୍ ବେଳେ କେନିଆର ଜଣେ ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଉଗାଣ୍ଡାର ଜଣେ ଖେଳାଳିଙ୍କୁ ପ୍ରଭାବିତ କରିବା ଚାଲି ଚେଷ୍ଟା କରିଥିବା ଜଣାପଡ଼ିବା ପରେ ଆଇସିସିର ଦୁର୍ନୀତି ନିବାରଣ ୟୁନିଟ୍ (ଏସିୟୁ)ର ଗୋଇନ୍ଦାମାନେ ଏହାକୁ ଠିକଣା ମାର୍ଗରେ ହାତେଇ ପାରିଛନ୍ତି। ଗୁୟାନାଠାରେ ଏକ ଲିଗ୍ ମ୍ୟାଚ ବେଳେ ଏହି ଘଟଣାଟି ଦେଖିବାକୁ ମିଳିଛି। କେନିଆର ଜଣେ ପୂର୍ବତନ ପେସ୍ ବୋଲର ଭିନ୍ନ ଭିନ୍ନ ନମ୍ବରରେ ଏକାଧିକ ଥର ଉଗାଣ୍ଡା ଦଳର ଜଣେ ସଦସ୍ୟଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ। ଆଇସିସିର କଡ଼ା ଦୁର୍ନୀତି ନିବାରଣ ପ୍ରୋଟୋକଲକୁ ଅନୁସରଣ କରି ଉଗାଣ୍ଡା ଖେଳାଳି ଜଣକ ଏସିୟୁ ଅଫିସିଆଲ ସାଇଟ୍‌ରେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଏ ବିଷୟରେ ଅବଗତ କରାଇଥିଲେ। ଫଳ ସ୍ୱରୂପ ଅଫିସିଆଲମାନେ କେନିଆର ଏହି ପୂର୍ବତନ ଖେଳାଳିଙ୍କ ପ୍ରତି ସତର୍କ ରହିବା ଲାଗି ସମସ୍ତ ସହଯୋଗୀ ରାଷ୍ଟ୍ରଙ୍କୁ ସୂଚାଇ ଦେଇଥିଲେ। ଏହି ବ୍ୟକ୍ତିଜଣକ ଉଗାଣ୍ଡାର ଜଣେ ଖେଳାଳିଙ୍କୁ ପ୍ରଭାବିତ କରିବା ଲାଗି ଚେଷ୍ଟ କରିବା ଘଟଣାରେ ଆଶ୍ଚର୍ଯ୍ୟ ହେବାର କିଛି ନୁହେଁ। କାରଣ ବଡ଼ ଦଳଗୁଡ଼ିକ ତୁଳନାରେ ସହଯୋଗୀ ରାଷ୍ଟ୍ର ଖେଳାଳିଙ୍କୁ ଟାର୍ଗେଟ କରିବା ସହଜ ହୋଇଥାଏ। କିନ୍ତୁ ଏକ୍ଷେତ୍ରରେ ଖେଳାଳି ଜଣକ ପ୍ରଭାବିତ ନ ହୋଇ ଆଇସିସି କର୍ତ୍ତୃପକ୍ଷଙ୍କୁ ତୁରନ୍ତ ଏ ବିଷୟରେ ଜଣାଇ ଦେଇଥିଲେ। ଆଇସିସି ଦୁର୍ନୀତି ନିବାରଣ ଆଚରଣ ସଂହିତା ଅନୁସାରେ ଗେମ୍‌ରେ ଫିକ୍ସିଂ, ବେଟିଂ, ମ୍ୟାଚ ସମ୍ପର୍କିତ ଭିତିରି ତଥ୍ୟ ପ୍ରଦାନ ଏବଂ ତଦନ୍ତକାର୍ଯ୍ୟରେ ସହଯୋଗ ନ କରିବାକୁ ଅପରାଧ ବିବେଚନା କରାଯାଇଥାଏ। ଟି୨୦ ବିଶ୍ୱକପ୍ ଅଭିଯାନରେ ଉଗାଣ୍ଡା ପପୁଆ ନ୍ୟୁ ଗିନି ବିପକ୍ଷ ମ୍ୟାଚରେ ବିଜୟ ସହ ଏହାର ଅଭିଯାନ ଶେଷ କରିଛି। ଦଳ ଅଫଗାନିସ୍ତାନ, ନ୍ୟୁଜିଲାଣ୍ଡ ଏବଂ ଶୁକ୍ରବାର ତ୍ରିନିଦାଦଠାରେ ୱେଷ୍ଟଇଣ୍ଡିଜଠାରୁ ପରାଜିତ ହୋଇଥିଲା। ଉଗାଣ୍ଡା ପ୍ରଥମ ଥର ପ୍ରତିଯୋଗିତାରେ କାନାଡା ଓ ଆୟୋଜକ ୟୁଏସଏ ସହ ଏହାର ୪ଟି ଲିଗ୍ ଗେମ୍ ମଧ୍ୟରୁ ତିନୋଟି ଗୁୟାନାରେ ଖେଳିଥିଲା।

# ବାର୍ସିଲୋନାରୁ ଆରମ୍ଭ ହେବ ଟୁର୍ ଡି' ଫ୍ରାନ୍ସ

ପ୍ୟାରିସ, ୧୮।୬ (ଏପି)

ଟୁର୍ ଡି' ଫ୍ରାନ୍ସର ୨୦୨୬ ସଂସ୍କରଣ ସ୍ପାନିଶ ସହର ବାର୍ସିଲୋନାରେ ଆରମ୍ଭ ହେବ ବୋଲି ଆୟୋଜକଗଣ ମଙ୍ଗଳବାର ସୂଚନା ଦେଇଛନ୍ତି। ୧୯୯୨ ଅଲିମ୍ପିକ ଗେମ୍ସର ଆୟୋଜକ ସହର ପୂର୍ବରୁ ସାଇକ୍ଲିଂର ଏହି ସର୍ବବୃହତ୍ ରେସ୍‌ର କେତୋଟି ଷ୍ଟେଜ୍ ଆରମ୍ଭ କରିଛନ୍ତି, ହେଲେ ସେଠାରେ କେବେ ରେସ୍ ଆରମ୍ଭ ହୋଇ ନାହିଁ। ୨୦୨୬ରେ ୩ସପ୍ତାହ ଧରି ଅନୁଷ୍ଠିତ ହେବାକୁଥିବା ଟୁର୍ ଡି' ଫ୍ରାନ୍ସର ୧୧୩ତମ ସଂସ୍କରଣ ଜୁଲାଇ ୪ରୁ ଆରମ୍ଭ ହେବ। ପ୍ରତିଯୋଗିତାର ଦୁଇଟି ଷ୍ଟେଜ୍ କାଟାଲୋନିଆ ଅଞ୍ଚଳରେ ହେବ। ଫ୍ରାନ୍ସରେ ରେସ୍ ଶେଷ ହେବ। ବାର୍ସିଲୋନାରେ ୨୬ ତମ ଥର ପାଇଁ ବିଦେଶରେ ଟୁର୍ ଡି' ଫ୍ରାନ୍ସ ଆରମ୍ଭ ହେବ। ଚଳିତବର୍ଷ କେତୋଟି ରେସ୍ ଇଟାଲିଆନ ସହର ଫ୍ଲୋରେନ୍ସରେ ଆୟୋଜନ ହୋଇଥିଲା। ୨୦୧୫ରେ ରାଇଡରମାନେ ଫ୍ରାନ୍ସର ଉତ୍ତରାଞ୍ଚଳ ସହ ଲିଲିଠାରୁ ଆରମ୍ଭ କରିବେ।

# ଏମ୍ବାପେଙ୍କ ନାକ ହାଡ଼ ଭାଙ୍ଗିଲା



ଅଷ୍ଟ୍ରିଆ ବିପକ୍ଷ ୟୁରୋ କପ୍ ମ୍ୟାଚ୍‌ରେ ଆହତ ହୋଇଛନ୍ତି ଫ୍ରାନ୍ସର କିଲିଆନ୍ ଏମ୍ବାପେ। କେଭିନ୍ ଡାନ୍‌ସୋଙ୍କ କାନ୍ଧରେ ତାଙ୍କ ମୁହଁ ମାଡ ହୋଇଥିବା ବେଳେ ନାକ ଫାଟି ରକ୍ତ ବାହାରିଥିଲା। ପଡିଆରେ ମୁହଁ ମାଡି ପଡି ରହିବା ପରେ ତାଙ୍କୁ ପ୍ରାଥମିକ ଚିକିତ୍ସା ପ୍ରଦାନ କରାଯାଇଥିଲା। ନାକ ହାଡ ଭାଙ୍ଗିଥିଲେ ମଧ୍ୟ ଅସ୍ତ୍ରୋପଚାର କରାଯିବ ନାହିଁ ବୋଲି ଫ୍ରାନ୍ସ ଫୁଟବଲ ଫେଡେରେଶନ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଏମ୍ବାପେଙ୍କ ଚିକିତ୍ସା ଜାରି ରହିଥିବା ବେଳେ ତାଙ୍କ ପାଇଁ ଏକ ସ୍ୱତନ୍ତ୍ର ମାସ୍କ ପ୍ରସ୍ତୁତ କରାଯାଉଛି। ଏମ୍ବାପେ ବାଦ୍ ପଡିଲେ ଏହା ଫ୍ରାନ୍ସ ପାଇଁ ବଡ କ୍ଷତି ହେବ ବୋଲି କହିଛନ୍ତି ମ୍ୟାନେଜର ଡିଡିଏର ଡେସଚାମ୍ପ।

**ଭାରତୀୟ ଦଳର କୋଚ୍ ନିଯୁକ୍ତି ପ୍ରସଙ୍ଗ**

# ସିଏସିକୁ ସାକ୍ଷାତକାର ଦେଲେ ଗୌତମ ଗମ୍ଭୀର

**ନୂଆଦିଲ୍ଲୀ,୧୮।୬(ପି.ଟି.):** ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ୍ ଦୌଡରେ ଥିବା ଗୌତମ ଗମ୍ଭୀର ମଙ୍ଗଳବାର ବିସିସିଆଇର କ୍ରିକେଟ ପରାମର୍ଶଦାତା କମିଟି (ସିଏସି)ର ୩ ସଦସ୍ୟଙ୍କୁ ସାକ୍ଷାତକାର ଦେଇଛନ୍ତି। ସିଏସି ମୁଖ୍ୟ ଅଶୋକ ମାଲହୋତ୍ରା, ଯତୀନ ପରାଞ୍ଜପେ ଓ ସୁଲକ୍ଷଣା ନାଏକ ଜୁମ୍ କଲ୍ ମାଧ୍ୟମରେ ସାକ୍ଷାତକାରରେ ସାମିଲ ହୋଇଥିଲେ। ଯତୀନ ପରାଞ୍ଜପେ ଓ ସୁଲକ୍ଷଣା ନାଏକ ମୁମ୍ବାଇରେ ରହିଥିବା ବେଳେ ଗମ୍ଭୀର ଓ ଅଶୋକ ଭର୍ଚୁଆଲ କଲ୍‌ରେ ସାମିଲ ହୋଇଥିଲେ। ଗମ୍ଭୀର ଏକମାତ୍ର ବ୍ୟକ୍ତି ଭାବରେ କୋଚ୍ ପଦବୀ ପାଇଁ ଆବେଦନ କରିଥିବା ବିସିସିଆଇ ସୂତ୍ରରୁ ଜଣାପଡିଛି। ମଙ୍ଗଳବାର ଗୋଟିଏ ରାଉଣ୍ଡ ଆଲୋଚନା ହୋଇଥିବା ବେଳେ ବୁଧବାର ଆଉ ଏକ ରାଉଣ୍ଡ ଆଲୋଚନା ହେବ। ସେହିପରି ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଭାରତୀୟ ଦଳର କୋଚ୍ ନିଯୁକ୍ତି ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିବ। ଜୁମ୍ କଲରେ ଆଗାମୀ ୩ ବର୍ଷ ପାଇଁ ଭାରତୀୟ ଦଳର କ'ଣ ଯୋଜନା ରହିବ ସେ ସମ୍ପର୍କରେ ଆଲୋଚନା ହୋଇଥିବା କୁହାଯାଉଛି। ଏହା ସହିତ ସିଏସି ନର୍ଥ ଜୋନ୍‌ରୁ ଖାଲିଥିବା ଚୟନକର୍ତ୍ତା ପଦ ପାଇଁ ମଧ୍ୟ ସାକ୍ଷାତକାର ନେଉଛନ୍ତି।

# ପ୍ରଶଂସକଙ୍କୁ ଧମକ ଦେଲେ ହାରିସ୍ ରୌଫ୍

ଲଉଡେରହିଲ,୧୮।୬(ପି.ଟି.)

ପାକିସ୍ତାନ କ୍ରିକେଟ ଦଳର ଦ୍ରୁତ ବୋଲର ହାରିସ୍ ରୌଫ୍‌ଙ୍କ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓରେ ଜଣେ ପ୍ରଶଂସକଙ୍କ ସହିତ ଯୁକ୍ତିତର୍କ ପରେ ରୌଫ୍ ତାଙ୍କୁ ମାରିବାକୁ ଧାଇଁ ଯାଇଥିଲେ। ବିଶ୍ୱକପରେ ପାକିସ୍ତାନ କ୍ରିକେଟ ଦଳ ନୈରାଶ୍ୟଜନକ ପ୍ରଦର୍ଶନ କରି ଲିଗ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲା। ରାସ୍ତାର ସାଇଡ୍‌ୱାକରେ ସ୍ତ୍ରୀଙ୍କ ସହ ଚାଲୁଥିବା ସମୟରେ ଜଣେ ପ୍ରଶଂସକ ତାଙ୍କୁ କିଛି କହିଥିଲେ। ଏହାପରେ ରୌଫ୍ ଉତ୍ୟକ୍ତ ହୋଇ ମାରିବା ପାଇଁ ଯାଇଥିଲେ। ଉପସ୍ଥିତ ଲୋକ ଉଭୟଙ୍କୁ ଅଲଗା କରିଥିଲେ। ଯୁକ୍ତିତର୍କ ପରେ ଉକ୍ତ ପ୍ରଶଂସକଙ୍କୁ ରୌଫ୍ ଭାରତୀୟ ବୋଲି କହିଥିବା ବେଳେ ବ୍ୟକ୍ତି ଜଣଙ୍କ ନିଜକୁ ପାକିସ୍ତାନୀ ବୋଲି କହିଥିଲେ। ପରେ ପ୍ରଶଂସକ ନିଜ ଏକ୍ସ ଆକାଉଣ୍ଟରୁ ଏକ ସ୍ପଷ୍ଟୀକରଣ ଦେଇଥିଲେ। ପ୍ରଶଂସକମାନଙ୍କ ସମାଲୋଚନା କରିବାର ଅଧିକାର ରହିଛି। ମାତ୍ର ପରିବାର ଲୋକଙ୍କୁ ନେଇ କିଛି କହିବା ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି ରୌଫ୍। କ୍ରିକେଟରଙ୍କ ପ୍ରତି ଏଭଳି ବ୍ୟବହାରକୁ ଅନେକ ପୂର୍ବତନ କ୍ରିକେଟର ନାପସନ୍ଦ କରିଛନ୍ତି।



ପ୍ରଶଂସକଙ୍କ ସହ ମୁହାଁମୁହିଁ ଅବସରରେ ପାକିସ୍ତାନ କ୍ରିକେଟର ହାରିସ ରୌଫ୍।

# ସ୍ମୃତି ମନ୍ଧାନା ୩ୟ ସ୍ଥାନକୁ ଉନ୍ନୀତ

**ଦୁବାଇ, ୧୮।୬ (ପି.ଟି.):** ଭାରତର ଉପ ଅଧିନାୟିକା ସ୍ମୃତି ମନ୍ଧାନା ମଙ୍ଗଳବାର ପ୍ରକାଶିତ ଆଇସିସି ମହିଳା ଅନ୍ତର୍ଜାତୀୟ ଦିନିକିଆ ବ୍ୟାଟିଂ ର୍‍ୟାଙ୍କିଙ୍ଗ୍‌ରେ ଦୁଇ ସ୍ଥାନ ଉପରକୁ ଉଠି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଭାରତର ଏହି ବାମହାତୀ ଓପନର ଗତ ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆରେ ମ୍ୟାଚ ବିଜୟୀ ୧୧୭ ରନ କରିଥିଲେ। ଘରୋଇ ମାଟିରେ ଏହା ହେଉଛି ତାଙ୍କର ପ୍ରଥମ ଶତକ। ତାଙ୍କର ଏହି ଚମତ୍କାର ବ୍ୟାଟିଂ ଯୋଗୁ ଭାରତ ଦକ୍ଷିଣ ଆଫ୍ରିକାକୁ ୧୪୩ ରନରେ ପରାସ୍ତ କରିବା ସହ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ଲାଭ କରିପାରିଛି। ମନ୍ଧାନା ୭୧୫ ପଏଣ୍ଟ ସହ ଶ୍ରୀଲଙ୍କାର ଚାମରୀ ଆଥାପାଥଥୁଙ୍କ ପଛରେ ରହିଛନ୍ତି। ଚାମରୀଙ୍କୁ ପ୍ରଥମ ସ୍ଥାନରୁ ହଟାଇ ଇଂଲଣ୍ଡର ନାତାଲି ସ୍କିଭର ବ୍ରଣ୍ଟ ଏକ ନମ୍ବର ସ୍ଥାନ ଅଧିକାର କରିନେଇଛନ୍ତି। ଇଂଲଣ୍ଡ ଅଲରାଉଣ୍ଡର ଗତ ମାସରେ ପାକିସ୍ତାନ ବିପକ୍ଷରେ ଅପରାଜିତ ୧୨୪ରନ ସ୍କୋର କରି ପ୍ରଥମ ସ୍ଥାନକୁ ଫେରିଛନ୍ତି। ଭାରତର ସିନିୟର ଅଲରାଉଣ୍ଡର ଦୀପ୍ତି ଶର୍ମା ୩ ସ୍ଥାନ ପଦୋନ୍ନତି ପାଇ ୨୦ତମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ପୂଜା ବସ୍ତ୍ରାକାର ୩ ସ୍ଥାନ ଉପରକୁ ଉଠି ୩୮ତମ ସ୍ଥାନ ଅଧିକାର କରିଛନ୍ତି। ଅଲରାଉଣ୍ଡର ତାଲିକାରେ ବସ୍ତ୍ରାକାରି ୪ ସ୍ଥାନ ଉପରକୁ ଉଠି ୧୮ତମ ସ୍ଥାନରେ ପହଞ୍ଚିଛନ୍ତି।

# ବାଲେଶ୍ୱର, ରେଷ୍ଟ ଅଫ୍ ଓଡ଼ିଶା 'ଏ', 'ଡି' ବିଜୟୀ

ଭୁବନେଶ୍ୱର, ୧୮।୬ (ତପନ ସ୍ୱାଇଁ)

କଟକରେ ଚାଲିଥିବା କଳାହାଣ୍ଡି କପ୍ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ଶେଷ ହୋଇଥିବା ୩ଟି ସୁପରଲିଗ୍ ମ୍ୟାଚରେ ବାଲେଶ୍ୱର, ରେଷ୍ଟ ଅଫ୍ ଓଡ଼ିଶା 'ଏ' ଓ 'ଡି' ବିଜୟୀ ହୋଇଛି। ସନ୍‌ସାଇନ୍ ପଡ଼ିଆରେ ବାଲେଶ୍ୱର ୧୧୩ ରନରେ ଭଦ୍ରକକୁ ପରାସ୍ତ କରିଛି। ଭଦ୍ରକ ୧୬୯ ରନରେ ସୀମିତ ରହିଥିବାବେଳେ ବାଲେଶ୍ୱର ୨୮୨ ରନ କରିବାକୁ ସକ୍ଷମ ହୋଇଥିଲା। ଗୁରୁଦୀପନ ଜେନା ୯୮ ଓ ମାନସ ପାତ୍ର ୫୫ ରନକରି ଦଳକୁ ବିଜୟୀ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଭଦ୍ରକର ସତ୍ୟକାମ ଭରଦ୍ୱାଜ ୪ଟି ଓ ନିହାର ଭୂୟାଁ ୩ଟି ଉଇକେଟ ନେଇଥିଲେ। ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ରେଷ୍ଟ ଅଫ୍ ଓଡ଼ିଶା-ଏ ୧୩୫ ରନରେ ରେଷ୍ଟ ଅଫ୍ ଓଡ଼ିଶା-ସି'କୁ ହରାଇ ଦେଇଛି। ରେଷ୍ଟ ଅଫ୍ ଓଡ଼ିଶା-ସି ୨୦୯ ରନରେ ଅଲ୍‌ଆଉଟ ହୋଇଥିଲା। ଜବାବରେ ଓଡ଼ିଶା-ଏ

**କଳାହାଣ୍ଡି କପ୍ ସୁପର ଲିଗ୍**

**ଅନୁରାଗଙ୍କ ଶତକ, କ୍ରିଷ୍ଣା, ଆଝାରୁଦ୍ଦିନଙ୍କୁ ୫ ଉଇକେଟ**

ଅନୁରାଗ ଷଡ଼ଙ୍ଗୀ(୧୦୩)ଙ୍କ ଶତକ, ବିକାଶ ରାଉତଙ୍କ ୭୨ ଓ ପ୍ରବୀଣ ଲୁହାଙ୍କ ୬୭ ରନ ବଳରେ ୩୪୪ ରନ କରିବାକୁ ସକ୍ଷମ ହୋଇଥିଲା। ବିପକ୍ଷ ଦଳର କ୍ରିଷ୍ଣା ପଲାଇ ୫ ଉଇକେଟ ସଫଳତା ପାଇଥିଲେ। ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ରେଷ୍ଟ ଅଫ୍ ଓଡ଼ିଶା-ଡି'ର ୨୯୨ ରନ ଜବାବରେ ରେଷ୍ଟ ଅଫ୍ ଓଡ଼ିଶା-ବି ୧୮୧ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା। ଓମ୍ ଡି. ମୁଣ୍ଡେ ସର୍ବାଧିକ ୭୨ ରନ କରିଥିବାବେଳେ ବିଜୟୀ ଦଳର ସେକ୍ ଆଝାରୁଦ୍ଦିନ ୫ ଉଇକେଟ ଅକ୍ତିଆର କରିଥିଲେ।



ଅନୁରାଗ ଷଡ଼ଙ୍ଗୀ



ସେକ୍ ଆଝାରୁଦ୍ଦିନ



କ୍ରିଷ୍ଣା ପଲାଇ

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ